# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମେ ୩/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, May 3/2025 Page 14 ₹ 7.00 RAYAGADA

୫୧ଶ ଭାଗ ୧୫୭ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 157 ମୂଲ୍ୟ₹୭/-


# ବିବାଦରେ ଦୀଘା 'ଜଗନ୍ନାଥ ଧାମ'

ପଶ୍ଚିମବଙ୍ଗର ଦୀଘାରେ ବୁଧବାର ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି। ପ୍ରତିଷ୍ଠା ଉତ୍ସବରେ ପୁରୀ ଶ୍ରୀମନ୍ଦିରର କେତେଜଣ ସେବାୟତ ଯୋଗଦେବା, ସମ୍ପୃକ୍ତ ସ୍ଥାନକୁ 'ଜଗନ୍ନାଥ ଧାମ' ନାମକରଣ କରାଯିବା ଓ ବ୍ରହ୍ମସ୍ଥାପନ ପ୍ରସଙ୍ଗକୁ ନେଇ ବିବାଦ ଦେଖାଦେଇଛି। ଏପରି କି ନବକଳେବର ଦାରୁରେ ଠାକୁରଙ୍କ ମୂର୍ତ୍ତି ନିର୍ମାଣ କରାଯାଇଥିବା ଅଭିଯୋଗ ହେଉଛି। ଏହି ଘଟଣାକୁ ନେଇ ସେବାୟତଙ୍କ ସମେତ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜଗନ୍ନାଥ ଧାମ ନାମକୁ ନେଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା ଆପତ୍ତି ଉଠାଇବା ପରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏହାର ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



ପଶ୍ଚିମବଙ୍ଗ ଦୀଘାରେ ରାଜ୍ୟ ସରକାରଙ୍କ ପକ୍ଷରୁ ନବ ନିର୍ମିତ ଜଗନ୍ନାଥ ମନ୍ଦିର।

ପୁରୀ/ଭୁବନେଶ୍ୱର, ୨।୫ (ଅଜିତ୍ କୁମାର ମହାନ୍ତି/ସୁନୀତ୍ ମିଶ୍ର)

ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଦୀଘାରେ ଏକ ଭବ୍ୟ ଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇଛି। ଗତ ଏପ୍ରିଲ ୩୦ରେ ପବିତ୍ର ଅକ୍ଷୟତୃତୀୟା ତିଥିରେ ଏହାର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଛି। ଏହି ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରରେ ବ୍ରହ୍ମ ସ୍ଥାପନ ଓ ସେହି ସ୍ଥାନକୁ ଜଗନ୍ନାଥ ଧାମ ନାମକରଣ କରାଯିବାକୁ ନେଇ ବିବାଦ ମୁଣ୍ଡ ଟେକିଛି। ପୁରୀ ଶ୍ରୀମନ୍ଦିରର ଅନେକ ସେବାୟତ ଏ ନେଇ ମୁହଁ ଖୋଲିଛନ୍ତି। ବରିଷ୍ଠ ସେବାୟତ ଦାମୋଦର ମହାସୁଆର କହିଛନ୍ତି, ଦୀଘା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟରେ ଶ୍ରୀମନ୍ଦିରର ଦଇତାପତି ସେବାୟତ ଯୋଗଦେବା ଠିକ୍ ନୁହେଁ। ସେହି କାର୍ଯ୍ୟରେ ଯୋଗଦେବା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି। ତେବେ ଦୀଘାକୁ ଶ୍ରୀଜଗନ୍ନାଥ ଧାମ କହିବା ଭୁଲ। ଦୀଘାରେ ମନ୍ଦିର ପ୍ରତିଷ୍ଠା ହୋଇଥିଲେ ମଧ୍ୟ ତାହା ଧାମ ନୁହେଁ। ବ୍ରହ୍ମ କେବଳ ପୁରୀ ମନ୍ଦିରରେ ଥିବାବେଳେ ଅନ୍ୟ କେଉଁଠି ନାହିଁ ବୋଲି ମହାସୁଆର ମତବ୍ୟକ୍ତ କରିଛନ୍ତି।

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଶ୍ରୀଜଗନ୍ନାଥଙ୍କ ମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ନେଇ କିଛିଦିନ ଧରି ଦ୍ୱନ୍ଦ୍ୱାତ୍ମକ ତଥ୍ୟ ସବୁ ଗଣମାଧ୍ୟମରେ ପ୍ରଚାର ହେବାରେ ଲାଗିଛି। ଶ୍ରୀଜଗନ୍ନାଥଙ୍କ ମନ୍ଦିର ଦିଘାଠାରେ ହେବା, ମନ୍ଦିରର ନାମକୁ ଜଗନ୍ନାଥ ଧାମ ଲେଖାଯିବା, ଏଠାରୁ ସେବାୟତମାନେ ମନ୍ଦିର ପ୍ରତିଷ୍ଠାରେ ଯୋଗଦେବା ତଥା ବଳକା ଦାରୁକାଠରେ ପ୍ରତିମା ନିର୍ମାଣ ହେବା ବାବଦରେ ଚର୍ଚ୍ଚା ହେବା ବିଷୟ ସମ୍ପୂର୍ଣ୍ଣ ଅଗ୍ରହଣୀୟ । ଏଭଳି କଥାଗୁଡ଼ିକ ଜଗନ୍ନାଥପ୍ରେମୀ ଭକ୍ତ ସମାଜ ଓ ଓଡ଼ିଶାର ସାଢେ ୪ କୋଟି ଜନତାଙ୍କ ମନରେ କଷ୍ଟ ଦେଇଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ପତ୍ର ଲେଖି ଜଣାଇଛନ୍ତି। ଏହି ସମ୍ପୂର୍ଣ୍ଣ ଘଟଣା ଉପରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଏକ ଅନ୍ତରୀଣ ତଦନ୍ତ କରାଯାଇ ସତ୍ୟାସତ୍ୟ ଜନମାନସକୁ ଆଣିବାର ବ୍ୟବସ୍ଥା କରାଯାଉ। ଯଦି କେହି ଦୋଷୀ ସାବ୍ୟସ୍ତ ହେଉଛନ୍ତି ବା ଜ୍ଞାତସାରରେ ଥାଇ ଏଭଳି ଘଟଣା ଘଟାଉଛନ୍ତି ସେ ବାବଦରେ ରାଜ୍ୟ ସରକାରଙ୍କ ଅନୁମତିକ୍ରମେ ଦଣ୍ଡବିଧାନ କରିବାର ପ୍ରାବଧାନ କରିବାକୁ ମନ୍ତ୍ରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ କହିଛନ୍ତି।

# ପାସ୍ ହାର ୯୪.୯୩%: ଆଗରେ ଛାତ୍ରୀ

## ମାଟ୍ରିକ୍ ଫଳ ପ୍ରକାଶ

କଟକ,୨।୫ (କାର୍ତ୍ତିକ ସାହୁ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୫ର ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ଅପରାହ୍ଣରେ ପ୍ରକାଶ ପାଇଛି। ଏଥର ପାସହାର ୯୪.୯୩% ହୋଇଛି। ଏ୧ ଗ୍ରେଡ୍‌ରେ ୧୮୧୨, ଏ୨ ଗ୍ରେଡ୍‌ରେ ୧୨,୨୦୦, ବି୧ ଗ୍ରେଡ୍‌ରେ ୩୮,୮୩୧, ବି୨ ଗ୍ରେଡ୍‌ରେ ୮୪,୯୭୧, ସି ଗ୍ରେଡ୍‌ରେ ୧,୩୩,୮୮୨, ଡି ଗ୍ରେଡ୍‌ରେ ୧,୪୬,୧୫୪ ଓ ଇ ଗ୍ରେଡ୍‌ରେ ୬୭,୦୧୩ ଜଣ ପାସ୍ କରିଛନ୍ତି। ଛାତ୍ରଙ୍କ ଅପେକ୍ଷା ଅଧିକ ସଂଖ୍ୟକ ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଗଜପତି ଜିଲାରେ ସର୍ବାଧିକ ପାସହାର ୯୯.୩୫% ଏବଂ କୋରାପୁଟ ଜିଲାରେ ସର୍ବନିମ୍ନ ୯୨.୮୩% ପାସହାର ରହିଛି। ମାଟ୍ରିକ ଫଳାଫଳ ଘୋଷଣା କରିବା ପରେ ସନ୍ଧ୍ୟା ୬ଟାରୁ ବୋର୍ଡ ୱେବସାଇଟ୍ www.bseodisha.ac.inରେ ଫଳ ଉପଲବ୍ଧ ହୋଇଛି। ଏଥିସହ ମୋବାଇଲରୁ OR10 ପରେ ରୋଲ ନମ୍ବର ଲେଖି ୫୬୭୬୭୫୦କୁ ପଠାଇଲେ ମୋବାଇଲକୁ ଫଳ ଆସିଯିବା ବ୍ୟବସ୍ଥା ହୋଇଛି। ସେହିପରି ଏକକାଳୀନ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷାର ଫଳ ମଧ୍ୟ ବୋର୍ଡ ପକ୍ଷରୁ ପ୍ରକାଶ କରାଯାଇଛି।

ସୂଚନା ଅନୁସାରେ, ଚଳିତବର୍ଷ ସମଗ୍ର ରାଜ୍ୟରୁ ମୋଟ ୫,୧୦,୬୭୯ଜଣ ଛାତ୍ରାଛାତ୍ରୀ ମାଟ୍ରିକ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୫,୦୨,୪୧୭ ଜଣ ମାଟ୍ରିକ ପରୀକ୍ଷା ଦେଇଥିଲେ। ମୋଟ ୪,୮୪,୮୭୩ଜଣ କୃତକାର୍ଯ୍ୟ ହୋଇଛନ୍ତି। ଅପରପକ୍ଷରେ ୮୩୬୨ଜଣ ପରୀକ୍ଷାରେ ଅନୁପସ୍ଥିତ ଥିବା ବେଳେ ୧୬୯ଜଣ ପରୀକ୍ଷାର୍ଥୀ ଅସାଧୁ ଉପାୟ ଅବଲମ୍ବନ କରି ସ୍କ୍ୱାର୍ଡ ହାତରେ ଧରାପଡ଼ିଛନ୍ତି। ମୋଟ ୧୭,୩୮୦ଜଣ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ବେଳେ ୧ଜଣ ପରୀକ୍ଷାର୍ଥୀଙ୍କ ଫଳ ଅପ୍ରକାଶିତ ରହିଛି। ରାଜ୍ୟର ୩୨୭୩ଟି ହାଇସ୍କୁଲରେ ପାସ୍ ହାର ଶତପ୍ରତିଶତ ହୋଇଛି। ତନ୍ମଧ୍ୟରେ ସର୍ବାଧିକ ୧୮୦୨ଟି ସରକାରୀ ହାଇସ୍କୁଲ ରହିଛି। ସେଥିରୁ ଅନୁଦାନପ୍ରାପ୍ତ ହାଇସ୍କୁଲ ୧୧୫୪ ଓ ଅଣଅନୁଦାନପ୍ରାପ୍ତ ହାଇସ୍କୁଲ ୩୧୭ଟିର ଶତପ୍ରତିଶତ ହୋଇଛି। ଏଥିସହ କୌଣସି ହାଇସ୍କୁଲରେ ପରୀକ୍ଷାଫଳ ଶୂନ ହୋଇନାହିଁ। ସେହିପରି ପରୀକ୍ଷାରେ ଅନୁପସ୍ଥିତ ରହିବା ହାର ୨୧% ହ୍ରାସ ପାଇଥିବା ବେଳେ ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟ ଅପେକ୍ଷା ସରକାରୀ ବିଦ୍ୟାଳୟର କୃତକାର୍ଯ୍ୟ ହାର ସର୍ବାଧିକ ରହିଛି। ବୋର୍ଡ ମୁଖ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମାଟ୍ରିକ ପରୀକ୍ଷା ଫଳ ଘୋଷଣା କରି ଉପରୋକ୍ତ ସୂଚନା ଦେଇଛନ୍ତି। ସଭାପତି ଡ. ଶ୍ରୀକାନ୍ତ ତରାଇ, ଉପସଭାପତି ଡ. ନାହାର ରଞ୍ଜନ ମହାନ୍ତି ମଧ୍ୟ ଫଳ ସଂକ୍ରାନ୍ତୀୟ ସୂଚନା ପ୍ରଦାନ କରିଛନ୍ତି। ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ, ବୋର୍ଡ ସମ୍ପାଦକ ମଞ୍ଜୁଲତା ମଲ୍ଲିକ, ପରୀକ୍ଷା ନିୟନ୍ତ୍ରକ ଡ. ଅମ୍ରିତା ପ୍ରତିହାରୀ ଉପସ୍ଥିତ ଥିଲେ।

(ଅଧିକ ରିପୋର୍ଟ ପୃଷ୍ଠା-୪)






## 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ' ବେଷ୍ଟ ଡକ୍ୟୁମେଣ୍ଟାରି ଫିଲ୍ମ

ଯାଜପୁର,୨।୫(ହର୍ଷବର୍ଦ୍ଧନ ବେହେରା)

ନୂଆଦିଲ୍ଲୀ ସ୍ଥିତ ଏକ ହୋଟେଲରେ ଆୟୋଜିତ ୧୫ତମ ଦାଦା ସାହେବ ଫାଲ୍‌କେ ଫିଲ୍ମ ଫେଷ୍ଟିଭାଲରେ ଗୁରୁବାର ଓଡ଼ିଆ ଡକ୍ୟୁମେଣ୍ଟାରି ଫିଲ୍ମ 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ'କୁ ବେଷ୍ଟ ଡକ୍ୟୁମେଣ୍ଟାରି ଫିଲ୍ମ ଆୱାର୍ଡ ମିଳିଛି। ଫିଚର କାଟାଗୋରିରେ ବିଭିନ୍ନ ଦେଶରୁ ଆସିଥିବା ପ୍ରାୟ ୨୫୦ଟି ଫିଲ୍ମ ମଧ୍ୟରୁ ଏହି ଫିଲ୍ମକୁ ଶ୍ରେଷ୍ଠ ଡକ୍ୟୁମେଣ୍ଟାରି ଫିଲ୍ମ ଭାବେ ମନୋନୀତ କରାଯାଇଥିଲା। ଅଭିଜିତ୍ ଫିଲ୍ମ ବ୍ୟାନରରେ କରାଯାଇଥିବା ଏହି ଫିଲ୍ମଟିକୁ ବରିଷ୍ଠ ସାମ୍ବାଦିକ ଅଭୟ ପତି ପ୍ରଯୋଜନା କରିଥିବାବେଳେ ଅସ୍ମିତା ପତି ସହପ୍ରଯୋଜିକା ଏବଂ ମୁମ୍ବାଇର ପ୍ରଣବ କୁମାର ଆଇଚ ଏହାକୁ ନିର୍ଦ୍ଦେଶନା ଦେଇଛନ୍ତି। ଏହି ଫିଲ୍ମ ଫେଷ୍ଟିଭାଲରେ ଅନେକ ଦେଶର ଫିଲ୍ମ ପ୍ରଦର୍ଶନ କରାଯାଇଥିଲା। ଏଥିରେ ବିଭିନ୍ନ କାଟାଗୋରିରେ ପ୍ରାୟ ୨୮ଟି ଫିଲ୍ମକୁ ସମ୍ମାନିତ କରାଯାଇଥିଲା। (ଫଟୋ: ପୃଷ୍ଠା-୪)

ଆଜିର ସମ୍ପାଦକୀୟ
ସିପିସି ଓ କେନ୍ଦ୍ର କର୍ମଚାରୀ







## ସଂକ୍ଷେପରେ

### ନାବାଳିକା ପୀଡ଼ିତାଙ୍କୁ ଗଣବଳାତ୍କାର


**ଡେପୁଟି ଜେଲରଙ୍କ ନାଁରେ ଅପହରଣ ମାମଲା**

ଭୋପାଳ,୨।୫

ମଧ୍ୟପ୍ରଦେଶର ଶାହଡୋଲ ଜିଲାରେ ଜଣେ ୧୭ ବର୍ଷୀୟାଙ୍କୁ ୪ ଜଣ ୨ ଦିନ ଧରି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କୁ ଅପହରଣକରି ଆଣି ଜଣେ ଡେପୁଟି ଜେଲର ତାଙ୍କୁ ଏକ ହୋଟେଲ ରୁମ୍‌ରେ ରଖିଥିଲେ। ପୋଲିସ ଡେପୁଟି ଜେଲରଙ୍କ ନାଁରେ ଅପହରଣ ମାମଲା ରୁଜୁ କରିବା ସହ କେତେଜଣଙ୍କୁ ଗିରଫ କରିଛି। ନାବାଳିକା ଜଣକ ଗତ ୨୯ ତାରିଖରେ ନିଖୋଜ ହୋଇଥିବା ଅଭିଯୋଗ ହୋଇଥିଲା। ମାଆଙ୍କ ଅଭିଯୋଗକ୍ରମେ ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ଶାହଡୋଲ ଜିଲାର ଏକ ହୋଟେଲର ବନ୍ଦ କୋଠରିରୁ ପୀଡ଼ିତାଙ୍କୁ ଠାବ କରାଯାଇଥିଲା। ପୀଡ଼ିତାଙ୍କ କହିବା ଅନୁଯାୟୀ, ଗତ ୨୯ ତାରିଖରେ ସବୀର ଖାନ୍ ନାମକ ଯୁବକ ତାଙ୍କୁ ମୋଟରସାଇକେଲରେ ଏକ ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ସେଠାରେ ସମୀର ଓ ତାଙ୍କ ସହଯୋଗୀ ଛୋଟୁ ମୁସଲମାନ ତାଙ୍କୁ ବଳାତ୍କାର କରିଥିଲେ। ୩୦ ତାରିଖରେ ତାଙ୍କୁ ଶାହଡୋଲ ରେଳଷ୍ଟେଶନରେ ଛାଡ଼ିଦେଇଯିବା ପରେ ଅନ୍‌ମୋଲ ନାମକ ଅନ୍ୟଜଣେ ଅଭିଯୁକ୍ତ ତାଙ୍କୁ ନେଇଥିଲା। ସେ ଓ ତାଙ୍କ ସାଙ୍ଗ ଶକିବ ଖାନ୍ ଏକ ନଦୀ ନିକଟରେ ତାଙ୍କୁ ବଳାତ୍କାର କରିଥିଲେ। ସେହିଦିନ ରାତିରେ ବିହାର ସବ୍‌ଜେଲ୍‌ର ଡେପୁଟି ଜେଲର ତାଙ୍କୁ କାରରେ ଆଣି ଏକ ହୋଟେଲରେ ଛାଡ଼ିବା ବନ୍ଦ କରି ରଖିଥିଲେ। ପୋଲିସ ଉକ୍ତ ସ୍ଥାନକୁ ଟ୍ରାକ୍ କରି ପୀଡ଼ିତାଙ୍କୁ ହୋଟେଲ ରୁମ୍‌ରୁ ମୁକ୍ତ କରିଥିଲା। ୨୦୨୪ରେ ପୀଡ଼ିତା ଜଣକ ଘରୁ ପଳାଇଥିବାବେଳେ ୫ ଜଣଙ୍କ ଦ୍ୱାରା ବଳାତ୍କାରର ଶିକାର ହୋଇଥିଲେ ବୋଲି ଜଣାପଡ଼ିଛି।

# ପାକ୍‌ରେ ଆତଙ୍କ, ପିଓକେରେ ଅନିଶ୍ଚିତତା

**➤୧,୦୦୦ ମଦ୍ରାସା ବନ୍ଦ ➤ହୋଟେଲ ଛାଡ଼ୁଛନ୍ତି ପର୍ଯ୍ୟଟକ ➤ସୁରକ୍ଷା ପାଇଁ ବଙ୍କର ପ୍ରସ୍ତୁତ**



ୱାଘା ସୀମାରେ ପରିଚୟପତ୍ର ସମ୍ପର୍କିତ ଦସ୍ତାବିଜ ଦେଖାଉଛନ୍ତି ପାକିସ୍ତାନୀ ନାଗରିକ।

ନୂଆଦିଲ୍ଲୀ/ଶ୍ରୀନଗର/ଇସ୍‌ଲାମାବାଦ,୨।୫

ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍‌ସ୍ଥିତ ପର୍ଯ୍ୟଟନସ୍ଥଳ ବୈସରନ୍‌ରେ ଆତଙ୍କବାଦୀମାନେ ୨୬ ହିନ୍ଦୁଙ୍କୁ ଗୁଳିକରି ହତ୍ୟାକରିବା ପରେ ଭାରତ ଏହି ଆକ୍ରମଣ ପାଇଁ ପାକିସ୍ତାନକୁ ଦାୟୀ କରି ପଡ଼ୋଶୀ ଦେଶ ବିରୋଧରେ ଅନେକ ପଦକ୍ଷେପ ନେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଇତିମଧ୍ୟରେ ଅନେକ ଥର ପାକିସ୍ତାନକୁ ମୁହଁତୋଡ଼ ଜବାବ ଦିଆଯିବ ବୋଲି ଚେତାବନୀ ଦେଇସାରିଲେଣି। ଏପରି କି ପହଲଗାମ୍ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ସ୍ଥାନ, ସମୟ ଓ ଢଙ୍ଗ ବାଛିବାକୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବଳକୁ ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି। ଫଳରେ ଭାରତ ପଟୁ ସମ୍ଭାବ୍ୟ ଆକ୍ରମଣ ଆଶଙ୍କାରେ ପାକିସ୍ତାନୀ ସେନା ୨୦୨୧ର ଅସ୍ତ୍ରବିରତି ଚୁକ୍ତିକୁ ଉଲ୍ଲଂଘନ କରି ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ତୁହାକୁ ତୁହା ଗୁଳିବର୍ଷା ଓ ମୋର୍ଟାର ମାଡ଼ କରୁଛି। ଭାରତୀୟ ଯବାନମାନେ ମଧ୍ୟ ଏହାର ମୁହଁତୋଡ଼ ଜବାବ ଦେଉଥିବା ସେନା ପକ୍ଷରୁ କୁହାଯାଉଛି। କିନ୍ତୁ ପାକିସ୍ତାନ ଉପରେ କୌଣସି ବଡ଼ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଭାରତ କେତେବେଳେ ଆକ୍ରମଣ କରିବ ବୋଲି ପାକିସ୍ତାନୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ନୂଆଦିଲ୍ଲୀର ନୀରବତାକୁ 'ଝଡ଼ ପୂର୍ବର ଶାନ୍ତ ସ୍ଥିତି' ବୋଲି ଇସ୍‌ଲାମାବାଦ ମନେକରୁଥିବା ସେଠାକାର ଜଣେ ସୁରକ୍ଷା ବିଶ୍ଳେଷକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ପହଲଗାମ୍ ଆକ୍ରମଣ ପରେ ଏହି ଗଣହତ୍ୟା ପାଇଁ ଦି ରେଜିଷ୍ଟାନ୍ସ ଫୋର୍ସ (ଟିଆର୍‌ଏଫ୍) ନିଜକୁ ଦାୟୀ କରିଥିଲା। ଟିଆର୍‌ଏଫ୍ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ପ୍ରତି ଆନୁଗତ୍ୟ ପ୍ରକାଶ କରୁଥିବାରୁ ଏହା ପଛରେ ହାଫିଜ୍ ସୟିଦ୍(୭୭)ଙ୍କ ଭୂମିକା ଥିବା କୁହାଯାଉଛି। ହାଫିଜ୍‌ଙ୍କୁ ନିପାତ କରିବା ପାଇଁ ଭାରତୀୟ ସୁରକ୍ଷା ବଳ କୌଣସି ସମୟରେ ପାକିସ୍ତାନ ଭୂଖଣ୍ଡରେ ବଡ଼ ଆକ୍ରମଣ କରିପାରେ ବୋଲି ଇସ୍‌ଲାମାବାଦ୍ ମନେକରୁଛି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥାଗୁଡ଼ିକ ସେନା ସହ ସମନ୍ୱୟ ରଖି ହାଫିଜ୍‌ଙ୍କ ସୁରକ୍ଷାରେ ସ୍ପେଶିଆଲ ସର୍ଭିସେସ୍ ଗ୍ରୁପ୍ (ଏସ୍‌ଏସ୍‌ଜି)କୁ ନିୟୋଜିତ କରିଛନ୍ତି। ଲାହୋରର ମୋହଲ୍ଲା ଜୋହରରେ ଥିବା ତାଙ୍କ ଘର ବାହାରେ ଅତିରିକ୍ତ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି। ଏପରି କି ହାଫିଜ୍‌ଙ୍କ ଘରଠାରୁ କିଛି କି.ମି. ପର୍ଯ୍ୟନ୍ତ ଅଞ୍ଚଳକୁ ସିସିଟିଭି ସର୍ଭିଲାନ୍ସ ଭିତରେ ରଖାଯାଇଛି। ସେହିପରି ହାଫିଜ୍‌ଙ୍କ ନେଟ୍‌ୱର୍କ ସୁଦୃଢ଼ ଥିବା ପାକ୍-ଅଧିକୃତ କଶ୍ମୀର (ପିଓକେ) ମଧ୍ୟ ସମ୍ଭାବ୍ୟ ଆକ୍ରମଣ ଆଶଙ୍କା ଘାରିଛି। ଏଥିପାଇଁ ପିଓକେରେ ଥିବା ୧,୦୦୦ରୁ ଊର୍ଦ୍ଧ୍ୱ ମଦ୍ରାସାକୁ ବନ୍ଦ କରିଦିଆଯାଇଛି। ମୁଜାଫରାବାଦ୍ ଏବଂ ଏଲ୍‌ଓସି ସଂଲଗ୍ନ ସହରଗୁଡ଼ିକର ସ୍କୁଲ ପରିସରରେ ପିଲାଙ୍କୁ ନିଆଁ ଲିଭାଇବା, ଆହତଙ୍କ ଚିକିତ୍ସା କରିବା ଆଦି ତାଲିମ୍ ଦିଆଯାଉଛି। ସୀମାରୁ ମାତ୍ର ୩ କି.ମି. ଦୂରରେ ଥିବା ଚକୋଠି ଭଳି ଗ୍ରାମଗୁଡ଼ିକରେ ମାତାପିତାମାନେ ପିଲାଙ୍କୁ ଘରୁ ଛାଡୁନାହାନ୍ତି। ଅନେକ ସୀମାନ୍ତ ଗ୍ରାମରେ ବଙ୍କରକୁ ଆତ୍ମଗୋପନ ଲାଗି ପ୍ରସ୍ତୁତ କରି ରଖାଯାଇଛି। ଏଲ୍‌ଓସି ସଂଲଗ୍ନ ୧୩ ବିଧାନସଭା ନିର୍ବାଚନମଣ୍ଡଳୀରେ ୨ ମାସ ପାଇଁ ଖାଦ୍ୟ ମହଜୁଦ୍ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ପିଓକେ ପ୍ରଧାନମନ୍ତ୍ରୀ ଚୌଧରୀ ଅନ୍‌ୱର ଉଲ୍ ହକ୍ ସୂଚନା ଦେଇଛନ୍ତି। ପ୍ରାକୃତିକ ଶୋଭାରାଜିକୁ ନେଇ ଗ୍ରୀଷ୍ମରେ ୩ ଲକ୍ଷ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ନୀଲମ୍ ଉପତ୍ୟକା ଖାଲି ହେବାରେ ଲାଗିଛି। ପର୍ଯ୍ୟଟକମାନେ ଯୁଦ୍ଧ ଆଶଙ୍କାରେ ହୋଟେଲଗୁଡ଼ିକୁ ଛାଡ଼ି ପଳାୟନ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୪୮ ହୋଟେଲ ଖାଲି ହେଲାଣି। ସ୍ଥାନୀୟ ବ୍ୟବସାୟ ଉପରେ ଏହାର ପ୍ରଭାବ ପଡ଼ିଥିବା ହୋଟେଲ ବ୍ୟବସାୟୀ ରଫାକତ୍ ହୁସେନ୍ କହିଛନ୍ତି।

## ପାକ୍ ସେନା, ଆଇଏସ୍‌ଆଇ ସହାୟତାରେ ଏଲ୍‌ଇଟି ରଚିଥିଲା ଆକ୍ରମଣ ଷଡ଼ଯନ୍ତ୍ର

ନୂଆଦିଲ୍ଲୀ,୨।୫

ପାକିସ୍ତାନୀ ସେନା ଓ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ସହାୟତାରେ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ପହଲଗାମ୍ ଆକ୍ରମଣର ଷଡ଼ଯନ୍ତ୍ର ରଚିଥିଲା। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପକ୍ଷରୁ ଦାଖଲ ପ୍ରାଥମିକ ରିପୋର୍ଟରେ ଏହି ବିଷୟ ପ୍ରଘଟ ହୋଇଛି। ଆତଙ୍କବାଦ ନିରୋଧୀ ସଂଘୀୟ ସଂସ୍ଥା ଏନ୍‌ଆଇଏ କଶ୍ମୀର ଉପତ୍ୟକାର ପ୍ରାୟ ୨୦ ଓଭରଗ୍ରାଉଣ୍ଡ ୱାର୍କର (ଓଜିଡବ୍ଲ୍ୟୁ)ଙ୍କୁ ଚିହ୍ନଟ କରିଛି, ଯେଉଁମାନେ ଆକ୍ରମଣକାରୀମାନଙ୍କୁ ବିଭିନ୍ନ ପ୍ରକାର ସହଯୋଗ କରିଥିଲେ। ଏହି ସନ୍ଦିଗ୍ଧ ବ୍ୟକ୍ତିମାନଙ୍କୁ ଏନ୍‌ଆଇଏ ଜେରା କରୁଥିବା ସୂତ୍ରରୁ ପ୍ରକାଶ।

ଏନ୍‌ଆଇଏ ଓଜିଡବ୍ଲ୍ୟୁ ନିସାର ଅହମଦ୍ ଓରଫ ହାଜି ଏବଂ ମୁସ୍ତାକ୍ ହୁସେନ୍‌ଙ୍କୁ ଜମ୍ମୁସ୍ଥିତ କୋଟ ଭଲାୱାଲ ଜେଲରେ ରଖି ପଚରାଉଚରା କରୁଛି। ଉଭୟେ ଏଲ୍‌ଇଟି ସହଯୋଗୀ ଭାବେ ପରିଚିତ। ୨୦୨୩ରେ ସେନା ଗାଡ଼ିକୁ ଭଟା ଧୁରିଆନ୍ ଓ ଟୋଟାଗଲିରେ ହୋଇଥିବା ଆକ୍ରମଣରେ ସମ୍ପୃକ୍ତ ଥିବା ଏନ୍‌ଆଇଏ ଜାଣିବାକୁ ପାଇଛି। ସେହିପରି ଦୁଇ ମୁଖ୍ୟ ସନ୍ଦିଗ୍ଧ ତଥା ପାକିସ୍ତାନୀ ନାଗରିକ ହାଶମି ମୁସା ଓରଫ୍ ସୁଲେମାନ୍ ଏବଂ ଅଲୀ ଭାଇ ଓରଫ ତଲ୍‌ହା ଭାଇ ଆକ୍ରମଣ ପୂର୍ବରୁ ସେମାନଙ୍କ ହ୍ୟାଣ୍ଡଲର୍ସଙ୍କ ସହ ନିରନ୍ତର ଯୋଗସୂତ୍ରରେ ଥିଲେ। ଆକ୍ରମଣକାରୀମାନେ ଘଟଣାର ଅନେକ ସପ୍ତାହ ପୂର୍ବରୁ କଶ୍ମୀରରେ ଅନୁପ୍ରବେଶ କରିଥିଲେ। ସ୍ଥାନୀୟ ଓଜିଡବ୍ଲ୍ୟୁମାନେ ସେମାନଙ୍କୁ ସବୁ ପ୍ରକାର ସହାୟତା ଦେଇଥିବା ଜଣାପଡ଼ିଛି। ଏନ୍‌ଆଇଏ ଟିମ୍ ଆକ୍ରମଣସ୍ଥଳରୁ ୪୦ଟି କ୍ୟାଟ୍ରିଜ୍ ଜବତ କରିଛି। ଅଦ୍ୟାବଧି ୨,୮୦୦ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଇଛି। ୧୫୦ରୁ ଊର୍ଦ୍ଧ୍ୱ ଜଣଙ୍କୁ ହାଜତରେ ରଖାଯାଇଛି।

## ପାକିସ୍ତାନୀ ପରିବାରକୁ ପ୍ରତ୍ୟର୍ପଣରୁ ସୁରକ୍ଷାଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨।୫(ପି.ଟି.)

ଭିଜା ଅବଧି ଶେଷ ହେବା ପରେ ମଧ୍ୟ ଭାରତରେ ବସବାସ କରୁଥିବା ଏକ ପାକିସ୍ତାନୀ ପରିବାରର ୬ ସଦସ୍ୟଙ୍କ ପରିଚୟ ଦସ୍ତାବିଜ ଯାଞ୍ଚ ସମ୍ପର୍କିତ ଏକ ଆଦେଶ ନ ଦିଆଯିବା ଯାଏ ସେମାନଙ୍କ ବିରୋଧରେ ପ୍ରତ୍ୟର୍ପଣ ଭଳି କଠୋର କାର୍ଯ୍ୟାନୁଷ୍ଠାନ ନ ନେବାକୁ ଶୁକ୍ରବାର ସୁପ୍ରିମକୋର୍ଟ ଭାରତୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ପରିବାରର ସଦସ୍ୟମାନେ କଶ୍ମୀରରେ ରୁହନ୍ତି। ସେମାନଙ୍କ ପୁଅ ବେଙ୍ଗାଲୁରୁରେ କାର୍ଯ୍ୟ କରନ୍ତି। ପହଲଗାମ୍ ଆକ୍ରମଣ ପରେ ଭାରତ ସରକାର ପାକିସ୍ତାନୀମାନଙ୍କୁ ବିଦା କରିବାରେ ଲାଗିଥିବାବେଳେ ଏହି ପରିବାର ପାଇଁ ଅଡୁଆ ପରିସ୍ଥିତି ଉପୁଜିଛି। ଫଳରେ ଅହମଦ ଟେରେକ୍ ବୁଟ୍ ଓ ତାଙ୍କ ଘରର ୫ ସଦସ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଭାରତର ବୈଧ ଦସ୍ତାବିଜ ଦେଖାଇବା ପରେ ମଧ୍ୟ ସେମାନଙ୍କୁ ପାକିସ୍ତାନକୁ ପଠାଇବା ପାଇଁ ଭାରତୀୟ ଅଧିକାରୀମାନେ ୱାଘା ସୀମାକୁ ନେଇଥିଲେ। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ସେମାନଙ୍କ ଆବେଦନର ଶୁଣାଣି କରି କହିଛନ୍ତି, ଏହା ଏକ ମାନବୀୟ ପ୍ରସଙ୍ଗ ହୋଇଥିବାରୁ ଦସ୍ତାବିଜ ଯାଞ୍ଚରେ ଅସୁବିଧାକୁ ନେଇ ପରିବାର ଜମ୍ମୁ-କଶ୍ମୀର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ।

## ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର

ଭୋପାଳ,୨।୫

ମଧ୍ୟପ୍ରଦେଶର ମାଣ୍ଡଲାରେ ସପ୍ତମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କୁ ୩ ଦିନ ଗୋଟିଏ ଘରେ ବନ୍ଦ ରଖି ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଘର ଜବଲପୁର ହୋଇଥିବାବେଳେ ୬ ମାସ ପୂର୍ବରୁ ମାଣ୍ଡଲା ଅଞ୍ଚଳର ରାଜନ ନାମକ ଜଣେ ଅଭିଯୁକ୍ତଙ୍କ ସହ ତାଙ୍କର ବନ୍ଧୁତା ହୋଇଥିଲା। ଉଭୟ ପରସ୍ପର ମଧ୍ୟରେ ଚାଟିଂ କରୁଥିଲେ। କାହ୍ନା ଟାଇଗର ରିଜର୍ଭକୁ ବୁଲାଇନେବା ନାଁରେ ରାଜନ ଛାତ୍ରୀଙ୍କୁ ମାଣ୍ଡଲା ଡାକିଥିଲା। ଗତ ୨୬ ତାରିଖରେ ଛାତ୍ରୀ ଜଣକ ପହଞ୍ଚିବା ପରେ ରାଜନ ତାଙ୍କୁ ତା'ର ଜଣେ ସାଙ୍ଗ ଘରକୁ ନେଇ ସେଠାରେ ସେମାନେ ୩ ଦିନ ପର୍ଯ୍ୟନ୍ତ ବଳାତ୍କାର କରିଥିଲେ ବୋଲି ପୋଲିସ କହିଛି। ବୁଧବାର ଅପରାହ୍ଣରେ ପୀଡ଼ିତାଙ୍କୁ ୨ ଜଣ ଆଣି ମାଣ୍ଡଲା ବସ୍‌ଷ୍ଟାଣ୍ଡରେ ଛାଡ଼ିବା ସହ ଗଣବଳାତ୍କାର ସମ୍ପର୍କରେ କାହାକୁ କହିଲେ, ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ।

## ଦିଲ୍ଲୀରେ ବର୍ଷା ଯୋଗୁ କାନ୍ଥ ପଡ଼ି ୪ ମୃତ

ନୂଆଦିଲ୍ଲୀ,୨।୫


ଦିଲ୍ଲୀ ସମେତ ଉତ୍ତର ଭାରତର ବିଭିନ୍ନ ରାଜ୍ୟରେ ଶୁକ୍ରବାର ସକାଳେ ଲଗାଣ ବର୍ଷା ଯୋଗୁ ୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ବହୁ ରାସ୍ତା ଜଳାର୍ଣ୍ଣବ ହୋଇଛି। ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳରେ ବର୍ଷା ପବନରେ ବହୁ ଗଛ ଉପୁଡ଼ିପଡ଼ିଛି। ଦିଲ୍ଲୀର ନଜଫଗଡ଼ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ଘର କାନ୍ଥ ଭୁଶୁଡ଼ି ଜଣେ ୨୮ ବର୍ଷୀୟ ମହିଳା ଓ ତାଙ୍କର ୩ ପିଲାଙ୍କ ମୃତ୍ୟୁ ଘଟିଛି। ସେହିପରି ଦ୍ୱାରକା ଛାୱ୍‌ଲା ଅଞ୍ଚଳରେ କାନ୍ଥ ପଡ଼ି ୩ ଜଣ ଆହତ ହୋଇଛନ୍ତି। ଦିଲ୍ଲୀ, ଗୁରୁଗ୍ରାମ, ଫରିଦାବାଦ ଏବଂ ମଥୁରାରେ ରାସ୍ତା ଜଳାର୍ଣ୍ଣବ ହୋଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଟ୍ରାଫିକ୍ ଜାମ୍ ଯୋଗୁ ବିଭିନ୍ନ ରାସ୍ତାରେ ଗାଡ଼ିଗୁଡ଼ିକର ଲମ୍ୱା ଧାଡ଼ି ଲାଗିରହିଥିଲା। ଦିଲ୍ଲୀର ମିଣ୍ଟୋ ବ୍ରିଜ୍, ଆଇଟିଓ, ଆର୍.କେ.ପୁରମ୍‌ର ମେଜର ସୋମନାଥ ମାର୍ଗ ଏବଂ କାନପୁରରେ ରାସ୍ତାଘାଟ ପାଣିରେ ବୁଡ଼ିରହିଥିବାରୁ ଟ୍ରାଫିକ୍ ଜାମ୍ ହୋଇଛି। ବର୍ଷା ପବନ ଯୋଗୁ ଦିଲ୍ଲୀରେ ଅବତରଣ କରିବାକୁ ଥିବା ୩ଟି ବିମାନକୁ ଜୟପୁର ଓ ଅହମଦାବାଦ ଏୟାରପୋର୍ଟକୁ ପଠାଯାଇଥିବାବେଳେ ୨୦୦ରୁ ଊର୍ଦ୍ଧ୍ୱ ବିମାନ ଉଡ଼ାଣରେ ବିଳମ୍ୱ ହୋଇଥିଲା।

# ଆନ୍ଧ୍ରରେ ୫୮,୦୦୦ କୋଟିର ପ୍ରକଳ୍ପ

**ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ**

ଅମରାବତୀ,୨।୫(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଆନ୍ଧ୍ରପ୍ରଦେଶରେ ୫୮,୦୦୦ ଟଙ୍କା ମୂଲ୍ୟର ୯୪ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ 'ଡ୍ରିମ୍ ପ୍ରୋଜେକ୍ଟ' କୁହାଯାଉଥିବା ରାଜଧାନୀ ଅମରାବତୀ ସହର ନିର୍ମାଣକୁ ମଧ୍ୟ ପୁନର୍ବାର ଆରମ୍ଭ କରାଯାଇଛି। ଅମରାବତୀ ନିର୍ମାଣ ପାଇଁ ୪୯,୦୦୦ କୋଟି ଟଙ୍କା ମୂଲ୍ୟର ୭୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି, ଯେଉଁଥିରେ ରାଜ୍ୟ ବିଧାନସଭା, ସଚିବାଳୟ, ହାଇକୋର୍ଟ ବିଲ୍ଡିଂ ଏବଂ ବିଚାରପତିମାନଙ୍କ ଆବାସିକ ବାସଭବନ ରହିଛି । ଏଥିସହିତ ୫,୨୦୦ ପରିବାର ପାଇଁ ଗୃହନିର୍ମାଣ କରାଯିବ। ଏହା ବ୍ୟତୀତ କେତେକ ଭିତ୍ତିଭୂମି ଏବଂ ବନ୍ୟା ପ୍ରଶମନ ପ୍ରକଳ୍ପ ରହିଛି। ପ୍ରଧାନମନ୍ତ୍ରୀ ୫,୦୨୮ କୋଟି ଟଙ୍କା ବ୍ୟୟରେ ୯ଟି କେନ୍ଦ୍ରୀୟ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସେଥି ମଧ୍ୟରେ କ୍ରିଷ୍ଣା ଜିଲାର ନାଗାୟାଲଙ୍କାରେ ଡିଆର୍‌ଡିଓର ମିଶାଇଲ ଟେଷ୍ଟିଂ ସେଣ୍ଟର, ଭାଇଜାଗରେ ୟୁନିଟି ମଲ୍, ରେଲ୍ ଓଭରବ୍ରିଜ୍ ଏବଂ ୬ଟି ଜାତୀୟ ରାଜପଥ ପ୍ରକଳ୍ପ ରହିଛି।



ଅମରାବତୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ସ୍ୱାଗତ କରୁଛନ୍ତି।

## ସୋନିଆ, ରାହୁଲଙ୍କୁ କୋର୍ଟ ନୋଟିସ

**ନ୍ୟାଶନାଲ ହେରାଲ୍ଡ ପିଏମ୍‌ଏଲ୍‌ଏ ମାମଲା**

ନୂଆଦିଲ୍ଲୀ,୨।୫(ପି.ଟି.)

ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ ଦିଲ୍ଲୀର ଏକ ଅଦାଲତ ଶୁକ୍ରବାର କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ନୋଟିସ ଜାରି କରିଛନ୍ତି। ଚାର୍ଜଶିଟ୍ ସମ୍ପର୍କରେ ଜାଣିବା ସମୟରେ ସେମାନଙ୍କର 'ଶୁଣାଣି ଅଧିକାର' ଉପଲବ୍ଧ ଥିଲା ବୋଲି ସ୍ୱତନ୍ତ୍ର ବିଚାରପତି ବିଶାଳ ଗୋଗ୍ନେ କହିବା ସହ ପରବର୍ତ୍ତୀ ଶୁଣାଣି ମେ' ୮କୁ ଧାର୍ଯ୍ୟ କରିଛନ୍ତି।

୨୦୧୪ ଜୁନ୍ ୨୬ରେ ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀଙ୍କ ଅଭିଯୋଗକୁ ମାଜିଷ୍ଟ୍ରେଟ୍ କୋର୍ଟ ବିଚାରକୁ ନେବା ପରେ ୨୦୨୧ରେ ଇଡି ଏହାର ତଦନ୍ତ ଭାର ଗ୍ରହଣ କରିଥିବାବେଳେ ନିକଟରେ ଚାର୍ଜଶିଟ୍ ଦାଖଲ କରିଛି। ଆସୋସିଏଟେଡ୍ ଜର୍ନାଲ ଲିଃ (ଏଜେଏଲ୍)ର ୨,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତିକୁ ଜାଲିଆତି ଉପାୟରେ ଦଖଲ କରିବାକୁ ମନିଲଣ୍ଡରିଂ ହୋଇଥିଲା। ଏଥିରେ କଂଗ୍ରେସ ଦଳର ପ୍ରଥମ ପରିବାର ସମେତ କେତେଜଣ ଖ୍ୟାତନାମା ରାଜନେତା, ସ୍ୱର୍ଗତ ମୋତିଲାଲ ଭୋରା, ଓସ୍କାର ଫର୍ନାଣ୍ଡିଜ୍, ସାମ୍ ପିତ୍ରୋଡ଼ା, ଘରୋଇ କମ୍ପାନୀ ୟଙ୍ଗ୍ ଇଣ୍ଡିଆ ପ୍ରମୁଖ ଆପରାଧିକ ଷଡ଼ଯନ୍ତ୍ରରେ ସାମିଲ ଥିବା ଇଡି ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଥିଲା। ୟଙ୍ଗ୍ ଇଣ୍ଡିଆରେ ସୋନିଆ ଏବଂ ରାହୁଲଙ୍କର ସର୍ବାଧିକ ୩୮ ପ୍ରତିଶତ ଲେଖାଏ ଅଂଶଧନ ରହିଛି। ପୂର୍ବରୁ ଇଡି ଉଭୟଙ୍କୁ ଦୀର୍ଘ ସମୟ ଜେରା କରିଥିଲା।

# ଗଣମାଧ୍ୟମ ସ୍ୱାଧୀନତା: ୧୫୧ତମ ସ୍ଥାନରେ ଭାରତ

**ବୈଶ୍ୱିକସ୍ତରରେ ନିମ୍ନମୁଖୀ**



ନୂଆଦିଲ୍ଲୀ,୨।୫

ବୈଶ୍ୱିକ ଗଣମାଧ୍ୟମ ସ୍ୱାଧୀନତା ୨୦୨୫ରେ ସର୍ବକାଳୀନ ନିମ୍ନ ସ୍ତରରେ ପହଞ୍ଚିଥିବା ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ (ଆର୍‌ଏସ୍‌ଏଫ୍) ପକ୍ଷରୁ ଶୁକ୍ରବାର ପ୍ରକାଶିତ ବାର୍ଷିକ ର୍‌ୟାଙ୍କିଙ୍ଗ୍ ରିପୋର୍ଟରେ କୁହାଯାଇଛି। ଇଣ୍ଟରନ୍ୟାଶନାଲ ପ୍ରେସ୍ ଫ୍ରିଡମ୍ ଡେ'ର ଦିନକ ପୂର୍ବରୁ ଫ୍ରାନ୍ସର ଅଣଲାଭଦାୟକ ସଂଗଠନ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି ଯେ, ଭାରତ ସମେତ ବିଶ୍ୱର ଅର୍ଦ୍ଧାଧିକ ଜନସଂଖ୍ୟା ରହୁଥିବା ଦେଶଗୁଡ଼ିକରେ ସ୍ଥିତି ଅତ୍ୟନ୍ତ ଗମ୍ଭୀର। ୧୮୦ଟି ଦେଶ ମଧ୍ୟରେ ଭାରତର ସୂଚକାଙ୍କ ୧୫୧ ରହିଛି। ୨୦୨୪ରେ ଭାରତ ୧୫୯ତମ ସ୍ଥାନରେ ଥିଲା। ଗତ ୨୩ ବର୍ଷ ହେଲା ଆର୍‌ଏସ୍‌ଏଫ୍ ପ୍ରେସ୍ ସ୍ୱାଧୀନତାର ଅନୁଧ୍ୟାନ କରିଆସୁଥିବାବେଳେ ଚଳିତ ବର୍ଷ ଏହାର ମୁଖ୍ୟ ସୂଚକାଙ୍କ ସର୍ବନିମ୍ନ ସ୍ତରରେ ପହଞ୍ଚିଛି।

ପ୍ରତ୍ୟେକ ଦେଶରେ ଖବରଦାତାମାନଙ୍କ ଉପରେ ହିଂସାକାଣ୍ଡ ସଂଖ୍ୟା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ତଥ୍ୟାବଳୀକୁ ବିଚାରକୁ ନେଇ ବିଶେଷଜ୍ଞମାନେ ଉକ୍ତ ସୂଚକାଙ୍କ ପ୍ରସ୍ତୁତ କରିଛନ୍ତି। ସେମାନେ କୌଣସି ଦେଶ ବା ଅଞ୍ଚଳର ସ୍ଥିତିକୁ ୫ଟି ବର୍ଗ ଯଥା ରାଜନୈତିକ, ଆଇନଗତ, ଅର୍ଥନୈତିକ, ସାମାଜିକ-ସାଂସ୍କୃତିକ ଏବଂ ସୁରକ୍ଷାଗତ ଦୃଷ୍ଟିକୁ ବିଚାରକୁ ନେଇ ଆକଳନ କରିଛନ୍ତି। ଗତ ଜାନୁଆରୀରେ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ପରେ ଆମେରିକାର ପ୍ରେସ୍ ସ୍ୱାଧୀନତା ଅତ୍ୟନ୍ତ ଖରାପ ସ୍ଥିତିକୁ ଖସିଆସିଥିବା ରିପୋର୍ଟରେ କୁହାଯାଇଛି। ଟ୍ରମ୍ପ ପ୍ରଶାସନ ଅନୁଷ୍ଠାନଗୁଡ଼ିକୁ ଅସ୍ତ୍ର କରିବା ସହ ସ୍ୱାଧୀନ ଗଣମାଧ୍ୟମକୁ ସହାୟତା ହ୍ରାସ କରିଛି ଓ ଖବରଦାତାମାନଙ୍କୁ ଅଣଦେଖା କରୁଛି। ଆମେରିକା ସୂଚକାଙ୍କ ୨୦୨୪ ତୁଳନାରେ ୨ ସ୍ଥାନ ତଳକୁ ଖସି ୫୭ରେ ରହିଛି, ଯାହା ପଶ୍ଚିମ ଆଫ୍ରିକାର ସିଏରା ଲିଓନ୍ ପଛରେ ରହିଛି। ୟୁରୋପ୍‌ରେ ସାମ୍ବିଦିକମାନେ ସର୍ବାଧିକ ସ୍ୱାଧୀନତା ପାଉଥିବାବେଳେ ୧୮୦ଟି ଦେଶ ମଧ୍ୟରେ ଚାଇନା, ଉତ୍ତରକୋରିଆ ଏବଂ ଇରିଟ୍ରିଆ ସର୍ବନିମ୍ନ ର୍‌ୟାଙ୍କରେ ରହିଛି। ପ୍ରେସ୍ ସ୍ୱାଧୀନତାରେ ଶୀର୍ଷ ୧୦ଟି ସ୍ଥାନରେ ରହିଥିବା ଦେଶଗୁଡ଼ିକ ହେଲେ ନରୱେ, ଇଷ୍ଟୋନିଆ, ନେଦରଲାଣ୍ଡସ୍, ସୁଇଡେନ୍, ଫିନ୍‌ଲାଣ୍ଡ, ଡେନ୍‌ମାର୍କ, ଆୟର୍ଲାଣ୍ଡ, ପର୍ତ୍ତୁଗାଲ, ସୁଇଜରଲାଣ୍ଡ ଏବଂ ଚେକ୍ ଗଣରାଜ୍ୟ। ପୂର୍ବବର୍ଷ ଜର୍ମାନୀ ୧୦ମ ସ୍ଥାନରେ ଥିବାବେଳେ ଏଥର ୧୧ତମ ସ୍ଥାନକୁ ଖସିଛି।

ଇସ୍ରାଏଲ୍‌ର ଗାଜା ଆକ୍ରମଣ ଯୋଗୁ ପାଲେଷ୍ଟିନୀୟ ଖବରଦାତାମାନେ ସର୍ବାଧିକ ଅସୁବିଧା ମଧ୍ୟରେ ରହିଛନ୍ତି। ଇସ୍ରାଏଲୀ ସେନା ଅନେକ ନ୍ୟୁଜ୍‌ରୁମ୍‌କୁ ଧ୍ୱଂସ କରିଦେଇଥିବାବେଳେ ପ୍ରାୟ ୨୦୦ ସାମ୍ବାଦିକଙ୍କ ମୃତ୍ୟୁ ଘଟିଛି। ୧୮ ମାସରୁ ଊର୍ଦ୍ଧ୍ୱ ହେଲା ଗାଜା ଷ୍ଟ୍ରିପ୍‌କୁ ଇସ୍ରାଏଲ୍ ଅବରୋଧ କରି ରଖିଥିଲା। ଇସ୍ରାଏଲ୍‌ର ମଧ୍ୟ ପ୍ରେସ୍ ସ୍ୱାଧୀନତା ର୍‌ୟାଙ୍କ ୧୧ରୁ ୧୧୨ତମ ସ୍ଥାନକୁ ଖସିଥିବା ରିପୋର୍ଟରେ କୁହାଯାଇଛି।

# ବିବାଦରେ ଏଜାଜ୍ ଖାନ୍‌ଙ୍କ 'ହାଉସ୍ ଆରେଷ୍ଟ'

**ଏନ୍‌ସିଡବ୍ଲ୍ୟୁ ନୋଟିସ୍ ପରେ ହଟାଇଲା ଉଲ୍ଲୁ**

ମୁମ୍ବାଇ,୨।୫

ଅଭିନେତା ଏଜାଜ୍ ଖାନ୍‌ଙ୍କ ରିଆଲିଟି ଶୋ' 'ହାଉସ୍ ଆରେଷ୍ଟ'ରେ ଯୌନ ଉଦ୍ଦୀପକ କଣ୍ଟେଣ୍ଟକୁ ନେଇ ବିବାଦ ଉଠିବା ପରେ ଓଭର ଦି ଟପ୍ (ଓଟିଟି) ଉଲ୍ଲୁ ଏହାକୁ ହଟାଇ ଦେଇଛି। ଆଡଲ୍ଟ କଣ୍ଟେଣ୍ଟ ପାଇଁ ପରିଚିତ ଉଲ୍ଲୁ ଆପ୍‌ରେ ଏବେ 'ହାଉସ୍ ଆରେଷ୍ଟ' ସର୍ଚ୍ଚ କଲେ ଏଥିରେ କୌଣସି ରେଜଲ୍ଟ ଆସୁନାହିଁ। ଉକ୍ତ ଶୋ'ର ଏକ ଶର୍ଟ ଭିଡିଓ କ୍ଲିପ୍‌କୁ ନେଇ ରାଜନେତାଙ୍କଠାରୁ ଆରମ୍ଭ କରି ସୋସିଆଲ ମିଡିଆ ପର୍ଯ୍ୟନ୍ତ




ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଉଲ୍ଲୁ ଆପ୍ ଏପରି ପଦକ୍ଷେପ ନେବାକୁ ବାଧ୍ୟ ହୋଇଛି। ଏଥିରେ ଏଜାଜ୍ ମହିଳା ପ୍ରତିଯୋଗୀମାନଙ୍କୁ କ୍ୟାମେରା ସାମ୍ନାରେ ଅନ୍ତରଙ୍ଗ କାର୍ଯ୍ୟକଳାପରେ ଲିପ୍ତ ରହିବାକୁ ବାଧ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଏପରି କି ଶୁଟିଂ ବେଳେ ଏଜାଜ୍‌ଙ୍କ ବ୍ୟକ୍ତିଗତ ପ୍ରଶ୍ନ ଓ ଉତ୍ତେଜକ କଥାବାର୍ତ୍ତା ଉପରେ ମଧ୍ୟ କେତେଜଣ ମହିଳା ପ୍ରତିଯୋଗୀ ଆପତ୍ତି ଉଠାଇଥିଲେ। ଜାତୀୟ ମହିଳା କମିଶନ୍ (ଏନ୍‌ସିଡବ୍ଲ୍ୟୁ) ଏନେଇ ଉଲ୍ଲୁ ସିଇଓ ବିଭୁ ଅଗ୍ରୱାଲ ଏବଂ ଏଜାଜ୍ ଖାନ୍‌ଙ୍କୁ ସମନ କରିଛନ୍ତି।

ଶିବସେନା (ୟୁବିଟି)ର ରାଜ୍ୟ ସଭା ସଦସ୍ୟ ପ୍ରିୟଙ୍କା ଚତୁର୍ବେଦୀ ଗୁରୁବାର ଏହାର ଏକ କ୍ଲିପ୍‌କୁ ଏକ୍ସ'ରେ ଶେୟାର କରିଥିଲେ। ଏଭଳି 'ଅଶ୍ଳୀଳ କଣ୍ଟେଣ୍ଟ'ଗୁଡ଼ିକୁ କାହିଁକି ନିଷିଦ୍ଧ କରାଯାଉନାହିଁ ବୋଲି ପ୍ରିୟଙ୍କା ପ୍ରଶ୍ନ କରିଥିଲେ। ବିଗ୍ ବସ୍‌ର ପୂର୍ବତନ କଣ୍ଟେଷ୍ଟାଣ୍ଟ ତଥା 'ରକ୍ତଚରିତ୍ର' ଭଳି ଅଳ୍ପ କେତୋଟି ଫିଲ୍ମରେ ଅଭିନୟ କରିଥିବା ଏଜାଜ୍‌ଙ୍କୁ ମେ' ୯ରେ ହାଜର ହେବାକୁ ଏନ୍‌ସିଙ୍କ ନିର୍ଦ୍ଦେଶ ରହିଛି।

# ବଳାତ୍କାର ଅଭିଯୁକ୍ତଙ୍କ ଘର ଭାଙ୍ଗିବାକୁ ନୋଟିସ

**ହସ୍ତକ୍ଷେପ କଲେ ହାଇକୋର୍ଟ**

ଡେରାଡୁନ୍,୨।୫

ଉତ୍ତରାଖଣ୍ଡର ନୈନିତାଲରେ ଶିଶୁ ଯୌନ ନିର୍ଯାତନା ସୁରକ୍ଷା ଆଇନ (ପୋକ୍‌ସୋ) ମାମଲାରେ ଅଭିଯୁକ୍ତ ଜଣେ ୬୫ ବର୍ଷୀୟଙ୍କ ଘର ଏବଂ ଦୋକାନ ଭାଙ୍ଗିବା ପାଇଁ ନୋଟିସ ଜାରି ହୋଇଥିଲା। ଉତ୍ତରାଖଣ୍ଡ ହାଇକୋର୍ଟ ଏଥିରେ ହସ୍ତକ୍ଷେପ କରି ଜିଲା ପ୍ରଶାସନ, ପୌର ପରିଷଦ ଏବଂ ପୋଲିସ୍‌କୁ ଭର୍ତ୍ସନା କରିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟର ଉଲ୍ଲଂଘନ କରିପାରିବ ନାହିଁ ବୋଲି ହାଇକୋର୍ଟ ପୌର ପରିଷଦକୁ କହିଛନ୍ତି।

ଗତ ଏପ୍ରିଲ ୧୨ରେ ଜଣେ ୧୨ ବର୍ଷୀୟା ବାଳିକାଙ୍କୁ ଉସ୍‌ମାନ ନାମକ ବ୍ୟକ୍ତି ବଳାତ୍କାର କରିଥିବା ପୋଲିସରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉସ୍‌ମାନଙ୍କ ଅଫିସ ଥିବା ମାର୍କେଟର କେତେକ ଦୋକାନ ଓ ରେଷ୍ଟୁରାଣ୍ଟକୁ ବିକ୍ଷୋଭକାରୀ ଭାଙ୍ଗିଦେଇଥିଲେ। ଉସ୍‌ମାନଙ୍କ ଘର ଭାଙ୍ଗିବା ପାଇଁ ନୋଟିସ ମିଳିବା ପରେ ତାଙ୍କ ସ୍ତ୍ରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମୁଖ୍ୟ ବିଚାରପତି ଜି. ନରେନ୍ଦ୍ର ଏବଂ ଜଷ୍ଟିସ୍ ରବନ୍ଦ୍ର ମୈଥାନୀଙ୍କ ଖଣ୍ଡପୀଠ ଅଦାଲତ ଅବମାନନା ନୋଟିସ ଜାରି କରିବା ସହ ଘଟଣାକୁ ଗମ୍ଭୀରତାର ସହ ନେଇଛନ୍ତି। ସରକାରୀ କର୍ତ୍ତୃପକ୍ଷ କୌଣସି ଅଭିଯୁକ୍ତଙ୍କ ଘର ଭାଙ୍ଗିବାକୁ ହେଲେ କେଉଁସବୁ ପଦ୍ଧତି ଅବଲମ୍ୱନ କରିବେ ତାହା ସର୍ବୋଚ୍ଚ ଅଦାଲତ ପୂର୍ବରୁ ସ୍ପଷ୍ଟ କରିଛନ୍ତି। ପୋଲିସକୁ ଭର୍ତ୍ସନା କରି ମୁଖ୍ୟ ବିଚାରପତି କହିଥିଲେ, ପୋଲିସ ଅପାରଗତା ଯୋଗୁ ସବୁକିଛି ସମସ୍ୟା ସୃଷ୍ଟି ହୋଇଛି। ପୋଲିସ ସଜାଗ ଥିଲେ ଦୋକାନ ଭଙ୍ଗାରୁଜା ଓ ପୋଡ଼ାଜଳା ହୋଇ ନ ଥାନ୍ତା। ଉକ୍ତ ଅପରାଧୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଖଣ୍ଡପୀଠ ପୋଲିସକୁ ପ୍ରଶ୍ନ କରିଛନ୍ତି।




# କିଟ୍‌ରେ ଆଉ ଜଣେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ

## ହଷ୍ଟେଲ ରୁମ୍‌ରେ ଫ୍ୟାନରେ ଝୁଲିପଡ଼ିଲେ

ଭୁବନେଶ୍ୱର,୨।୫(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ପୁଣି ଜଣେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତା ଛାତ୍ରୀ ହେଲେ ବି.ଟେକ୍ ପ୍ରଥମ ବର୍ଷ (କମ୍ପ୍ୟୁଟର ସାଇନ୍ସ)ର ପ୍ରୀଶା ଶାହା(୧୮)। ତାଙ୍କ ଘର ନେପାଳ ବିରଗଞ୍ଜ ଅଞ୍ଚଳରେ। ପ୍ରୀଶା ବିଶ୍ୱବିଦ୍ୟାଳୟ କ୍ୟାମ୍ପସସ୍ଥିତ ହଷ୍ଟେଲ 'କ୍ୟୁସି୪'ର ନିଜ ରୁମ୍‌ରେ ଗୁରୁବାର ସନ୍ଧ୍ୟାରେ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମେ ପ୍ରୀଶାଙ୍କୁ ଉଦ୍ଧାର କରାଯାଇ କିମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏମ୍ଏଲ୍ସି (ମେଡିକୋ ଲିଗାଲ୍ ସାର୍ଟିଫିକେଟ୍) ଆଧାରରେ ଇନ୍‌ଫୋସିଟି ଥାନାରେ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ.୪୯/୨୦୨୫) ରୁଜୁ କରାଯାଇଛି। ପୋଲିସ ଟିମ୍ ପ୍ରୀଶାଙ୍କ ମୋବାଇଲ ଫୋନ୍ ଓ ଲାପଟପ୍‌କୁ ଜବତ କରି ଫରେନ୍‌ସିକ୍


ପ୍ରୀଶା ଶାହା

ଲ୍ୟାବକୁ ପଠାଇଛି। ତେବେ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଏମ୍ସରେ ରଖାଯାଇଛି। ଖବର ପାଇ ପରିବାର ଲୋକେ ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଥିବାବେଳେ ସେମାନଙ୍କ ଉପସ୍ଥିତିରେ ମୃତଦେହର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଅଢ଼େଇ ମାସର ବ୍ୟବଧାନରେ କିଟ୍‌ରେ ଆଉ ଜଣେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ପ୍ରୀଶା ଏଭଳି ଚରମ ନିଷ୍ପତ୍ତି କାହିଁକି ନେଲେ ତାହାକୁ ନେଇ ନାନା ଚର୍ଚ୍ଚା ଚାଲିଛି। ପୋଲିସ ଏହା ପଛରେ ଥିବା କାରଣ ଖୋଜିବା ସହ ସହପାଠୀ ଓ ହଷ୍ଟେଲ ୱାର୍ଡେନଙ୍କୁ ପଚରାଉଚରା କରି ଅନୁସନ୍ଧାନ ଚଳାଇଛି। ରାତିରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ଡିସିପି ଜଗମୋହନ ମୀନା ଓ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ପ୍ରମୁଖ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ନେପାଳ ଦୂତାବାସ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଘଟଣାର ନିରପେକ୍ଷ ତଦନ୍ତ ହେଉ ବୋଲି ନେପାଳ ଦୂତାବାସ ଅନୁରୋଧ କରିଥିବା ଜାରି ପ୍ରେସ ବିଜ୍ଞପ୍ତିରେ ଦର୍ଶାଇଛି। ସେହିପରି ଭାରତର ବିଦେଶ ବ୍ୟାପାର ମନ୍ତ୍ରଣାଳୟ ପ୍ରେସ ରିଲିଜ୍ ଜାରି କରି ମୃତ ଛାତ୍ରୀଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଦୁଃଖପ୍ରକାଶ କରାଯାଇଛି। ଓଡ଼ିଶା ସରକାର ଓ ମୃତାଙ୍କ ପରିବାର ସହ ମନ୍ତ୍ରଣାଳୟ ନିୟମିତ ଯୋଗାଯୋଗରେ ଅଛି। ଓଡ଼ିଶା ପୋଲିସ ତଦନ୍ତ ଚଳାଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି। ଅନ୍ୟପକ୍ଷରେ କିଟ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରି ଏକ ପ୍ରେସ୍ ରିଲିଜ୍ କାରି କରିଛନ୍ତି। ଘଟଣା ସମ୍ପର୍କରେ ହଷ୍ଟେଲ ପକ୍ଷରୁ ତୁରନ୍ତ ସ୍ଥାନୀୟ ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ପହଞ୍ଚିବା ପରେ ଛାତ୍ରୀଙ୍କୁ ଉଦ୍ଧାର କରାଯାଇ କିମ୍ସ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରବର୍ତ୍ତୀ ପଦକ୍ଷେପ ପାଇଁ ମୃତଦେହକୁ ଭୁବନେଶ୍ୱର ଏମ୍ସକୁ ପଠାଯାଇଥିଲା। ବିଶ୍ୱବିଦ୍ୟାଳୟ ପକ୍ଷରୁ ମୃତ ଛାତ୍ରୀଙ୍କ ପରିବାରକୁ ତୁରନ୍ତ ସୂଚନା ଦିଆଯାଇଥିଲା। ସାଇଣ୍ଟିଫିକ୍ ଟିମ୍ ସହ ବରିଷ୍ଠ ପୋଲିସ ଅଧିକାରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ। ଏହି ଘଟଣାରେ ମୃତାଙ୍କ ପରିବାର, ସାଙ୍ଗ ଓ ନେପାଳୀ ଛାତ୍ରୀଛାତ୍ରଙ୍କ ସହ ଅଛୁ ବୋଲି କିଟ୍ ପକ୍ଷରୁ କୁହାଯାଇଛି।

# ବିକଶିତ ଭାରତରେ କୋରାପୁଟ, ବାଲିଶଙ୍କରା

ଭୁବନେଶ୍ୱର,୨।୫(ରବିନାରାୟଣ ଜେନା)

## ଷ୍ଟ୍ରବେରୀ ଚାଷ କୋରାପୁଟ ମହିଳାଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିଛି



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ କାର୍ଯ୍ୟକ୍ରମରେ ଦେଶର ୧୨୨ଜିଲା ମଧ୍ୟରେ ଓଡ଼ିଶାର କୋରାପୁଟ ଓ ସୁନ୍ଦରଗଡ଼ ରହିଛି। ବିକଶିତ ଜିଲା ରାଙ୍କିଂରେ କୋରାପୁଟ ୪୨ତମ ସ୍ଥାନରେ ରହିଥିବାବେଳେ ସୁନ୍ଦରଗଡ଼ ୬୮ତମ ସ୍ଥାନରେ ରହିଛି। ଗୋଟିଏ ପଛୁଆ ତଥା ଆକାଂକ୍ଷୀ ଜିଲାକୁ ବିକଶିତ ଜିଲାରେ ରୂପାନ୍ତରିତ କରିବା ଲାଗି ଜିଲା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାଧାରଣ ନାଗରିକ ଓ ସରକାରଙ୍କ ମଧ୍ୟରେ ଜିଲା ପ୍ରଶାସନ ହେଉଛି ସେତୁ ସଦୃଶ; ଯଦ୍ୱାରା ପଛୁଆ ଜିଲା ବି ଅଗ୍ରଣୀ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବିକଶିତ ଭାରତ ସଂକ୍ରାନ୍ତ ପ୍ରକାଶିତ ଏକ ପୁସ୍ତିକାରୁ ଏହା ଜଣାପଡ଼ିଛି। ବିକଶିତ ଭାରତ କାର୍ଯ୍ୟକ୍ରମରେ ଗତ ୧୦ବର୍ଷରେ ୪କୋଟି ଅସହାୟ ପରିବାରକୁ ପକ୍କାଘର ମିଳିଥିବା ବେଳେ ୫ବର୍ଷ ମଧ୍ୟରେ ୧୨କୋଟି ପରିବାରକୁ ସ୍ୱଚ୍ଛ ଜଳ ଯୋଗାଇ ଦିଆଯାଇଛି। ଏହାସହିତ ୧୦କୋଟି ପରିବାରକୁ ସ୍ୱଚ୍ଛ ରନ୍ଧନବ୍ୟବସ୍ଥା ଏବଂ ୧୧.୫କୋଟି ପରିବାରକୁ ଶୌଚାଳୟ ଯୋଗାଇ ଦିଆଯାଇଛି, ଯାହା କି କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ପ୍ରମାଣିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ବିକଶିତ ଭାରତ କାର୍ଯ୍ୟକ୍ରମରେ କୋରାପୁଟ ଭଳି ଏକ ପଛୁଆ ଅଞ୍ଚଳକୁ ସାମିଲ କରିବା ସମୟରେ ବହୁତ କିଛି ସମସ୍ୟା ରହିଥିଲା। ଏହି ଦୁର୍ଗମ ଅଞ୍ଚଳଟି ପାହାଡ଼ପର୍ବତଘେରା ହୋଇଥିବାରୁ ସରକାରୀ ଯୋଜନା ଠିକଣା ଭାବେ ପହଞ୍ଚି ପାରୁ ନ ଥିଲା; ଯେଉଁଥିପାଇଁ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବାରେ ପ୍ରତିବନ୍ଧକ ହେଉଥିବାବେଳେ ବେରୋଜଗାରୀ ସୃଷ୍ଟି ହେଉଥିଲା। ଏହାସହିତ ଅପପୁଷ୍ଟି, ରକ୍ତହୀନତା ପ୍ରଭୃତି ଏଠାରେ ଅଧିକାଂଶ ଲୋକଙ୍କଠାରେ ଦେଖିବାକୁ ମିଳୁଥିଲା। ଏହାକୁ ସରକାର ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିବା ପରେ ଏବେ ସେଠାରେ ବିକାଶ ଆଖିଦୃଶିଆ ହୋଇଛି। ୩ଲକ୍ଷ ୮୫ହଜାର ୩୧୭ଜଣଙ୍କୁ ଜନଆରୋଗ୍ୟ ଯୋଜନାରେ ସ୍ୱାସ୍ଥ୍ୟକାର୍ଡ ମିଳିଥିବାବେଳେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ୨୨ହଜାର ୪୯୯ ପଞ୍ଜୀକୃତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ସୁନିଧି ଜରିଆରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଲୋକଙ୍କ ଜୀବନଧାରଣର ମାନ ବଦଳିଛି। ଏହାବାଦ୍ କିଷାନକ୍ରେଡିଟ କାର୍ଡ ସହାୟତାରେ ଚାଷୀମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇଛି। ଜଣେ ହେଲେ ବି ଯୋଗ୍ୟ ହିତାଧିକାରୀ ଯେପରି ସରକାରୀ ଯୋଜନାରୁ ବଞ୍ଚିତ ନ ହେବେ ସେଥିପ୍ରତି ସରକାର ଗୁରୁତ୍ୱ ଦେଉଥିବାରୁ ଏହା ସମ୍ଭବ ହୋଇପାରିଛି।

ସେହିପରି ସୁନ୍ଦରଗଡ଼ର ବାଲିଶଙ୍କରା ଅଞ୍ଚଳଟି ପାହାଡ଼ିଆ ହୋଇଥିବାରୁ ସେଠାରେ ସରକାରୀ ଯୋଜନା ପହଞ୍ଚି ପାରୁ ନ ଥିଲା। ବିଶେଷକରି ସେଠାରେ ଓରାମ, ମୁଣ୍ଡା ଏବଂ ଗଣ୍ଡ ସଂପ୍ରଦାୟର ଆଦିବାସୀ ବସବାସ କରୁଥିଲେ। ଏସବୁ ଚ୍ୟାଲେଞ୍ଜ ସତ୍ତ୍ୱେ ଜିଲା ପ୍ରଶାସନର ଉଦ୍ୟମ ଯୋଗୁ ଗମନାଗମନର ସୁବିଧା ସାଙ୍ଗକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ସରକାରୀ ଯୋଜନା ଆଖିଦୃଶିଆ ହୋଇପାରିଛି। ବାଲିଶଙ୍କରାରେ ୨୦ଟି ମାଧ୍ୟମିକ ଓ ୪ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଖୋଲାଯାଇଛି। ୯୨ ପ୍ରତିଶତ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ମିଳିଥିବା ବେଳେ ଶତପ୍ରତିଶତ ଆନୁଷ୍ଠାନିକ ପ୍ରସବ ହେଉଛି। ୬ହଜାର ମେଟ୍ରିକ ଟନ୍ ମାଣ୍ଡିଆ ଉତ୍ପାଦନ ହେଉଛି। ଶତପ୍ରତିଶତ ଯକ୍ଷ୍ମା ରୋଗର ମୂଳୋତ୍ପାଟନ ହୋଇଥିବା ବେଳେ ଜଳସେଚନ ବ୍ୟବସ୍ଥା ଯୋଗୁ ୩ହଜାର ହେକ୍ଟର ଜମିରେ ଚାଷ କାର୍ଯ୍ୟ ହୋଇପାରୁଛି। ସାମଗ୍ରିକ ବିକାଶ କ୍ଷେତ୍ରରେ ବାଲିଶଙ୍କରା ବ୍ଲକ ଏବେ ଆଗରେ ରହିଥିବାରୁ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ କାର୍ଯ୍ୟକ୍ରମରେ ରହିଛି।

# ପୁରୀ ରଥ ନିର୍ମାଣରେ ଲାଗିବ କୁଲାଡ଼ର ୧୨ ଫାସି ଗଛ

ବଁଅରପାଳ,୨।୫ (ସୁବାସ ସାହୁ)

ପୁରୀ ରଥ ନିର୍ମାଣରେ ବ୍ୟବହାର ପାଇଁ ଅନୁଗୋଳ ଜିଲା ବଁଅରପାଳ ବ୍ଲକ କୁଲାଡ଼ରୁ ୧୨ଟି ଫାସି ଗଛ କଟାଯିବ। କୁଲାଡ଼ ନିବାସୀ ତଥା ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ମେଡିସିନ ବିଭାଗ ଡାକ୍ତର କୁମାର ସୌମ୍ୟକାନ୍ତ ବିଶୋଇଙ୍କ ବାଡ଼ିରେ ଥିବା କିଛି ଫାସି ଗଛ ମଧ୍ୟରୁ ଏଥିପାଇଁ ୧୨ଟିକୁ ଗୁରୁବାର ଚିହ୍ନଟ କରାଯାଇଛି।

ପ୍ରକାଶ ଯେ, କୁଲାଡ଼ ଗ୍ରାମର ଡାକ୍ତର ବିଶୋଇଙ୍କ ବାପା ସ୍ୱର୍ଗତ ଶେଷଦେବ ବିଶୋଇ ୪୦ ବର୍ଷ ତଳେ ବାଡ଼ିରେ କିଛି ଫାସି ଚାରା ରୋପଣ କରିଥିଲେ। ପୁରୀ ଶ୍ରୀ ଜଗନ୍ନାଥଙ୍କ ରଥ ନିର୍ମାଣରେ ଏସବୁ ଗଛ ବ୍ୟବହାର କରାଯିବାର ଲକ୍ଷ୍ୟ ରଖି ସେ ଚାରାଗୁଡ଼ିକୁ ଲଗାଇଥିଲେ। ଉକ୍ତ ଲକ୍ଷ୍ୟ ପୂରଣ ପାଇଁ


ପୁରୀ ରଥ ନିର୍ମାଣ ପାଇଁ କୁଲାଡ଼ ଗ୍ରାମରେ ଥିବା ଫାସି ଗଛ ଚିହ୍ନଟ କରାଯାଉଛି।

ଡାକ୍ତର ବିଶୋଇ ଓ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ସତ୍ୟଜିତ ସାହୁ କିଛିଦିନ ତଳେ ଏ ନେଇ ପୁରୀ ମନ୍ଦିର ପ୍ରଶାସନ ସହ ଆଲୋଚନା କରିଥିଲେ। ୨ଦିନ ତଳେ ପୁରୀ ମନ୍ଦିର ପ୍ରଶାସନ ପକ୍ଷରୁ ଅନୁଗୋଳ ଜିଲା ପ୍ରଶାସନକୁ ଏଥିପାଇଁ ଲିଖିତ ଭାବେ ଜଣାଇ ଦିଆଯାଇଥିଲା। ଏହାପରେ ଅନୁଗୋଳ ବନଖଣ୍ଡ ପକ୍ଷରୁ ରେଞ୍ଜର ହରମୋହନ ନାୟକ ଓ ଗିରାଙ୍ଗ ରାଜସ୍ୱ ବିଭାଗ ଅଧିକାରୀ ସୁଶାନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଆସି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛି। ଚିହ୍ନଟ ୧୨ଟି ଫାସି ଗଛକୁ ଖୁବ୍‌ଶୀଘ୍ର କଟାଯାଇ ପୁରୀ ପଠାଯିବା ପାଇଁ ସ୍ଥିର କରାଯାଇଛି। ତେବେ ଗଛକଟା ପୂର୍ବରୁ ପୂଜାର୍ଚ୍ଚନା, ନାମ ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଥିବା ଆଇନଜୀବୀ ସାହୁ ପ୍ରକାଶ କରିଛନ୍ତି।

# ଆଇପିଏସ୍ ଅଧିକାରୀ ସ୍ତରରେ ଅଦଳବଦଳ

## ସୁଶାନ୍ତଙ୍କୁ ଜେଲ୍ ଡିଜି ଦାୟିତ୍ୱ

ଭୁବନେଶ୍ୱର,୨।୫(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ସ୍ତରରେ ଛୋଟ ଧରଣର ଅଦଳବଦଳ କରାଯାଇଛି। ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, କେନ୍ଦ୍ରୀୟ ଡେପୁଟେଶନରୁ ନିକଟରେ ଫେରିଥିବା ୧୯୯୩ ବ୍ୟାଚ୍‌ର ବରିଷ୍ଠ ଆଇପିଏସ୍ ଅଧିକାରୀ ସୁଶାନ୍ତ କୁମାର ନାଥଙ୍କୁ ଜେଲ୍ ଓ କରେକ୍ସନାଲ ସର୍ଭିସ ପୋଲିସ ମହାନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ୧୯୯୮ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଦୟାଳ ଗଙ୍ଗୱାରଙ୍କୁ କମ୍ୟୁନିକେଶନ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବାବେଳେ ୨୦୦୦ ବ୍ୟାଚ୍ ଆଇପିଏସ୍ ଅଧିକାରୀ ପ୍ରତୀକ ମହାନ୍ତିଙ୍କୁ ପୋଲିସ ମୁଖ୍ୟାଳୟ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଏବଂ ବରିଷ୍ଠ ଓଡ଼ିଶା ପୋଲିସ ସେବା(ଓପିଏସ୍) ଅଧିକାରୀ ନାରାୟଣ ନାୟକଙ୍କୁ ସୁବର୍ଣ୍ଣପୁର ଆରକ୍ଷୀ ଅଧୀକ୍ଷକ ଭାବେ ନିଯୁକ୍ତ କରାଯାଇଛି।

# ୧୦ରେ ୨ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ଶାହା

ଭୁବନେଶ୍ୱର,୨।୫(ସୁନିତ୍ ମିଶ୍ର)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୧୦ରେ ୨ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ୧୦ ତାରିଖରେ ଓଡ଼ିଶାରେ ପହଞ୍ଚି ୧୧ ତାରିଖ ଯାଏଁ ରହିବେ। ୧୦ରେ ସେ ଜଟଣୀ ଯାଇ ଫୋରେନ୍ସିକ୍ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ କରିବେ। ସେଦିନ ସନ୍ଧ୍ୟାରେ ପୁରୀ ଗସ୍ତକରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବେ। ୧୧ରେ ପ୍ରଥମେ ବୁର୍ଲା ଏବଂ ଏହା ପରେ ସମଲେଶ୍ୱରୀ ମନ୍ଦିର ଯିବେ। ଏହି ଅବସରରେ ସେ ସମ୍ବଲପୁରଠାରେ କିଛି ପ୍ରକଳ୍ପର ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ରହିଛି। ସେଠାରେ ଏକ ସାଧାରଣ ସଭାରେ ଯୋଗଦେବା କାର୍ଯ୍ୟକ୍ରମ ମଧ୍ୟ ରହିଛି। ଏହିସବୁ କାର୍ଯ୍ୟକ୍ରମ ସରିବା ପରେ ସନ୍ଧ୍ୟାରେ ଭୁବନେଶ୍ୱର ଫେରି ଜନତା ମଇଦାନ ଠାରେ ଆୟୋଜିତ କେତେକ ସରକାରୀ ପ୍ରକଳ୍ପର ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ଅଛି। ଏହାପରେ ଭାଜପା ନେତୃବୃନ୍ଦଙ୍କ ସହ ଶାହା ଏକ ବୈଠକ କରିବେ ବୋଲି କୁହାଯାଉଛି।

ଏନେଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଶାହା ୨ଦିନିଆ ଗସ୍ତରେ ଆସି ପ୍ରଥମେ ଜଟଣୀଠାରେ ଫୋରେନ୍ସିକ୍ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ କରିବେ। ଏହା ଦେଶର ଦ୍ୱିତୀୟ ଫୋରେନ୍ସିକ୍ ବିଶ୍ୱବିଦ୍ୟାଳୟ। ଗୁଜରାଟରେ ପ୍ରଥମ ବିଶ୍ୱବିଦ୍ୟାଳୟ ରହିଛି। ସେଠାରୁ ପୁରୀ ଯିବା ପରେ ୧୧ରେ ସମ୍ବଲପୁର କାର୍ଯ୍ୟକ୍ରମରେ ଯୋଗଦେଇ ଜନତା ମଇଦାନ ଆସିବେ। କେତେକ ପ୍ରକଳ୍ପର ଶିଳାନ୍ୟାସକରି ସନ୍ଧ୍ୟାରେ ଦିଲ୍ଲୀ ଫେରିଯିବେ ବୋଲି ମନମୋହନ କହିଛନ୍ତି।

# ମାଟ୍ରିକ୍ ପରୀକ୍ଷା: ୨ ଯାଆଁଳା ଭାଇ ମାଲକାନଗିରି ଜିଲା ଟପ୍ପର

ମାଲକାନଗିରି/ଏମ୍‌ଭି ୭୯, ୨।୫ (ଦୁର୍ଯ୍ୟୋଧନ ପାତ୍ର/ଭିକି ବାରିକ)

ମାଟ୍ରିକ୍ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଦୁଇ ଯାଆଁଳା ଭାଇ ସମାନ ନମ୍ବର ରଖି ମାଲକାନଗିରି ଜିଲା ଟପ୍ପର ହୋଇଛନ୍ତି। କାଲିମେଲା ବ୍ଲକ୍ ଏମ୍.ଭି. ୭୯ସ୍ଥିତ ସାବେରୀ ଉଚ୍ଚ ବିଦ୍ୟାଳୟରେ ମୋହନ ଲେଙ୍କାଙ୍କ ଦୁଇ ଯାଆଁଳା ପୁଅ ଉନେଲ ଲେଙ୍କା ଓ ଉମ୍ବରୁ ଲେଙ୍କା ଉଭୟେ ୫୬୦ ଲେଖାଏଁ ନମ୍ବର ରଖି ଜିଲାରେ ଟପ୍ପର ହୋଇଛନ୍ତି।

ପ୍ରକାଶ ଥାଉ କି, ଚଳିତ ବର୍ଷ ମାଲକାନଗିରି ଜିଲାରେ ମୋଟ ୧୩୦ଟି ବିଦ୍ୟାଳୟରେ ୮୦୩୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୭୭୫୦ ଜଣ ପାସ୍ ହୋଇଥିବା ବେଳେ ଜିଲାରେ ୯୬.୪୧ ପ୍ରତିଶତ ପାସ୍ ହୋଇଛନ୍ତି। ସେଥିମଧ୍ୟରେ ୧୨ ଜଣ ଏ-୧, ୪୬ ଜଣ, ଏ-୨, ୧୨୦ଜଣ ବି-୧, ୫୪୬ ଜଣ ବି-୨ରେ ପାସ୍ କରିଛନ୍ତି।

# ଔଷଧ ଦୋକାନୀଙ୍କ ଭୁଲ୍ ଇଞ୍ଜେକ୍ସନରେ ଯୁବକଙ୍କ ମୃତ୍ୟୁ

## ପରିବାର, ଗ୍ରାମବାସୀଙ୍କ ରାସ୍ତାରୋକୋ





ଆଳି,୨।୫(ବନମାଳୀ ସେନାପତି)

ଆଳି ଥାନା ସିଙ୍ଗିରି ଅଞ୍ଚଳରେ ଥିବା ଏକ ଔଷଧ ଦୋକାନରୁ ଭୁଲ୍ ଇଞ୍ଜେକ୍ସନ ନେବା ଯୋଗୁ ଜଣେ ଯୁବକଙ୍କ ଗୁରୁବାର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଔଷଧ ଦୋକାନ ମାଲିକଙ୍କ ନାମରେ ମୃତ ଯୁବକଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ମୃତ ଯୁବକଙ୍କୁ ନ୍ୟାୟ ପ୍ରଦାନ କରିବା ଦାବିରେ ଶୁକ୍ରବାର ଗ୍ରାମବାସୀ କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ଅବରୋଧ କରିଥିଲେ।

ଭରତପୁର ଗ୍ରାମର କଳାକାର ସାହୁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ପ୍ରଶାନ୍ତ(୨୬)ଙ୍କ ଗୋଡ଼ରେ ଆଘାତ ଲାଗିଥିବାରୁ ସେ ଗୁରୁବାର ସନ୍ଧ୍ୟାରେ ସିଙ୍ଗିରିଠାରେ ଥିବା ଏକ ଔଷଧ ଦୋକାନକୁ ଯାଇଥିଲେ। ସେଠାରେ ତାଙ୍କୁ ଦୋକାନ ମାଲିକ ୨ଟି ଇଞ୍ଜେକ୍ସନ ଦେଇଥିଲେ। ପ୍ରଶାନ୍ତ ଇଞ୍ଜେକ୍ସନ ନେବା ପରେ ବାନ୍ତିକରି ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ଜଣାପଡ଼ିବା ପରେ ସମ୍ପୃକ୍ତ ଔଷଧ ଦୋକାନ ମାଲିକଙ୍କ ନାମରେ ମୃତକଙ୍କ ବାପା କଳାକାର ସାହୁ ଆଳି ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଔଷଧ ଦୋକାନର ମାଲିକଙ୍କ ଘର ନିକଟରେ ପହଞ୍ଚି ତଦନ୍ତ କରିବାକୁ ଯାଇଥିଲେ। ହେଲେ ମାଲିକ ଦୋକାନ ଓ ଘର ବନ୍ଦ କରି ଫେରାର ହୋଇଯାଇଥିବାରୁ ପୋଲିସ ବିଭିନ୍ନ ସ୍ଥାନରେ ଛାପା ମାରୁଛି। ପ୍ରଶାନ୍ତଙ୍କ ମୃତ୍ୟୁକୁ ନେଇ ଭରତପୁର ଗ୍ରାମରେ ଶୋକରଛାୟା ଖେଳିଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ପ୍ରଶାନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରେ ପରିବାର ଓ ଗ୍ରାମବାସୀ ପ୍ରଶାନ୍ତଙ୍କୁ ନ୍ୟାୟ ଦାବିରେ ମୃତଦେହ ରଖି କଟକ -ଚାନ୍ଦବାଲି ରାସ୍ତାର ଭରତପୁର ନିକଟରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡା, ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଥାନାରେ ପୋଲିସ ନଂ. ୧୭୦/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ପ୍ରଶାନ୍ତ ରାୟପୁରର ଏକ କମ୍ପାନୀରେ ଚାକିରି କରୁଥିଲେ। ସେ ଘରକୁ ଆସିଥିବା ବେଳେ ଗୋଡ଼ ମକଚି ହୋଇଯିବାରୁ ଔଷଧ ଦୋକାନକୁ ଔଷଧ ଆଣିବାକୁ ଯାଇଥିଲେ।



# ଆଜି କ’ଣ କେଉଁଠି

## ଭୁବନେଶ୍ୱର
- ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ଶନିଶ୍ଚର ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ, ସ୍ଥାନ: ଓଡ଼ିଆ ଶାସନ, ରୂପ୍‌ସା, ସମୟ: ଦିବସବ୍ୟାପୀ
- କବିତା ପାଠୋତ୍ସବ, ସ୍ଥାନ: ଶାନ୍ତିକାନନ, ବାଲେଶ୍ୱର, ସମୟ: ଅପରାହ୍ନ ୪ ଟା ୩୦।

## ଭଦ୍ରକ
- ଶନିମନ୍ଦିର ପ୍ରତିଷ୍ଠା, ସ୍ଥାନ: ପାଇମହୁରା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ଯଜ୍ଞ, ସ୍ଥାନ: ଗୋରାମାଟି, ସାବରଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ବାସୁଦେବପୁର ସୌରଭ ସମ୍ମାନ ଉତ୍ସବର ୮ମ ସନ୍ଧ୍ୟା, ସ୍ଥାନ: ବାଲିନଗର ଯାଦବପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ଶନିଦେବଙ୍କ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଗୁହାଳଗଡ଼ିଆ, ଛେନାପଦି, ସମୟ: ସକାଳ ୮ ଟା।
- ଶନି ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଛେନାପଦି ଛକ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ଏଆଇଟିୟୁସିର ବିକ୍ଷୋଭ, ସ୍ଥାନ: କେନ୍ଦୁଝର ଜିଲାପାଳ ଅଫିସ, ସମୟ: ସକାଳ ୯ଟା ୩୦।

## ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ– ୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ଶନିଦେବ ପୀଠରେ ୪୪ତମ ବାର୍ଷିକ ଉତ୍ସବର ପୂଜାପାଠ ଓ ହୋମଯଜ୍ଞ, ସ୍ଥାନ: ବାଘଡ଼ାରୋଡ୍, ବାରିପଦା, ସମୟ: ସକାଳ ୯ଟା।

## ଗଞ୍ଜାମ
- ବୁଗୁଡ଼ା ପଞ୍ଚ ଠାକୁରାଣୀ ଯାତ୍ରାର ନବମ ଦିବସ ଭ୍ରମଣୀ, ସ୍ଥାନ: ବୁଗୁଡ଼ା ବଡ଼ଦାଣ୍ଡ, ସମୟ: ସନ୍ଧ୍ୟା ୭ଟା ୩୦।

## ଜଗତ୍‌ସିଂହପୁର
- ପିପିଏଲ୍ ଡିଏଭି ସ୍କୁଲ ପରିସରରେ ଗ୍ରୀଷ୍ମକାଳୀନ ହକି ଶିବିର, ସ୍ଥାନ: ସ୍କୁଲ ପଡ଼ିଆ, ପିପିଏଲ୍, ପାରାଦୀପ, ସମୟ: ସକାଳ ୬ଟା।
- ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଅଂଶୀଦାରମାନଙ୍କୁ ନେଇ ସମ୍ମିଳନୀ, ସ୍ଥାନ: ପ୍ରଶାସନିକ ଭବନ ସମ୍ମିଳନୀ କକ୍ଷ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ମା’ ଶାରଳା ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ଚଣ୍ଡୀଯଜ୍ଞ, ସ୍ଥାନ: ତରାପୁର, ଚକ୍ରୋଡା, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା
- ଶନିଶ୍ଚର ମହାଯଜ୍ଞ, ସ୍ଥାନ: କଚେରୀ ରୋଡ, ଖଡ଼ିଅଙ୍ଗ, ମହୀପାଳ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ମହାପୁରୁଷ ଶ୍ରୀଫଗୁ ଦାସଙ୍କ ବାର୍ଷିକ ମହୋତ୍ସବ, ସ୍ଥାନ: ନାଉପାଳ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୧୦ଟା।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ହରିଦାସପୁର, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ଦର୍ପଣ ତହସିଲ ଅଧୀନରେ ୧୫ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ଭୂମି ପୂଜନ ଉତ୍ସବ, ସ୍ଥାନ: ବଡ଼ଚଣା ମହୋତ୍ସବ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଆର୍ନ୍ତଜାତିକ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଧର୍ମଶାଳା ପ୍ରେସ୍ କ୍ଲବ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ନୂତନ ଆର୍‌ଆଇ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସକାଳ ୯ଟା।

## ନୟାଗଡ଼
- ଶୁଳିଆ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଗୋପୀନାଥପୁର ଶୁଳିଆ ଠାକୁରାଣୀ ପୀଠ, ସମୟ: ସକାଳ ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଅକ୍ଷୟ ତୃତୀୟାରେ ଚନ୍ଦନଯାତ୍ରା ଆରମ୍ଭ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ୪ର୍ଥ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୪ର୍ଥ ଦିବସ, ସ୍ଥାନ: ନୟାଗଡ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ଚତୁର୍ଥ ଦିବସ, ସ୍ଥାନ: ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।

ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ ମହୋତ୍ସବର ୫ମ ଦିବସ, ସ୍ଥାନ: ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା ୩୦ ।

## କୋରାପୁଟ
- ରଥଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ହନୁମାନ ମନ୍ଦିର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଅଷ୍ଟ ପ୍ରହରୀ ନାମ ଯଜ୍ଞ, ସ୍ଥାନ : ଖରିଆପାଳି ଗ୍ରାମ, ସମୟ : ସକାଳ ୮ଟା।
- ସମର୍ପଣ ଅନୁଷ୍ଠାନର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସକାଳ ୯ଟା।

## ରାଉରକେଲା
- ଆଚାର୍ଯ୍ୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୬, ସମୟ: ସକାଳ ୮ଟା।
- ସୁନ୍ଦରଗଡ ଜିଲା ଲେଖକ ସାମ୍ମୁଖ୍ୟର ୧୭ତମ ବାର୍ଷିକ ଉତ୍ସବ, ସ୍ଥାନ: ଆଦର୍ଶ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଭାରତ ବଙ୍ଗ ସାହିତ୍ୟ ସମ୍ମେଳନ––୨୦୨୫, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ଲୋହରସିଂ, ଝାରବନ୍ଧ, ସମୟ: ସକାଳ ୮ଟା।
- ଷୋହଳ ପ୍ରହରୀ ନାମଯଜ୍ଞ, ସ୍ଥାନ: ସାନଦାଦର, ଝାରବନ୍ଧ, ସମୟ: ମଧ୍ୟାହ୍ନ ୧୨ଟା

## ସୁବର୍ଣ୍ଣପୁର
- ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସଭାଗୃହ, ଡୁଙ୍ଗୁରିପାଲି, ସମୟ: ସକାଳ ୯ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ଜଟଗଡ ପଞ୍ଚାୟତ ସୋରିପଡ଼ା ଗାଁ, ସମୟ: ସକାଳ ୯ଟା ୧୫।
- ୨୦ତମ କ୍ୟାପିଂ ଆଣ୍ଡ କ୍ୟାଣ୍ଡେଲ ଲାଇଟିଂ ସେରିମନି, ସ୍ଥାନ: ନୂଆପଡା ସଦର ବ୍ଲକ ଦର୍ଲିମୁଣ୍ଡା ପଞ୍ଚାୟତ ସୁନସୁନିଆ ଶୁଶିଳା ଦେବୀ ସ୍କୁଲ ଆଣ୍ଡ ନର୍ସିଂ କଲେଜ, ସମୟ: ସନ୍ଧ୍ୟା ୬ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ବନ୍ଦାପାଟ ଗ୍ରାମର ଧନିଆପଡ଼ା, ସମୟ: ସକାଳ ୮ଟା ୩୦।

# ଭୁବନେଶ୍ୱର ଭଳି ଆଉ ୨ ସହରର ବିକାଶ ଜରୁରୀ: ଜୟନାରାୟଣ

**ଏଷ୍ଟିମେଟ୍ କମିଟି ବୈଠକ**

ଭୁବନେଶ୍ୱର,୨।୫ (ରବିନାରାୟଣ ଜେନା)

ରାଜଧାନୀ ଭୁବନେଶ୍ୱର ଭଳି ରାଜ୍ୟରେ ଆଉ ଦୁଇ ସହରର ବିକାଶ ହେବା ଜରୁରୀ ବୋଲି ଏଷ୍ଟିମେଟ୍ କମିଟି ଅଧ୍ୟକ୍ଷ ଜୟନାରାୟଣ ମିଶ୍ର କହିଛନ୍ତି। ଶୁକ୍ରବାର ବିଧାନସଭାରେ ଏଷ୍ଟିମେଟ୍ କମିଟି ବୈଠକ ଅବସରରେ ଜୟନାରାୟଣ କହିଛନ୍ତି, ନାଗାଲାଣ୍ଡ ଭଳି ରାଜ୍ୟ ଦୁଇ ଦୁଇଟି ସହରର ବିକାଶ କରିପାରୁଛି। କିନ୍ତୁ ଓଡ଼ିଶାରେ କେବଳ ଭୁବନେଶ୍ୱରର ହିଁ ବିକାଶ ସୀମିତ ହୋଇ ରହିଯାଇଛି। ଦୀର୍ଘ ୨୪ବର୍ଷ ଧରି ରାଜ୍ୟରେ ଗୋଟିଏ ସରକାର ରହିଲା, ହେଲେ ରାଜ୍ୟ ତଥା ରାଜଧାନୀର ଯେଉଁଳି ବିକାଶ ହେବା କଥା ତାହା ହୋଇପାରି ନାହିଁ। ସ୍ମାର୍ଟସିଟି ତାଲିକାର କାହିଁ କେତେ ତଳେ ଏବେ ଭୁବନେଶ୍ୱର ରହିଛି। ସେ କହିଥିଲେ, ରାଜଧାନୀ ଭୁବନେଶ୍ୱରରେ ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡ୍ରେନେଜ୍ ବ୍ୟବସ୍ଥା କେବଳ କାଗଜକଲମରେ ସୀମିତ ରହିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ନାଳନର୍ଦ୍ଦମାକୁ ଏଠାରେ ବହୁ ବଡ଼ବଡ଼ିଆ ମାଡ଼ି ବସିଛନ୍ତି। ସେମାନଙ୍କୁ କିଭଳି ଉଚ୍ଛେଦ କରାଯିବ ଏବଂ ଜଳ ନିଷ୍କାସନ ବ୍ୟବସ୍ଥା ଠିକଣା ଭାବେ ହୋଇପାରିବ ତା’ ଉପରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। ଜୟନାରାୟଣ କହିଥିଲେ, ରାଜ୍ୟର ସମସ୍ତ ସହରର ଆଲୋକୀକରଣ ବ୍ୟବସ୍ଥା ରାଜଧାନୀ ଉପରେ ନିର୍ଭର କରିବାକୁ ପଡୁଛି। ସବୁ ନିଷ୍ପତ୍ତି ଏଠାରେ କାହିଁକି ହେଉଛି। ଏହାଦ୍ୱାରା ସମସ୍ତ ସହରାଞ୍ଚଳର ବିକାଶ ହୋଇପାରୁନାହିଁ। ଯେଉଁ ସହରର ବିଦ୍ୟୁତୀକରଣ ବ୍ୟବସ୍ଥା କରାଯିବ, ସେହି ସହର ଉପରେ ତା’ର ନିଷ୍ପତ୍ତି ଛାଡ଼ି ଦେବାର ଆବଶ୍ୟକତା ରହିଛି। ସେ କହିଥିଲେ, ଭୁବନେଶ୍ୱର କଥା ଛାଡ଼। ରାଜଧାନୀ ଉପକଣ୍ଠରେ ଥିବା ଗ୍ରାମଗୁଡ଼ିକରେ ପାନୀୟଜଳ, ବିଦ୍ୟୁତ୍ ଅବସ୍ଥା ସାଂଘାତିକ। ଏସବୁ ଅନୁଧ୍ୟାନ କରି ରିପୋର୍ଟ ଦେବାପାଇଁ ବିଭାଗକୁ କୁହାଯାଇଛି। ବିଭାଗର ରିପୋର୍ଟ ଆଧାରରେ ସରକାରଙ୍କୁ ଖୁବ୍‌ଶୀଘ୍ର ସୁପାରିସ କରାଯିବ ବୋଲି ଜୟନାରାୟଣ କହିଛନ୍ତି। ବୈଠକରେ ବିଷମକଟକ ବିଧାୟକ ନୀଳମାଧବ ହିକ୍କାଙ୍କ ସହିତ ଅନ୍ୟାନ୍ୟ ସଦସ୍ୟ ଏବଂ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



ନୂଆଦିଲ୍ଲୀ ସ୍ଥିତ ଏକ ହୋଟେଲରେ ଆୟୋଜିତ ୧୫ତମ ଦାଦା ସାହେବ ଫାଲ୍‌କେ ଫିଲ୍ମ ଫେଷ୍ଟିଭାଲରେ ଗୁରୁବାର ଓଡ଼ିଆ ଡକ୍ୟୁମେଣ୍ଟାରି ଫିଲ୍ମ ‘ନନ୍ଦ ମାଷ୍ଟରଙ୍କ ଚାଟଶାଳୀ’କୁ ବେଷ୍ଟ ଡକ୍ୟୁମେଣ୍ଟାରି ଫିଲ୍ମ ଆୱାର୍ଡ ପ୍ରଦାନ କରାଯାଉଛି। ଫିଲ୍ମର ପ୍ରଯୋଜକ ଅଭୟ ପତି ଏବଂ ନିର୍ଦ୍ଦେଶକ ପ୍ରଣବ କୁମାର ଆଇଚ ଏହି ଆୱାର୍ଡ ଗ୍ରହଣ କରୁଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦୂର କଳିନ୍ଦ, ନିକଟ ବାଲି।**

ବହୁ ଦୂରରେ ଥିବା ଉର୍ବର ଭୂମିଠାରୁ ନିକଟରେ ଥିବା ନିରସ ଜମି ଭଲ ବୋଲି ବିଚାର କରାଯାଇଥାଏ। କାରଣ ଜମି ପାଖରେ ଥିଲେ ଚାଷବାସ କରିବା ସହ ଜମି ଜଗରଖା କରିବା ସହଜ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେବତା ନା’ ଦେ’ ତେବେ ଯାଇ “ବତା”।**

ସେବକ ବା ପୂଜାରୀମାନେ ଦେବତାଙ୍କ ପୂଜାର୍ଚ୍ଚନା କରିଥାନ୍ତି। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ଦେବତାଙ୍କ ତଥାକଥିତ ସେବକମାନେ ଧନ ବା ଦକ୍ଷିଣା ମାଗୁଥିବାର ଲକ୍ଷ୍ୟ କରାଯାଇଥିବା ବେଳେ ଦେବତା ଶବ୍ଦରୁ ଏପରି ବ୍ୟଙ୍ଗ ବିଶ୍ଳେଷଣ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ମଧ୍ୟମା ପାସ୍‌ହାର ୮୫.୭୯%

ଚଳିତ ଥର ମଧ୍ୟମା ପରୀକ୍ଷାର୍ଥୀଙ୍କ ପାସ୍ ହାର ୮୫.୭୯% ହୋଇଛି। ଏ୧ ଗ୍ରେଡ୍‌ରେ ଶୂନ, ଏ୨ ଗ୍ରେଡ୍‌ରେ ୩୪୪, ବି୧ ଗ୍ରେଡ୍‌ରେ ୮୬୯, ବି୨ ଗ୍ରେଡ୍‌ରେ ୧୧୧୮, ସି ଗ୍ରେଡ୍‌ରେ ୫୨୭, ଡି ଗ୍ରେଡ୍‌ରେ ୧୦ ଓ ଇ ଗ୍ରେଡ୍‌ରେ ଶୂନ ଜଣ ପାସ୍ କରିଛନ୍ତି। ଏଥର ୩,୩୪୩ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ୨,୯୧୭ଜଣ ମଧ୍ୟମା ପରୀକ୍ଷା ଦେଇଥିବା ବେଳେ ୪୨୬ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୨,୮୬୮ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୪୯ଜଣ ଅକୃତକାର୍ଯ୍ୟ ହୋଇଛନ୍ତି।

## ରାଜ୍ୟ ମୁକ୍ତ ବିଦ୍ୟାଳୟ ପାସ୍‌ହାର ୭୪.୭୮%

ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ପାସ୍ ହାର ୭୪.୭୮% ହୋଇଛି। ଏ୧ ଓ ଏ୨ ଗ୍ରେଡ୍‌ରେ ଶୂନ, ବି୧ ଗ୍ରେଡ୍‌ରେ ୭, ବି୨ ଗ୍ରେଡ୍‌ରେ ୧୧୯, ସି ଗ୍ରେଡ୍‌ରେ ୫୩୫, ଡି ଗ୍ରେଡ୍‌ରେ ୯୮୨ ଓ ଇ ଗ୍ରେଡ୍‌ରେ ୨୫୩୮ ଜଣ ପାସ୍ କରିଛନ୍ତି। ଏଥର ୫,୬୦୬ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ୫,୫୯୧ ଜଣ ପରୀକ୍ଷା ଦେଇଥିବା ବେଳେ ୪୧୮୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ୪୨୧ ଜଣ ପରୀକ୍ଷାରେ ଅନୁପସ୍ଥିତ ଓ ୧୧ ଜଣ ମାଲପ୍ରାକ୍ଟିସ ହୋଇଛନ୍ତି।

## ୭୨ ଘଣ୍ଟାରେ ମିଳିବ ଅନ୍‌ଲାଇନ୍ ସାର୍ଟିଫିକେଟ

କୃତକାର୍ଯ୍ୟ ପରୀକ୍ଷାର୍ଥୀମାନେ www.bseodisha.ac.inରେ ପ୍ରଦତ୍ତ ଲିଙ୍କ୍‌ରୁ ସାର୍ଟିଫିକେଟ୍ ଡାଉନଲୋଡ୍ କରିବାର ବ୍ୟବସ୍ଥା ହୋଇଛି। ଆସନ୍ତା ୭୨ ଘଣ୍ଟା ମଧ୍ୟରେ ଉପଲବ୍ଧ ହେବ ଏହି ଅନ୍‌ଲାଇନ୍ ସାର୍ଟିଫିକେଟ। ଏଥିସହ ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍‌ରେ ବୋର୍ଡର ମୋବାଇଲ୍ ନଂ ୭୭୧୦୦୫୮୧୯୨କୁ save କରିବା ପରେ ହ୍ୱାଟ୍ସଆପ୍‌ରେ BSE କିମ୍ବା HI ଲେଖି ମେସେଜ୍ କରିବେ। ଏହାପରେ ସେଥିରେ ଆସୁଥିବା ନିର୍ଦ୍ଦେଶକୁ ଅନୁସରଣ କରିବା ପରେ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରିବାର ବ୍ୟବସ୍ଥା ହୋଇଛି।

## ବୋର୍ଡ ମୁଖ୍ୟାଳୟରେ ଖୋଲିଲା କଣ୍ଟ୍ରୋଲ ରୁମ୍

ପରୀକ୍ଷା ଫଳ ସଂକ୍ରାନ୍ତୀୟ ଯେକୌଣସି ସୂଚନା ପାଇଁ ବୋର୍ଡ ମୁଖ୍ୟାଳୟରେ ଶୁକ୍ରବାର ଠାରୁ ଏକ କଣ୍ଟ୍ରୋଲ ରୁମ କାର୍ଯ୍ୟାରମ୍ଭ କରିଛି। ଆସନ୍ତା ମେ ୯ ଯାଏ ପ୍ରତ୍ୟହ ସକାଳ ୧୦.୩୦ରୁ ଅପରାହ୍ନ ୫ଟା ଯାଏ କଣ୍ଟ୍ରୋଲ ରୁମ କାର୍ଯ୍ୟ କରିବ। ଏଥିପାଇଁ ଟେଲିଫୋନ୍ ନମ୍ବର ୦୬୭୧–୨୪୧୨୦୫୯, ୨୪୧୨୦୬୦ ଏବଂ ୮୭୬୩୦୮୮୯୦ ଜାରି କରାଯାଇଛି।

## ସପ୍ଲିମେଣ୍ଟାରୀ ପରୀକ୍ଷା ଫର୍ମ ପୂରଣ ମେ ୧୪ରୁ

ବୋର୍ଡ ପକ୍ଷରୁ ସପ୍ଲିମେଣ୍ଟାରୀ ପରୀକ୍ଷା ନିମନ୍ତେ ଫର୍ମ ପୂରଣ ତାରିଖ ଘୋଷଣା କରାଯାଇଛି। ଅକୃତକାର୍ଯ୍ୟ ହୋଇଥିବା ଅଥବା ପରୀକ୍ଷାରେ ଅନୁପସ୍ଥିତ ଥିବା ମାଟ୍ରିକ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ମେ ୧୪ ତାରିଖରୁ ମେ ୨୬ ତାରିଖ ମଧ୍ୟରେ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଫର୍ମ ପୂରଣ କରିବେ।

## ମାର୍କ ଆଡିଶନ୍ ଚେକିଂ ଆବେଦନ ୫ରୁ

ମୂଲ୍ୟାୟନରେ ତ୍ରୁଟି ଥିଲେ ଅଥବା ଅସନ୍ତୁଷ୍ଟ ପରୀକ୍ଷାର୍ଥୀମାନେ ମାର୍କ ଆଡିଶନ୍ ଚେକିଂ ପାଇଁ ମେ ୫ରୁ ୧୬ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ମାଟ୍ରିକ ପରୀକ୍ଷାର୍ଥୀମାନେ ବୋର୍ଡ ୱେବସାଇଟ୍‌ରେ ଅନ୍‌ଲାଇନ୍ ଜରିଆରେ ଏବଂ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀମାନେ ଅଫଲାଇନ୍ ମାଧ୍ୟମରେ ବୋର୍ଡର ବିଭିନ୍ନ ଜୋନ୍ ଅଫିସରେ ଆବେଦନ ଦାଖଲ କରିବେ।

# ପାରାଦୀପରେ ହେବ ବିମାନବନ୍ଦର

- ୧୫ ଜିଲାରେ ନିର୍ମାଣ ହେବ ହେଲିପୋର୍ଟ: ମୁଖ୍ୟମନ୍ତ୍ରୀ
- ଢେଙ୍କାନାଳ ବିପିଏସି ବିକାଶ ସମ୍ବନ୍ଧରେ ହେଲା ଆଲୋଚନା

ଭୁବନେଶ୍ୱର, ୨।୫(ସୁନିତ୍ ମିଶ୍ର)

ରାଜ୍ୟରେ ବିମାନ ଚଳାଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନରେ ‘ବିମାନ ଚଳାଚଳ ଏବଂ ନେଟ୍‌ୱର୍କ ନିର୍ମାଣ ପରିଚାଳନା’ ସମ୍ବନ୍ଧରେ ଆଲୋଚନା କରିଛନ୍ତି। ବୈଠକରେ ପାରାଦୀପରେ ଏକ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ପାଇଁ ଯୋଜନା ସମେତ ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର (ଏସ୍‌ଜେଆଇଏ) ବିକାଶ ଏବଂ ରାଉରକେଲା ବିମାନବନ୍ଦରର ଉନ୍ନୀତକରଣ ଉପରେ ଆଲୋଚନା ହୋଇଥିବା ବେଳେ ଆଞ୍ଚଳିକ ସଂଯୋଗୀକରଣ ବୃଦ୍ଧିକରିବା ପାଇଁ, ଜୟପୁର, ଦାଣ୍ଡବୋଷ, ରଙ୍ଗେଇଲୁଣ୍ଡା, ଗୋତମା, ସତୀଭଟା, ରାଇସୁଆଁ, ତୁଷରା, ଜମାଦାରପାଲୀ, ମାଲକାନଗିରି, ଅମର୍ଦ୍ଦାରୋଡ୍ ଏବଂ ଉତ୍କେଲା ସମେତ ରାଜ୍ୟର ପ୍ରମୁଖ ବିମାନବନ୍ଦରଗୁଡ଼ିକର ଉନ୍ନତୀକରଣ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହାସହ ରାଜ୍ୟର ୧୫ ଜିଲାରେ ହେଲିପୋର୍ଟ ନିର୍ମାଣ ଏବଂ ଢେଙ୍କାନାଳର ବିରାଶାଳସ୍ଥିତ ଏୟାରଷ୍ଟ୍ରିପ୍‌ରେ ବିଜୁ ପଟ୍ଟନାୟକ ବିମାନ ଚଳାଚଳ କେନ୍ଦ୍ର (ବିପିଏସି)ର ବିକାଶ ସମ୍ବନ୍ଧରେ ବୈଠକରେ ଆଲୋଚନା ହୋଇଛି। ନୋଡାଲ ଏଜେନ୍ସି ଭାବେ ଏହି ବିକାଶ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିମାନବନ୍ଦର, ହେଲିପ୍ୟାଡ୍ ଏବଂ ଡ୍ରୋନ୍ ହବ୍ ସମେତ ରାଜ୍ୟରେ ବିଶ୍ୱସ୍ତରୀୟ ବିମାନ ଚଳାଚଳ ଭିତ୍ତିଭୂମି ପ୍ରତିଷ୍ଠା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥିସହ ରାଜ୍ୟରେ ବର୍ତ୍ତମାନ ଚାଲୁଥିବା ବିମାନବନ୍ଦରଗୁଡିକର କାର୍ଯ୍ୟଦକ୍ଷତାକୁ ଆହୁରି ବିକାଶ ଏବଂ ଏହାର ଆଧୁନିକୀକରଣ କରିବା ବିଷୟରେ ସେ ଗୁରୁତ୍ୱାରୋପ କରିଛନ୍ତି। ରାଷ୍ଟ୍ରାୟତ୍ତ ବିମାନବନ୍ଦରଗୁଡ଼ିକର ଉନ୍ନତୀକରଣ, ବିମାନ ସଂଯୋଗ ବୃଦ୍ଧି, ବିମାନ ଚଳାଚଳ ୟୁନିଟ୍ ଦକ୍ଷତା ବୃଦ୍ଧି ସହ ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବୃଦ୍ଧି ପାଉଥିବା ବିମାନ ଚଳାଚଳ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଆଧୁନିକ ଭିତ୍ତିଭୂମି ଏବଂ ଉନ୍ନତ ମାନବ ସମ୍ବଳର ପ୍ରସ୍ତାବ ସହ ବିମାନ ଚଳାଚଳ ନିର୍ଦ୍ଦେଶାଳୟର ପୁନର୍ଗଠନ ବିଷୟରେ ଏହି ବୈଠକରେ ଆଲୋଚନା ହୋଇଛି। ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସମେତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ଇପିକଲ୍‌ର ଏମ୍‌ଡି ଭୂପିନ୍ଦର ସିଂ ପୁନିଆ, ଡାଇରେକ୍ଟର, ସିଭିଲ ଆଭିଏସନ୍ ଦେବଦତ୍ତ ସୁରଞ୍ଜିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଭାଗ୍ୟସ୍ଥାନକୁ ଚନ୍ଦ୍ର ଅବଲୋକନ କରୁଥିବାରୁ କୌଣସି ନୂତନ କର୍ମାରମ୍ଭ ସକାଶେ ପରିବାର ସହ ଆଲୋଚନା କରିପାରନ୍ତି। ସରକାରୀ ସ୍ତରରୁ ଉପକୃତ ହେବା ସହ ରାଜନୀତି ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ନୂଆ ବ୍ୟବସାୟ ଯୋଡିବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ବୃଷ** ରବି ଉଚ୍ଚରାଶିରେ ଥିବାରୁ ସହକର୍ମୀ ସହାନୁଭୂତି ସହ କାମ ହାସଲରେ ସାହାଯ୍ୟ କରିବେ। ବନ୍ଧୁଙ୍କ ସହ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବେ। ଆଗାମୀ ଆନୁଷ୍ଠାନିକ କିମ୍ବା ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢିପାରେ। ଆଇନ ସହାୟତା ଲାଭପୂର୍ବକ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ** ଧନାଧିପ ରାଶିରେ ଅବସ୍ଥାନ କରିଥିବାରୁ ବନ୍ଧୁଙ୍କ ସହ ଅର୍ଥ ସମ୍ବନ୍ଧିତ ଆଲୋଚନାରେ ଭାଗ ନେବେ। ଖୋଜୁଥିବା ଜିନିଷ, ଦରକାରୀ କାଗଜପତ୍ର କିମ୍ବା ସରକାରୀ ସୁବିଧା ଆଜି ପାଇଯିବେ। ଶୁକ୍ରଜନିତ ସାହିତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ ପ୍ରୀତିପ୍ରଦ ହେବ। ପରିବାରରେ ପାରସ୍ପରିକ ସହମତିରେ କାମ କଲେ ଉପକୃତ ହେବେ।

**କର୍କଟ** କେନ୍ଦ୍ର କୋଣାଧିପ ମଙ୍ଗଳଙ୍କ ଦୁର୍ବଳତାଜନିତ କର୍ମକ୍ଷେତ୍ରରେ ଅସଫଳତା ଏବଂ ସନ୍ତାନଙ୍କ ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ଅବଶ୍ୟ ଉଚ୍ଚସ୍ଥ ଶୁକ୍ରଙ୍କ ପ୍ରଭାବରେ ସାହିତ୍ୟ, ସାମ୍ବାଦିକତା, କ୍ରୀଡା,କଳା,ସଙ୍ଗୀତ ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଦାୟିତ୍ୱ ନିର୍ବାହକରି ଆଶ୍ୱସ୍ତି ଲଭିବେ।

**ସିଂହ** ଭୂସୁତ ବ୍ୟୟଭାବରେ ରହିଥିବାରୁ ଜାଗାବାଡ଼ି କ୍ରୟବିକ୍ରୟ ସକାଶେ ମନସ୍ଥ କରିପାରନ୍ତି। ନିଜର ଉଚ୍ଚପଦସ୍ଥ ସମ୍ପର୍କୀୟଙ୍କ ସହଯୋଗରୁ ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିବେ। ଆପଣଙ୍କ ସହ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ କଥାରେ ପ୍ରଭାବିତ ହୋଇ ଭୁଲ୍ କାମ କରିପାରନ୍ତି । ପାରିବାରିକ ସ୍ତରରେ ଅସୁବିଧା ସୃଷ୍ଟି ଲକ୍ଷ୍ୟ କରିପାରନ୍ତି।

**କନ୍ୟା** ଲାଭାଧିପ କର୍ମସ୍ଥାନରେ ରହିଥିବାରୁ ଯାହା ପାଇବା ସକାଶେ ଆଶା ବାନ୍ଧିଛନ୍ତି ତାହା ପୂରଣ ହେବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ଦିଗରେ ପଡ଼ୋଶୀଙ୍କ ଅବଦାନ ଅବିସ୍ମରଣୀୟ ରହିପାରେ। ସମ୍ପର୍କୀୟଙ୍କ ସନ୍ଦେହଜନକ କାର୍ଯ୍ୟକଳାପ ହେତୁ ଅନ୍ୟଙ୍କୁ ସହଜରେ ବିଶ୍ୱାସ କରି ପାରିବେ ନାହିଁ। ପାରିବାରିକ ସଦ୍ଭାବ ଅକ୍ଷୁଣ୍ଣ ରହିବ।

**ତୁଳା** ଶନିଙ୍କ ଦୁଃସ୍ଥାନାବସ୍ଥାନ ହେତୁ ପାରିବାରିକ କ୍ଷେତ୍ରରେ ମତାନ୍ତରର ଆଶଙ୍କା ଦେଖାଦେଇପାରେ। ରବିଙ୍କ ପ୍ରଭାବରେ ସରକାରୀ ସ୍ତରରେ ଅଟକି ରହିଥିବା କାମ ଓ ପ୍ରତୀକ୍ଷିତ କୌଣସି ଖବର ପାଇ ଖୁସି ହୋଇପାରନ୍ତି। ସାମାଜିକ କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ କାର୍ଯ୍ୟସାଧନ କରିବେ।

**ବିଛା** ଅଷ୍ଟମସ୍ଥ ଚନ୍ଦ୍ର ସାଙ୍ଗକୁ ନୀଚସ୍ଥ ମଙ୍ଗଳଜନିତ ଦୁର୍ଭାବନା ମନକୁ ଭାରାକ୍ରାନ୍ତ କରିବ। ବନ୍ଧୁଙ୍କ ସହାୟତାରେ, ବୟସ୍କଙ୍କ ପରାମର୍ଶରେ, ଆଲୋଚନା ମାଧ୍ୟମରେ କାମକଲେ ଉପକୃତ ହୋଇପାରିବେ। ଆର୍ଥିକ ସ୍ଥିତି, ବନ୍ଧୁସମ୍ପର୍କ, ସ୍ଥଗିତକାମ ଏବଂ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବ।

**ଧନୁ** ଅଷ୍ଟମାଧିପତି ସପ୍ତମସ୍ଥ ଯୋଗୁ ସାଧାରଣକଥାକୁ କେନ୍ଦ୍ରକରି ସ୍ୱାମୀ/ସ୍ତ୍ରୀଙ୍କ ମଧ୍ୟରେ ବିତର୍କ ସୃଷ୍ଟିହେବ। ଅଫିସିଆଲି କାମରେ ଟେନ୍‌ସନ ବୃଦ୍ଧି ପାଇପାରେ। ମନ ଭିତରେ ଭୟ ଓ ଆଶଙ୍କା ଭରି ରହିଥିଲେ ମଧ୍ୟ ଜିଦ୍‌ରେ ଅଟଳ ରହିପାରନ୍ତି। ତଥାପି ପ୍ରତ୍ୟେକ କ୍ଷେତ୍ରରେ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି।

**ମକର** ଏକାଧିକ ଗ୍ରହ ଭାଗ୍ୟସ୍ଥାନକୁ ଦେଖୁଥିବାରୁ ପରିସ୍ଥିତି ଭଲ ଦିଗକୁ ଗତି କରିବ। ନୂତନ ଗୃହ, ଯାନବାହନ, ମୂଲ୍ୟବାନ ଦ୍ରବ୍ୟ, ନିର୍ମାଣ ଓ କିଣାବିକା କ୍ଷେତରେ ଆଶା ପୂରଣ ହେବ। ଯାତ୍ରା ସମୟରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ ନଚେତ୍ ପଶ୍ଚାତ୍ତେ ମନସ୍ତାପ କରିବାକୁ ପଡିବ । ବନ୍ଧୁ କରୁଥିବା କାର୍ଯ୍ୟର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପାରନ୍ତି।


**କୁମ୍ଭ** ଅନୁକୂଳ ଗ୍ରହସ୍ଥିତିରୁ ଆପଣଙ୍କ ଦୃଢ଼ ମନୋବଳ ଓ ଧୈର୍ଯ୍ୟ ପ୍ରତ୍ୟେକ କାମ ପାଇଁ ସଫଳତାର ପୃଷ୍ଠଭୂମି ପାଲଟିଯିବ। ସଭା ସମିତିରେ କିମ୍ବା ପରିବାର ଓ ବନ୍ଧୁ ଗହଣରେ ଗାମ୍ଭୀର୍ଯ୍ୟ ରକ୍ଷା କରି ମନ୍ତବ୍ୟ ଦେଇପାରନ୍ତି। ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇବେ। ଶିଳ୍ପ,ବାଣିଜ୍ୟ, ପ୍ରଶାସନ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମୀନ** ରାଶିରେ ଚତୁଃଗ୍ରହ ରହିଥିବାରୁ ଦୈହିକ ଓ ମାନସିକ ଅସୁସ୍ଥତା ନିରୁତ୍ସାହିତ କରିବ। ବାଣିଜ୍ୟରେ କ୍ଷତିର ସାମ୍ନା କରି ଆର୍ଥିକ ସମସ୍ୟାରୁ ଲୋନ୍ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଶିକ୍ଷା, ସନ୍ତାନ, ସଭାସମିତି,ସାହିତ୍ୟରେ ସମସ୍ୟାର ସମାଧାନ ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବେ।

ଆଜି ମେ ୩ ତାରିଖ, ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ, ବୈଶାଖ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ ଶନିବାର, ରାଶିନକ୍ଷତ୍ର–ଦିବା ଘ. ୧୨.୩୫ ପର୍ଯ୍ୟନ୍ତ ପୁନର୍ବସୁ/ କର୍କଟ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୦.୦୭ ଗତେ ଘ.୦୧.୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮.୩୨ ଗତେ ଘ.୧୦.୦୭ ମଧ୍ୟେ ରାହୁକାଳ।

# ଗଣମାଧ୍ୟମ ସ୍ୱାଧୀନତା ସଙ୍କୁଚିତ ନ ହେଉ

ସାରା ବିଶ୍ୱରେ ପ୍ରତିବର୍ଷ ମେ' ୩ ତାରିଖରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ ହୋଇଥାଏ। ପ୍ରେସ୍ ସ୍ୱାଧୀନତାର ଗୁରୁତ୍ୱ ପ୍ରତି ଜନସଚେତନତା ସୃଷ୍ଟି ତଥା ସାମ୍ବାଦିକମାନଙ୍କୁ ସେମାନଙ୍କ ସାହସିକ ଉଦ୍ୟମ ନିମନ୍ତେ ସମ୍ମାନ ଜଣାଇବା ଏହି ଦିବସର ପ୍ରମୁଖ ଉଦ୍ଦେଶ୍ୟ। ଗଣମାଧ୍ୟମ ବିନା ଗଣତନ୍ତ୍ର ଅସୁରକ୍ଷିତ। ଏକ ସଫଳ ଗଣତନ୍ତ୍ର ପାଇଁ ଏକ ସ୍ୱାଧୀନ ଗଣମାଧ୍ୟମ ନିତାନ୍ତ ଅପରିହାର୍ଯ୍ୟ। ମିଳିତ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ୍ଙ୍କ ଅନୁସାରେ, ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଏକ ମୂଳ ସତ୍ୟ ଉପରେ ଗୁରୁତ୍ୱାରୋପ କରେ; ତାହା ହେଲା 'ଲୋକଙ୍କର ସ୍ୱାଧୀନତା ପ୍ରେସ୍ ସ୍ୱାଧୀନତା ଉପରେ ନିର୍ଭରଶୀଳ'। ଏକ ସ୍ୱାଧୀନ ଗଣମାଧ୍ୟମ ନ୍ୟାୟ, ସମାନତା, ଉତ୍ତରଦାୟିତ୍ୱ ଓ ମାନବିକ ଅଧିକାରର ପ୍ରମୁଖ ଆଧାର ଭାବେ କାର୍ଯ୍ୟକରେ। ପୂର୍ବତନ ଆମେରିକୀୟ ରାଷ୍ଟ୍ରପତି ଥୋମାସ ଜେଫରସନ୍ ଏକଦା କହିଥିଲେ, ଯେଉଁଠି ପ୍ରେସ୍ ସ୍ୱାଧୀନ ସେଇଠି ସମସ୍ତେ ସୁରକ୍ଷିତ। ସ୍ୱାଧୀନ ଗଣମାଧ୍ୟମ ବିନା ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା କଷ୍ଟକର। ଏହି ଦିବସର ଇତିହାସ ଦେଖିବାକୁ ଗଲେ ୧୯୯୧ରେ ଆଫ୍ରିକୀୟ ସାମ୍ବାଦିକମାନଙ୍କର ପ୍ରେସ୍ ସ୍ୱାଧୀନତା ସପକ୍ଷରେ ସ୍ୱରଉତ୍ତୋଳନର ଘଟଣା ସାମ୍ନାକୁ ଆସେ। ଯାହା ପରବର୍ତ୍ତୀ ସମୟରେ 'ଡିକ୍ଲାରେଶନ ଅଫ୍ ଉଇଣ୍ଡହୋକ'ର ରୂପ ନେଇଥିଲା। ୧୯୯୩ ମସିହାରେ ସଂଯୁକ୍ତରାଷ୍ଟ୍ର ମହାସଭା ପ୍ରଥମ ଥର ପାଇଁ ପ୍ରେସ୍ ସ୍ୱାଧୀନତା ଦିବସ ପାଳନର ନିଷ୍ପତ୍ତି ନେଇଥିଲା। ମେ' ୩ ତାରିଖରେ ଉଇଣ୍ଡହୋକ ଡିକ୍ଲାରେଶନ ଗୃହୀତ ହୋଇଥିବା କାରଣରୁ ଏହି ଦିବସ ପାଇଁ ମେ' ୩ ତାରିଖକୁ ବଛା ଯାଇଥିଲା। ଏ ବର୍ଷ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଲାଗି ବିଷୟବସ୍ତୁ ରହିଛି: 'ରିପୋର୍ଟିଂ ଇନ୍ ଦ ବ୍ରେଭ ନ୍ୟୁ ୱାର୍ଲ୍ଡ ଦି ଇମ୍ପାକ୍ଟ ଅଫ୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଅନ୍ ପ୍ରେସ୍ ଫ୍ରିଡମ୍ ଆଣ୍ଡ ଦ ମିଡିଆ'। କୃତ୍ରିମ ବୁଦ୍ଧିମତ୍ତା ବର୍ତ୍ତମାନ ସମୟରେ ପ୍ରଭାବ ବିସ୍ତାର କରି ଚାଲିଛି। ଏହାର ବହୁଳ ପ୍ରୟୋଗ ସୂଚନା ସଂଗ୍ରହ, ବିନିମୟ ଓ ଉପଯୋଗ ଆଦି ଦିଗଗୁଡ଼ିକରେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିଛି। ତେବେ ଏହା ସାମ୍ପ୍ରତିକ ଗଣମାଧ୍ୟମ ସମ୍ମୁଖରେ ଉଭୟ ଆହ୍ୱାନ ଓ ସମ୍ଭାବନା ସୃଷ୍ଟି କରିଛି। ବର୍ତ୍ତମାନ ଆମେ ନ୍ୟୁଜ୍‌ରୁମ ଅଟୋମେଶନ, ଆଲ୍‌ଗୋରିଦମ୍, କଣ୍ଟେଣ୍ଟ ଭିଜିବିଲିଟି, ଡେଟା ଆନାଲିସିସ୍, ଫ୍ୟାକ୍ଟ ଚେକିଂ, ସର୍ଭେଲାନ୍ସ, ଡିସ୍‌ଇନ୍‌ଫର୍ମେଶନ ଆଦି କିଛି ଶବ୍ଦ ସହ ଭଲ ଭାବେ ପରିଚିତ ଅଛୁ। ଏସବୁ ଦିଗରେ କୃତ୍ରିମ ବୁଦ୍ଧିମତ୍ତାର ବହୁଳ ଉପଯୋଗ ହେବାରେ ଲାଗିଛି। ତେବେ ଏହାର ପ୍ରୟୋଗ ପ୍ରେସ୍ ସ୍ୱାଧୀନତାକୁ ସଙ୍କୁଚିତ ନ କରିବା ଆବଶ୍ୟକ। ମନର ପ୍ରକୃତି ମାଧ୍ୟମର ପ୍ରକୃତିକୁ ପ୍ରଭାବିତ କରେ। ଏକ ସକାରାତ୍ମକ ଆଭିମୁଖ୍ୟ ପ୍ରେସ୍ ସ୍ୱାଧୀନତାର ପ୍ରକୃତ ଉଦ୍ଦେଶ୍ୟକୁ ବହନ କରେ। ଯଦି ଆଭିମୁଖ୍ୟ ନକାରାତ୍ମକ, ତେବେ ସ୍ୱାଧୀନତାର ପ୍ରକୃତ ଉଦ୍ଦେଶ୍ୟ ମୂଲ୍ୟହୀନ ପାଲଟେ। କୃତ୍ରିମ ବୁଦ୍ଧିମତ୍ତାକୁ ବୃହତ୍ତର ସାମାଜିକ ସ୍ୱାର୍ଥ ହାସଲ ଦିଗରେ ପ୍ରୟୋଗ କରାଯିବା ଜରୁରୀ। ପ୍ରେସ୍ ସ୍ୱାଧୀନତା ଦିବସ ମଧ୍ୟ ସାମ୍ବାଦିକମାନଙ୍କର ସୁରକ୍ଷା ଓ ସମ୍ମାନର କଥା କହେ। ଯେଉଁଠି ସାମ୍ବାଦିକ ସୁରକ୍ଷିତ ନୁହନ୍ତି, ସେଇଠି ଗଣମାଧ୍ୟମର ସ୍ୱାଧୀନତା ପ୍ରଭାବିତ ହୋଇଥାଏ ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ଜାଣିରଖିବା ଦରକାର ଯେ ଏକ ସୁସ୍ଥ ସମାଜର ପରିକଳ୍ପନା ଏକ ସ୍ୱାଧୀନ, ସଚେତନ ଓ ସମ୍ବେଦନଶୀଳ ଗଣମାଧ୍ୟମ ବିନା ଅସମ୍ଭବ।


ଡ. ଦେବୀଲାଲ ମିଶ୍ର
ଅଧ୍ୟାପକ, ରେଭେନ୍ସା ବିଶ୍ୱବିଦ୍ୟାଳୟ



# ଗଣତନ୍ତ୍ରକୁ ମଜଭୁତ କରିଥାଏ

**ଗଣତାନ୍ତ୍ରିକ ମୂଲ୍ୟବୋଧକୁ ମଜଭୁତ୍ କରିଥାଏ ଗଣମାଧ୍ୟମ। ତେଣୁ ଗଣମାଧ୍ୟମର ସ୍ୱାଧୀନତା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୩କୁ 'ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ' ପାଳନ କରାଯାଉଛି। ଏହି ଦିବସ କେବଳ ଏକ ସ୍ମରଣୀୟ ଦିନ ନୁହେଁ, ବରଂ ଏହା ଏକ ଆହ୍ୱାନ ଏଭଳି ଦୁନିଆର ପରିକଳ୍ପନା ପାଇଁ, ଯେଉଁଠାରେ ସାମ୍ବାଦିକ ବିନା ଭୟ ଏବଂ ସଙ୍କୋଚରେ ସତ୍ୟକୁ ସାମ୍ନାକୁ ଆଣି ପାରିବ। ପ୍ରେସ ସ୍ୱାଧୀନତା ସମ୍ପର୍କିତ ପ୍ରସଙ୍ଗକୁ ନେଇ ଏମାନେ ଯାହା କୁହନ୍ତି ...**

### ସତ୍ୟ ଖବର ପରିବେଷଣର ସ୍ୱାଧୀନତା ମିଳୁ



ବର୍ତ୍ତମାନ ସମୟରେ ସ୍ୱାଧୀନତା ଶବ୍ଦର ପରିଭାଷା ବଦଳି ଯାଇଛି। କିଛି କ୍ଷେତ୍ରରେ ଆମେ ମତାମତକୁ ବଦଳାଇ ପାରିବା, ମାତ୍ର ସତ୍ୟକୁ କେବେବି ବଦଳାଇ ପାରିବା ନାହିଁ। କେତେକ ସମୟରେ ପରିବେଷଣ ହେଉଥିବା ଖବରରେ ସତ୍ୟାସତ୍ୟ ରହୁନାହିଁ। ଫଳରେ ଗଣମାଧ୍ୟମ ତାହାର ମୂଲ୍ୟବୋଧ ହରାଉଛି। ତେଣୁ ଏ ସବୁଦିଗକୁ ଧ୍ୟାନ ଦେଇ ସାମ୍ବାଦିକମାନଙ୍କୁ ସତ୍ୟ ଖବର ପରିବେଷଣର ସ୍ୱାଧୀନତା ଦିଆଯିବା ଦରକାର।

– **ଡ. ନଳିନୀ ପାତ୍ର,** ଏଚ୍‌ଓଡି, ଜର୍ନାଲିଜମ୍ ଆଣ୍ଡ ମାସ୍ କମ୍ୟୁନିକେଶନ୍, ବିଜେବି ମହାବିଦ୍ୟାଳୟ

### ଦାୟିତ୍ୱପୂର୍ଣ୍ଣ, ନୈତିକତା ରହିବା ଆବଶ୍ୟକ



ତୃଣମୂଳସ୍ତରରେ କାମ କରୁଥିବା ରିପୋର୍ଟର ବା ସାମ୍ବାଦିକଙ୍କ ଠାରୁ ଆରମ୍ଭ କରି ମାଲିକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ଦାୟିତ୍ୱପୂର୍ଣ୍ଣ, ନୈତିକତା ଆଦି ଗୁଣ ରହିବା ଜରୁରୀ। ଲୋକଙ୍କ ବାସ୍ତବ ସମସ୍ୟାକୁ ସର୍ବ ସମ୍ମୁଖକୁ ଆସିବା ଦରକାର। ଏଥିସହ ବିନା ଭୟରେ ସତ୍ୟ ଖବର ପରିବେଷଣ କରିବା ଆବଶ୍ୟକ। ତେବେ ହିଁ ପ୍ରେସ୍ ସ୍ୱାଧୀନତା ଦିବସର ପ୍ରକୃତ ମୂଲ୍ୟ ମିଳି ପାରିବ।

– **ଡ. ସନ୍ତୋଷ କୁମାର ବିଶ୍ୱାଳ,** ଆସୋସିଏଟ୍ ପ୍ରଫେସର, ଜର୍ନାଲିଜମ୍ ଆଣ୍ଡ ମାସ୍ କମ୍ୟୁନିକେଶନ୍

### ଏମାନଙ୍କୁ ପ୍ରେରଣା ଦରକାର



ବର୍ତ୍ତମାନ ଓଡ଼ିଶାରେ ସାମ୍ବାଦିକମାନେ ଅନେକ ଚାପ ଓ ବିପଦରେ କାମ କରୁଛନ୍ତି, ରାଜନୈତିକ ହସ୍ତକ୍ଷେପ, ଆର୍ଥିକ ଅସୁରକ୍ଷା ଓ ସାମାଜିକ ଆକ୍ରମଣ ସେମାନଙ୍କ ସ୍ୱାଧୀନତାକୁ ହରଣ କରୁଛି। ଏହି ଦିବସରେ ଆମେ ସାମ୍ବାଦିକମାନଙ୍କୁ ନିର୍ଭୀକ ହେବାକୁ, ସତ୍ୟର ସୁରକ୍ଷା କରିବାକୁ ଓ ଗଣତନ୍ତ୍ରର ପ୍ରହରୀ ହେବାକୁ ପ୍ରେରଣା ଦେବା ଜରୁରୀ। ଓଡ଼ିଶାରେ ଗଣମାଧ୍ୟମର ମର୍ଯ୍ୟାଦା ଫେରାଇ ଆଣିବାକୁ ସରକାର, ସମାଜ ଓ ସାମ୍ବାଦିକମାନେ ଏକାଠି ହୋଇ ସ୍ୱଚ୍ଛ, ନୈତିକ ଓ ମୁକ୍ତ ସାମ୍ବାଦିକତାର ସ୍ୱପ୍ନ ସାକାର କରିବା ଆବଶ୍ୟକ।

– **ସୁରଜ କୁମାର ବେହେରା,** ଜର୍ନାଲିଜମ୍ ଛାତ୍ର

### ଗଣମାଧ୍ୟମର ସୁରକ୍ଷା ଜରୁରୀ



ବିଶ୍ୱରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ଗଣମାଧ୍ୟମର ଭୂମିକା ଅତୁଳନୀୟ। କିନ୍ତୁ ପରିବର୍ତ୍ତନର ସୁଅରେ ଆଜି କେଉଁଠି ନା କେଉଁଠି ଗଣମାଧ୍ୟମ ବାଟବଣା ହେଉଛି। ପୁଣି 'ଗଣମାଧ୍ୟମ' ଏବେ ଖବର ପରିବେଷଣ କରି ହିଂସାର ଶିକାର ହେଉଛି। ତେଣୁ ଗଣମାଧ୍ୟମର ସୁରକ୍ଷା ଏବେ ଜରୁରୀ ହୋଇପଡ଼ିଛି।

– **ଶୁଭଶ୍ରୀ ପରିଡ଼ା,** ଜର୍ନାଲିଜମ୍ ଛାତ୍ରୀ

### ଲୋକଙ୍କ ସ୍ୱର ହୋଇଛି ଗଣମାଧ୍ୟମ



ଗଣମାଧ୍ୟମ ଜନସାଧାରଣଙ୍କ ସ୍ୱାର୍ଥ ପ୍ରସଙ୍ଗରେ ଉଲ୍ଲେଖ କରିବା ସହ କ୍ଷମତାରେ ଥିବା ଲୋକଙ୍କୁ ଉତ୍ତରଦାୟୀ କରିବାକୁ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସଂପୂର୍ଣ୍ଣ ଅଂଶଗ୍ରହଣ କରିବାକୁ ପ୍ରୋତ୍ସାହିତ କରିଥାଏ। ଗଣମାଧ୍ୟମ ସବୁବେଳେ ଲୋକଙ୍କ ସ୍ୱର ହୋଇ ସମାଜର ତୃଣମୂଳସ୍ତରରୁ ସମସ୍ୟାକୁ ସମାଧାନ କରିବା ପାଇଁ ଅହରହ ପ୍ରୟାସ କରୁଛି।

– **ଦେବାଶିଷ ସାହୁ,** ଜର୍ନାଲିଜମ୍ ଛାତ୍ର

**ରିପୋର୍ଟ: ବନ୍ଦନା ସେଠୀ, ଭୁବନେଶ୍ୱର**

## ମାଟ୍ରିକ୍ ପରୀକ୍ଷାଫଳ

# ମେଧାବୀ ଛାତ୍ରୀଛାତ୍ରଙ୍କ ମୁହଁରୁ...

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାର ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇଛି। ପରିଶ୍ରମ ଅନୁସାରେ ଫଳ ମିଳିଥିବାରୁ ଅଧିକାଂଶ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି। ଏଥିସହ ଆଶା ଅନୁସାରେ କମ୍ ମାର୍କ ପାଇଥିବା ଛାତ୍ରୀଛାତ୍ର ଦୁଃଖ ପ୍ରକାଶ କରିଛନ୍ତି। ପୁଅଙ୍କ ଅପେକ୍ଷା ଝିଅମାନେ ଅଧିକ ମାର୍କ ରଖିଛନ୍ତି। ତେବେ ମାଟ୍ରିକ୍ ପରୀକ୍ଷାଫଳକୁ ନେଇ ବିଦ୍ୟାଳୟ ଓ ପରିବାରରେ ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ଓ ପିଲାମାନେ ମିଠା ଖୁଆଇ ଖୁସି ମନାଇଛନ୍ତି।

### ୟୁପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତ ହେବି

ମୁଁ ୯୩% ମାର୍କ ରଖି ଆମ ସ୍କୁଲର ଟପ୍ପର ହୋଇଥିବାରୁ ବହୁତ ଖୁସି ଲାଗୁଛି। ପ୍ରତିଦିନ ୬ଘଣ୍ଟା ପାଠପଢୁଥିଲି। ଘରେ ମୋ ପରୀକ୍ଷାଫଳକୁ ନେଇ ସମସ୍ତେ ବହୁତ ଖୁସି ଅଛନ୍ତି। ଯୁକ୍ତ ୨ ବିଜ୍ଞାନ ପଢ଼ିବି। ୟୁପିଏସ୍‌ସି ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିବି। ତେବେ ମୋର ଏହି ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକଙ୍କୁ ବହୁତ ଧନ୍ୟବାଦ ଜଣାଇବି।

– **ଶୁଭଶ୍ରୀ ପଟ୍ଟନାୟକ, ଛାତ୍ରୀ, ୟୁନିଟ୍–୬ ସରକାରୀ ଉଚ୍ଚବିଦ୍ୟାଳୟ, ଭୁବନେଶ୍ୱର**

### ଆଶା ଅନୁସାରେ ଫଳ ମିଳିଛି, ଡାକ୍ତର ହେବି

ଆଶା ଥିଲା ମୁଁ ୯୫ ପ୍ରତିଶତ ମାର୍କ ରଖିବି। ମୋର ପରିଶ୍ରମ ହିସାବରେ ହିଁ ଫଳ ମିଳିଛି। ମୁଁ ପ୍ରତିଦିନ ୧୩ରୁ ୧୪ ଘଣ୍ଟା ପାଠପଢ଼େ। ପରୀକ୍ଷା ପ୍ରସ୍ତୁତିରେ ଗୁରୁଜୀ ଗୁରୁମା ମୋତେ ସହାୟତା କରିଥିଲେ। ଏଥିସହ ଘରେ ମାମା, ଦିଦି ମୋ ପାଠପଢ଼ାରେ ଅଧିକ ଧ୍ୟାନ ଦେଉଥିଲେ। ଭବିଷ୍ୟତରେ ଜଣେ ଭଲ ଡାକ୍ତର ହେବାର ଲକ୍ଷ୍ୟ ରଖିଛି।

– **ସୌରଜିତ ପ୍ରଧାନ, ସରସ୍ୱତୀ ଶିଶୁ ମନ୍ଦିର, ବରଗଡ଼, ଭୁବନେଶ୍ୱର**

### ଠିକ୍ ମୂଲ୍ୟାୟନ ହୋଇ ନ ଥିବାରୁ ଆଶାଠାରୁ ମାର୍କ କମିଲା

ପରୀକ୍ଷା ପାଇଁ ମୁ ବହୁତ ପରିଶ୍ରମ କରୁଥିଲି। ସ୍କୁଲ ଓ ଟ୍ୟୁଶନ ବ୍ୟତୀତ ଦିନକୁ ୬ରୁ ୭ ଘଣ୍ଟା ପାଠ ପଢୁଥିଲି। ୯୭ରୁ ୯୮% ମାର୍କ ରହିବାର ଆଶା ଥିଲା, କିନ୍ତୁ ରହିଛି ୯୪%। ଠିକ୍‌ରେ ମୂଲ୍ୟାୟନ ହୋଇ ନ ଥିବାରୁ ସାହିତ୍ୟ, ଗଣିତ ଓ ସାମାଜିକ ବିଜ୍ଞାନରେ କମ୍ ମାର୍କ ଆସିଛି। ପରୀକ୍ଷାଫଳକୁ ନେଇ ମୁଁ ବହୁତ ଦୁଃଖିତ। ମୋର ବୋର୍ଡ଼ କର୍ତ୍ତୃପକ୍ଷକୁ ଅନୁରୋଧ ଯେ, ଠିକ ମୂଲ୍ୟାୟନ କରାଯାଉ ଓ ମୋତେ ପ୍ରକୃତ ନ୍ୟାୟ ମିଳୁ।

– **ଶୁଭମ୍ ପ୍ରଧାନ, ଭୀମଟାଙ୍ଗି ସରସ୍ୱତୀ ଶିଶୁ ମନ୍ଦିର, ଭୁବନେଶ୍ୱର**

### ପରିଶ୍ରମ ହିସାବରେ କମ୍ ମାର୍କ ମିଳିଛି

ମୋର ଆଶା ଥିଲା ୯୦ ପ୍ରତିଶତରୁ ଅଧିକ ମାର୍କ ରଖିବି। ହେଲେ ମିଳିଛି ୯୦%। ମୋ ପରିଶ୍ରମ ହିସାବରେ ମୋତେ ଠିକ୍ ମାର୍କ ମିଳିନି। ସେଥିପାଇଁ ମତେ ବହୁତ ଦୁଃଖ ଲାଗୁଛି। ଆଗକୁ ଆହୁରି ପରିଶ୍ରମ କରିବି। ଯୁକ୍ତ୨ରେ ବିଜ୍ଞାନ ବିଷୟରେ ପାଠପଢ଼ିବି ଓ ଭବିଷ୍ୟତରେ ଜଣେ ଭଲ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି।

–**ପ୍ରିୟଙ୍କା ମୁଦୁଲି, କ୍ୟାପିଟାଲ ହାଇସ୍କୁଲ, ଭୁବନେଶ୍ୱର**

### ପ୍ରତିଦିନ ୫ରୁ ୬ ଘଣ୍ଟା ପାଠପଢ଼େ

ମାଟ୍ରିକ୍‌ରେ ମୋର ୫୨୫ ମାର୍କ ରହିଛି। ଆଶା ଓ ପରିଶ୍ରମ ଅନୁସାରେ ଠିକ୍ ମାର୍କ ମିଳିଛି। କିଛି ବିଷୟରେ ଅଧିକ ମାର୍କର ରହିବ ବୋଲି ଭାବିଥିଲି। ସ୍କୁଲ ଓ ବିଦ୍ୟାଳୟରେ ସବୁବେଳେ ମନ ଦେଇ ପାଠପଢୁଥିଲି। ଘରେ ମଧ୍ୟ ପ୍ରତିଦିନ ୫ରୁ ୬ ଘଣ୍ଟା ପଢ଼େ। ମୋର ଏହି ସଫଳତା ପଛରେ ମୋ ମା' ବହୁ ସହଯୋଗ କରନ୍ତି।

–**ସିଦ୍ଧାର୍ଥ ମହାନ୍ତି, କ୍ୟାପିଟାଲ ହାଇସ୍କୁଲ, ଭୁବନେଶ୍ୱର**


ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇବା ପରେ କଟକ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି।

### ଗୁରୁଜନଙ୍କ ଆଶୀର୍ବାଦ ଥିଲେ ସଫଳତା ସବୁବେଳେ

ମୁଁ ଦିନକୁ ପ୍ରାୟ ୯ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ଆଶା ଅନୁଯାୟୀ ୯୫.୫% ମାର୍କ ରଖିଛି। ଓଡ଼ିଶାରେ ୯୨ ନମ୍ବର ସ୍ଥାନରେ ରହିଛି। ଆଶା ଅନୁସାରେ ଅଧିକ ମାର୍କ ରହିଥିବାରୁ ମୁଁ ବହୁତ ଖୁସି। ସାର୍ ଓ ଦିଦିଙ୍କ ସହିତ ବାପା ମାଆ ମୋତେ ପାଠପଢ଼ାରେ ବହୁତ ସାହାଯ୍ୟ କରିଥିଲେ। ଗୁରୁଜନଙ୍କ ଆଶୀର୍ବାଦ ଥିଲେ ସଫଳତା ସବୁବେଳେ।

– **ପ୍ରତ୍ୟାଶା ବିଶ୍ୱାଳ, ଭୀମଟାଙ୍ଗି ସରସ୍ୱତୀ ଶିଶୁ ମନ୍ଦିର, ଭୁବନେଶ୍ୱର**

### କମର୍ସ ପାଠ ପଢ଼ିବି, ସରକାରୀ ଚାକିରି କରିବି

ମୋର ପରୀକ୍ଷାରେ ୪୮୩ ମାର୍କ ରହିଛି। ଅଧିକ ମାର୍କ ରହିବ ବୋଲି ଭାବିଥିଲି, କିନ୍ତୁ କମିଯାଇଛି। ଆଗକୁ ମୁଁ କମର୍ସ ପଢ଼ିବି। ଭବିଷ୍ୟତରେ ସରକାରୀ ଚାକିରି କରିବାକୁ ଲକ୍ଷ୍ୟ ରଖିଛି। ପାଠ ପଢ଼ିବାରେ ଘର ଲୋକଙ୍କର ଭୂମିକା ବହୁତ ରହିଛି। ମୋର ସଫଳତାର ସବୁ ଶ୍ରେୟ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ମାଆବାପାଙ୍କୁ ଦେବି।

– **ଏସ୍. ଲିଙ୍ଗରାଜ ରେଡ୍ଡୀ, କ୍ୟାପିଟାଲ ହାଇସ୍କୁଲ, ଭୁବନେଶ୍ୱର**

### ଆଗକୁ ନର୍ସିଂ କରି ଲୋକଙ୍କ ସେବା କରିବି

ମୋର ପରୀକ୍ଷା ଭଲ ହୋଇଥିଲା। ଆଶା କରିଥିଲି ୯୦ ପ୍ରତିଶତରୁ ଅଧିକ ରଖିବି ବୋଲ। କିନ୍ତୁ ୫୦୨ ମାର୍କ ରଖିଛି। ଆଗକୁ ମୁଁ ବିଜ୍ଞାନରେ ଯୁକ୍ତ ୨ ପଢ଼ିବି। ତା' ପରେ ନର୍ସିଂ କରି ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଛି। ପରିବାରର ସମସ୍ତ ସଦସ୍ୟଙ୍କୁ ମୋ ସଫଳତାର ଶ୍ରେୟ ଦେବି।

–**ସସ୍ମିତା ସାହୁ, ୟୁନିଟ –୬ ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱର**

### ପରୀକ୍ଷାଫଳ ଶୁଣି ଖୁସି ଲାଗୁଛି

ମୁଁ ଆଶା ଅନୁସାରେ ମାର୍କ ରଖିପାରି ନାହିଁ। ତଥାପି ମୁଁ ମୋର ପରୀକ୍ଷାଫଳରେ ଖୁସି ଅଛି। ମୋ ସଫଳତା ପଛରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ବହୁ ପରିଶ୍ରମ କରିଥିଲେ। ସେମାନେ ପାଠପଢ଼ା ପ୍ରତି ସବୁବେଳେ ଧ୍ୟାନ ଦେଉଥିଲେ। ଆଗକୁ ମୁଁ ମୋ ବିଦ୍ୟାଳୟ ସହିତ ବାପା, ମାଆଙ୍କ ନାମକୁ ଉଜ୍ଜ୍ୱଳ କରିବାକୁ ଚେଷ୍ଟା କରିବି।

– **ଶୁଭରଞ୍ଜନ ବାରିକ, ବିବେକାନନ୍ଦ ସ୍କୁଲ, ୟୁନିଟ୍–୪, ଭୁବନେଶ୍ୱର**

### ବୈଜ୍ଞାନିକ ହେବା ପାଇଁ ଆଶା ରଖିଛି

ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଦେବଗଡ଼ ଜିଲାରେ ଟପ୍ପର ହୋଇଥିବା ଜାଣି ଖୁସି ଲାଗିଲା। ପରୀକ୍ଷା ପାଇଁ ପ୍ରାୟ ୮ ଘଣ୍ଟା ପରିଶ୍ରମ କରୁଥିଲି। ସଫଳତାର ଶ୍ରେୟ ମା', ବାପା, ମାଇଁ ଓ ମାମୁଙ୍କୁ ଦେବି। ଭବିଷ୍ୟତରେ ଅଧିକ ପରିଶ୍ରମ କରିବା ସହ ବୈଜ୍ଞାନିକ ହେବା ପାଇଁ ଆଶା ରଖିଛି।

– **ଧନେଶ୍ୱର ବିଶି, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଦେବଗଡ଼**

### ଡାକ୍ତର ହୋଇ ସେବା କରିବି

ଦିନକୁ ସ୍କୁଲ ସମୟକୁ ଛାଡି ୧୦ରୁ ୧୨ଘଣ୍ଟା ପରିଶ୍ରମ କରୁଥିଲି। ମୋ ପରିଶ୍ରମ ଅନୁଯାୟୀ ମୋତେ ୫୮୩ ନମ୍ବର ମିଳିଛି। ଏହି ସଫଳତାର ଶ୍ରେୟ ମା', ବାପା ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦେଉଛି। ଭବିଷ୍ୟତରେ ଡାକ୍ତର ହୋଇ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଛି।

– **ଲିପ୍‌ସିତା ସାହୁ, ବାଗୁଡ଼ି ନୋଡ଼ାଲ ହାଇସ୍କୁଲ, ସୋର, ବାଲେଶ୍ୱର**

## କଠିନ ପରିଶ୍ରମ, ଅଧ୍ୟବସାୟ ହିଁ ସଫଳତାର ଚାବିକାଠି: ଉଚ୍ଚଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର, ୨।୫(ସୁଚିସ୍ମିତା ସାହୁ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାର ମାଟ୍ରିକ୍ ପରୀକ୍ଷା ଫଳପ୍ରକାଶ ପାଇଥିବାବେଳେ ଉତ୍ତୀର୍ଣ୍ଣ ସମସ୍ତ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ସେ ବିଦ୍ୟାର୍ଥୀଙ୍କ ସଫଳ ଏବଂ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି। ଏକ ବାର୍ତ୍ତାରେ ମନ୍ତ୍ରୀ ସୂରଜ କହିଛନ୍ତି, ମାଟ୍ରିକ୍ ପରୀକ୍ଷା ହେଉଛି ଛାତ୍ରୀଛାତ୍ରଙ୍କ କ୍ୟାରିୟରର ପ୍ରଥମ ସୋପାନ। ମାଟ୍ରିକ୍ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ସମସ୍ତ ବିଦ୍ୟାର୍ଥୀମାନଙ୍କୁ ମୁଁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। କଠିନ ପରିଶ୍ରମ ଏବଂ ଅଧ୍ୟବସାୟ ହିଁ ସଫଳତାର ଚାବିକାଠି। ଆଜି ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ବିଦ୍ୟାର୍ଥୀମାନେ ଆଗାମୀ ଦିନରେ ମଧ୍ୟ ନିଜର ପରିଶ୍ରମ ଜାରି ରଖିବେ। ଉଚ୍ଚଶିକ୍ଷା ଲାଭ କରି ନିଜ ପାଇଁ ଏକ ସ୍ୱର୍ଣ୍ଣିମ ଭବିଷ୍ୟତର ନିର୍ମାଣ କରିବେ ବୋଲି ମୁଁ ଆଶା କରୁଛି। ଏଥିସହ ଆଜିର ମାଟ୍ରିକ୍ ପରୀକ୍ଷାଫଳରେ ଆଶାନୁରୂପକ ଫଳ ପାଇ ନ ଥିବା ବିଦ୍ୟାର୍ଥୀମାନେ ହତୋତ୍ସାହିତ ନ ହୋଇ ଆଗାମୀ ଦିନରେ ଅଧିକ ପରିଶ୍ରମ କରି ସଫଳତା ଅର୍ଜନ କରନ୍ତୁ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ କହିଛନ୍ତି।

## ଖୋର୍ଦ୍ଧା ଜିଲାରେ ପାସ୍ ହାର ୯୭.୩୧%

**ଖୋର୍ଦ୍ଧା, ୨।୫(ପ୍ରଭାତ ପାଣିଗ୍ରାହୀ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲାରେ ୩୩୮ ବିଦ୍ୟାଳୟର ୨୬୯୦୭ ଜଣ ପରୀକ୍ଷା ଦେଇଥିଲେ। ୨୩୦ଜଣ ଅନୁପସ୍ଥିତ ରହିଥିଲେ। ୨୫୯୫୯ଜଣ ପାସ୍ କରିଛନ୍ତି। ସେଥିରୁ ୧୩୧୫୨ ଛାତ୍ର ଏବଂ ୧୨୮୦୭ ଛାତ୍ରୀ ରହିଛନ୍ତି। ଜିଲାରେ ପାସ୍ ହାର ୯୭.୩୧ପ୍ରତିଶତ ରହିଛି। ଏ–୧ରେ ୧୭୫, ଏ–୨ରେ ୭୯୨, ବି–୧ରେ ୨୨୪୭, ବି–୨ରେ ୪୭୮୦, ସିରେ ୭୨୦୦, ଡିରେ ୭୧୮୪, ଇରେ ୩୫୮୧ଜଣ ରହିଥିବା ବେଳେ ୭୧୮ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ଖୋର୍ଦ୍ଧା ଜିଲା ଏ–୧ ଏବଂ ଏ–୨ରେ ଓଡ଼ିଶାରେ ୪ର୍ଥ ସ୍ଥାନରେ ରହିଥିବା ବେଳେ ଶତପ୍ରତିଶତ ବିଦ୍ୟାଳୟ ତାଲିକାରେ ୧୦ନଂ. ସ୍ଥାନରେ ରହିଛି। ପିଲାଙ୍କ ଏହି ସଫଳତା ପାଇଁ ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ଏବଂ ଜିଲାପାଳ ଚଞ୍ଚଳ ରାଣା ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପଟେ ଚଳିତ ବର୍ଷ ଏକାଧିକ ଛାତୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଏବଂ ଅକୃତକାର୍ଯ୍ୟ ହୋଇଥିବାରୁ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲାରେ ଦୁର୍ବଳ ଶିକ୍ଷାବ୍ୟବସ୍ଥା ନେଇ ବୁଦ୍ଧିଜୀବୀ, ଶିକ୍ଷାବିତ୍‌ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ତର୍ଜମା କରିବାକୁ ସାଧାରଣରେ ଦାବି ହୋଇଛି।



କଟକସ୍ଥିତ ବୋର୍ଡ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଶୁକ୍ରବାର ମାଟ୍ରିକ ପରୀକ୍ଷାଫଳ ପୁସ୍ତିକାକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉନ୍ମୋଚନ କରୁଛନ୍ତି।

# ସିପିସି ଓ କେନ୍ଦ୍ର କର୍ମଚାରୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ର ସରକାର ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗ (ସିପିସି) ଗଠନ ପାଇଁ ସ୍ୱୀକୃତି ଦେବାର ପ୍ରାୟ ୪ ମାସ ବିତିଗଲାଣି କିନ୍ତୁ ଏଯାବତ୍ ସେଭଳି ନୂଆ ପଦକ୍ଷେପ ନିଆଯାଇନାହିଁ। ଏବେ ଗୁଞ୍ଜରଣ ସୃଷ୍ଟି ହେଉଛି ଯେ, ପ୍ରକ୍ରିୟାରେ ଅଗ୍ରଗତି ହେଉଛି। କିନ୍ତୁ ଏଥିରେ ତ୍ୱରିତ୍ ପଦକ୍ଷେପ ନେବା ବଦଳରେ ଅମଲାତନ୍ତ୍ରର ଅଭିଯୋଗ ଉଠୁଥିବା ମନେ ହେଉଛି। ସରକାର ସିପିସି ଗଠନ ଚୂଡ଼ାନ୍ତ କରିବା ପାଇଁ ସାବଧାନ ସହକାରେ ଧୀରେ ଧୀରେ ଆଗକୁ ବଢ଼ିବା ସହ ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ବାଛୁଛନ୍ତି। ତାହା ଠିକ୍, ତଥାପି ଆମେ ଟିମ୍ ଗଠନ ସମ୍ପର୍କରେ କହୁଛୁ, ଚୂଡ଼ାନ୍ତ ଚିଠା କଥା କିମ୍ବା ବିଚାର ବିମର୍ଶ ବିଷୟରେ କହୁନାହୁଁ। କେନ୍ଦ୍ର ସରକାରୀ କର୍ମଚାରୀଙ୍କର ୧୦ ବର୍ଷରେ ଦରମା ଓ ପେନ୍‌ସନ ସମୀକ୍ଷା କରିବାର ପରମ୍ପରା ରହିଛି । ଏହା ଜୀବନଯାପନର ଖର୍ଚ୍ଚ, ଆର୍ଥିକ ସ୍ଥିତି ଓ ମୁଦ୍ରାସ୍ଫୀତି ବିଷୟ ବିଚାରକୁ ନେଇ କରାଯାଏ। ଏହା ଠିକ୍ କଥା। କିନ୍ତୁ ଏହା ପାଖାପାଖି ୫୦ ଲକ୍ଷ କେନ୍ଦ୍ର କର୍ମଚାରୀ ଓ ପେନ୍‌ସନଭୋଗୀଙ୍କୁ ପ୍ରଭାବିତ କରୁଥିବାବେଳେ ଏହି ପ୍ରକ୍ରିୟାକୁ ଜରୁରୀଭିତ୍ତିରେ ଆରମ୍ଭ କରିବା ଅନିବାର୍ଯ୍ୟ ବୋଲି ବିଚାର କରିବା ଉଚିତ ଥିଲା। କିନ୍ତୁ ଏହା ପରିବର୍ତ୍ତେ, ଶିଥିଳତା ଲକ୍ଷ୍ୟ କରାଯାଉଛି। ଗତ ସପ୍ତାହରେ, ଏକ ଔପଚାରିକ ଚିଠି ଜାରି କରାଯାଇ ଡେପୁଟେଶନ ଆଧାରରେ ୩୫ଟି ପଦବୀ ପୂରଣ କରିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଏଥିରୁ ବଝାପଡୁଛି, କାର୍ଯ୍ୟାଳୟର ପୁନର୍ଗଠନ ପ୍ରକ୍ରିୟା ଏବେ ବି ଚାଲିଛି। ଯଦି ସବୁ କିଛି ଠିକ୍‌ଠାକ୍ ଚାଲେ, ତେବେ ଅଷ୍ଟମ ସିପିସି ୨୦୨୬ ମଧ୍ୟ ଭାଗରେ ଏହାର ରିପୋର୍ଟ ଦାଖଲ କରିବ। ପୂର୍ବର ଦରମା ଓ ପେନ୍‌ସନର ପୁନଃନିର୍ଦ୍ଧାରଣ ୨୦୨୭-୨୮ରେ ହୋଇପାରେ। ବେତନକୁ ମହଙ୍ଗାମାଡ଼ ହେଉଥିବାବେଳେ, ଲୋକଙ୍କୁ ଅଧିକ ସମୟ ଅପେକ୍ଷା କରିବାକୁ କୁହାଯାଉଛି। ମନେରଖିବାକୁ ହେବ ଯେ, ଲୋକଙ୍କ ବାସ୍ତବ ଖର୍ଚ୍ଚକୁ ଲକ୍ଷ୍ୟକରି ଶୀଘ୍ର ପଦକ୍ଷେପ ନେବା ଦରକାର ଏବଂ ଏହା ହିଁ ଉପଯୁକ୍ତ ସମୟ।

### ଆଗରେ ୧୯୯୪ ବ୍ୟାଚ

ସରକାର ତାଙ୍କର ବାବୁମାନଙ୍କୁ ଅଦଳବଦଳ କରିବା ସମୟରେ କିଛି ଉତ୍ତେଜନା ବା ପ୍ରଶାସନିକ ହଲଚଲ ଦେଖିବାକୁ ମିଳିଥାଏ। ଏହା ନିୟମିତ ଭାବେ ପ୍ରକାଶ ପାଉଥିଲେ ମଧ୍ୟ ତାହା ଅନେକ କ୍ଷେତ୍ରରେ ଅଜଣା ରହିଯାଏ। କିନ୍ତୁ ଏଥର ସମସ୍ୟା ସାମ୍ନାକୁ ଆସିଛି। ନିକଟରେ କରାଯାଇଥିବା ସଦ୍ୟତମ ଅଦଳବଦଳର ଏକ ତାଲିକାଠାରୁ ଅଧିକ କିଛି ବିଷୟ ସାମ୍ନାକୁ ଆସିଛି। ଅଦଳବଦଳରେ ଆଗୁଆ ରହିଛି ୧୯୯୪ ବ୍ୟାଚ ଆଇଏଏସ୍। ଏକ ପଦକ୍ଷେପ କ୍ରମେ, ଏହି ବ୍ୟାଚ୍‌ର ୯ ଜଣ ଅଧିକାରୀଙ୍କୁ ଅତିରିକ୍ତ ସଚିବରୁ ସଚିବ ପଦବୀକୁ ପଦୋନ୍ନତି ଦିଆଯାଇଛି ଏବଂ ଆଉ ଦୁଇ ଜଣଙ୍କୁ ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତ କରାଯାଇଛି। ଗୋଟିଏ ବ୍ୟାଚରୁ ୧୧ ଜଣ ଏବେ ଭାରତରେ ଅମଲାତନ୍ତ୍ରିକ ଶୀର୍ଷରେ ବସିଛନ୍ତି। ଏହିସବୁ ଅଧିକାରୀଙ୍କ ମଧ୍ୟରୁ ଅନେକେ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ଏବଂ କ୍ୟାବିନେଟ ସଚିବ ଭାବେ କାର୍ଯ୍ୟ କରିସାରିଛନ୍ତି। କାର୍ଯ୍ୟରତ ରାଜସ୍ୱ ସଚିବ ଅରବିନ୍ଦ ଶ୍ରୀବାସ୍ତବ ଏବକାର ପଦୋନ୍ନତି ପାଇବା ପର୍ଯ୍ୟନ୍ତ ପିଏମ୍‌ଓରେ ଥିଲେ। ଆର୍ଥିକ ବ୍ୟାପାର ସଚିବ ଭାବେ ନିଯୁକ୍ତ ହୋଇଥିବା ଅନୁରାଧା ଠାକୁର ପୂର୍ବରୁ କ୍ୟାବିନେଟ ସଚିବ ରହିଥିଲେ। ଏହି ସବୁ ନିଯୁକ୍ତି ସେମାନଙ୍କୁ ଭାରତର ବିତ୍ତୀୟ ଏବଂ ଆର୍ଥିକ ନୀତି ପରିଚାଳନାର କେନ୍ଦ୍ରରେ ରଖିଛି। ଏଭଳି ପଦକ୍ଷେପ ଗୋଟିଏ ବ୍ୟାଚ୍‌କୁ ନେଇ ପ୍ରଶାସନିକ ନେତୃତ୍ୱର ଏକୀକରଣ, ସମ୍ଭବତଃ ମୂଲ୍ୟାୟନ କେନ୍ଦ୍ରର ପ୍ରାଥମିକତାକୁ ପ୍ରତିପାଦନ କରୁଛି। ଏକାବେଳକେ ଗୋଟିଏ ବ୍ୟାଚର ଆଇଏଏସ୍‌ଙ୍କ ପଦୋନ୍ନତି ଅପ୍ରତ୍ୟାଶିତ ନୁହେଁ। କିନ୍ତୁ ଯେଉଁଭଳି ଭାବେ ଯେଉଁ ସ୍ତରରେ ସେମାନଙ୍କୁ ନିଯୁକ୍ତ କରାଯାଇଛି ତାହା ଗୁରୁତ୍ୱପୂର୍ଣ୍ଣ।

### ଗୁପ୍ତା ମଙ୍ଗ ଧରିଲେ

ସାତବର୍ଷ ପୂର୍ବେ ଏନ୍‌ଏସ୍‌ଇ ଇଣ୍ଟରନ୍ୟାଶନାଲ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ-ଆଇଏକ୍ସ) ଧୁମ୍‌ଧାମରେ ଗିଫ୍ଟ ସିଟି (ଗୁଜରାଟ ଇଣ୍ଟରନ୍ୟାଶନାଲ ଫାଇନାନ୍ସ ଟେକ୍ ସିଟି)ରେ ଆରମ୍ଭ କରାଯାଇଥିଲା। ବିଶ୍ୱ ଅର୍ଥନୀତିରେ ଏହି ସହର ପରବର୍ତ୍ତୀ ସିଙ୍ଗାପୁର କିମ୍ବା ଲଣ୍ଡନ ହେବ ବୋଲି ଅଧିକାଂଶ ଲୋକେ ଗ୍ରହଣ କରିନେଇଥିଲେ। ହେଲେ ଏଯାବତ ପ୍ରଚାରପ୍ରସାର ତୁଳନାରେ ଅଗ୍ରଗତି ଠିକ୍ ଭାବେ ହୋଇପାରିନାହିଁ। ଏକ ଯତ୍ନଶୀଳ ଢାଞ୍ଚା ଓ ରାଜନୈତିକ ଇଚ୍ଛାଶକ୍ତି ଗଠନ କରିବା ପରିବର୍ତ୍ତେ, ଏନ୍‌ଏସ୍‌ଇ-ଆଇଏକ୍ସ ଫିକା ପଡ଼ିଯାଇଛି। ପୂର୍ବତନ ଅର୍ଥ ସଚିବ ଓ ବିନିବେଶ କ୍ଷେତ୍ରରେ ଦାୟିତ୍ୱ ବହନ କରିଥିବା ନୀରଜ କୁମାର ଗୁପ୍ତା ଏନ୍‌ଏସ୍‌ଇ-ଆଇଏକ୍ସର ଚେୟାରମ୍ୟାନ ଏବଂ ପବ୍ଲିକ ଇଣ୍ଟରେଷ୍ଟ ଡାଇରେକ୍ଟର ଭାବେ ଯୋଗଦେଇଛନ୍ତି। ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକର ଏବଂ ଏକ୍ସଚେଞ୍ଜ ଟ୍ରେଡ୍ ଫଣ୍ଡକୁ ନିୟନ୍ତ୍ରଣ କରିବାରେ ତାଙ୍କର ଗଭୀର ଅଭିଜ୍ଞତା ଓ ନୀତି ପୁନର୍ଗଠନର ନେତୃତ୍ୱରେ ଦଶନ୍ଧି ବ୍ୟାପୀ ଅଭିଜ୍ଞତା ରହିଛି। ତେବେ ଗୁପ୍ତାଙ୍କ ନିଯୁକ୍ତି ଏନ୍‌ଏସ୍‌ଇ-ଆଇଏକ୍ସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ତେବେ ଗିଫ୍ଟ ସିଟିର ଏକୀକୃତ ନିୟାମକ ଆଇଏଫ୍‌ଏସ୍‌ସିଏ କିଛି ନୂତନତ୍ୱ ଆଣିପାରିନାହିଁ। ଏହା ସେବି ଓ ଆର୍‌ବିଆଇର ପୁରୁଣା ନିୟାମକ ଉପରେ ନିର୍ଭର କରୁଛି । ସ୍ପଷ୍ଟ ଭାବେ କହିବାକୁ ଗଲେ ଆଇଏଫ୍‌ଏସ୍‌ସିଏ ଏହାକୁ ହଟାଇବାକୁ ଚାହୁଁନାହିଁ। ଏନ୍‌ଏସ୍‌ଇ-ଆଇଏକ୍ସକୁ ଏକ ବିତ୍ତୀୟ ଆକର୍ଷକ କରିବାକୁ ସିଙ୍ଗାପୁରଠାରୁ ଅଧିକ କାରବାର ସୁବିଧା ପ୍ରଦାନ କରିବା ହେବ । ଅର୍ଥାତ୍ ତ୍ୱରିତ୍ ସ୍ୱୀକୃତି, ଅନୁପାଳନ ଏବଂ ଏକ ସ୍ମାର୍ଟ ନିବେଶକ ନିୟମ ଆଣିବାକୁ ପଡ଼ିବ । ତେବେ ନିୟାମକଗୁଡ଼ିକୁ ସେହିଭଳି କରିବା ଉପାୟ ଗୁପ୍ତା ଜାଣନ୍ତି ଏବଂ ଏହି ସମୟରେ ସେ ଏହା ପ୍ରମାଣ କରିପାରିବେ।

Email: dilipcherian@gmail.com

su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | 3 | 2 | | |
| | | 7 | | | | | | 1 |
| | | | | 8 | 1 | | 3 | 7 |
| 6 | | 5 | 3 | | | | | |
| | 4 | | 6 | | | | 9 | |
| 2 | | | | 7 | | | | |
| | | 8 | | | | | 4 | |
| | | 1 | | 5 | | 7 | | |
| | | | 2 | 4 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 6 | 7 | 8 | 4 | 2 | 5 | 9 |
| 5 | 7 | 9 | 2 | 6 | 1 | 4 | 8 | 3 |
| 2 | 8 | 4 | 5 | 3 | 9 | 7 | 1 | 6 |
| 6 | 5 | 7 | 1 | 9 | 3 | 8 | 4 | 2 |
| 9 | 2 | 8 | 4 | 7 | 6 | 1 | 3 | 5 |
| 4 | 3 | 1 | 8 | 5 | 2 | 6 | 9 | 7 |
| 8 | 9 | 3 | 6 | 1 | 7 | 5 | 2 | 4 |
| 1 | 6 | 2 | 3 | 4 | 5 | 9 | 7 | 8 |
| 7 | 4 | 5 | 9 | 2 | 8 | 3 | 6 | 1 |

ଗତ ସଂସ୍କରଣର ଉତ୍ତର

# ନର୍କ ଓ ସ୍ୱର୍ଗର ଧାରଣା



ସହଦେବ ସାହୁ

ପ୍ରାୟ ପ୍ରତି ଧର୍ମର ଅନୁଗତମାନେ କହନ୍ତି, ସେମାନଙ୍କ ଧର୍ମରେ ବିଶ୍ୱାସ କରୁ ନ ଥିବା ଲୋକେ ନର୍କକୁ ଯିବେ, ସେମାନେ ନିଜେ ଯେ ଅନ୍ୟ ଧର୍ମର ବିଶ୍ୱାସୀମାନଙ୍କ ମତରେ ନର୍କକୁ ଯିବେ ଭୁଲିଯାଆନ୍ତି। ଏକ ଧର୍ମର ପ୍ରଚାରକ ଅନ୍ୟ ଧର୍ମର ଅନୁଗାମୀ ହୋଇ ନ ଥିବାରୁ ନର୍କକୁ ଯିବ – ଅର୍ଥାତ୍ ଦୁନିଆରେ ସବୁ ଲୋକ ନର୍କକୁ ଯିବେ, କେହି ସ୍ୱର୍ଗକୁ ଯିବେ ନାହିଁ। ସ୍ୱର୍ଗର ଧାରଣା ତେବେ ଅଳୀକ। ଏସବୁ ସାଧାରଣ ଜ୍ଞାନର ଅଭାବ ଯୋଗୁ ଘଟିଥାଏ। ଜ୍ଞାନ ଲୋକକୁ ବିଜ୍ଞ ଓ ସମର୍ଥ କରିଥାଏ, ଉତ୍ତମ ନାଗରିକ କରିଥାଏ। ସେଇଥିପାଇଁ କୁହାଯାଏ 'ଶିକ୍ଷା-ବିହୀନ ଗଣତନ୍ତ୍ର ସୀମାହୀନ ପ୍ରବଞ୍ଚନା': ଡିମୋକ୍ରାସି ୱିଦାଉଟ୍ ଏଜୁକେଶନ ଇଜ୍ ହିପୋକ୍ରାସି ୱିଦାଉଟ୍ ଲିମିଟେଶନ। କୌଣସି ଗୋଟିଏ ଗୀତ ବା କବିତାର ମାନେ ବୁଝିବାକୁ କାଲ୍‌କୁଲସ୍ ଭଳି ଉଚ୍ଚତର ଗଣିତ ଦରକାର ହୁଏ ନାହିଁ। କିନ୍ତୁ ସଙ୍ଗୀତ କିଭଳି ବାହାରୁଛି ଓ କବିତା ଲେଖିବା ପଛରେ ମଣିଷର ମୁଣ୍ଡ କିପରି କାମ କରୁଛି, ସେଗୁଡ଼ିକୁ ଜାଣିବାରେ ବିଶେଷ ଜ୍ଞାନ, ବିଜ୍ଞାନ, ସହାୟକ ହୁଏ। ନିୟମରେ ଚାଲିବାକୁ ନିୟମିତ କୁହାଯାଏ। ଏହାର ଓଲଟା ହେଉଛି ଘଟଣାଚକ୍ରରେ ବା ସଂଯୋଗକ୍ରମେ, ହଠାତ୍ ବା ଚାନ୍ସରେ ଘଟିବା। ପ୍ରକୃତି ଯେ ନିୟମାନୁଗତ, ତା'ର କାର୍ଯ୍ୟପ୍ରଣାଳୀ ନିୟମିତ, ଏ କଥା ଆଦି ମାନବ ଜାଣି ନ ଥିଲା, ବଣ ଜଙ୍ଗଲରେ ଅନ୍ୟ ପ୍ରାଣୀମାନଙ୍କ ଭଳି ତିଷ୍ଠିଥିଲା। ୧୨ ଲକ୍ଷ ବର୍ଷ ତଳେ ପୃଥିବୀରେ ମଣିଷ ସଂଖ୍ୟା ୫୫ ହଜାର ପାଖାପାଖି ଥିଲା ବୋଲି ବୈଜ୍ଞାନିକମାନେ ଅନୁମାନ କରନ୍ତି। ସେମାନେ ଚଳୁଥିଲେ ଯେପରି ଆଜି ଜଙ୍ଗଲର ପ୍ରାଣୀମାନେ ଚଳନ୍ତି। ୨୦,୦୦୦ ବର୍ଷ ତଳେ ଗତ ବରଫ ଯୁଗ ଶେଷ ହେଲା ବେଳକୁ ମଣିଷ ସଂଖ୍ୟା ୧୦ ଲକ୍ଷ ହେଲା। ପରବର୍ତ୍ତୀ ୧୫୦୦୦ ବର୍ଷରେ ଧୀରେ ଧୀରେ ବିବର୍ତ୍ତନ ଘଟି ଖ୍ରୀଷ୍ଟପୂର୍ବ ୫୦୦୦ ବେଳକୁ (ଅର୍ଥାତ୍ ଆଜିଠୁ ପ୍ରାୟ ୭୨୦୦ ବର୍ଷ ତଳେ) ମାନବ ସଂଖ୍ୟା ୫୦ ଲକ୍ଷ ହୋଇଗଲା। ପରବର୍ତ୍ତୀ କାଳରେ ମଣିଷର ସାମାଜିକ ଓ ଅର୍ଥନୈତିକ ଜୀବନରେ ଏଭଳି ପରିବର୍ତ୍ତନ ଘଟିଲେ ଯେ ୧୮୦୦ ଖ୍ରୀଷ୍ଟାବ୍ଦ ବେଳକୁ ୧୦୦ କୋଟି ହୋଇଗଲା, ଆଉ ୧୨୫ ବର୍ଷ ଭିତରେ ଏବେ ୮୦୦ କୋଟି ହୋଇଗଲାଣି। ଏ ଶତାବ୍ଦୀ ଶେଷ ବେଳକୁ ୧୦୦୦ କୋଟି ହୋଇଯାଇଥିବ।

ପ୍ରାରମ୍ଭରେ ଫଳମୂଳ ସଂଗ୍ରହ ତଥା ବନ୍ୟଜନ୍ତୁ



ଶିକାର ଉପରେ ନିର୍ଭରଶୀଳ ଯାଯାବର ଜୀବନ ହେଉ କି ପରେ କୃଷିଭିତ୍ତିକ ସ୍ଥାୟୀ ବସବାସ ଜୀବନ ହେଉ ବଳବାନ୍‌ର ଦୁର୍ବଳ ଉପରେ ଉତ୍ପୀଡ଼ନ ଚାଲୁ ରହିଲା। ଯେତେ ପ୍ରକାର ଶାସନ ବ୍ୟବସ୍ଥା ହେଲେ ବି, ନୀତି ନିୟମ କଲେ ବି ବଳବାନ୍‌ର ନିରୀହ ଉପରେ ଅତ୍ୟାଚାରକୁ ବା ବଳବାନ୍ ଗୋଷ୍ଠୀର ଦୁର୍ବଳ ଗୋଷ୍ଠୀ ଉପରେ ନିର୍ଯାତନାକୁ ରୋକିହେଲା ନାହିଁ – ଶାସନର ଅନ୍ତରାଳେ ଘଟିଲା। ପ୍ରତିକାର ରୂପେ ଯୁଗେ ଯୁଗେ ଋଷିପ୍ରତିମ ବ୍ୟକ୍ତିମାନେ ପ୍ରଚାରକଲେ ସମାଜକୁ ବାନ୍ଧିରଖିବା ବା ଧରି ରଖିବାର ନିୟମ – ଧର୍ମ: ଯେ ଯାହାର ଧର୍ମ ନ ପାଳିଲେ ସଂସାରକୁ ନିୟନ୍ତ୍ରଣ କରୁଥିବା ଶକ୍ତି – ଈଶ୍ୱର/ଆଲ୍ଲା/ଲର୍ଡ/ଗଡ୍ – ଜୀବନ ଶେଷରେ ଦଣ୍ଡ ଦେବେ। ଏପରି ସବ୍‌ଜାନତା ଐଶ୍ୱରିକ ଶକ୍ତିର ଅବତାରଣା କଲାବେଳେ ତାଙ୍କର ରହିବା ସ୍ଥାନ ବି ତ ଦେଖାଇବାକୁ ପଡ଼ିବ। ତାକୁ କୁହାଗଲା ସ୍ୱର୍ଗ। ଈଶ୍ୱର ଦଣ୍ଡ ଦେଲେ ସେ ତ ପୁଣି ଦଣ୍ଡ ଭୋଗିବା ସ୍ଥାନ ଦେଖାଇବେ, ତାହା ହେଲା ନର୍କ। ଧର୍ମପ୍ରଚାରକମାନେ କହିଲେ ଯେ ସେ ସବୁ ଦେଖୁଛନ୍ତି, ଲୁଚାଛପା କାମ ବି, ଯାହା ଅଧର୍ମ ବା ଧର୍ମାନୁମୋଦିତ ନୁହେଁ ତାହା ପାପ, ତାହା କଲେ ନର୍କ ଭୋଗିବାକୁ ପଡ଼ିବ। ଧର୍ମର ଅନୁଗତମାନେ ଧର୍ମ ବା ନିୟମ ସବୁ ପାଳନକଲେ ସଂସାର ସୁଖଶାନ୍ତି ନଷ୍ଟ ହେବନାହିଁ, ମଣିଷର ଜୀବନ ଧର୍ମପରାୟଣ ହେଉଥିବାରୁ ଈଶ୍ୱର ଏଭଳି ଧର୍ମାଳୁକୁ ସ୍ୱର୍ଗକୁ ନେଇଯିବେ ବୋଲି ଆଶା ଦିଅନ୍ତି ଧର୍ମପ୍ରଚାରକମାନେ। ଗୀତାରେ କୁହାଯାଇଛି ଧର୍ମପ୍ରଚାରକ ନ କହି ଧର୍ମସଂସ୍ଥାପକ କୁହାଯାଇଛି, କାରଣ ପ୍ରଚଳିତ ଧର୍ମକୁ ଶୁଦ୍ଧକରି ସ୍ଥାପନ କରିବା ହିଁ ସଂସ୍ଥାପନ। ଗୀତାରେ ପ୍ରଚଳିତ ଧର୍ମ ହେଉଛି ସନାତନ ବା ପାରମ୍ପରିକ ଧର୍ମ, ଯାହା ସେତେବେଳେ ବର୍ଣ୍ଣଭିତ୍ତିକ ବା ଜାତିଭିତ୍ତିକ ଥିଲା।

ମଣିଷ ଦେଖିଥିବ ପରିବେଶ ଓ ଜଳବାୟୁର କ୍ରମାନ୍ୱୟତା ବା ପର୍ଯ୍ୟାୟ ଅଛି, ଯେତେବେଳେ ପର୍ଯ୍ୟାୟର ବ୍ୟତିକ୍ରମ ଅର୍ଥାତ୍ (ପ୍ରାକୃତିକ) ବିପର୍ଯ୍ୟୟ ଘଟିଥିବ, ସେ ଭାବିଥିବ କୌଣସି ନୈସର୍ଗିକ ଶକ୍ତି ପରିବେଶକୁ ନିୟନ୍ତ୍ରିତ କରୁଛି, ତାହାର ବିଭାବ ମାନ ପରିବେଶ ତଥା ମଣିଷର ଜୀବନକୁ ନିୟନ୍ତ୍ରିତ କରୁଛି। ସେଇଠୁ ଧର୍ମର ଧାରଣା ଦୃଢ଼ୀଭୂତ ହୋଇଥିବ, ନିଜେ ନିୟମ (ଧର୍ମ) ନ ମାନିଲେ ଅକାଳ (ବିପଦ) ଆସିବ, ଯେଉଁ ବିପଦକୁ ଅକ୍ତିଆର କରିପାରି ନ ଥିବ ତାକୁ ଈଶ୍ୱରଙ୍କ ଅଭିଶାପ ବୋଲି ଧରିନେଇ ପୂଜାପାଠ କରିଥିବ। ଖାଦ୍ୟ ସଂଗ୍ରହ ସହ ଆଶ୍ରୟସ୍ଥଳୀ ସୁବିଧା ଘେନି ବିଭିନ୍ନ ଅଞ୍ଚଳରେ ବିଚ୍ଛିନ୍ନ ହୋଇ ରହିଥିବାରୁ ଭାଷା ଭିନ୍ନ ହେଲା ତ ଦେବଦେବୀଙ୍କ ନାଁ ଭିନ୍ନ ଦେଲା। ପ୍ରକୃତିର ନିୟମିତତାକୁ ଲକ୍ଷ୍ୟକରି ମଧ୍ୟ ସେମାନେ ଭାବୁଥିଲେ ପୃଥିବୀ ସମସ୍ତଙ୍କର କେନ୍ଦ୍ର, ଉପରର ଆକାଶ ହେଉଛି ସ୍ୱର୍ଗ, ତଳେ କିଛି ଜାଣି ନ ହେଉଥିବା ପରିବେଶ ହେଉଛି ନର୍କ।

ବ୍ରହ୍ମାଣ୍ଡରେ ସୌରମଣ୍ଡଳ ବାହାରେ ବି ପୃଥିବୀ ଭଳି ବହୁ ଗ୍ରହ (ଏକ୍ସୋପ୍ଲାନେଟ୍) ଅଛି, କୌଣସି କୌଣସି ଏକ୍ସୋପ୍ଲାନେଟ୍‌ରେ ମଣିଷ ଭଳି ବା ମଣିଷଠାରୁ ଜ୍ଞାନୀ ଜୀବ ଥାଇପାରନ୍ତି, ବୈଜ୍ଞାନିମାନେ ସେଗୁଡିକୁ ଠାବ କରିବାର ଟେକ୍ନୋଲୋଜି ଏଯାଏ ପାଇନାହାନ୍ତି, ଅଥବା ଏକ୍ସୋପ୍ଲାନେଟ୍‌ର ଅଧିବାସୀମାନେ ଏଯାଏ ଆମ ସହ ସମ୍ପର୍କ ରଖିପାରିନାହାନ୍ତି। ଏମିତି ବହୁ ସଂସାର ଅଛି, ଯେଉଁଠି ଗ୍ରହର ଦୃଶ୍ୟଭାଗ ସ୍ୱର୍ଗ ଓ ଅଦୃଶ୍ୟ ନିମ୍ନଭାଗ ପାତାଳ ବା ନର୍କ କୁହାହେଉଥିବ। ତେଣୁ ଏବେ ଭାବିବା କଥା ଯେ ମନର ଅବସ୍ଥା ଉପରେ ନର୍କ ଓ ସ୍ୱର୍ଗର ଧାରଣା ପର୍ଯ୍ୟବସିତ ; ଅନିୟମ କାମ ମନରେ ଯେଉଁ ଦୁଃଖ ଓ କଷ୍ଟ ଆଣେ ତାହା ନର୍କ, ଆଉ ଭଲ କାମ ମନରେ ଯେଉଁ ସୁଖ ଓ ଖୁସି ଆଣେ ତାହା ସ୍ୱର୍ଗ। ଭଲ କାମ କରିବା ଓ କାହାରିକୁ ଦୁଃଖ ନ ଦେବା ହେଉଛି ଧର୍ମ। ପ୍ରଚାରକ ବା ଅବତାର ଶୁଣାଇଥିବା କେତେକ ରୀତିନୀତି ମାନିବାକୁ ସେହି ପ୍ରଚାରକଙ୍କ ନାଁରେ ଧର୍ମ ବୋଲି କହିବା ଆମର ଭୁଲ୍, ପ୍ରଚାରକ ନିଜେ ଧର୍ମର ନାଁ ଦେଇନାହାନ୍ତି, ସେମାନଙ୍କ ଅନୁଗତମାନେ ବା ଶିଷ୍ୟମାନେ ହିଁ ତାଙ୍କ ନାମାନୁସାରେ ଧର୍ମର ନାମ ରଖିଛନ୍ତି। ମହମ୍ମଦ ଜନ୍ମରୁ ଇସ୍‌ଲାମ ନ ଥିଲେ, ବୁଦ୍ଧ ଜନ୍ମରୁ ବୌଦ୍ଧ ନ ଥିଲେ, ଯିଶୁ ଜନ୍ମରୁ ଖ୍ରୀଷ୍ଟିଆନ୍ ନ ଥିଲେ ; ଜନ୍ମରୁ ବିଧର୍ମୀ ଥିବା ବ୍ୟକ୍ତି ତ ଧର୍ମପ୍ରଚାରକ! ପ୍ରତ୍ୟେକେ କେତେକ ସାମାଜିକ ରୀତିନୀତି ବଖାଣିଥିଲେ ଓ ସେଗୁଡ଼ିକୁ ଅନୁସରଣକଲେ ମଣିଷ ଜୀବନ ସୁଖମୟ ହେବ ବୋଲି ପ୍ରଚାର କରିଥିଲେ। ଆଉ ହିନ୍ଦୁ ତ ଏକ ସଂସ୍କାର ମାତ୍ର, ଯାହା ମୌସୁମୀ ଅଞ୍ଚଳର ଜଳପୁଷ୍ଟ ଭୂଇଁରେ ବଞ୍ଚିରହିବାର ଧର୍ମ।

sahadevas@yahoo.com

# ମାଟିର ମହକ



ଡ. ସୀତାକାନ୍ତ ତ୍ରିପାଠୀ

ଯୁଗେ ଯୁଗେ ମାଟିକୁ ନେଇ ବିବାଦ ରହିଆସିଛି। ମାଟିର ଗୁଣ ଯଥା ଉର୍ବର, ଅନୁର୍ବର, ସମତଳ, ଜଙ୍ଗଲ, ପାହାଡ଼-ପର୍ବତ ଇତ୍ୟାଦି କଥା କହି ବିଚାର କରନ୍ତି ନାହିଁ ବରଂ ତାକୁ ଆଧାର କରି ନିଜର ପରିଚୟ ଜାହିର କରିବା ହେଉ କିମ୍ବା ତାକୁ ଅଧିକାର କରି ନେଇ ନିଜ ବୀରତ୍ୱର ସନ୍ତକ ଭାବେ ଅନ୍ୟମାନଙ୍କ ଆଗରେ ବାହୁସ୍ଫୋଟ ମାରି ଭୟଭୀତ କରିବା ହେଉ ସବୁଠି ତା' ପ୍ରତି ଥିବା ଆକର୍ଷଣ ବାରି ହୋଇ ପଡ଼େ। ଫରକ ହେଉଛି ମାଟି ପ୍ରତି ମମତା ଆଉ ମାଟିରୁ ଜନ୍ମ ନେଇଥିବା ମଣିଷ, ଜୀବଜନ୍ତୁ ତଥା ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦ ସହିତ ସମ୍ପର୍କର ସୂତାଖିଅ। ଆମେ ସମସ୍ତେ ଆମ ମାଟିକୁ ନେଇ ଗର୍ବ କରୁ । ସୁବିସ୍ତୀର୍ଣ୍ଣ ମାଟି ଉପରେ ବିଭିନ୍ନ ସୀମାରେଖା ଟାଣି ନିଜର ଦେଶ, ରାଜ୍ୟ, ଭାଷା ଆଦି ବିଭିନ୍ନ ପରିଚୟ ସୃଷ୍ଟି କରୁ। ମା' ଯେମିତି ଆମ ଜୀବ ସାର ମୂଳ ପିଣ୍ଡ ଠିକ୍ ସେହିଭଳି ମାଟି ମଧ୍ୟ ସୃଷ୍ଟି ଏବଂ ସମ୍ଭାବନାର ମୂଳ ଆଧାର, ଯେଉଁଥିପାଇଁ ଆମେ କହୁ "ମାଟି ନୁହେଁ ସିଏ ଆମ ମା' ଟି"। ପଞ୍ଚମହାଭୂତରେ ଗଢ଼ା ଆମର ଜୀବନ ହେଉ କିମ୍ବା ଉତ୍ପାଦନ ପ୍ରକ୍ରିୟାର ଏକ ମୁଖ୍ୟ ମାଧ୍ୟମ ଭାବେ ବିବେଚିତ ହେଉଥିବା ମାଟିର ଗୁରୁତ୍ୱ ସବୁଠି ବାରି ହୋଇ ପଡ଼ିଥାଏ। ଯଦି ଆମ ଜୀବନ, ସମ୍ପର୍କ, ଅର୍ଥନୀତି, ରାଜନୀତି ସବୁକିଛି ଏହି ମାଟି ଉପରେ ନିର୍ଭରଶୀଳ ତା'ହେଲେ ଏହାର ମହକକୁ ଭୁଲିଯାଇ ଆମେ ତା' ଉପରେ ଅତ୍ୟାଚାର କରୁଛୁ କାହିଁକି? ପ୍ରଜାପତିର ଡେଣା ଲାଗିଗଲା ପରେ ସିଏ ଯେମିତି ଏ ଫୁଲରୁ ସେ ଫୁଲକୁ ଉଡ଼ିବୁଲେ ସେହିଭଳି ଭାବେ ଯେଉଁ ମାଟି ଆମକୁ ବଡ଼ କରି ଦୁନିଆରେ ବଞ୍ଚିବା ଶିଖାଇ ଛୋଟରୁ ବଡ଼ କରି ଗଢ଼ିଥାଏ ତା' ପ୍ରତି ଥିବା କର୍ତ୍ତବ୍ୟକୁ ପାସୋରି ଦେଇ ଆମେ ଅନ୍ୟ କେଉଁ ମାଟିର ବାସ୍ନାରେ ବିମୋହିତ ହୋଇ ଫୁରକିନା ଉଡ଼ିଯିବା କ'ଣ ବିଜ୍ଞତାର ପରିଚୟ? ଏହି ମାଟି ପ୍ରତି ଥିବା ମମତାକୁ ଆଧାର କରି ରାମାୟଣରେ ବର୍ଣ୍ଣିତ ଏକ ଶ୍ଳୋକ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ।

ଲଙ୍କାପତି ରାବଣର ନିଧନ ପରେ ଯେତେବେଳେ ଶ୍ରୀରାମଚନ୍ଦ୍ରଙ୍କୁ ସ୍ୱର୍ଣ୍ଣମୟୀ ଲଙ୍କାରେ ରାଜା ହେବା ପାଇଁ ତାଙ୍କର ସହଯୋଗୀ ତଥା ଭ୍ରାତା ଲକ୍ଷ୍ମଣ ଅନୁରୋଧ କଲେ ତାଙ୍କ ପାଟିରୁ ବାହାରି ପଡ଼ିଲା "ଅପି ସ୍ୱର୍ଣ୍ଣମୟୀ ଲଙ୍କା ନମେ ରୋଚତେ ଲକ୍ଷ୍ମଣ ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ"। ଅର୍ଥାତ୍ ରାମଚନ୍ଦ୍ରଙ୍କୁ ନିଜ ମାଟି ଅଯୋଧ୍ୟା ଆଗରେ ଲଙ୍କାର ସମସ୍ତ ସମ୍ପଦ ଐଶ୍ୱର୍ଯ୍ୟ ତୁଚ୍ଛ ଲାଗିଥିଲା। କେବଳ ପରିସ୍ଥିତି, ପରିବେଶ ତଥା ଆବଶ୍ୟକତା ଦୃଷ୍ଟିକୋଣରୁ ଲଙ୍କାକୁ ଆକ୍ରମଣ କରି ବିଜୟପ୍ରାପ୍ତ କରିଥିଲେ ମଧ୍ୟ ସିଏ ନିଜର ମାତୃଭୂମିକୁ ଫେରି ଆସିବାକୁ ଶ୍ରେୟସ୍କର ମଣିଥିଲେ। ବିଶ୍ୱବିଜୟୀ ଆଲେକଜାଣ୍ଡାର ମଧ୍ୟ ବିଭିନ୍ନ ଦେଶକୁ ଆକ୍ରମଣ କରି ନିଜର ଅଧିକାର ଜାହିର କରି ସାରିବା ପରେ ନିଜ ମାତୃଭୂମିକୁ ଫେରିଯିବା ପାଇଁ ଶ୍ରେୟସ୍କର ମନେକରିଥିଲେ।



ବେପାର, ବଣିଜ, କର୍ମସଂସ୍ଥାନ ତଥା ଶିକ୍ଷାଲାଭ ନିମିତ୍ତ ମଣିଷ ନିଜ ମାଟିର ସୀମାରେଖା ଛାଡ଼ି ଅନ୍ୟମାଟିକୁ ଯାଏ। ଆଶା ଆଶଙ୍କାରେ ଯାଇଥିବା ଲୋକମାନେ ଯେତେବେଳେ ନୂଆ ମାଟି, ପାଣି, ପବନ ଦ୍ୱାରା ଆକର୍ଷିତ ହୁଅନ୍ତି ସେତେବେଳେ ଧୀରେ ଧୀରେ ନିଜ ମାଟିର ମହକ ଆଉ ସେମାନଙ୍କୁ ବିଶେଷଭାବେ ଆକର୍ଷିତ କରିପାରେ ନାହିଁ ବରଂ ନିଜକୁ ଦୂରେଇ ନେଇ ସେମାନେ ନୂଆ ଜାଗାରେ ଖାପ ଖୁଆଇ ଚଳିବାର ଆଦବକାଇଦା ଧୀରେ ଧୀରେ ଶିଖିଯାଇ ପ୍ରବାସୀ ଭାବେ ରହିବାକୁ ଉଚିତ ମନେକରିଥାଆନ୍ତି। ବେଳେବେଳେ ଏମିତି ହୁଏ ନିଜ ଭାଷା, ଜ୍ଞାନ, ସଂସ୍କୃତି ତଥା ଭାସ୍କର୍ଯ୍ୟର ପ୍ରଚାର ଓ ପ୍ରସାରକୁ ଅଣଦେଖା କରି ତା'ର ଉଚିତ ସମ୍ମାନ କରିବା ତଥା ଭୁଲିଯିବା ସହିତ ନିଜ ପିଲାମାନଙ୍କୁ ସେଗୁଡ଼ିକୁ ଶିଖାଇବା ପାଇଁ ଠିକ୍ ମନେକରନ୍ତି ନାହିଁ। ଆଜିର ବୈଶ୍ୱୀକରଣ ଏବଂ ଉଦାରବାଦୀ ଅର୍ଥନୀତି ଯୁଗରେ ସମଗ୍ର ବିଶ୍ୱ ଏକ ପରିବାର ସଦୃଶ ମନେହେଲେ ମଧ୍ୟ ଦେଶ-ଦେଶ ମଧ୍ୟରେ ଥିବା ସୂକ୍ଷ୍ମ ବିଶେଷତ୍ୱ, ଅଦ୍ୱିତୀୟ ଭାବକୁ ଆଧାର କରି ସୃଷ୍ଟି ହେଉଥିବା ବିଭେଦତା ଆଜି ପ୍ରଶମିତ ହେବା ଜାଗାରେ ବଢ଼ିବାରେ ଲାଗୁଛି। ଯାହାଫଳରେ ଯେଉଁ ମାଟି ମା'କୁ ପର କରି ଅନ୍ୟ ମାଟି ମା'କୁ ଆଦର କରୁଥିଲେ ତା'ରି ପାଖକୁ ଫେରି ଆସିବାର ଅବକାଶ ସୃଷ୍ଟି ହେଉଛି। ମା' ତ ସର୍ବଂସହା, ନିଜ ସନ୍ତାନମାନଙ୍କୁ ପର କରିବ ବା କେମିତି? ତାର ଦୁଇ ହାତ ସବୁବେଳେ ସନ୍ତାନମାନଙ୍କୁ କୋଳେଇ ନେବା ପାଇଁ ତ' ଆଗ୍ରହୀ !

ଅନ୍ୟପକ୍ଷରେ ଆମେ ଯେଉଁମାନେ ମା' ପାଖରେ ସବୁଦିନ ପାଇଁ ରହୁ ତା'ର ଅନ୍ତର କଥା ବୁଝିବାରେ ପ୍ରାୟତଃ ଅସମର୍ଥ। ଜାତି, ଧର୍ମ, ଭାଷା ଆଦି ବିଭିନ୍ନ ତତ୍ତ୍ୱକୁ ନେଇ ଆମ ଭିତରେ ଝଗଡ଼ା ଆଉ ଅଶାନ୍ତି। ମା' ପାଖରେ ତ ସମସ୍ତ ସନ୍ତାନ ସମାନ। ତାକୁ ଆଧାର କରି ଯେଉଁ ଭିନ୍ନ ଭିନ୍ନ ପରିଚୟ ସୃଷ୍ଟି କରୁଛୁ ତାକୁ କ'ଣ ଭଲ ଲାଗୁଥିବ ? ଭବିଷ୍ୟତକୁ ଅଣଦେଖା କରି, ହାନି-ଲାଭର ବିଚାର ନ କରି ତା' ଉପରେ ଯେଉଁ ଅତ୍ୟାଚାର କରୁଛୁ ତାହା କ'ଣ ଆମ ସ୍ନେହ-ଶ୍ରଦ୍ଧାର ନିଦର୍ଶନ? ମା'ର ସ୍ୱାସ୍ଥ୍ୟ, ଶିକ୍ଷା, ମନ ଉପରେ ଯେମିତି ଶିଶୁର ଭବିଷ୍ୟତ ନିର୍ଭର କରେ ମାଟିର ମାନ ଉପରେ ମଧ୍ୟ ସଭ୍ୟତା ନିର୍ଭରଶୀଳ। ଯେଉଁ ମାଟିର ମହକ ଟିକକକୁ ନେଇ ଆମେ ଗର୍ବ କରୁ ଆମମାନଙ୍କ ପାଇଁ ଯଦି ତାହା ଦୁର୍ଗନ୍ଧରେ ରୂପାନ୍ତରିତ ହୁଏ ତାହା ଆମକୁ ଭଲ ଲାଗିବ ତ? ତେଣୁ ଆମ ମାଟି-ପାଣି-ପବନର ସ୍ୱତନ୍ତ୍ରତାକୁ ବଜାୟ ରଖିବା ପାଇଁ ଆମେ ସମସ୍ତେ କାୟ-ମନ ବାକ୍ୟରେ ବଚନବଦ୍ଧ ହେବା ଦରକାର ନ ହେଲେ ଆମେ ପରିଚୟବିହୀନ, ବିବର୍ଣ୍ଣ ପରିଚୟ କିମ୍ବା ଭିନ୍ନ ପରିଚୟ ନେଇ ବଞ୍ଚିବା ହିଁ ସାର ହେବ ।

ଭଦ୍ରକ, ମୋ: ୯୭୭୮୭୬୪୩୯୪

## ଏଇ ଭାରତରେ

ଭାରତର ବିଭିନ୍ନ ଅଞ୍ଚଳରେ ଭ୍ରାମ୍ୟମାଣ ଲାଇବ୍ରେରି ଲୋକଙ୍କ ପାଖରେ ବହି ପହଞ୍ଚାଇ ଦେଇପାରୁଛି। ଉତ୍ତରାଖଣ୍ଡ ଓ ରାଜସ୍ଥାନରେ ଏହି ଲାଇବ୍ରେରି ଚାଲିଛି ଘୋଡ଼ା ଓଟଙ୍କ ସାହାଯ୍ୟରେ। ଉତ୍ତରାଖଣ୍ଡର ଦୁର୍ଗମ ଗାଁ ଗୁଡ଼ିକୁ ଘୋଡ଼ା ଲାଇବ୍ରେରି ଯାଇ ଲୋକଙ୍କ ପାଖରେ ପହଞ୍ଚିଯାଉଛି। ଏହି ଲାଇବ୍ରେରି ଖୋଲିଛନ୍ତି ଶୁଭମ ବଧାନି। ସେ ଘୋଡ଼ା ପିଠିରେ ବ୍ୟାଗଗୁଡ଼ିକରେ ବହି ଲଦି ବିଭିନ୍ନ ଗାଁରେ ଲୋକଙ୍କୁ ବହି ଦେଉଛନ୍ତି। ଘୋଡ଼ା ଲାଇବ୍ରେରି ପ୍ରତି ଛୋଟପିଲାମାନେ ଆକର୍ଷିତ ହେଉଛନ୍ତି ଓ ବହି ନେଇ ପଢୁଛନ୍ତି। ଏହି ଲାଇବ୍ରେରି ପ୍ରତି ସପ୍ତାହରେ ଥରେ ବିଭିନ୍ନ ଗାଁରେ ବୁଲୁଛି। ସେହିଭଳି ରାଜସ୍ଥାନରେ ରଙ୍ଗିନ କନା ଓ ବେଲୁନରେ ସଜ୍ଜିତ ଓଟଗାଡ଼ି ଲାଇବ୍ରେରି ଗାଁକୁ ଗାଁ ବୁଲି ଲୋକଙ୍କୁ ବହି ଦେଉଛି। ବିଶେଷକରି ଗଳ୍ପ ବହି ଓ ପିଲାଙ୍କ ପାଇଁ ଅନେକ ଶିକ୍ଷଣୀୟ ବହି ରହିଛି ଏହିସବୁ ଲାଇବ୍ରେରିରେ। ଦିଲ୍ଲୀରେ ଭ୍ରାମ୍ୟମାଣ ଲାଇବ୍ରେରି ବୁକ୍‌ୱର୍ମ ବସ୍‌ରେ ଚାଲୁଛି। ବସ୍‌ରେ ଚାଲିଥିବା ଲାଇବ୍ରେରିରେ ଲୋକେ ବସି ପଢ଼ିବାର ବ୍ୟବସ୍ଥା ହୋଇଛି। ଏହାକୁ ଲୋକେ କହୁଛନ୍ତି ସଞ୍ଚାର ଗ୍ରନ୍ଥାଳୟ। ମୁମ୍ବାଇରେ ମଧ୍ୟ ଏକ ଭ୍ରାମ୍ୟମାଣ ମରାଠୀ ଗ୍ରନ୍ଥ ସଂଗ୍ରହାଳୟ ପ୍ରତିଦିନ ୫ଟି ସ୍ଥାନକୁ ଯାଉଛି। ଏଥିରେ ୧୦,୦୦୦ ବହି ରହିଛି। ଗୋଟିଏ ସ୍ଥାନରେ ତାହା ଅତିବେଶିରେ ଦେଢ଼ ଘଣ୍ଟା ରହୁଛି। ଭ୍ରାମ୍ୟମାଣ ଲାଇବ୍ରେରିରୁ ଲୋକେ ବହି ନେଇ ପଢୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩ ମେ ୧୯୭୬

- ରାଜ୍ୟର ୩ଟି ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନଙ୍କୁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ଧାର୍ଯ୍ୟ କରିଥିବା ଦରମା ହାରରେ ଦରମା ଦିଆଯିବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି।
- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ବୋକାରୋଠାରେ ରୁଷ୍-ଭାରତ ସହଯୋଗିତାର ଉଜ୍ଜ୍ୱଳତମ ନିଦର୍ଶନ ବିରାଟ ଇସ୍ପାତ ପ୍ରକଳ୍ପର 'ହଟ୍‌ଷ୍ଟ୍ରିପ୍ ମିଲ୍' ଉଦ୍‌ଘାଟିତ।

## ପାଠକ ଶ୍ରେଷ୍ଠ ବିଚାରକ

### ଜନଔଷଧିର ମୂଲ୍ୟକୁ ନେଇ ଦ୍ୱନ୍ଦ୍ୱ

ମହାଶୟ,

ପ୍ରଧାନମନ୍ତ୍ରୀ ଜନଔଷଧି ଦୋକାନଗୁଡ଼ିକରେ ଜେନେରିକ ମେଡିସିନଗୁଡ଼ିକ ସର୍ବାଧିକ ୭୦ରୁ ୮୦ ପ୍ରତିଶତ କମ୍ ମୂଲ୍ୟରେ ମିଳୁଛି ବୋଲି କେନ୍ଦ୍ର ସରକାରଙ୍କ ତରଫରୁ ବାରମ୍ବାର ସୂଚନା ଦିଆଯାଉଛି । ମାତ୍ର କେଉଁ ଔଷଧି କେତେ ରିହାତି ଦରରେ ମିଳୁଛି, ତାହା ଗ୍ରାହକମାନେ ଜାଣିବାର ସୁବିଧା ନାହିଁ । ଏହାର ସୁଯୋଗ ନେଇ ଦୋକାନୀମାନେ ନିର୍ଦ୍ଦିଷ୍ଟ ଔଷଧକୁ ବିଭିନ୍ନ ଦରରେ ବିକ୍ରି କରୁଛନ୍ତି । ଗୋଟିଏ ଉଦାହରଣରୁ କଥାଟି ସ୍ପଷ୍ଟ ହୋଇପାରିବ । ଗ୍ୟାସ ଔଷଧ ପାଣ୍ଟାପାଷ୍ଟ ଡି.ଏସ୍.ଆର୍.ର ଏମ୍‌ଆର୍‌ପି ୧୬୩ ଟଙ୍କା ଲେଖାଥିବା ବେଳେ କେତେକ ଦୋକାନୀ ୨୦ ଟଙ୍କାରେ ବିକ୍ରି କରୁଥିବା ବେଳେ ଅନ୍ୟ ଦୋକାନୀ ୯୦ ଟଙ୍କା ଦରରେ ବିକ୍ରି କରୁଛନ୍ତି । ଏହିପରି ଭାବରେ ଗ୍ରାହକମାନଙ୍କୁ ଶୋଷଣ କରାଯାଉଛି । ଏଣୁ ପ୍ରତ୍ୟେକ ଔଷଧରେ ପ୍ରକୃତ ବିକ୍ରିମୂଲ୍ୟ ଲେଖାଗଲେ ଲୋକମାନେ ଉପକୃତ ହୁଅନ୍ତେ ଓ ଔଷଧର ପ୍ରକୃତ ବିକ୍ରି ମୂଲ୍ୟକୁ ନେଇ ଦ୍ୱନ୍ଦ୍ୱ ଦୂର ହୋଇପାରିବ । କେନ୍ଦ୍ର ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ପୁରୀରେ ମାଙ୍କଡ଼ ଉତ୍ପାତ

ମାଙ୍କଡ଼ ଉତ୍ପାତ ପୁରୀ ସହରରେ ଏକ ପୁରାତନ ସମସ୍ୟା ହେଲେ ବି ଖରାଦିନେ ଖାଦ୍ୟ ଓ ପାନୀୟ ଅଭାବରୁ ଜଙ୍ଗଲୀ ମାଙ୍କଡ଼ ମଧ୍ୟ ବସତି ଅଭିମୁଖୀ ହେବାରୁ ଏହା ଏକ ନୂତନ ଓ ଭିନ୍ନ ସମସ୍ୟା ସୃଷ୍ଟି କରୁଛି । ଶ୍ରୀମନ୍ଦିର ପରିସର ଓ ପାର୍ଶ୍ୱବର୍ତ୍ତୀ ସାହି/ବସ୍ତିରେ ମାଙ୍କଡ଼ମାନେ ସାହିବାସିନ୍ଦା ଓ ଦର୍ଶନାର୍ଥୀ ତଥା ପର୍ଯ୍ୟଟକମାନଙ୍କ ଖାଦ୍ୟପଦାର୍ଥ ଓ ମନିପର୍ସ, ଭ୍ୟାନିଟ୍ ଲୁଟିନେଉଛନ୍ତି । ଭୟରେ ଲୋକମାନେ ଛାତ ଉପରକୁ ଯାଇପାରୁନାହାନ୍ତି । ତେଣେ ଗଛ, ପତ୍ର, ଫୁଲ ଓ ଫଳ ମାଙ୍କଡ଼ଙ୍କ କବଳରୁ ବର୍ତ୍ତିପାରୁ ନାହିଁ । ବାଟୁଳିଖଡ଼ା, ବଡ଼ ବାଉଁଶ ଆତ୍ମରକ୍ଷାର ମାଧ୍ୟମ ହୋଇଛି ଓ ସାଇକେଲ ଟାୟାରରେ ଲୁହାକଣ୍ଟା ମାଳ ଟିଭି ଆଣ୍ଟିନା ସୁରକ୍ଷା କବଚ ସାଜିଛି । ଏହାର ଉପଚାର କେବେ ?

–ଡି.ପି ତ୍ରିପାଠୀ, ପୁରୀ

## ଚିରନ୍ତନୀ

ସିନେମା ଯିବାକୁ ଟ୍ୟାକ୍‌ସିରେ ଚଢ଼ି
ତରୁଣ ବନ୍ଧୁ ଡାକଇ ଆସ
"ଛାତିର ବ୍ରୋଚ୍‌ଟା ଦିଏ ମୁଁ ସଜାଡ଼ି
ନ ହେଲେ ନ ହେଉ ଆଇ ଏ ପାଶ।"
–(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବାଲିମେଲା ପାୱାର ପ୍ରୋଜେକ୍ଟରେ ଶ୍ରମିକ ଦିବସ



**କୋରୁକୋଣ୍ଡା,୨।୫(ଶିବଦତ୍ତ ସାହୁ )**

ମାଲକାନଗିରି ଜିଲା ବାଲିମେଲା ସହରରେ ଥିବା ବାଲିମେଲା ପାୱାର ହାଉସ ପ୍ରୋଜେକ୍ଟ ଏମ୍ପ୍ଲଇଜ୍ ୟୁନିୟନ ପକ୍ଷରୁ ଗୁରୁବାର ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ପ୍ରବୀର କୁମାର ଦାସଙ୍କ ନେତୃତ୍ୱରେ ସକାଳ ୭ଟା ୩୦ରେ ଡ୍ରଗ ଲାଇନ୍‌ଠାରେ ଥିବା ସଂଘ କାର୍ଯ୍ୟାଳୟ ପରିସରରେ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ। ଅପରାହ୍ନ ୪ ଟାରେ ବାଲିମେଲା ସହରର ମୁଖ୍ୟ ପ୍ରବେଶପଥ ତଥା ନୂଆସାହିଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିବା ପରେ ସଂଘ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ବାଲିମେଲା ପାୱାର ପ୍ରୋଜେକ୍ଟ ଏମ୍ପ୍ଲଇଜ ୟୁନିୟନର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତାଙ୍କ ସହ ଗାଡ଼ି ଚାଳକ ସଂଘ ଏବଂ ସହରରେ ଥିବା ବିଭିନ୍ନ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ। ପରେ ସନ୍ଧ୍ୟା ୭ ଟାରେ ସଂଘ କାର୍ଯ୍ୟାଳୟ ପରିସରରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ସମ୍ମାନିତ ଅତିଥି ଭାବେ ଜିଲା ଆଦିବାସୀ ସଂଘର ସଭାପତି ବାଲରାଜ ଗାମେଲ, ବାଲିମେଲା ଜଳବନ୍ଧ ଯୋଜନା ସଂଘର ସଭାପତି ବିଦେଶୀ ଗୌଡ଼, କାହ୍ନୁ ଚରଣ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶ୍ରମିକ ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ କେ. ମୋହନ ରାଓ, ସନ୍ତୋଷ କୁମାର ଗନ୍ତାୟତଙ୍କ ସମେତ ଅନ୍ୟ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

**ପଡିଆ,୨।୫(ଭାସ୍କର ରାଓ)**

ପଡିଆ ବ୍ଲକ ବାପନପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଏମ୍‌ପିଭି –୬୭ ଗ୍ରାମରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପଡିଆ ଥାନାରେ ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ଏମ୍‌ଭି–୫୯ ଗ୍ରାମର ଶଶି ଭୂଷଣ ତରଫଦାର। ସେ ଗତ ୩ ମାସ ହେଲା ଏମ୍‌ପିଭି ୬୭ ଗ୍ରାମରେ ଜଣେ ଲୋକଙ୍କ ଘରେ ଭଡାରେ ରହୁଥିଲେ। ଗତ ବୁଧବାର ଅପରାହ୍ନ ସୁଦ୍ଧା କେହି ଘରର କବାଟ ନ ଖୋଲିବାରୁ ସ୍ଥାନୀୟ ଲୋକେ ଶଶିଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘରର ଭେଣ୍ଟିଲେଟର ଝରକା ଦେଇ ଦେଖିବାରୁ ଶଶୀ ବେକରେ ରଶି ଲଗାଇ ଏକ ପଙ୍ଖାରେ ଝୁଲୁଥିବା ଦେଖି ପଡିଆ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘରର କବାଟ ଖୋଲି ଯାଞ୍ଚ କରିବା ସହ ପରିବାର ଲୋକଙ୍କ ଉପସ୍ଥିତରେ ମୃତଦେହ ଜବତ କରିଥିଲା। ପରେ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ପଡିଆ ଥାନାରେ ଅପମୃତ୍ୟୁ ମାମଲା ନଂ ୧୦/୨୦୨୫ ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।

# ଡ୍ରପ୍ ଆଉଟ୍ ରୋକିବାକୁ ଚାଇଲ୍ଡ ଟ୍ରାକିଂ ସର୍ଭେ ଆରମ୍ଭ

**କାଲିମେଲା, ୨।୫(ଜୀବନ କୃଷ୍ଣ ଦାସ)**

ରାଜ୍ୟରେ ଡ୍ରପ୍‌ଆଉଟ ରୋକିବାକୁ ନେଇ ଆରମ୍ଭ ହୋଇଛି ଚାଇଲ୍ଡ ଟ୍ରାକିଂ ସର୍ଭେ। ୦ରୁ ୧୮ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଏବଂ ଅଭିଭାବକମାନଙ୍କୁ କିଭଳି ଶିକ୍ଷା ଦିଗରେ ସଚେତନ କରାଯିବ ସେ ନେଇ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ତରଫରୁ ଚାଇଲ୍ଡ ଟ୍ରାକିଂ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ମାଲକାନଗିରି ଜିଲା ଶିକ୍ଷା ବିଭାଗ ପକ୍ଷରୁ ମେ ପହିଲାରୁ ଏକ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରାଯାଇଛି। ୫ ଦିନ ପର୍ଯ୍ୟନ୍ତ ଶିକ୍ଷକମାନେ ଘର ଘର ବୁଲି ସର୍ଭେ କରିବେ ବୋଲି ଜଣାପଡ଼ିଛି । ଏହି ପରିପ୍ରେକ୍ଷୀରେ ଜିଲାର କାଲିମେଲା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଏହି ସର୍ଭେ ଆରମ୍ଭ ହୋଇଥିବା ବେଳେ ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ନିଜ ନିଜ ଅଞ୍ଚଳର ଘରକୁ ଘର ବୁଲି ସର୍ଭେ କରୁଥିବା ଦେଖିବାକୁ ମିଳିଛି । ଦ୍ୱିତୀୟ ଦିନରେ କାଲିମେଲା ବ୍ଲକ କଲୋନି ବିଦ୍ୟାଳୟର ଶିକ୍ଷକମାନେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଘର ବୁଲି ଏହି ସର୍ଭେ କରୁଥିବା ଜଣାପଡିଛି।



ଶିକ୍ଷକମାନେ ଘର ଘର ବୁଲି ସର୍ଭେ କରୁଛନ୍ତି ।

ଚାଇଲ୍ଡ ଟ୍ରାକିଂ ସର୍ଭେ ଦ୍ୱାରା ୦ ରୁ ୧୮ ବର୍ଷ ପର୍ଯ୍ୟନ୍ତ ଯେଉଁ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡୁଛନ୍ତି କିମ୍ବା ବିଦ୍ୟାଳୟ ଜମା ଯାଇନାହାନ୍ତି ସେମାନଙ୍କୁ ଚିହ୍ନଟ କରାଯାଇପାରିବ। ସେହି ପିଲାଙ୍କୁ ବିଦ୍ୟାଳୟକୁ ପୁଣି ଥରେ ଫେରାଇ ଆଣିବା ଏହି ସର୍ଭେର ମୂଳ ଲକ୍ଷ୍ୟ। ଏ ନେଇ ବ୍ଲକ ଶିକ୍ଷାଧିକାରୀଙ୍କ ମନୋନୀତ ଶିକ୍ଷକ ସର୍ଭେ କାର୍ଯ୍ୟ କରିବେ । ପିଲା କେଉଁ କାରଣରୁ ଅଧାରୁ ପାଠପଢ଼ା ଛାଡ଼ିଛନ୍ତି ତାହା ମଧ୍ୟ ସ୍ପଷ୍ଟ କରିବେ, କେଉଁ ଭାଷାରେ କଥାବାର୍ତ୍ତା କରନ୍ତି, ଦିବ୍ୟାଙ୍ଗ କି ନାହିଁ; ସେ ସଂକ୍ରାନ୍ତରେ ମଧ୍ୟ ସମସ୍ତ ତଥ୍ୟ ସଂଗ୍ରହ କରାଯିବ। ଏଥିସହ ବ୍ଲକ୍‌ର ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷକମାନେ ଏହି କାର୍ଯ୍ୟ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ଏହାରି ମଧ୍ୟରେ ପ୍ରତିଦିନ ୨ରୁ ୩ ଘଣ୍ଟା ମୋବାଇଲ ଆପ ଜରିଆରେ ତଥ୍ୟ ସଂଗ୍ରହ କରାଯିବ। ପ୍ରତିଦିନ ସର୍ଭେ ସାରିବା ପରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ପ୍ରଧାନ ଶିକ୍ଷକଙ୍କ ମାଧ୍ୟମରେ ସିଆରସିସିଙ୍କୁ ଦୈନିକ ରିପୋର୍ଟ ପ୍ରଦାନ କରିବେ । ସିଆରସିସି ମଧ୍ୟ ଦୈନିକ ତଥ୍ୟ ବିଇଓଙ୍କୁ ପ୍ରଦାନ କରିବେ ବୋଲି ଚିଠିରେ ନିର୍ଦ୍ଦେଶ ଦିଆଯାଇଛି । ସର୍ଭେ ସରିଲେ ବିଇଓ ପୂର୍ଣ୍ଣାଙ୍ଗ ତଥ୍ୟକୁ ଜିଲା ପ୍ରକଳ୍ପ ଅଧିକାରୀଙ୍କୁ ପ୍ରଦାନ କରିବେ ବୋଲି ଜଣାପଡ଼ିଛି।

### ଘର ଘର ବୁଲି ସର୍ଭେ କରୁଛନ୍ତି ଶିକ୍ଷକ

# ଶ୍ରମିକ ଦିବସରେ ସହାୟତା ରାଶି ବଣ୍ଟନ


ଅତିଥିଙ୍କ ସହ ପୁରସ୍କୃତ ହୋଇଥିବା ଶ୍ରମିକ ଏବଂ ତାଙ୍କ ପରିବାରବର୍ଗ।

**ମାଲକାନଗିରି,୨।୫ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସଦର ମହକୁମାର ସଂସ୍କୃତି ଭବନଠାରେ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଖଣ୍ଡାୟ ଶ୍ରମ ଆୟୁକ୍ତ ପ୍ରସନ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି, ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ପୌର ପରିଷଦ ଏକ୍ସିପି ଏବଂ ବିଧାୟକ ପ୍ରତିନିଧି ବିଜୟ କୁମାର ମହାରଣା ଓ ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଗୁରୁକୁ ଯୋଗଦେଇଥିଲେ। ସରକାରଙ୍କ ପକ୍ଷରୁ ଶ୍ରମିକଙ୍କ ପାଇଁ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ସହ ଶିଶୁ ଶ୍ରମିକମୁକ୍ତ କରିବାକୁ ଅଭିଯାନ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଓଡ଼ିଶା ଗୃହ ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଯୋଜନାରେ ୧୧୧ ଜଣ ଶ୍ରମିକଙ୍କୁ ମୃତ୍ୟୁକାଳୀନ ସହାୟତା, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା, ବିବାହ ସହାୟତା, ପ୍ରସୂତି ସହାୟତା ଓ ଶିକ୍ଷା ସହାୟତା ପାଇଁ ମୋଟ ୫୯ ଲକ୍ଷ ୯୨ ହଜାର ୬୦୦ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ଓଡ଼ିଶା ଅଣ ସଂଗଠିତ କର୍ମଚାରୀ ସାମାଜିକ ସୁରକ୍ଷା ବୋର୍ଡ ଯୋଜନା ଅଧୀନରେ ୨ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ଓ ୧୪୩ ଜଣଙ୍କୁ ଶ୍ରମ ପରିଚୟପତ୍ର ପ୍ରଦାନ କରାଯାଇଛି।

# ଲିଙ୍ଗଗତ ସମାନତା ବିପର୍ଯ୍ୟୟ କର୍ମଶାଳା

**ମାଥିଲି,୨।୫ (ସୁବାଷ ଚନ୍ଦ୍ର ଖୁଡୁପିଆ)**

ମାଥିଲି ବ୍ଲକ ସଭା ଗୃହରେ ଶୁକ୍ରବାର ବ୍ଲକ୍‌ସ୍ତରୀୟ 'ଲିଙ୍ଗଗତ ସମାନତା ବିପର୍ଯ୍ୟୟ କର୍ମଶାଳା' ଆୟୋଜିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ମହେଶ ବାକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ବିଡ଼ିଓ ପ୍ରମୋଦ ବେହେରା, ତହସିଲଦାର ମାନସୀ ଭୋଇ, ସମସ୍ତ ସରପଞ୍ଚ, ଜିଲା ପରିଷଦ ସଭ୍ୟା ସୁସ୍ମିତା ମାଝୀ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବିଶେଷ ତାଲିମଦାତା ଭାବରେ ରାଜ୍ୟ ପ୍ରକଳ୍ପ ଅଧିକାରୀ ସୁବୋଧ ନାୟକ କର୍ମଶାଳାକୁ ସମ୍ବୋଧନ କରି ଲିଙ୍ଗଗତ ସମାନତା ଓ ଏହାର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରିଥିଲେ। ସମାଜରେ ଲିଙ୍ଗ ଆଧାରିତ ଭେଦଭାବ ହ୍ରାସ କରି ସମାନ ଅଧିକାର ନିଶ୍ଚିତ କରିବା କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅଧିକାରୀ ନାୟକ କହିଥିଲେ।

# ଭାଜପାରେ ମିଶିଲେ ଟିଗଲ ସରପଞ୍ଚଙ୍କ ସହ ସମର୍ଥକ


ଭାଜପାରେ ସାମିଲ ହୋଇଥିବା ନୂତନ କର୍ମକର୍ତ୍ତା।

**କାଲିମେଲା, ୨।୫(ଜୀବନ କୃଷ୍ଣ ଦାସ)**

ମାଲକାନଗିରି ଜିଲା କାଲିମେଲା ଭାଜପା କାର୍ଯ୍ୟାଳୟଠାରେ ଶୁକ୍ରବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ କାଲିମେଲା ବ୍ଲକ ଟିଗଲ ପଞ୍ଚାୟତର ସରପଞ୍ଚ ଆମି କୁଞ୍ଜାଙ୍କ ତାଙ୍କର ବହୁ ସମର୍ଥକ ସହ ଅନ୍ୟ ଏକ ଦଳ ଛାଡ଼ି ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି । ଏଥିରେ ପୂର୍ବତନ ସରପଞ୍ଚ ଦେବା କୁଞ୍ଜା, ବଜିରି ମାଡକାମି, ଜଗନ୍ନାଥ କୁଞ୍ଜା, କାନା ମାଡକାମି, ଗଙ୍ଗା ରାବା, ଦେବା ରାବା ସଞ୍ଜୀତ ମାଡକାମି ଏବଂ ଏମ୍‌ପିଭି – ୪୫ ଗ୍ରାମର ଗୋପାଳ ସର୍ଦାର ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ। ବିଧାୟକ ମାଡକାମି ସରପଞ୍ଚଙ୍କ ସମେତ ସମସ୍ତଙ୍କୁ ଦଳୀୟ ଉତ୍ତରୀ ଏବଂ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ । ଭାଜପା ସରକାରଙ୍କ ବିକାଶ ଧାରାରେ ନିଜକୁ ସାମିଲ କରି ପଞ୍ଚାୟତର ଅଧିକ ଉନ୍ନତି କରିବା କ୍ଷେତ୍ରରେ କାର୍ଯ୍ୟ କରିବେ ବୋଲି ସରପଞ୍ଚ ଆମି କୁଞ୍ଜା ପ୍ରକାଶ କରିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ଭବାନୀ ଶଙ୍କର ମୁଖାର୍ଜୀ, କାଲିମେଲା ମଣ୍ଡଳ ସଭାପତି ରାମଚନ୍ଦ୍ର ବେଟି, ପୂର୍ବତନ ସଭାପତି ରତ୍ନାକର ପାଣିଗ୍ରାହୀ, ବିଧାୟକ ପ୍ରତିନିଧି ହରିଲାସ ମଣ୍ଡଳ, ଉତ୍ତମ ଓଝା, ନିହାର ରାୟଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ଗତ ୨ଦିନ ତଳେ ଭୁବନପଲ୍ଲୀ ସରପଞ୍ଚ ପୁଷ୍ପାଞ୍ଜଳୀ ମାଡକାମି ଭାଜପାରେ ସାମିଲ ହୋଇଥିଲେ।

### ଦେଶୀ ମଦ ଚାଲାଣ, ଅଭିଯୁକ୍ତ ଗିରଫ

**ଜୟପୁର,୨।୫(ପବନ ପାଣିଗ୍ରାହୀ)**

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଧଡରିଗୁଡାରେ ଚଢାଉ କରି ୨ ମହିଳାଙ୍କଠାରୁ ୨୫ ଲିଟର ଦେଶୀ ମଦ ଓ କୁମୁଲିପୁଟ ରାସ୍ତାରୁ କେନ୍ଦୁଗୁଡାର ସୁଶାନ୍ତ ସନ୍ତୋଷଙ୍କଠାରୁ ୮ ଲିଟର ମଦ ଜବତ କରାଯାଇଛି। ୩ ଅଭିଯୁକ୍ତଙ୍କୁ ଶୁକ୍ରବାର ସନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରୀ ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି।

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTCSBPOT81 ତା.26.04.2025ରିଖ
କାର୍ଯ୍ୟର ନାମ : "ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ସରଲା-ଶାସନ ମଧ୍ୟରେ ତୃତୀୟ ଲାଇନ୍ ଓ ଚତୁର୍ଥ ଲାଇନ୍ କାର୍ଯ୍ୟ ସମ୍ବନ୍ଧୀୟ ଶାସନ ଷ୍ଟେସନଠାରେ ସଂକେତ ଏବଂ ଦୂରସଂଚାର କାର୍ଯ୍ୟଗୁଡ଼ିକର ସମ୍ପାଦନ, ମହତ୍ୱପୂର୍ଣ୍ଣ (Critical) ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ (EI)ର ଯୋଗାଣ, ସଂସ୍ଥାପନ ଓ ପ୍ରଚଳନ ଏବଂ ସରଲା ଷ୍ଟେସନରେ M/S KYOSAN ନିର୍ମିତ ଇଲେକ୍ଟ୍ରୋନିକ ଇଣ୍ଟରଲକିଙ୍ଗ (EI)ର ପରିବର୍ତ୍ତନ।"
ଆନୁମାନିକ ମୂଲ୍ୟ : ₹ 20,26,88,159/-, EMD : ₹ 11,63,500/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।
ଇ-ଟେଣ୍ଡର ବନ୍ଦ/ଖୋଲାଯିବା ତାରିଖ ଓ ସମୟ : ତା.19.05.2025ରିଖ 1500 ଘଟିକାରେ ।
ସଂପୂର୍ଣ୍ଣ ବିସ୍ତୃତ ବିବରଣୀ : www.ireps.gov.in ରେ ଉପଲବ୍ଧ ହେବ । ଯଦି ଇଣ୍ଟରନେଟ୍‌ରୁ ଡାଉନଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ(ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।
ଉପ ମୁଖ୍ୟ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ/ ନିର୍ମାଣ/ସମ୍ବଲପୁର
PR-16/CI/25-26

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
ONE DRIVER and ONE COOK (Female)
Lodging and Fooding arrangements is ours only for Bhubaneswar.
9338675380, 7894505580

WANTED
Applications are invited for temporary appointment for Jr. Steno, Data Entry Operator, Accounts Assistant, Accounts Officer and Assistant Secretary in the office of Odisha State Bar Council, Cuttack. For details visit the official website of Odisha State Bar Council :
www.odishabarcouncil.org

WANTED
LADIES OFFICE EXECUTIVE
RAHIBA GHARA FREE
Attached Bathroom
KHAIBA FREE
Salary 10000 + Bonus 50000 to 100000 annual + other benefits
PHULANAKHARA, CUTTACK
7809525452

See Career Appointment on every Wednesday & Saturday

ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ନବରଙ୍ଗପୁର–୭୬୪୦୫୯
Ph:(06858)- 222568 (Off), E-mail:dpcnawrangssa.opepa@nic.in
Letter No.1013/Ped/25 CORRIGENDUM Dated 01.05.2025
1. The last date and time of receipt of bid for supply of Teaching Learning Materials (Sishu Vatika to Grade-III) vide tender call notice no.973 dated 23.04.2025 may be read as "22.05.2025, 05.30 P.M. and opening of tender as 23.05.2025, 11.00 A.M." instead of "14.05.2025, 05.30 P.M. and 15.05.2025, 11.00 A.M." respectively. 2. "Valid Aadhaar Udyog Registration for Printing Works" may be read as "Valid Udyaam Registration". 3. Office as well as printing setup in the state of Odisha" may be read as "Office setup in the state of Odisha". 4. The above may kindly be ignored being a typographical error. Other terms and conditions shall remain unchanged.
Sd./- District Education Officer-cum-DPC, Samagra Siksha, Nabarangpur

# ରାଜ୍ୟସ୍ତରୀୟ କବିତା ଦରବାରରେ ରତ୍ନାକର ସମ୍ମାନିତ



ସାହିତ୍ୟିକ ଓ କବି ରତ୍ନାକର ଦାଶଙ୍କୁ ସମ୍ମାନୀତ କରାଯାଉଛି।

**ମାଲକାନଗିର,୨।୫ (ଦୁର୍ଯ୍ୟୋଧନ ପାତ୍ର)**

ଓଡିଶା ସାହିତ୍ୟ ଏକାଡେମୀ ଓ ଜିଲା ଲେଖକ ସାମ୍ଖ୍ୟର ମିଳିତ ଆନୁକୁଲ୍ୟରେ ଫୁଲବାଣୀର ଗାନ୍ଧୀ ସ୍ମୃତି ଭବନରେ ବରିଷ୍ଠ କବି ବିଦେଶୀ ନାୟକଙ୍କ ଆବାହକତ୍ୱରେ ରାଜ୍ୟସ୍ତରୀୟ କବିତା ଦରବାର ଓ କାବ୍ୟୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଓଡିଆ ଭାଷା ସଂସ୍କୃତି ଓ ସାହିତ୍ୟ ସେବାକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ମାଲକାନଗିରି ଜିଲା ସାହିତ୍ୟିକ ଓ କବି ରତ୍ନାକର ଦାଶଙ୍କୁ ସମ୍ମାନୀତ କରାଯାଇଛି। ଏହି ଉତ୍ସବରେ ୩୦ ଜିଲାରୁ ୩୦ଜଣ ରାଜ୍ୟସ୍ତରୀୟ ବରିଷ୍ଠ କବିଙ୍କ ସହ ବୌଦ୍ଧ ଓ କନ୍ଧମାଳର ଶତାଧିକ କବି ଯୋଗଦେଇ କବିତା ପାଠ କରିଥିଲେ। ଏହି ଅବସରରେ କବି ରତ୍ନାକର ଦାଶ ଜୀବନ ଶୀର୍ଷକ ଆଧାରରେ କବିତା ଆବୃତ୍ତି କରିବା ସହ ସମ୍ବର୍ଦ୍ଧିତ ହୋଇଥିଲେ।

भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान
I.C.A.R-Central Institute of Freshwater Aquaculture
कौशल्यागंग, भुवनेश्वर-751002, ओड़ीशा
Kausalyaganga, Bhubaneswar-751002, Odisha
Advertisement No. 06/2025-26 Date of Insertion- 02.05.2025
वॉक–इंन–इंटरव्यू
भा.कृ.अनु.प– केन्द्रीय मीठाजल जीव पालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में 01 (एक) यंग प्रोफेशलन–II पद की भर्ती के लिए दिनांक 19.05.2025 को पू.10.00 बजे वॉक–इंन–इंटरव्यू बजे आयोजित किया जायेगा। अधिक जानकारी हेतु कृपया भा.कृ.अनु.प–सीफा वेबसाइट http://www.cifa.nic.in पर जाएं।
WALK-IN INTERVIEW
A Walk-in-Interview will be held on 19.05.2025 at ICAR-CIFA, Bhubaneswar at 10.00 A.M. for 01 (one) no. of Young Professional-II, (YP-II) (purely on contractual basis) work under the ICAR Research Project "Genome Editing in Aquaculture" at ICAR-Central Institute of Freshwater Aquaculture, Kausalyaganga, Bhubaneswar, Odisha. For further details please visit to ICAR-CIFA website: http://www.cifa.nic.in.
मुख्य जाँचकर्ता/Principal Investigator

TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017
NOTICE INVITING TENDER
T.No. TPWODL/AK/O/SER/ 2500000940 Date. 03.05.2025
TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :
RC For Meter Reading, Spot Billing, Colored Bill printing for Non SBM consumers and Bill Distribution at TPWODL.
Interested bidders are to submit Tender Participation Fee and Authorization Letter through email on or before 09th May 2025, 22:00Hrs., after which the link from e-Tender system shall be shared with them.
For detailed tender documents of the above-mentioned tender, please visit Tender section of www.tpwesternodisha.com. All details for participating in tender is given in the tender document.
All future correspondence regarding the tender, bid submission, date extension etc. will take place with the participating bidders only through E-Tender system.
Sd/- Head- Contracts & Procurement

# ଜିଲାର ଟପ୍ ୧୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବାଲିମେଲାର ୬


ସ୍ମୃତିରେଖା ପ୍ରଧାନ


ପ୍ରାଚୀ ଦାସ


ନୀତୀଶ ପାଙ୍ଗୀ


କ୍ରିଷ୍ଣାଶ୍ରିୟା ସ୍ୱାଇଁ


ଅନ୍ୱେଷା ବିଶ୍ୱାଳ


ପ୍ରେରଣା ପାଢ଼ୀ

**କୋରୁକୋଣ୍ଡା,୨।୫(ଶିବଦତ୍ତ ସାହୁ )**

### ପ୍ରକାଶ ପାଇଲା ମାଟ୍ରିକ୍ ପରୀକ୍ଷାଫଳ

ମାଟ୍ରିକ ବୋର୍ଡ ପରୀକ୍ଷା ଫଳାଫଳ ଶୁକ୍ରବାର ପ୍ରକାଶ ପାଇଛି। ମାଲକାନଗିରି ଜିଲାରେ ଟପ୍ ୧୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବାଲିମେଲା ସହରର ୬ଜଣ ରହିଛନ୍ତି। ଏମ୍‌ଭି –୭୯ ରେ ଥିବା ସାବେରୀ ସରକାରୀ ଉଚ୍ଚ ବିଦ୍ୟାଳୟର ୨ ଯାଆଁଳା ଭାଇ ଡମ୍ବୁରୁଧର ଲେଙ୍କା ଏବଂ ଡାନିୟଲ ଲେଙ୍କା ଉଭୟେ ୬୦୦ ରୁ ୫୬୦ ନମ୍ବର ରଖି ଜିଲାର ଟପ୍ପର ହୋଇଛନ୍ତି।

ସେହିପରି ମାଲକାନଗିରି ୭ ନମ୍ବରରେ ଥିବା ଜଗନ୍ନାଥପାଲ୍ଲୀ ଉଚ୍ଚ ବିଦ୍ୟାଳୟର ଶୁଭଜିତ ବାଛାର ୫୫୧ନମ୍ବର, ଜୟ ମିସ୍ତ୍ରୀ ୫୪୦ ନମ୍ବର, ଆକାଶ ମୁର୍ମୁ ୫୫୧ ନମ୍ବର ଏବଂ ବାସୁଦେବ ମଉରୀ ୫୪୬ନମ୍ବର ରଖି ଜିଲାର ଟପ୍ ୧୨ରେ ସ୍ଥାନ ହାସଲ କରିଛନ୍ତି। ତେବେ ୧୨ ଜଣ ଛାତ୍ରୀଛାତ୍ରୀଙ୍କ ମଧ୍ୟରୁ ବାଲିମେଲା ସହରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ କ୍ରିଷ୍ଣାଶ୍ରିୟା ସ୍ୱାଇଁ ୫୫୮ ନମ୍ବର, ପ୍ରାଚୀ ଦାସ ୫୪୯ ନମ୍ବର, ଛାତ୍ରୀ ଅନ୍ୱେଷା ବିଶ୍ୱାଳ ୫୪୬, ଛାତ୍ରୀ ସ୍ମୃତିରେଖା ପ୍ରଧାନ ୫୪୬ ନମ୍ବର ଏବଂ ଛାତ୍ର ନୀତୀଶ ପାଙ୍ଗି ୫୪୦ ନମ୍ବର ରଖିଛନ୍ତି। ସେହିପରି ବାଲିମେଲା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରେରଣା ପାଢ଼ୀ ମୋଟ ୫୪୩ ନମ୍ବର ରଖି ଜିଲାର ଟପ୍ ୧୨ରେ ସ୍ଥାନ ପାଇଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ପ୍ରଶଂସାର ସୁଅ ଛୁଟୁଛି।

ସୂଚନାଯୋଗ୍ୟ, ଚଳିତ ବର୍ଷ ମାଲକାନଗିରି ଜିଲାରେ ଥିବା ୧୩୦ଟି ଉଚ୍ଚ ବିଦ୍ୟାଳୟର ମୋଟ ୮୧୯୭ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ସ୍ଥିର ହୋଇଥିଲା। ସେମାନଙ୍କ ମଧ୍ୟରୁ ୧୫୮ ଜଣ ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ। ଫଳରେ ମୋଟ ୮୦୩୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ।

इंडियन बैंक Indian Bank
इलाहाबाद ALLAHABAD
ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭
ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ **ଇଣ୍ଡିଆନ ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହି ଶାଖାର ଋଣଗ୍ରହୀତା/ଜାମିନ୍‌ଦାରଙ୍କ ବିରୁଦ୍ଧରେ ତାହା ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

| ଜଗତସିଂହପୁର ଶାଖା<br>ଋଣଗ୍ରହୀତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା ଏବଂ ଋଣ ଆକାଉଣ୍ଟ ନଂ. | ଋଣ ପରିମାଣ | ୨୪.୦୪.୨୦୨୫ ସୁଦ୍ଧା ବକେୟା ଦେୟ | ନୋଟିସ୍ ତାରିଖ/ ଏନ୍‌ପିଏ ତାରିଖ |
|---|---|---|---|
| **(୧) ମେସର୍ସ ଓର୍‌ଚିଡ୍ ମାର୍ଟ (ଋଣଗ୍ରହୀତା-ପାର୍ଟନରସିପ୍ ଫାର୍ମ)**, ସା: ସେଣ୍ଟ୍ରାଲ ମାର୍କେଟ, ପୋ./ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୦୩, **(୨)ଶ୍ରୀ ମହମ୍ମଦ ଜାମିଲ୍ (ମ୍ୟାନେଜିଂ ପାର୍ଟନର/ବନ୍ଧକଦାତା)**, ପିତା: ମହମ୍ମଦ କାସିମ୍, ଓହଳ, ଜଗତସିଂହପୁର-୭୫୪୧୦୩, **(୩)ଶ୍ରୀ ସେଖ୍ ଆମିନସ୍ ସାଜିଦିନ୍,(ପାର୍ଟନର/ବନ୍ଧକଦାତା)**, ପିତା: ମହମ୍ମଦ ସେକ୍‌ଓ୍ୱାଜ୍, ଓହଳ, ଜଗତସିଂହପୁର-୭୫୪୧୦୩, **(୪)ଶ୍ରୀ ସେଖ୍ ମଜହର ଅଲୀ (ପାର୍ଟନର)**, ପିତା: ଶେଖ୍ ଅଥର ଅଲୀ, ଠିକଣା: ପିତେଇପୁର, ଜଗତସିଂହପୁର, ପିନ୍- ୭୫୪୧୦୬ । **ଋଣ ଆକାଉଣ୍ଟ ନଂ.**ଓସିସି-୬୪୭୯୩୦୯୦୩୩, ଜିଇସିଏଲ୍‌ଏସ୍- ୭୩୦୭୦୩୧୭୮୧ । | ଓସିସି- ଟ.୨,୨୫,୦୦,୦୦୦/- ଜିଇସିଏଲ୍‌ଏସ୍- ଟ.୨୬,୭୦,୦୦୦/- | ଓସିସି- ଟ.୨,୩୬,୧୪,୩୩୩/- ଜିଇସିଏଲ୍‌ଏସ୍- ଟ.୧୨,୨୪,୭୬୭/- ସମୁଦାୟ: ଟ.୨,୪୮,୩୯,୧୦୦/- | ୨୪.୦୪.୨୦୨୫ / ୦୪.୦୪.୨୦୨୫ |

**ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ**

**ସମ୍ପତ୍ତି ନଂ.୧: ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୧୮୭/୨୦୮୬, ଖାତା ନଂ.୫୨୫/୭୮୪, ମୌଜା: ଦେଉଳିଗ୍ରାମେଶ୍ୱର, ଜଗତସିଂହପୁର, ଏରିଆ: ଏ୦.୬୦ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ନଂ.୧୫୬୮, ଦକ୍ଷିଣ- ରାସ୍ତା ଏବଂ ଉମେଶ ଚନ୍ଦ୍ର ପରିଡା, ପୂର୍ବ- ପ୍ଲଟ ନଂ.୧୮୭/୧୯୯୪ (ଦିପ୍ତିରାଣୀ କାନୁନ୍‌ଗୋ), ପଶ୍ଚିମ- ଗ୍ରାମ ରାସ୍ତା । **ସମ୍ପତ୍ତି ନଂ.୨: (କ)ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୪୯୫, ୪୯୬/୧୨୮୪, ଖାତା ନଂ.୨୫୮/୬୨୨, ଏରିଆ: ଏ୦.୦୪୫ ଡିସିମିଲି, ମୌଜା: ମାଧପୁର, ଜଗତସିଂହପୁର, ଚାରିପାର୍ଶ୍ୱରେ: ଉତ୍ତର- ନିଜ ପ୍ଲଟ ନଂ.୪୯୬, ଦକ୍ଷିଣ- ରାସ୍ତା ଏବଂ ପ୍ଲଟ ନଂ.୪୯୪, ପୂର୍ବ- ପ୍ଲଟ ନଂ.୪୯୯, ପଶ୍ଚିମ- ପ୍ଲଟ ନଂ.୪୯୨, **(ଖ)ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୪୯୬, ଖାତା ନଂ.୨୫୮/୬୨୦, ଏରିଆ: ୦.୦୪୫ ଡିସିମିଲି, ମୌଜା: ମାଧପୁର, ଜଗତସିଂହପୁର, ଚାରିପାର୍ଶ୍ୱରେ: ଉତ୍ତର-ଉତ୍ତର- ପ୍ଲଟ ନଂ.୪୯୭, ଦକ୍ଷିଣ- ପ୍ଲଟ ନଂ.୪୯୫, ୪୯୬/୧୨୮୪ (ମହମ୍ମଦ ଜାମିଲ୍), ପୂର୍ବ- ପ୍ଲଟ ନଂ.୪୯୯, ପଶ୍ଚିମ- ପ୍ଲଟ ନଂ.୪୯୨ । **ସମ୍ପତ୍ତି ନଂ.୩: ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୫୯୫, ଖାତା ନଂ.୨୩୧/୨୦୩, ମୌଜା: ଓହଳ, ଜଗତସିଂହପୁର, ଏରିଆ: ଏ୦.୦୪୦ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ଗୁରୁ ଚରଣ ବେହେରା, ଦକ୍ଷିଣ- ରାସ୍ତା, ପୂର୍ବ- ନିଲୋଫେରେ ୟାଜେଦିନ୍, ପଶ୍ଚିମ- ପ୍ଲଟ ନଂ.୧୨୦୯ । **ସମ୍ପତ୍ତି ନଂ.୪: ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୬୪୪/୪୪୯୨, ଖାତା ନଂ.୪୯୪/୧୪୩୫, ମୌଜା: ପାରଙ୍ଗ, ଅନୁଗୁଳ, ଏରିଆ: ଏ୦.୧୩ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ନିଜ ପ୍ଲଟ (ପ୍ଲଟ ନଂ.୬୪୩), ଦକ୍ଷିଣ- କନ୍ଦର୍ପ ସାହୁ, ପୂର୍ବ- ସିଉଳା ପାତ୍ର, ପଶ୍ଚିମ- ଦେବ ସିଂ । **ସମ୍ପତ୍ତି ନଂ.୫: ଶ୍ରୀ ସେଖ୍ ଆମିନସ୍ ସାଜିଦିନ୍** ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ପ୍ଲଟ ନଂ.୫୯୬/୧୫୯୬, ଖାତା ନଂ.୨୩୧/୨୧୯, ମୌଜା: ଓହଳ, ଜଗତସିଂହପୁର, ଏରିଆ: ଏ୦.୦୮ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ଗୁରୁ ଚରଣ ବେହେରା, ଦକ୍ଷିଣ- ରାସ୍ତା, ପଶ୍ଚିମ- ସେଖ୍ ଆଇନୁଜ୍ ୟାଜେଦିନ୍, ପୂର୍ବ- ନିଲୋଫେରେ ୟାଜେଦିନ୍ ।

ଆପଣମାନେ, ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାରମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧର ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଉପର ଲିଖିତ ତାରିଖରେ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ଆପଣଙ୍କୁ ଜଣାଇ ଦିଆଯାଉଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ର ଧାରା ୧୩(୧୩) ନୀୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତ ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ପଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ/ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ ।

ସ୍ଥାନ- ଭୁବନେଶ୍ୱର, ତାରିଖ- ୦୨.୦୫.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ

**ଏଡିଜେଙ୍କ ଦାୟିତ୍ୱ ଗ୍ରହଣ**

ଗୁଣପୁର,( ପ୍ରଦୀପ କୁମାର ପାଢ଼ୀ)- ରାୟଗଡ଼ା ଜିଲା ଗୁଣପୁରର ନୂତନ ଏଡିଜେ ଭାବେ ଦେବଦତ୍ତ ପଟ୍ଟନାୟକ ଗୁରୁବାର କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି । ଶୁକ୍ରବାର ଓକିଲ ସଂଘ ପକ୍ଷରୁ ନୂତନ ଭାବେ ଦାୟିତ୍ୱ ନେଇଥିବା ଏଡିଜେ ଦେବଦତ୍ତଙ୍କୁ ସ୍ୱାଗତ କରାଯାଇଥିଲା । ଶେଖ ମହମ୍ମଦ କ୍ୱାଇସଙ୍କ ଭଞ୍ଜନଗର ଏଡିଜେ ଭାବେ ବଦଳି ହୋଇଥିବାବେଳେ ସେଠାରେ ଥିବା ଦେବଦତ୍ତ ପଟ୍ଟନାୟକଙ୍କୁ ଗୁଣପୁର ଏଡିଜେ ଭାବେ ବଦଳି ହୋଇଛି ।

# ମାଟ୍ରିକ୍ ପରୀକ୍ଷା: ଛାତ୍ରୀଙ୍କ ବାଜିମାତ୍, ଅର୍ପିତା ଟପ୍ପର

ରାୟଗଡ଼ା,୨।୫(ଆଶିଷ ରଞ୍ଜନ ପଣ୍ଡା)

- ଏ୧ ଗ୍ରେଡ୍‌ରେ ୩ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ
- ଜିଲାରୁ ୯୮୩୧ ପରୀକ୍ଷାର୍ଥୀ ପାସ୍
- ସରକାରୀ ହାଇସ୍କୁଲର ଏ୧ ଗ୍ରେଡ୍ ଶୂନ


ଅର୍ପିତା ଗିରି


ଚନ୍ଦନ ସାହୁ


ପ୍ରଜ୍ଞାଶ୍ରୀ ବଳ

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ରାୟଗଡା ଜିଲାରେ ପୁଣି ଥରେ ଛାତ୍ରୀ ବାଜିମାତ୍ କରିଛନ୍ତି । ତେବେ ସରକାରୀ ହାଇସ୍କୁଲର ଜଣେ ମଧ ଏ୧ ଗ୍ରେଡ ରଖିପାରିନାହାନ୍ତି । ରାୟଗଡ଼ା ସହର ଗାୟତ୍ରୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ ଅର୍ପିତା ଗିରି ୫୪୭ ମାର୍କ ରଖି ଜିଲାରେ ଟପ୍ପର ହୋଇଛନ୍ତି । ସେହିପରି ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ର ଚନ୍ଦନ ସାହୁ ୫୪୬ ମାର୍କ ରଖି ଦ୍ୱିତୀୟ ଏବଂ କାଶୀପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ପ୍ରଜ୍ଞାଶ୍ରୀ ବଳ ୫୪୧ ମାର୍କ ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି ।

ରାୟଗଡ଼ା ଜିଲାର ୨୦୯ଟି ସ୍କୁଲରୁ ମୋଟ ୧୦୧୧୧ଜଣ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୯୮୩୧ଜଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି । ସେମାନଙ୍କ ମଧ୍ୟରୁ ୪୯୭୩ ଛାତ୍ର ଓ ୪୮୫୮ ଛାତ୍ରୀ ରହିଛନ୍ତି । ଉତ୍ତୀର୍ଣ୍ଣ ହୋଇଥିବା ୯୮୩୧ ଜଣଙ୍କ ମଧ୍ୟରୁ ଏ୧ରେ ୩ଜଣ, ଏ୨ରେ ୮୦, ବି୧ରେ ୪୨୩ଜଣ, ବି୨ରେ ୯୯୪ଜଣ, ସି ଗ୍ରେଡ଼ରେ ୨୭୮୬ଜଣ, ଡି ଗ୍ରେଡ଼ରେ ୪୨୭୬ଜଣ, ଇ ଗ୍ରେଡ଼ରେ ୧୨୬୯ଜଣ ପାସ୍ ହୋଇଛନ୍ତି । ତେବେ ୨୬୯ଜଣ ଏଫ୍ ଗ୍ରେଡ଼ ରଖିଛନ୍ତି । ସେହିଭଳି ଚଳିତ ପରୀକ୍ଷାରେ ଜଣେ କପି କରି ଧରା ପଡ଼ି ମାଲ ପ୍ରାକଟିସ୍ ହୋଇଥିବା ଜଣାପଡ଼ିଛି ।

୨୦୨୪ରେ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଜିଲାର କୌଣସି ସରକାରୀ ହାଇସ୍କୁଲରୁ କେହି ମଧ ଏ୧ ଗ୍ରେଡ଼ ରଖି ନ ଥିବା ବେଳେ ୨୦୨୪–୨୫ ଶିକ୍ଷା ବର୍ଷରେ ଜିଲାର ସରକାରୀ ହାଇସ୍କୁଲ ଛାତ୍ରୀଛାତ୍ର ନିଶ୍ଚୟ ଏ୧ ଗ୍ରେଡ଼ ରଖିବେ ବୋଲି ପୂର୍ବତନ ଜିଲା ଶିକ୍ଷାଧିକାରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲ । ତେବେ ବର୍ତ୍ତମାନ ପରୀକ୍ଷା ଫଳ ଓଲଟା ହୋଇଯାଇଛି । ପୁଣି ଥରେ ସରକାରୀ ହାଇସ୍କୁଲର ପରୀକ୍ଷା ଫଳ ଘରୋଇ ହାଇସ୍କୁଲଠାରୁ କମ୍ ରହିଛି । ଏନେଇ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି । ସରକାରୀ ହାଇସ୍କୁଲରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଘରୋଇ ସ୍କୁଲ ଅପେକ୍ଷା ମୋଟା ଅଙ୍କର ଦରମା ପାଉଥିଲେ ମଧ ଜିଲାରେ ସରକାରୀ ହାଇସ୍କୁଲରୁ ଏ୧ ଗ୍ରେଡରେ ଜଣେ ମଧ ଉତ୍ତୀର୍ଣ୍ଣ ହୋଇନାହାନ୍ତି । ତେଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଜିଲାର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅନ୍ୟ ଜିଲାକୁ ବଦଳି କରିବା ଆବଶ୍ୟକ ବୋଲି ଦାବି ଉଠିଛି ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ ନେଇ ସଚେତନତା


ଜଣେ ମହିଳା ହିତାଧିକାରୀଙ୍କୁ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ସମ୍ମାନିତ କରୁଛନ୍ତି ।

ରାୟଗଡ଼ା,୨।୫(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ପୌର ପରିଷଦ ସଭାଗୃହଠାରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦(ସହରୀ)ର ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ଶିବିରରେ ପୌର ପରିଷଦ ଅଧ୍ୟକ୍ଷ ପି.ମହେଶ୍ୱର ପଟ୍ଟନାୟକ, ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ପ୍ରମୁଖ ଯୋଗଦେଇଥିଲେ । ରାଜ୍ୟର ସହରାଞ୍ଚଳରେ ବସବାସ କରୁଥିବା ସମସ୍ତ ଆର୍ଥିକ ଅନଗ୍ରସର ଏବଂ ନିମ୍ନ ଆୟକାରୀ ପରିବାରଙ୍କୁ ନିଜସ୍ୱ ଗୃହ ନିର୍ମାଣ କରିବା ପାଇଁ ଆର୍ଥିକ ସହାୟତା ଯୋଗାଇବା ଏହି ଯୋଜନାର ମୂଳ ଲକ୍ଷ୍ୟ ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ଖେମୁଣ୍ଡୁ ସୂଚନା ଦେଇଛନ୍ତି । ମେ ୧ରୁ ୧୫ ତାରିଖ ମଧ୍ୟରେ ଶିବିର ଆୟୋଜନ କରାଯାଇ ରାୟଗଡ଼ା ପୌର ପରିଷଦର ସମସ୍ତ ୨୪ଟି ୱାର୍ଡର ଜନସାଧାରଣଙ୍କୁ ସଚେତନ କରାଯିବ ବୋଲି ପୌର ପରିଷଦ ନିର୍ବାହୀ ଅଧିକାରୀ କୁଲଦୀପ କୁମାର ସୂଚନା ଦେଇଛନ୍ତି । ଏହି ସଚେତନତା ଶିବିରରେ ରାୟଗଡ଼ା ପୌର ପରିଷଦ ଅଧୀନ ୱାର୍ଡ ନଂ. ୯ର ମହିଳା ହିତାଧିକାରୀ ଚିନ୍ତାଡ଼ା ଭବାନୀଙ୍କୁ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଖେମୁଣ୍ଡୁ ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୌର ପରିଷଦର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଜବତ

ରାୟଗଡ଼ା/ଚନ୍ଦ୍ରପୁର,୨।୫(ଆଶିଷ ରଞ୍ଜନ ପଣ୍ଡା/ବିଜୟ ପ୍ରସାଦ ଉଲାକା)

ରାୟଗଡା ଜିଲା ଚନ୍ଦ୍ରପୁର ପୋଲିସ ଶୁକ୍ରବାର ଘର ଭିତରୁ ଝୁଲନ୍ତା ଅବସ୍ଥାରେ ଏକ ଦମ୍ପତିଙ୍କ ମୃତଦେହ ଜବତ କରିଛି । ମୃତକ ଦ୍ୱୟ ହେଲେ ଚନ୍ଦ୍ରପୁର ବ୍ଲକ ଅନ୍ତର୍ଗତ ହନୁମନ୍ତପୁର ପଞ୍ଚାୟତର ଲକ୍ଷ୍ମୀପୁର ନୂଆସାହିର କେଦାର କୁସୁଲିଆ(୨୧) ଏବଂ ତାଙ୍କ ସ୍ତ୍ରୀ ଶ୍ରୀୟା ବଡ଼ନାୟକ(୧୪) । ତେବେ ଉଭୟଙ୍କ ଘର ଲକ୍ଷ୍ମୀପୁର ଗାଁର ନୂଆସାହି । କିଛି ଦିନ ତଳେ ଉଭୟ ପ୍ରେମ ବିବାହ କରିଥିଲେ । କେଉଁ କାରଣରୁ ସେମାନେ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇ ନାହିଁ । ଖବରପାଇ ଘଟଣାସ୍ଥଳରେ ରାୟଗଡ଼ା ସଦର ମହକୁମାରୁ ସାଇଣ୍ଟିଫିକ ଟିମ୍ ସହିତ ମୁନିଗୁଡା ଏସ୍‌ଡିପିଓ ସନ୍ତୋଷିନୀ ଓରାମ ଓ ଚନ୍ଦ୍ରପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ଅଧିକ ତଦନ୍ତ ଆରମ୍ଭ କରିଛନ୍ତି ।

### ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଫଳତା

ଗୁଣପୁର,୨।୫(ପ୍ରଦୀପ କୁମାର ପାଢ଼ୀ)


ଇପ୍ସିତା ନାୟକ

ମାଟ୍ରିକ ପରୀକ୍ଷାରେ ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପରୀକ୍ଷାଫଳ ଶତ ପ୍ରତିଶତ ହୋଇଛି । ବିଦ୍ୟାଳୟରେ ୮ ଛାତ୍ରୀଛାତ୍ର ଏ୨ ପାଇଛନ୍ତି । ଇପ୍ସିତା ନାୟକ ୫୨୬ ନମ୍ବର ରଖି ଗୁଣପୁର ଗୋଷ୍ଠୀ ଶିକ୍ଷା ଅଧିନରେ ପ୍ରଥମ ହୋଇଛନ୍ତି । ସେହିପରି ସହିଦ ଲକ୍ଷ୍ମଣ ନାୟକ ମେମୋରିଆଲ ଉଚ୍ଚ ବିଦ୍ୟାଳୟର ଜଣେ ମାତ୍ର ଛାତ୍ର ସ୍ମିତ ବର୍ଦ୍ଧନ ଏ୨ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ଗୁଣପୁର ଉଚ୍ଚ ବିଦ୍ୟାଳୟରେ ବି୨ ରେ ୬ ଜଣ ପାସ୍ କରିଛନ୍ତି । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବି୧ରେ ୩ ଜଣ ପାସ୍ ହୋଇଛନ୍ତି ।

# ଆୟୁଷ୍ମାନ ଯୋଜନାର ସଫଳ ରୂପାୟନ ପାଇଁ ଆଲୋଚନା

**ଜିଲାପାଳଙ୍କ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲ ପରିଦର୍ଶନ**

ବିଷମକଟକ ୨।୫(ପ୍ରସନ୍ନ କୁମାର ପଣ୍ଡା)


ଜିଲାପାଳ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛନ୍ତି ।

ରାୟଗଡ଼ା ଜିଲାପାଳ ପାରୁଲ ପଟୱାରି ଶୁକ୍ରବାର ବିଷମକଟକ ସଦର ମହକୁମାରେ ଅବସ୍ଥିତ ଥିବା ଖ୍ରୀଷ୍ଟିଆନ ହସ୍ପିଟାଲ ପରିଦର୍ଶନ କରିଛନ୍ତି । ଏହି ଅବସରରେ ଜିଲାପାଳ ପଟୱାରି କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାର ସଫଳ ରୂପାୟନ ଓ ଏହାର ଉପଲବ୍ଧତାକୁ ଆହୁରି ବ୍ୟାପକ କରାଇବା ଦିଗରେ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି । ଏହି ଯୋଜନାର ଲାଭ ଯେପରି ଅଧିକରୁ ଅଧିକ ଲୋକ ପାଇପାରିବେ ସେ ନେଇ ସୁନିଶ୍ଚିତ କରିବାକୁ ଜିଲାପାଳ ଏହି ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । ଆୟୁଷ୍ମାନ ଯୋଜନାର ସୁଫଳ ଆହୁରି ଅଧିକ ହିତାଧିକାରୀଙ୍କ ନିକଟରେ କିଭଳି ପହଞ୍ଚିବ, ଏହାର ଉପଲବ୍ଧତା, ଲୋକଙ୍କ ମଧ୍ୟରେ ଥିବା ଭ୍ରମ, ଗୁଜବ ଏଭଳି ଅନେକ ଦିଗରେ ଜିଲାପାଳ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିବା ସୂଚନା ମିଳିଛି । ଏହି ପରିପ୍ରେକ୍ଷୀରେ ଜିଲାପାଳ ଖ୍ରୀଷ୍ଟିଆନ ହସ୍ପିଟାଲ ବୁଲି ଦେଖିବା ସହ ଆୟୁଷ୍ମାନ୍ ଯୋଜନାର କାର୍ଯ୍ୟକାରିତା, ଉପଲବ୍ଧତା ନେଇ ରୋଗୀଙ୍କଠାରୁ ପଚାରି ବୁଝିଥିଲେ । ଏହି ଅବସରରେ ଖ୍ରୀଷ୍ଟିଆନ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ସୁନୀଲ ଜୀବନମଲ, ପ୍ରଜ୍ଞା ଜୀବନମଲ, ମ୍ୟାନେଜର ଚନ୍ଦ୍ରଶେଖର ରାୟ, ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ଏବଂ ଅନ୍ୟମାନେ ଜିଲାପାଳଙ୍କୁ ସ୍ୱାଗତକରି ତାଙ୍କୁ ହସ୍ପିଟାଲର କାର୍ଯ୍ୟକାରିତା ଓ ଅନ୍ୟ ସମସ୍ୟା ନେଇ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ, ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲ ଉପରେ ଦୀର୍ଘ ଦଶନ୍ଧି ଧରି ରାୟଗଡ଼ା ଜିଲା ସମେତ କଳାହାଣ୍ଡି, ଟିଟିଲାଗଡ଼, ବଲାଙ୍ଗୀର, ଫୁଲବାଣୀ, ଗଜପତି ଏବଂ ଆଖପାଖ ଅନେକ ଅଞ୍ଚଳର ଲୋକ ଚିକିତ୍ସା ପାଇଁ ନିର୍ଭର କରନ୍ତି ।

# ଭାରପ୍ରାପ୍ତ ବିଇଓଙ୍କୁ ଶିକ୍ଷକ ନେତାଙ୍କ ସ୍ୱାଗତ

ଗୁଣପୁର,୨।୫(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରର ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମାନନ୍ଦ ବରିହାଙ୍କୁ ଶୁକ୍ରବାର ଶିକ୍ଷକ ନେତାମାନେ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି । ଶିକ୍ଷକ ନେତା ଶିବପ୍ରସାଦ ମହାପାତ୍ର ଓ ଶିକ୍ଷକ ବୃନ୍ଦଙ୍କ ଦ୍ୱାରା ଭାରପ୍ରାପ୍ତ ବିଇଓ ବରିହାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ଗୁଣପୁର ଶିକ୍ଷା ବ୍ଲକ୍‌ର ବିଭିନ୍ନ ସମସ୍ୟା ବିଷୟରେ ମଧ ଆଲୋଚନା କରିଥିଲେ । ସେହିପରି ଗଣଶିକ୍ଷା ସଂଘର ପ୍ରମୋଦ ପାତ୍ର, ଏମ୍‌ଏଲ୍‌ଇ ସଂଘର ଅନିରୁଦ୍ଧ ଶବର, ଶିକ୍ଷକ ଶୁଭ୍ରାଂଶୁ ସାମନ୍ତରାୟ,ରବି ସେଠୀ,ସଞ୍ଜୀବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ବିଇଓ ପ୍ରତିଶ୍ରୁତି ସିଂଙ୍କ ବଦଳି ପରେ ଗୁଣପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବରିହା ବିଇଓ ଭାବରେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି ।

# ବିଶ୍ୱ ଶ୍ରମିକ ଦିବସରେ ଶୋଭାଯାତ୍ରା

ଗୁଣପୁର,୨।୫(ପ୍ରଦୀପ କୁମାର ପାଢ଼ୀ)

ବିଶ୍ୱ ଶ୍ରମିକ ଦିବସ ଅବସରରେ ଗୁରୁବାର ଗୁଣପୁରରେ ବିଭିନ୍ନ ସଂଗଠନ ପକ୍ଷରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶୋଭାଯାତ୍ରା ବାଳିକା ବିଦ୍ୟାଳୟଠାରୁ ବାହାରି ପୁରୁଣା ବସ୍‌ଷ୍ଟାଣ୍ଡ ଦେଇ ବାଇପାସ୍ ଛକଠାରେ ପହଞ୍ଚିଥିଲେ । ସେଠାରେ କମ୍ରେଡ ନାଗଭୂଷଣ ପଟ୍ଟନାୟକଙ୍କୁ ମୋଟର କର୍ମଚାରୀ ସଂଘର ସଭାପତି ଫଣୀଭୂଷଣ ପଟ୍ଟନାୟକ ଓ ସିପିଆଇଏମ୍‌ଏଲ ଲିବେରେସନର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ପରେ ଗୁଣପୁର ନୂଆବସଷ୍ଟାଣ୍ଡଠାରେ ପତାକା ଉତ୍ତୋଳନ ହୋଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଶୋର ମହାନ୍ତି (କୋଷାଧ୍ୟକ୍ଷ), ପି ଭେଙ୍କଟ ରାଓ, ଦିଲ୍ଲୀପ କୁମାର ପଟ୍ଟନାୟକ, ପାଚିକା ଓ ସହାୟିକା ସଂଘ ସଭାପତି ମୁନି ଶବର, ଅନାସିମ ଶବର, ବୃନ୍ଦାବନ ବିଡିକା, କୈଳାସ ଶବର, ଦାସୁରୁ ବିଡିକା, ତୁଳସା ନିମାଲା, ନିରଞ୍ଜନ ନିମାଲା, ସଞ୍ଜୀବ ଶବର, ମୋଜେସ ଶବର ପ୍ରମୁଖ ଉପସ୍ଥିତ ରହି ଶ୍ରମିକ ଦିବସର ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହ ବିଭିନ୍ନ ଦାବି ନେଇ ଆଲୋଚନା କରିଥିଲେ ।

# ୱାନ୍ ନେଶନ ୱାନ୍ ଇଲେକ୍ସନ ପାଇଁ ଭାଜପାର ଦାବିପତ୍ର

ରାୟଗଡ଼ା,୨।୫(ଆଶିଷ ରଞ୍ଜନ ପଣ୍ଡା)



ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ପ୍ରବକ୍ତା ତପନ ଚାନ୍ଦଙ୍କ ସହ ଅନ୍ୟ କର୍ମକର୍ତ୍ତା ସୂଚନା ଦେଉଛନ୍ତି ।

ୱାନ୍‌ନେଶନ ୱାନ୍‌ଇଲେକ୍ସନ ଉଦ୍ଦେଶ୍ୟରେ ଭାଜପା ରାଜ୍ୟ ପ୍ରବକ୍ତା ତପନ କୁମାର ଚାନ୍ଦଙ୍କ ନେତୃତ୍ୱରେ ଶୁକ୍ରବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଜିଲାପାଳ ପାରୁଲ ପଟୱାରିଙ୍କୁ ପ୍ରଦାନ କରାଯାଇଛି । ଭାଜପା କର୍ମକର୍ତ୍ତାଙ୍କ ସହ ସହରର ବୁଦ୍ଧିଜୀବୀ ଓ ବିଭିନ୍ନ ସଂଗଠନ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ । ପରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ପ୍ରବକ୍ତା ଚାନ୍ଦ୍ କହିଛନ୍ତି, ୱାନ୍ ନେଶନ ୱାନ୍ ଇଲେକ୍ସନ ବିଲ୍ ମଞ୍ଜୁରୀ ହେଲେ ସମଗ୍ର ଦେଶରେ ଲୋକ ସଭା ଓ ବିଧାନସଭା ଆସନ ପାଇଁ ଏକାଥରକେ ନିର୍ବାଚନ ହେବ । ଫଳରେ ନିର୍ବାଚନ ପାଇଁ ଖର୍ଚ୍ଚ ହେଉଥିବା ଅର୍ଥରୁ ପ୍ରାୟ ୪ଲକ୍ଷ ୫୦ହଜାର କୋଟି ଟଙ୍କା ସଞ୍ଚୟ ହୋଇପାରିବ । ଏଥିସହ ଆଇନ ସୁରକ୍ଷାଠାରୁ ଆରମ୍ଭକରି ଭୋଟଦେବା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସୁବିଧା ମିଳିପାରିବ ବୋଲି କହିଛନ୍ତି ପ୍ରବକ୍ତା ଚାନ୍ଦ୍ । ଏହି ଶୋଭାଯାତ୍ରାରେ ଶିଳ୍ପପତି ତଥା ଭାଜପା ଇଣ୍ଡଷ୍ଟ୍ରିଜ ସେଲ୍ ସଦସ୍ୟ ଅବିନାଶ ପଟ୍ଟନାୟକ, ଭାଜପା ଜିଲା ସଭାପତି ଗୋପୀ ଆନନ୍ଦ, ଶିବଶଙ୍କର ଉଲାକା, ବସନ୍ତ ଉଲାକା, ରାମଚନ୍ଦ୍ର ବେହେରାଙ୍କ ସମେତ ବହୁ ଭାଜପା ନେତା ଉପସ୍ଥିତ ଥିଲେ । ତେବେ ଏହି ପିଟିଶନ ଦସ୍ତଖତକୁ ନେଇ ଜିଲାରେ ଏବେ ରାଜନୈତିକ ମୋଡ଼ ପରିବର୍ତ୍ତନ ହେଉଥିବା ଦେଖିବାକୁ ମିଳିଛି ।

କେନ୍ଦ୍ରରେ ଭାଜପା ସରକାର ଗଠନ ପରେ ବର୍ତ୍ତମାନ ୱାନ୍ ନେଶନ୍ ୱାନ୍ ଇଲେକ୍ସନ ପାଇଁ ଅଣ୍ଟା ଭିଡ଼ିଛି । ଏହାକୁ କିଛି ରାଜନୈତିକ ଦଳ ସମର୍ଥନ କରୁଥିବା ବେଳେ କିଛି ରାଜନୈତିକ ଦଳ ବିରୋଧ କରୁଛନ୍ତି । ତେବେ ଏହାକୁ ନେଇ ରାଜ୍ୟ ଭାଜପା ଏବେ ମଇଦାନକୁ ଓହ୍ଲାଇଥିବା ଦେଖିବାକୁ ମିଳିଛି । ୱାନ୍ ନେଶନ ୱାନ୍ ଇଲେକ୍ସନ ପାଇଁ ଭାଜପା ନେତା ବିଭିନ୍ନ ଜିଲା ବୁଲି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପିଟିଶନ ଦସ୍ତଖତକରି ଜିଲାପାଳଙ୍କ ଜରିଆରେ ପ୍ରେରଣ କରୁଛନ୍ତି । ଏହି ୱାନ୍ ନେଶନ ୱାନ୍ ଇଲେକ୍ସନ ବ୍ୟବସ୍ଥାକୁ ବିଭିନ୍ନ ଜାତୀୟ ଓ ଆଞ୍ଚଳିକ ଦଳ ବିରୋଧ କରୁଥିବା ବେଳେ ଭାଜପାର ଏଭଳି ପିଟିଶନ ଦସ୍ତଖତ କେତେ ଦୂର ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା ।

# ସୁନାଗହଣା ସଫେଇ ନାଁରେ ଲୁଟ୍, ୪ ମହିଳା ଗିରଫ

ଟିକିରି,୨।୫
(ପ୍ରଫୁଲ୍ଲ କୁମାର ବେହେରା)


ଗିରଫ ଅଭିଯୁକ୍ତ ।

କାଶୀପୁର ଥାନା ଅନ୍ତର୍ଗତ ଲାଦାଖମନ ଗ୍ରାମରେ ସୁନାଗହଣା ସଫେଇ ନାଁରେ ଲୁଟ୍ ଘଟଣାରେ ପୋଲିସ ୪ ମହିଳାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ସେମାନଙ୍କଠାରୁ ପୋଲିସ ୩୪ ଗ୍ରାମର ସୁନା ମାଣ୍ଡିଆ ମାଳି, ଗୋଟିଏ ମୋବାଇଲ ଫୋନ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କାଟନି ଗିରି , ମମିତା ଗିରି, ଦୁର୍ଗା ଗିରି, ବିଶ୍ୱାମଣି ଗିରି । ସମସ୍ତ ମହିଳା ଛତିଶଗଡର ବୋଲି କାଶୀପୁର ପୋଲିସ ସୂଚନା ଦେଇଛି ।

ପୋଲିସ ସୂଚନା ଅନୁଯାୟୀ, ଲାଦାଖମନ ଗ୍ରାମକୁ ଶୁକ୍ରବାର ସକାଳେ ୪ଜଣ ମହିଳା ଚୁଡ଼ି ବିକ୍ରୟ କରିବାକୁ ଆସିଥିଲେ । ସେମାନେ ସୁନା ହାର ମରାମତି କରିଦେବେ ବୋଲି ଗ୍ରାମବାସୀଙ୍କୁ କହିଥିଲେ । ସେମାନଙ୍କ ଉପରେ ବିଶ୍ୱାସ କରି ଲାବଣ୍ୟ ଗୌଡ଼ ପ୍ରାୟ ୨ ତୋଳା ଓଜନର ଏକ ଭଙ୍ଗା ସୁନା ହାର ମରାମତି ପାଇଁ ସେମାନଙ୍କୁ ଦେଇଥିଲେ । ସେମାନେ ହାରକୁ ସଜାଡିବାପରେ ଟଙ୍କା ନେଇ ଏକ ପ୍ଲାଷ୍ଟିକ ପାତ୍ରରେ ହାରକୁ ଫେରାଇ ସେମାନେ ପଳାଇଥିଲେ । ଏହାର କିଛି ସମୟ ପରେ ଲାବଣ୍ୟଙ୍କ ବାପା ହାରଟି ଦେଖି ଏହା ବଦଳି କରାଯାଇ ନକଲି ହାର ଦିଆଯାଇଥିବା ସନ୍ଦେହ କରିଥିଲେ । ଏ ନେଇ ଲାବଣ୍ୟ କାଶୀପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଏ ନେଇ କାଶୀପୁର ପୋଲିସ ତଦନ୍ତ କରିବା ସହ ଉକ୍ତ ଘଟଣାରେ ୪ ଜଣ ମହିଳାଙ୍କୁ ଗିରଫ କରିଛି ।

# ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ପାଇଁ କଳସଯାତ୍ରା

ଗୁଣପୁର,୨।୫ (ପ୍ରଦୀପ କୁମାର ପାଢୀ)

ଗୁଣପୁର ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ତୃତୀୟ ଦିନରେ ଯଜ୍ଞ ଆରମ୍ଭ ହୋଇଛି । ଗୁରୁବାର ବଂଶଧାରା ନଦୀରୁ ଗଙ୍ଗା ଆବାହନ ପରେ କଳଶ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଗଙ୍ଗା ଆବାହନ ବେଳେ ନିରଞ୍ଜନ ପାଢି ଓ କାବେରୀ ପାଢି କର୍ତ୍ତା ଭାବେ ବସିଥିଲେ । ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମମତା ଗୌଡ ଓ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ ଭାଗ ନେଇଥିଲେ । ଉପଖଣ୍ଡର ବିଭିନ୍ନ ଅଞ୍ଚଳରୁ ସଂକୀର୍ତ୍ତନ ମଣ୍ଡଳୀ ଶୋଭାଯାତ୍ରାରେ ଭାଗ ନେଇଥିଲେ । ଶୁକ୍ରବାର ସକାଳୁ ମନ୍ଦିରର ପ୍ରାସାଦ ପ୍ରତିଷ୍ଠା ଉତ୍ସବରେ ମଣ୍ଡଳ ପୂଜା ଓ ଯଜ୍ଞକର୍ମ ଚାଲୁ ରହିଛି ।

ବହୁ ପୁରାତନ ଏହି ଗୁଣ୍ଡିଚା ମନ୍ଦିରର ଏବେ ନବକଳେବର ହୋଇଛି । ତେବେ ଏଠି ବର୍ଷ ତମାମ ପୂଜା ପାଉଥିବା ରାଧା ଗୋପୀନାଥ ଏବେ ଅସ୍ଥାୟୀ କୋଠାରେ ପୂଜା ପାଉଥିବାରୁ ଆସନ୍ତା ୪ ତାରିଖ ଦିନ ଏହି ନୂତନ ମନ୍ଦିରରେ ଦେବତା ପ୍ରବେଶ କରାଯିବ । ପରିଚାଳନା କମିଟି ର ଡ. ସୂର୍ଯ୍ୟ ନାରାୟଣ ପଣ୍ଡା, ତିରୁପତି ମହାନ୍ତି, ସନ୍ତୋଷ ପଣ୍ଡା, ଫକିର ନାୟକ, ରବି ନାରାୟଣ ପଣ୍ଡା, ଗଦା ପଣ୍ଡା, ସଞ୍ଜୀବ ପଣ୍ଡା, ସୋମନାଥ ମହାନ୍ତି, ରାମ ପଣ୍ଡା, ରଞ୍ଜିତ ପାଢି, ଶିବ ପ୍ରସାଦ ଦୋରଙ୍କ ସମେତ ଜଗନ୍ନାଥ ସେନାର ଶତାଧିକ କାର୍ଯ୍ୟକର୍ତ୍ତାଙ୍କ ସହଯୋଗକ୍ରମେ ଏହି କାର୍ଯ୍ୟକ୍ରମ ଚାଲିଛି ।


କଳସ ଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ ।

# ମହିଳା ଉତ୍ପାଦକ କମ୍ପାନୀର ବିପଣନ ଉପରେ ଗୁରୁତ୍ୱ

**ସୁଲଭ ପଦକ୍ଷେପ ଅଧୀନରେ ଜିଲାସ୍ତରୀୟ ଯୋଜନା ବୈଠକ**

ରାୟଗଡ଼ା,୨।୫(ଆଶିଷ ରଞ୍ଜନ ପଣ୍ଡା)


ବୈଠକରେ ଜନ ପ୍ରତିନିଧିଙ୍କ ସହ ଅଧିକାରୀମାନେ ।

ମିଶନ ଶକ୍ତି ବିଭାଗ ଏବଂ ଇଣ୍ଡିଆନ ସ୍କୁଲ ଅଫ ବିଜନେସ୍ (ଆଇଏସ୍‌ବି)ର ମିଳିତ ପ୍ରୟାସରେ ସୁଲଭ କାର୍ଯ୍ୟକ୍ରମ ଅଧୀନରେ ଏକ ଜିଲାସ୍ତରୀୟ ଯୋଜନା ବୈଠକ ଶୁକ୍ରବାର ରାୟଗଡ଼ା ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ରାୟଗଡା ବ୍ଲକ୍ ଉପାଧ୍ୟକ୍ଷ ହର ପ୍ରସାଦ ହେପ୍ରୁକା, ଜିଲା ପରିଷଦ ସଦସ୍ୟ ସନ୍ଧ୍ୟା ପୁଲାକା, ଜିଲା ସମାଜ କଲ୍ୟାଣ ଅଧିକାରୀ, ଓର୍‌ମାସର ଡେପୁଟି ସିଇଓ, ବ୍ଲକ ପ୍ରକଳ୍ପ ସଂଯୋଜକ, ବ୍ଲକ ପ୍ରକଳ୍ପ ପରିଚାଳକ, ପିଆରଆଇ ସଦସ୍ୟ, ଆଇଏସବିର ପ୍ରତିନିଧି, କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ଏବଂ ଉତ୍ପାଦକ କମ୍ପାନୀର ସଦସ୍ୟଙ୍କ ସମେତ ପ୍ରମୁଖ ଅଂଶୀଦାରମାନେ ଯୋଗ ଦେଇଥିଲେ । ମହିଳା ନେତୃତ୍ୱାଧୀନ ଉତ୍ପାଦକ କମ୍ପାନୀଗୁଡ଼ିକ ମାଧ୍ୟମରେ ଏକ ସ୍ଥାୟୀ ଜଙ୍ଗଲ-ଆଧାରିତ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ଏହି ପଦକ୍ଷେପର ଲକ୍ଷ୍ୟ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ଏହି ପଦକ୍ଷେପର ଅଂଶ ସ୍ୱରୂପ ଜିଲାରେ ୫ଟି ସବୁଜ ଶକ୍ତି ଉତ୍ପାଦକ କମ୍ପାନୀ ଗଠନ କରାଯାଇଛି । ଏହି କମ୍ପାନୀଗୁଡ଼ିକ ଚଳିତ ଋତୁରେ ଶାଳ ମଞ୍ଜି ସଂଗ୍ରହ ସହିତ ବନଜାତ ଦ୍ରବ୍ୟର ଏକତ୍ରୀକରଣ ଏବଂ ବିକ୍ରୟ ଉପରେ ଧ୍ୟାନ ଦେବେ । ବ୍ଲକ ଉପାଧ୍ୟକ୍ଷ ହର ପ୍ରସାଦ ହେପ୍ରୁକା କହିଥିଲେ, ସୁଲଭ ପଦକ୍ଷେପ ଜଙ୍ଗଲ ଉତ୍ପାଦର ବିପଣନ ପାଇଁ ଏକ ଦୃଢ଼ ମଞ୍ଚ ଏବଂ ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟର ଜୀବିକା ପ୍ରୋତ୍ସାହନ ଘନିଷ୍ଠ ଭାବରେ ଜଡିତ । ଏହି ପ୍ରୟାସରୁ ଆଦିବାସୀ ଏବଂ ଅନ୍ୟ ବନବାସୀ ଗୋଷ୍ଠୀମାନେ ଯଥେଷ୍ଟ ଲାଭ ପାଇବେ । ଜିଲା ପରିଷଦ ସଦସ୍ୟ ସନ୍ଧ୍ୟା ପୁଲକା କହିଥିଲେ, ମହିଳା ସଶକ୍ତିକରଣକୁ ପ୍ରୋତ୍ସାହନ ପାଇଁ ଗୁରୁତ୍ୱାରୋପ କରି କମ୍ପାନୀର ସଦସ୍ୟାମାନଙ୍କୁ ନେତୃତ୍ୱ ଭୂମିକା ଗ୍ରହଣ କରିବା ଉଚିତ । ଗ୍ରାମ ପଞ୍ଚାୟତ ଓ ବ୍ଲକସ୍ତରରେ ମହିଳାଙ୍କୁ ସକ୍ରିୟ ଭାବରେ ସଂଗଠିତ କରିବାକୁ ସେ ଅନୁରୋଧ କରିଥିଲେ । ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ । ପେସା କମିଟି ଏବଂ ଗ୍ରାମସଭା ସହିତ ସମନ୍ୱୟ ରଖି କମ୍ପାନୀଗୁଡ଼ିକୁ ଉପଯୁକ୍ତ ସାଂସ୍ଥାଗତ ଚ୍ୟାନେଲ ମାଧ୍ୟମରେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବନ ଧନ ବିକାଶ କେନ୍ଦ୍ରର ସଦସ୍ୟମାନଙ୍କୁ ଉତ୍ପାଦକ କମ୍ପାନୀଗୁଡ଼ିକରେ ଅଂଶୀଦାର ଭାବରେ ସଂଗଠିତ କରାଯିବା ଉଚିତ ବୋଲି ଓରମାସର ଡେପୁଟି ସିଇଓ ପରାମର୍ଶ ଦେଇଥିଲେ । ଆଗାମୀ ବ୍ଲକ୍‌ସ୍ତରୀୟ ବୈଠକରେ ଏହି ଋତୁର ଏକତ୍ରୀକରଣ ପାଇଁ ବ୍ଲକସ୍ତରୀୟ କାର୍ଯ୍ୟକ୍ଷମ ଯୋଜନା ଉପରେ ଆଲୋଚନା ଏବଂ ଚୂଡ଼ାନ୍ତ କରାଯିବା ନିଷ୍ପତ୍ତି ନିଆଯାଇଥିଲା ।

# ଏ-୧ ରେ ୫ ଛାତ୍ରୀଛାତ୍ର

## ନବରଙ୍ଗପୁର ଜିଲାରେ ୯୫.୧୭% ପାସ୍ ହାର

**ନବରଙ୍ଗପୁର, ୨।୫(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାରେ ମାଟ୍ରିକ ପାସ୍ ହାର ୯୫.୧୭ ପ୍ରତିଶତ ରହିଛି। ଜିଲାରୁ ୫ ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ସରକାରୀ ହାଇସ୍କୁଲର ୩ ଜଣ ଓ ଘରୋଇ ବିଦ୍ୟାଳୟର ୨ ଜଣ ରହିଛନ୍ତି। ବଡ଼କୁମାରୀ ହାଇସ୍କୁଲର କେଶରୀ ଟୋଲଟିଆ ସର୍ବାଧିକ ୫୬୦ (୯୩.୩୩%) ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ନବରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଶୁତୋଷ ପାଣିଗ୍ରାହୀ ୫୪୯(୯୧.୫ %) ମାର୍କ ରଖି ଦ୍ୱିତୀୟ, ନବରଙ୍ଗପୁର ସରସ୍ୱତୀ ବିଦ୍ୟାମନ୍ଦିରର ଋଷିକେଶ ମିଶ୍ର ଓ ସରକାରୀ ନୂତନ ମୈଦାଲପୁର ହାଇସ୍କୁଲର ଦେବସ୍ମିତା ସ୍ୱାଇଁ ଉଭୟ ୫୪୪ (୯୦.୬୬%) ମାର୍କ ରଖି ଯୁଗ୍ମ ତୃତୀୟ ହୋଇଛନ୍ତି। କୋଷାଗୁମୁଡା ସରକାରୀ ହାଇସ୍କୁଲର ମନୋରଞ୍ଜନ ପଣ୍ଡା ୫୪୩ (୯୦.୫ %) ମାର୍କ ରଖି ଚତୁର୍ଥ ସ୍ଥାନରେ ରହିଛନ୍ତି।

ଜିଲାରେ ଏ-୨ରେ ୧୦୩, ବି-୧ରେ ୧୦୩୯, ବି-୨ରେ ୩୯୩୦, ସି ଗ୍ରେଡ୍‌ରେ ୬୩୪୧, ଡି ଗ୍ରେଡ୍‌ରେ ୩୬୩୬, ଇ ଗ୍ରେଡ୍‌ରେ ୧୧୦୬ ଓ ଏଫ୍ ଗ୍ରେଡ୍‌ରେ ୮୧୫ ଜଣ ରହିଛନ୍ତି। ୬ ଜଣ ଛାତ୍ରୀଛାତ୍ର କପିକରି ଧରାପଡ଼ିବା ପରେ ଫେଲ୍ ହୋଇଛନ୍ତି। ଜିଲାର ୨୨୯ ହାଇସ୍କୁଲର ୧୭ ହଜାର ୪୭୨ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ପାଇଁ ଫର୍ମ ଫିଲପ କରିଥିଲେ। ୪୦୪ ଛାତ୍ରୀଛାତ୍ର ପରୀକ୍ଷା ଦେଇ ନ ଥିଲେ। ୮୧ ପରୀକ୍ଷା କେନ୍ଦ୍ରରେ ମୋଟ ୧୭ ହଜାର ୮ ଜଣ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୬ ହଜାର ୧୮୭ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି।


କେଶରୀ ଟୋଲଟିଆ



ଆଶୁତୋଷ ପାଣିଗ୍ରାହୀ


ଦେବସ୍ମିତା ସ୍ୱାଇଁ


ଋଷିକେଶ ମିଶ୍ର


ମନୋରଞ୍ଜନ ପଣ୍ଡା

## ମଙ୍ଗଳ ବିଭାଗ ହାଇସ୍କୁଲରେ ପାସ୍‌ହାର ୯୮.୬୮%

**ନବରଙ୍ଗପୁର,(ସଦାଶିବ ପ୍ରହରାଜ)**

ଜିଲାର ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ୩୬ ହାଇସ୍କୁଲର ୩୦୭୧ ଛାତ୍ରୀଛାତ୍ର ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୪୧ ଜଣ ଫେଲ ହୋଇଛନ୍ତି। ନବରଙ୍ଗପୁର ଜିଲାର ମଙ୍ଗଳ ବିଭାଗ ହାଇସ୍କୁଲ ମାଟ୍ରିକ ପରୀକ୍ଷା ପାସ ହାର ୯୮.୬୮% ରହିଛି। ଏ-୧ରେ କେହି ଉତ୍ତୀର୍ଣ୍ଣ ହୋଇନାହାନ୍ତି। ଏ-ରେ ୩୫, ବି-୧ରେ ୩୬୩, ବି-୨ରେ ୧୨୧୫, ସି ଗ୍ରେଡରେ ୧୦୭୮, ଡି ଗ୍ରେଡରେ ୩୨୨ ଓ ଇ ଗ୍ରେଡରେ ୮୫ ଜଣ ଛାତ୍ରୀଛାତ୍ର ପାସ୍ ହୋଇଛନ୍ତି।

## ମାଜିଷ୍ଟ୍ରେଟ୍ ହେବି: ଦେବସ୍ମିତା

**ପାପଡ଼ାହାଣ୍ଡି, (ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ମୈଦଲପୁର ସରକାରୀ ହାଇସ୍କୁଲର ଛାତ୍ରୀ ଦେବସ୍ମିତା ସ୍ୱାଇଁ ବ୍ଲକ୍ ଟପ୍ପର ହୋଇଛନ୍ତି। ସେ ୬୦୦ରୁ ୫୪୪ ନମ୍ବର ରଖି ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଶିକ୍ଷକ ଦମ୍ପତି ଦେବରାଜ ସ୍ୱାଇଁ ଓ ସାଇନରା ମହାନ୍ତିଙ୍କ ଝିଅ। କଠିନ ପରିଶ୍ରମ ଓ ସମସ୍ତଙ୍କ ଆଶୀର୍ବାଦ ଯୋଗୁ ସେ ଏହି ସଫଳତା ପାଇଥିବା କହିଛନ୍ତି। ପରୀକ୍ଷା ଫଳାଫଳ ଜଣାପଡିବା ପରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଭବିଷ୍ୟତରେ ଜଣେ ମାଜିଷ୍ଟ୍ରେଟ ହେବାକୁ ସେ ଆଶା ରଖିଥିବା କହିଛନ୍ତି।

## ଆଇଏଏସ୍ ଅଫିସର ହୋଇ ସେବା କରିବି: କେଶରୀ

**ଉମରକୋଟ,(ସନ୍ତୋଷ ଶତପଥୀ)**

ଚଳିତ ବର୍ଷ ମାଟ୍ରିକ୍ ପରିକ୍ଷାରେ ଚନ୍ଦାହାଣ୍ଡି ବ୍ଲକ ଫଟାମୁଣ୍ଡା ଗ୍ରାମର ଗୋବିନ୍ଦ ଟୋଲଟିଆଙ୍କ ପୁଅ କେଶରୀ ଟୋଲଟିଆ ୯୩ ପ୍ରତିଶତ ରଖି ଏ-୧ରେ ପାସ୍ କରିଛନ୍ତି। ସେ ନବରଙ୍ଗପୁର ଜିଲା ଟପ୍ପର ହୋଇଛନ୍ତି। ଉମରକୋଟସ୍ଥିତ ଶ୍ରୀ କଳିଙ୍ଗ ବିଦ୍ୟାପୀଠରେ ଅଧ୍ୟୟନ କରୁଥିଲେ ଓ ବଡ଼ କୁମାରୀ କଳିଙ୍ଗ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ପରୀକ୍ଷା ଦେଇଥିଲେ। କେଶରୀଙ୍କ ବାପା ଗୋବିନ୍ଦ ଟୋଲଟିଆ ଚନ୍ଦାହାଣ୍ଡି ବ୍ଲକ କୋଇଲିମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ, ମା' ଦେମତି ଟୋଲଟିଆ ଜଣେ ଗୃହିଣୀ। ପିଲାଦିନରୁ ଜଣେ ମେଧାବୀ ଛାତ୍ର ଭାବେ କେଶରୀ ପରିଚିତ। ଦିନରେ ୧୨ ରୁ ୧୪ ଘଣ୍ଟା ପରିଶ୍ରମ କରୁଥିଲେ। ଆଇଏଏସ୍ ଅଫିସର ହୋଇ ଲୋକଙ୍କ ସେବା କରିବେ ବୋଲି କେଶରୀ କହିଛନ୍ତି। ସେ ନିଜ ସଫଳତାର ଶ୍ରେୟ ମା' ବାପାଙ୍କୁ ଦେଇଛନ୍ତି।

## କ୍ରୀଡ଼ା ଶିକ୍ଷକ ସପନ ବୈରାଗୀ କୋଚ୍ ମନୋନୀତ

### ରାଜ୍ୟ ଗ୍ରୀଷ୍ମକାଳୀନ କୋଚିଂ ଶିବିର

**ଉମରକୋଟ, ୨।୫ (ସନ୍ତୋଷ ଶତପଥୀ)**


ସପନ ବୈରାଗୀ।

ନବରଙ୍ଗପୁର ଝରିଗାଁ ବ୍ଲକ ଧୋଡ୍ରା ପଞ୍ଚାୟତ ଅଧୀନ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ବିଏସ୍‌ପଦର ସରକାରୀ ହାଇସ୍କୁଲରର କ୍ରୀଡା ଶିକ୍ଷକ ସପନ ବୈରାଗୀ ରାଜ୍ୟସ୍ତରୀୟ ଗ୍ରୀଷ୍ମ କାଳୀନ କୋଚିଂ ଶିବିରରେ କ୍ରୀଡା କୋଚ୍‌ଭାବେ ମନୋନୀତ ହୋଇଛନ୍ତି। ରାଜ୍ୟ କ୍ରୀଡା ସଙ୍ଘ ସମ୍ପାଦକ ଅଭିଜିତ ପାଲ, ସପନଙ୍କୁ ଦେଇଥିବା ପତ୍ର ଅନୁଯାୟୀ ସେ ୪ ତାରିଖ ସୁଦ୍ଧା କଟକରେ ପହଞ୍ଚିବେ। ଗ୍ରୀଷ୍ମ କାଳୀନ କୋଚିଂ ଶିବିର ୫ରୁ ଆରମ୍ଭ ହେବ ବୋଲି ଉଲ୍ଲେଖ ରହିଛି। ରାଜ୍ୟରୁ ୭ ଜଣ କ୍ରୀଡା ଶିକ୍ଷକଙ୍କୁ ଓଡ଼ିଶା କ୍ରୀଡା ସଂଘ କୋଚ ଭାବେ ମନୋନୀତ କରିଛି। ନବରଙ୍ଗପୁର ଜିଲାରୁ ସପନ ବୈରାଗୀ ଜଣେ ମାତ୍ର କ୍ରୀଡ଼ା ଶିକ୍ଷକ ଯିଏ କି ଏହି ସମ୍ମାନ ଜନକ ଗ୍ରୀଷ୍ମ କାଳୀନ କୋଚିଂ ଶିବିର ପାଇଁ କୋଚ ଭାବେ ମନୋନୀତ ହେଇଛନ୍ତି। ଏହି ଖବର ପାଇବାପରେ ଜିଲା କ୍ରୀଡ଼ା ସଂଘ ଓ ବିଭିନ୍ନ ମହଲରୁ ସପନଙ୍କୁ ଶୁଭେଚ୍ଛା ବାର୍ତ୍ତା ମିଳିଛି।

## ହଜିଯାଇଥିବା ମୋବାଇଲ ଫେରି ପାଇଲେ ମାଲିକ

**ନବରଙ୍ଗପୁର,୨।୫ (ସଦାଶିବ ପ୍ରହରାଜ)**

ବିଭିନ୍ନ ସମୟରେ ଚୋରି କିମ୍ବା ହଜିଯାଇଥିବା ୪୪ ମୋବାଇଲକୁ ଖୋଜି ପୋଲିସ ପ୍ରକୃତ ମାଲିକଙ୍କୁ ଫେରାଇଛି। ଶୁକ୍ରବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନବରଙ୍ଗପୁର ଏସ୍‌ପି ମିହିର ପଣ୍ଡା ମୋବାଇଲକୁ ପ୍ରକୃତ ମାଲିକଙ୍କୁ ଫେରାଇଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ୩୩ ଜଣ ଆସି ନିଜ ନିଜ ମୋବାଇଲ ନେଇ ଫେରିଛନ୍ତି। ସୂଚନାନୁଯାୟୀ ବିଭିନ୍ନ ସମୟରେ ନବରଙ୍ଗପୁର ଜିଲାର ଅନେକ ଥାନାରେ ମୋବାଇଲ ଚୋରି ହୋଇଯାଇଥିବା କିମ୍ବା ହଜିଯାଇଥିବା ନେଇ ଅଭିଯୋଗ ହୋଇଥିଲା। ତେବେ ଏ ନେଇ ନବରଙ୍ଗପୁର ପୋଲିସ ତଦନ୍ତ କରି ୪୪ ମୋବାଇଲ ଜବତ କରିଥିଲା। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଆଦିତ୍ୟ ସେନ ଓ ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ଉପସ୍ଥିତ ଥିଲେ।


ଏସ୍‌ପି ମିହିର ପଣ୍ଡା ଜଣେ ବ୍ୟକ୍ତିଙ୍କୁ ତାଙ୍କ ହଜିଯାଇଥିବା ମୋବାଇଲ ଫେରାଉଛନ୍ତି।

## ସଂକ୍ଷେପରେ

### ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ

**ଡାବୁଗାଁ, ୨।୫(ପ୍ରଜ୍ଞାରଞ୍ଜନ ପରିଡ଼ା)**

ଡାବୁଗାଁ ଥାନା ଅଧୀନ ଚେପଟିଆମ୍ବ ଘାଟି ଉପରେ ବୁଧବାର ସନ୍ଧ୍ୟାରେ ଅଟୋ ଓଲଟି ପାପଡ଼ାହାଣ୍ଡି ବ୍ଲକ ଅଧୀନ ଚାନ୍ଦିଲି ଗ୍ରାମର ୯ ଆହତ ଓ ୫ ଗୁରୁତର ହୋଇଥିଲେ। ଗୁରୁତରମାନଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଗୁରୁବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ରାଇମତିଜାନି(୫୦)ଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ମୃତକଙ୍କ ପୁତୁରା ରମେଶ ଜାନି ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ଏସ୍‌ଆଇ ଗୋପାଳକୃଷ୍ଣ ହାଲୱା ଘଟଣାସ୍ଥଳରେ ପହଞ୍ଚି ପଞ୍ଚନାମା କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ କେସ ନଂ ୮୭/୨୫ରେ ମାମଲା ରୁଜୁ ହୋଇଛି।

### ଅଜଣାଜନ୍ତୁ ଆକ୍ରମଣରେ ୪ ମେଣ୍ଢା ମୃତ

**ନବରଙ୍ଗପୁର, ୨।୫(ସଦାଶିବ ପ୍ରହରାଜ)**

ନନ୍ଦାହାଣ୍ଡି ବ୍ଲକ ପଡ଼ାଲଗୁଡ଼ା ଗ୍ରାମର ସଦାଶିବ ଦାଡ଼ିଆଙ୍କ ଗୁହାଳରେ ଥିବା ୬ ମେଣ୍ଢାଙ୍କ ମଧ୍ୟରୁ ଗୁରୁବାର ଅଜଣା ଜନ୍ତୁ ଆକ୍ରମଣରେ ୪ଙ୍କ ମୃତ୍ୟୁ ହୋଇଥିବାବେଳେ ୨ ଗୁରୁତର ଅଛନ୍ତି। ସଦାଶିବ ଆହତ ମେଣ୍ଢାଙ୍କୁ ଉଦ୍ଧାର କରି ପ୍ରାଣୀ ଚିକିତ୍ସକଙ୍କୁ ଜଣାଇ ଥିଲେ। ପ୍ରାଣୀ ଚିକିତ୍ସାଧିକାରୀ ବିଶ୍ୱରଞ୍ଜନ ସାହୁ ଘଟଣାସ୍ଥଳକୁ ଆସି ଉକ୍ତ ମେଣ୍ଢା ମାନଙ୍କ ଚିକିତ୍ସା କରିଛନ୍ତି। ସୂଚନାନୁଯାୟୀ, ସଦାଶିବ ଗୁରୁବାର ମେଣ୍ଢାମାନଙ୍କୁ ଗୁହାଳରେ ବାନ୍ଧି କବାଟ ଦେଇଥିଲେ। କବାଟ ତଳେ ଗାତ ଖୋଳି କୌଣସି ଏକ ଜଙ୍ଗଲୀ ଜନ୍ତୁ ପଶି ଆକ୍ରମଣ ମେଣ୍ଢାମାନଙ୍କୁ ଆକ୍ରମଣ କରିଥିବା ଅନୁମାନ କରାଯାଉଛି। ମୃତ ୪ଟି ମେଣ୍ଢାଙ୍କ ଆନୁମାନିକ ମୂଲ୍ୟ ୬୦ ହଜାରରୁ ଊର୍ଦ୍ଧ୍ୱ ଥିଲା। ତେଣୁ ସରକାର କ୍ଷତିପୂରଣ ଦେବାକୁ ସଦାଶିବ ଦାବି କରିଛନ୍ତି। ବନବିଭାଗ ବର୍ତ୍ତମାନ ପର୍ଯ୍ୟନ୍ତ ଘଟଣାସ୍ଥଳକୁ ଆସିନଥିବା ସଦାଶିବ କହିଛନ୍ତି। ମଧ୍ୟ ରାତ୍ରରେ ଏଭଳି ଅଜଣାଜନ୍ତୁର ଆକ୍ରମଣ କୁ ନେଇ ଗ୍ରାମବାସୀ ଭୟଭୀତ ହୋଇରହିଛନ୍ତି।

### କାର୍-ବାଇକ ମୁହାଁମୁହିଁ, ଜଣେ ମୃତ

**କୋଷାଗୁମୁଡା, ୨।୫ (ପ୍ରସାଦ ବିଷୋୟୀ)**


କୋଷାଗୁମୁଡ଼ା-ନବରଙ୍ଗପୁର ମୁଖ୍ୟ ରାସ୍ତାର ଅଦର୍ଶ ବିଦ୍ୟାଳୟ ନିକଟରେ ଶୁକ୍ରବାର ସନ୍ଧ୍ୟାରେ କାର ଓ ବାଇକ ମୁହାଁମୁହିଁ ଧକ୍କା ହେବାଫଳରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩ ଆହତ ହୋଇଛନ୍ତି। ମୃତକ ହେଲେ କୋଣ୍ଡାପୁରି ଗ୍ରାମର ଯଦୁ ଭତରା। ତାଙ୍କ ସହ ବାଇକରେ ଥିବା କୌଶଲ୍ୟା ଭତ୍ରା ଓ ଡୋଲା ଭତ୍ରା, ରାହୁଲ ବଜାଜଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ, କୋଷାଗୁମୁଡ଼ା ପଟରୁ ବାଇକ୍ (ଓଡି-୨୪ଜେ-୪୭୦୩)ରେ ଯଦୁ, କୌଶଲ୍ୟା ଓ ଡୋଲା ଯାଉଥିଲେ। ବିପରୀତ ଦିଗରୁ କାର୍ (ସିଜି-୦୪ପିଡବ୍ଲୁ-୮୪୧୯) ରାହୁଲ ଆସୁଥିଲେ। ଉଭୟ ଗାଡ଼ି ମୁହାଁମୁହିଁ ହୋଇଥିବାବେଳେ ଘଟଣାସ୍ଥଳରେ ଯଦୁଙ୍କ ମୃତ୍ୟୁ ହୋଇଛି। ଖବର ଲେଖା ଯିବା ସୁଦ୍ଧା ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିଲା।

### ମହିଳାଙ୍କ କାଶୁମାଳ ଝାମ୍ପି ନେବା ଘଟଣାରେ ୨ ଗିରଫ

**ଡାବୁଗାଁ, ୨।୫ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ଡାବୁଗାଁ ଥାନା ଅଧୀନ ବାଣୁଆଗୁଡ଼ା ଗ୍ରାମ ରାସ୍ତାରେ ମଙ୍ଗଳବାର ଅପରାହ୍ନରେ ମହିଳାଙ୍କ ବେକରୁ ସୁନା କାଶୁମାଳ ଝାମ୍ପି ନେବା ଘଟଣାରେ ଶୁକ୍ରବାର ଡାବୁଗାଁ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଝରିଗାଁ ବ୍ଲକ ଅଧୀନ ପିତାସିଲ ଗ୍ରାମର ପରଶୁରାମ ସାନ୍ତା (୨୪) ଓ ମୁଣ୍ଡାଗୁଡା ଗ୍ରାମର ରାକେଶ ସାନ୍ତା (୨୩)। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ଚୋରି କାଶୁମାଳ ଓ ବାଇକ୍ ଜବତ କରିଛି। ସୂଚନାନୁଯାୟୀ, ଉମୁରହାଣ୍ଡି ଗ୍ରାମର ଚଞ୍ଚଳା ମାଝି ମଙ୍ଗଳବାର ସକାଳୁ ପାପଡାହାଣ୍ଡି ହାଟରେ ଫେରିବାବେଳେ ବଣୁଆଗୁଡା ଗ୍ରାମ ପୂର୍ବରୁ ଏକ ଆମ୍ବ ତୋଟା ନିକଟରେ ୨ ଜଣ ଯୁବକ ଆସି ତାଙ୍କୁ ଝରିଗାଁ ରାସ୍ତା ପଚାରିଥିଲେ। ସେ ରାସ୍ତା କହି ଯିବାବେଳେ ଯୁବକମାନେ ମହିଳାଙ୍କ ବେକରୁ କାଶୁ ମାଳୀ ଝାମ୍ପି ନେଇ ବାଇକ୍‌ରେ ପଳାଇଥିଲେ। ଚଞ୍ଚଳା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରୁଥିଲା। ଅଭିଯୁକ୍ତମାନେ ଚୋରି କାଶୁମାଳ ନେଇ ଉମରକୋଟ ସହରର ବ୍ୟବସାୟୀ ମୁନା ଜୈନଙ୍କୁ ୨୯ ହଜାର ଟଙ୍କାରେ ବିକ୍ରି କରିଥିଲେ। ବୁଧବାର ସନ୍ଧ୍ୟାରେ ଡାବୁଗାଁର ଏକ ଦୋକାନରୁ ଡ୍ରେସ କିଣୁଥିବା ପୋଲିସ ସେମାନଙ୍କୁ ଥାନାକୁ ନେଇଥିଲା। ପଚରାଉଚରାବେଳେ ବୁଧବାର ରାତ୍ରିରେ ୨ ଯୁବକଙ୍କୁ ପୋଲିସ ସାଙ୍ଗରେ ନେଇ ମୁନାଙ୍କ ଘରେ ପହଞ୍ଚି ଚୋରି କାଶୁମାଳ ଜବତ କରିଥିଲା। ଏସ୍‌ଆଇ ଚନ୍ଦନ ସାହୁ ଘଟଣାର ତଦନ୍ତ କରୁଛନ୍ତି। କେସ୍ ନଂ ୮୬/୨୫ରେ ଏକ ମାମଲା ରୁଜୁ କରାଯାଇଛି।

## ଶ୍ରମିକମାନେ ରାଷ୍ଟ୍ର, ଭିତ୍ତିଭୂମି ବିକାଶର କର୍ଣ୍ଣଧାର



ଜଣେ ଶ୍ରମିକଙ୍କୁ ଅତିଥିମାନେ ସହାୟତା ରାଶି ପ୍ରଦାନ କରୁଛନ୍ତି।

### ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ

**ନବରଙ୍ଗପୁର, ୨।୫(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପରେ ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗ ପକ୍ଷରୁ ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ଗୁରୁବାର ପାଳିତ ହୋଇଯାଇଛି। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଝରିଗାଁ ବିଧାୟକ ନରସିଂହ ଭତରା, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପାଢ଼ୀ, ଏମ୍‌ପି ପ୍ରତିନିଧି ଜ୍ୟୋତିରଞ୍ଜନ କଂସ, ମଣ୍ଡଳ ଶ୍ରମ ଆୟୁକ୍ତ କୁବେର ବେହେରା, ବିଏମ୍‌ଏସ୍ ସଭାପତି ପରମେଶ୍ୱର ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। ଶ୍ରମିକ ସଂଘର କର୍ମକର୍ତ୍ତା ବିଷ୍ଣୁ ବିଷୋୟୀ, ଖଗେଶ୍ୱର ବିଷୋୟୀ, ଅରୁଣ ପୂଜାରୀ, ରାମ ବିଷୋୟୀ, ସୁଜିତ୍ ହିଆଲ, ନରସିଂହ ନାୟକ, ପ୍ରସାଦ ନାୟକ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଶ୍ରମିକମାନେ ରାଷ୍ଟ୍ର ଓ ଭିତ୍ତିଭୂମିର ବିକାଶର କର୍ଣ୍ଣଧାର। ତାଙ୍କର ଉନ୍ନତି ହେଲେ ରାଷ୍ଟ୍ରର ଉନ୍ନତି ସମ୍ଭବ ବୋଲି ଅତିଥିମାନେ କହିଥିଲେ। ଶ୍ରମିକମାନେ ଯେପରି ପଞ୍ଜୀକୃତ ହୋଇ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ପାଇପାରିବେ ସେ ଦିଗରେ ସଚେତନ ଓ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି।

ଜିଲାରେ ୧ଲକ୍ଷ ୧୬ ହଜାର ୫୭୯ ଜଣ ନିର୍ମାଣ ଶ୍ରମିକ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜୀକୃତ ହୋଇଛନ୍ତି। ୨୦୨୪-୨୫ରେ ୧୧ ହଜାର ୫୧୦ ଜଣ ପଞ୍ଜୀକୃତ ହୋଇଛନ୍ତି। ୨୧୬ ଜଣଙ୍କୁ ୧୪ କୋଟି ୧୨ ଲକ୍ଷ ୩୦ ହଜାର ୨୦୦ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ୨୦୧୩ରୁ ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ୨୬ହଜାର ୬ ଜଣ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ୬୪କୋଟି ୫୦ଲକ୍ଷ ୬୦ ହଜାର ୨୦୪ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଉକ୍ତ ସମାରୋହରେ ମୋଟ ୨୮୪ ହିତାଧିକାରୀଙ୍କୁ ୧ କୋଟି ୫୧ଲକ୍ଷ ୫୧ ହଜାର ୬୦୦ ଟଙ୍କା ( ନିର୍ମାଣ ଶ୍ରମିକ ସହାୟତା) ଡିବିଟି ମାଧ୍ୟମରେ ତାଙ୍କ ଜମା ଖାତାକୁ ପ୍ରଦାନ କରାଯାଉଛି। ମୋଟ ୧୭ ଜଣ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ରାଶି ଡମି ଚେକ୍ ଏବଂ ୫୦ଜଣ ନୂତନ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ଦିଆଯାଇଛି। ଜିଲା ଶ୍ରମ ଅଧିକାରୀ ଛୋଟରାୟ ଗୁଡ଼ୁ, ଉମରକୋଟ ସହକାରୀ ଶ୍ରମ ଅଧିକାରୀ ମାନସ ରଞ୍ଜନ ଖୋସ୍‌ଲା, ଡାବୁଗାଁ ସହକାରୀ ଶ୍ରମ ଅଧିକାରୀ ମୀନା କୁମାରୀ, ପାପଡ଼ାହାଣ୍ଡି ସହକାରୀ ଶ୍ରମ ଅଧିକାରୀ ସଂଗ୍ରାମ ଭୂମିଆ ଉପସ୍ଥିତ ଥିଲେ।

## ଲୁଟ୍ ମାମଲାରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ନବରଙ୍ଗପୁର, ୨।୫(ସଦାଶିବ ପ୍ରହରାଜ)**

ଏକ ଲୁଟ୍ ଘଟଣାରେ ନବରଙ୍ଗପୁର ପୋଲିସ ବିଜରଗୁଡ଼ା ଗାଁର ଡେବିଟ ହରିଜନଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ମାର୍ଚ୍ଚ ୧୮ରେ ଭାରତ ଫାଇନାନ୍ସ ଇନକ୍ଲୁଜନ ଲିମିଟେଡ୍‌ର କର୍ମଚାରୀ ସୁରଥ ରଥ ଗ୍ରାହକଙ୍କ ଠାରୁ ଟଙ୍କା ଆଦାୟ କରି ନବରଙ୍ଗପୁର ଫେରୁଥିଲେ। ବିଜରାଗୁଡା ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଡେବିଟ ତାଙ୍କଠାରୁ ଟଙ୍କା ଲୁଟ କରିଥିଲେ। ଏନେଇ ନବରଙ୍ଗପୁର ଥାନାରେ ଅଭିଯୋଗ ପରେ ପୋଲିସ କେସ ନମ୍ବର ୧୨୧/୨୫ରେ ଏକ ମାମଲା ରୁଜୁ କରିଥିଲା। ଏସ୍‌ଆଇ ସବୀର ଅହମ୍ମଦ ଘଟଣାର ତଦନ୍ତ କରୁଥିଲେ।

## ବ୍ୟବସାୟୀଙ୍କ ଘରୁ ଚୋରି

**ଡାବୁଗାଁ, ୨।୫ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ଡାବୁଗାଁ ବ୍ଲକ ଶିବ ମନ୍ଦିର ପାର୍ଶ୍ୱରେ ଥିବା କଲୋନୀ ନିବାସୀ ବ୍ୟବସାୟୀ ବେଣୁଧର ପରିଡ଼ାଙ୍କ ଘରୁ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଚୋରି ହୋଇଛି। ଘରେ କେହି ନ ଥିବା ସୁଯୋଗ ନେଇ ଛାତ ଉପରେ ଚଢ଼ି ଚୋର ଶିଡ଼ି ଦେଇ ଘର କବାଟ ତାଲା ଭାଙ୍ଗି ଚୋରି କରିଥିବା ଜଣାପଡ଼ିଛି। ୧୧ଟାରେ ବେଣୁଧରଙ୍କ ସ୍ତ୍ରୀ ଘରକୁ ଆସି ମୁଖ୍ୟ କବାଟ ତାଲା ଭଙ୍ଗାଯାଇ ଘରେ ଥିବା ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚୋରି ହୋଇଥିବା ଦେଖିଥିଲେ। ଅପରାହ୍ନ ୨ଟାରେ ବେଣୁଧର ଥାନାରେ ଏତଲା ଦେଇଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଯାଇ ଘଟଣାର ତଦନ୍ତ କରୁଛି।

## ପହଲଗାମ୍ ମୃତକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା


ଶୋଭାଯାତ୍ରାରେ ସାମିଲ ହୋଇଥିବା ବଣିକ ସଂଘ ସଦସ୍ୟ ଓ ଗ୍ରାମବାସୀ।

**ଝରିଗାଁ, ୨।୫(କିଶୋର ଚନ୍ଦ୍ର ମଣ୍ଡଳ)**

ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଗୁରୁବାର ସନ୍ଧ୍ୟାରେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବଣିକ ସଂଘ ଓ ଗ୍ରାମବାସୀଙ୍କ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ସ୍ଥାନୀୟ ହନୁମାନ ଛକରୁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା ବାହାରି ଥିଲା। ଭାରତ ସରକାର ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଦେଶବାସୀଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଶୋଭାଯାତ୍ରାରେ ବଣିକ ସଂଘ ୨ ଉପସଭାପତି କିସନଲାଲ ଶର୍ମା, ରମେଶ ପଟ୍ଟନାୟକ, ସମ୍ପାଦକ ଅଲି ପ୍ରଧାନ, ସହସମ୍ପାଦକ ପପୁନ ମହାନ୍ତି, କୋଷାଧ୍ୟକ୍ଷ କୁନା ପାତ୍ର, ମହମ୍ମଦ ଇରଫାନ, ଚମ୍ପକଲାଲ୍ ଜୈନ, କେ. ସତୀଶ, ସାରଥୀ ସାହୁ, ପ୍ରଦୀପ ପଟ୍ଟନାୟକ, ପ୍ରଭାତ ରଥ, ନୀଶାମଣି ସାହୁ, ଦେବଜ୍ୟୋତି ପଟ୍ଟନାୟକ, କେ. ସୁରେଶ, ଚନ୍ଦନ ଜୈନ, ରଞ୍ଜନ ଗୌଡ଼, ବିନୋଦ ଦଳାଇଙ୍କ ସହ ସମସ୍ତ ବଣିକ ସଂଘ ସଦସ୍ୟ ଓ ଗ୍ରାମବାସୀ ଯୋଗଦେଇଥିଲେ ଥାନାଧିକାରୀ ପ୍ରଦୀପ ଶବର, ଏଏସ୍‌ଆଇ କେଦାରନାଥ ରାଉତ, ମହେଶ୍ୱର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରାବାସ ପରିଚାଳନା ଦାୟିତ୍ୱରୁ ନିବୃତ୍ତ ହେବାକୁ ଦାବି

### ଜିଲାପାଳଙ୍କୁ ଭେଟିଲା କଲ୍ୟାଣ ବିଭାଗ ମିଳିତ ମଞ୍ଚ ଶିକ୍ଷକ ସଂଘ

**ମାଲକାନଗିରି, ୨।୫ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା କଲ୍ୟାଣ ବିଭାଗ ମିଳିତ ମଞ୍ଚ ଶିକ୍ଷକ ସଂଘ ତରଫରୁ ଛାତ୍ର ଓ ଛାତ୍ରୀନିବାସର ପରିଚାଳନା ଦାୟିତ୍ୱରୁ ନିବୃତ୍ତ ରହିବା ନିମନ୍ତେ ଗୁରୁବାର ଜିଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏକ ଶିକ୍ଷକ ପ୍ରତିନିଧି ଦଳ ଜିଲାପାଳଙ୍କ ସହ ଉକ୍ତ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ। ଉପରୋକ୍ତ ସମସ୍ୟାଗୁଡିକର ସ୍ଥାୟୀ ସମାଧାନ କରା ନ ଗଲେ ଗ୍ରୀଷ୍ମ ଅବକାଶ ପରେ ଜିଲାର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ମିଳିତ ଭାବେ ଛାତ୍ର ଓ ଛାତ୍ରୀନିବାସ ପରିଚାଳନାରେ ସହଯୋଗ କରିବେ ନାହିଁ ବୋଲି ଜିଲାପାଳଙ୍କୁ ଅବଗତ କରିଥିଲେ।

ସୂଚନା ଅନୁଯାୟୀ, ମାଲ୍ୟବନ୍ତ ଛାତ୍ରାବାସଠାରେ ଗତ ବୁଧବାର ମାଲକାନଗିରି ଜିଲାରେ କାର୍ଯ୍ୟରତ କଲ୍ୟାଣ ବିଭାଗ ମିଳିତ ମଞ୍ଚ ଶିକ୍ଷକ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଜିଲାର କଲ୍ୟାଣ ବିଭାଗର ସମସ୍ତ ବର୍ଗର ପ୍ରାୟ ୪୩୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ସଂଘର ସଭାପତି, ସମ୍ପାଦକ ଓ ବରିଷ୍ଠ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟ ଅନୁଭବୀ ଶିକ୍ଷକଙ୍କ ମାର୍ଗଦର୍ଶନରେ ଗ୍ରୀଷ୍ମ ଅବକାଶ ପରେ ଛାତ୍ର ଓ ଛାତ୍ରୀ ନିବାସର ପରିଚାଳନା ଏବଂ ଅଣ ଶୈକ୍ଷିକ କାର୍ଯ୍ୟକ୍ରମରୁ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ନିବୃତ୍ତ ରହିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା।


ଶିକ୍ଷକ ସଂଘ ତରଫରୁ ଦାବିପତ୍ର ଦିଆଯାଉଛି।

## ଜିଲା ଯୋଗାଣ ଅଫିସ ଘେରିଲା ବିଜେଡି

### ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ତୁରନ୍ତ ନ ଦେଲେ ଆନ୍ଦୋଳନ ଚେତାବନୀ

**ନବରଙ୍ଗପୁର, ୨।୫ (ସଦାଶିବ ପ୍ରହରାଜ)**

ଖରିଫ ଋତୁରେ ରାଇଘର ବ୍ଲକର ୩୪୪ ଜଣ ଚାଷୀ ମଣ୍ଡିରେ ଧାନ ଦେଇଥିଲେ। ଏହାକୁ ୩ ମାସରୁ ଅଧିକ ସମୟ ହେଲାଣି। ତଥାପି ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ମିଳିନି। ଏହା ବିରୋଧରେ ଜିଲା ବିଜେଡି ଶୁକ୍ରବାର ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ଘେରିଥିଲା। ପୂର୍ବରୁ ବାରମ୍ବାର ଚାଷୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ଯୋଗାଣ ବିଭାଗ ପକ୍ଷରୁ ୭ ଦିନ ମଧ୍ୟରେ ସମ୍ପୃକ୍ତ ଚାଷୀଙ୍କୁ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ୭ ଦିନର ଅବଧି ପରେ ବି ଚାଷୀଙ୍କୁ ଟଙ୍କା ଦିଆଯାଇ ନାହିଁ କହି ବିଜେଡି ନେତାମାନେ କ୍ଷୋଭ ପ୍ରକାଶ କରିଥିଲେ। ଜିଲା ଯୋଗାଣ ଅଧିକାରୀଙ୍କ ସହିତ ଆଲୋଚନା କରି ଟଙ୍କା ପ୍ରଦାନ ଦାବି କରିଥିଲେ। ଚାଷୀଙ୍କ ସହିତ ବିଜେଡି ର ସମସ୍ତ ନେତା ଧାରଣାରେ ସାମିଲ ହୋଇଥିଲେ। ଅପରପକ୍ଷରେ ଚାଷୀଙ୍କ ଟଙ୍କା କିଭଳି ମିଳିବ ସେନେଇ ସରକାରଙ୍କ ସହିତ ଆଲୋଚନା ଜାରି ରହିଛି। ସରକାରୀ ନିର୍ଦ୍ଦେଶାନୁଯାୟୀ ଚାଷୀଙ୍କ ଟଙ୍କା ଫେରସ୍ତ କରାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି।


ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବିଜେଡି ନେତା ଓ ଚାଷୀ।

ଜିଲାର ଧାନ କିଣାରେ ୫୦ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ବିଜେଡି ରାଷ୍ଟ୍ରିୟ ପ୍ରବକ୍ତା ତଥା ପୂର୍ବତନ ଏମପି ପ୍ରଦୀପ ମାଝୀ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଲ୍ୟାମ୍ପସ ଦୁର୍ନୀତିରେ ବହୁ ବିଭାଗୀୟ ଓ ପ୍ରଶାସନିକ ଅଧିକାରୀ ଜଡିତ ଥିବା ସେ କହିଛନ୍ତି। ରାଇଘର ଲ୍ୟାମ୍ପସରେ ନକଲି ଚାଷୀ ଥିବା ବିଭାଗୀୟ ଅଧିକାରୀ କହିଥିଲେ। କିନ୍ତୁ ଚାଷୀ ପଞ୍ଜିକରଣ କିଏ କରିଲା ଓ ଧାନ ବିକ୍ରି ସମୟରେ ସେମାନଙ୍କ ଆଇ ସ୍କାନିଂ କିଏ କରିଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଫେବୃଆରୀ ୨୨ ରୁ ପ୍ରଶାସନ ପକ୍ଷରୁ ଟାର୍ଗେଟ ମିଳିନଥିଲା। ତେଣୁ ମିଲ ମାଲିକମାନେ ମଣ୍ଡିରୁ ଧାନ ନେଇଥିଲେ। କିନ୍ତୁ ଲ୍ୟାମ୍ପ ପକ୍ଷରୁ ଟିପି କଟାଯାଇ ପାରିଲା ନାହିଁ। ଫଳରେ ବର୍ତ୍ତମାନ ସୁଦ୍ଧା ୩୪୪ ଜଣ ଚାଷୀଙ୍କ ୧୪,୨୦୦ କୁଇଣ୍ଟାଲ ଧାନ ମଣ୍ଡିରେ ଦେଇଥିଲେ ସୁଦ୍ଧା ମୋଟ ୪ କୋଟି ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚାଷୀ ପାଇ ପାରି ନାହାଁନ୍ତି ବୋଲ ପ୍ରଦୀପ ମାଝୀ ଅଭିଯୋଗ କରିଥିଲେ। ପ୍ରଶାସନ ୭ ଦିନରେ ଟଙ୍କା ଫେରସ୍ତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହାକୁ ପୂରଣ କରିନି। ରାଇଘର ଚାଷୀଙ୍କୁ ସେମାନଙ୍କ ଟଙ୍କା ଦିଆ ନ ଗଲେ ବିଜେଡି ରାସ୍ତାକୁ ଆନ୍ଦୋଳନ କରିବ ବୋଲି ଜିଲା ବିଜେଡି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଚେତାବନୀ ଦେଇଥିଲେ। ରାଜ୍ୟ ଭାଜପା ସରକାର ଚାଷୀ ବିରୋଧୀ ବୋଲି ନବରଙ୍ଗପୁର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ କହିଥିଲେ। ଉମରକୋଟର ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ରାଇଘର ବ୍ଲକ ଅଧ୍ୟକ୍ଷ ଡବ୍ଲ୍ୟୁ ଗଣ୍ଡ, ମଞ୍ଜୁଳା ମାଝୀ, ନବୀନା ନାୟକ, ରବି ପଟ୍ଟନାୟକ, ସରୋଜ ପାତ୍ର, ନଗର ସଭାପତି ପ୍ରମୋଦ ରଥ ପ୍ରମୁଖ ଉପସ୍ଥିତ ଥିଲେ।

ନବରଙ୍ଗପୁରସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଗୁରୁବାର ଜିଲା କଂଗ୍ରେସ ପକ୍ଷରୁ ଏକ ଖବରଦରତା ସମ୍ମିଳନୀ କରାଯାଇଛି। ରାଇଘର ଲ୍ୟାମ୍ପସରେ ଦୁର୍ନୀତି ହୋଇଛି। ଏଥିରେ ଅଧିକାରୀ ସାମିଲ ଥିବା କଂଗ୍ରେସ ଅଭିଯୋଗ କରିଛି। ରାଇଘର ଲ୍ୟାମ୍ପରେ ଅସଲିଙ୍କ ଠାରୁ ନକଲି ଚାଷୀଙ୍କ ସଂଖ୍ୟା ଅଧିକ। ନକଲି ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଯାଉଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ୭ ଦିନରେ ଚାଷୀଙ୍କୁ ଧାନ ଟଙ୍କା ଦିଆ ନ ଗଲେ କଂଗ୍ରେସ ଏହାର ପ୍ରତିବାଦ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ଜିଲା କଂଗ୍ରେସ ସଭାପତି ଭୁଜବଳ ମାଝୀ ଓ କଂଗ୍ରେସର ଜିଲା ପରିଷଦ ସଭ୍ୟା ଲିପିକା ମାଝୀ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଦିଲୀପ ବେହେରା, ବୃନ୍ଦାବନ ତ୍ରିପାଠୀ, ପରୀ ସାହୁଙ୍କ ସମେତ ଦଳୀୟ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ମହୁମାଛି ଆକ୍ରମଣରେ ଯୁବକ ମୃତ**

କୋରାପୁଟ,(ଅମିତାଭ ବେହେରା)- କୋରାପୁଟ ସହର ହାଉସିଂବୋର୍ଡ କଲୋନୀର ଜଣେ ଯୁବକଙ୍କ ମହୁମାଛି ଆକ୍ରମଣରେ ଶୁକ୍ରବାର ମୃତ୍ୟୁ ହୋଇଛି। ମୃତକ ହେଲେ ଅଜୁ ଚେଟୀ (୩୬)। ସୂଚନା ଅନୁଯାୟୀ, ଅଜୁ ଏଲ୍ଆଇସି କଲୋନୀରେ ଥିବା ଭଉଣୀ ଘରୁ ଅଟୋ ଆଣିବାକୁ ଯାଉଥିବା ବେଳେ ସ୍ଥାନୀୟ ଡିଆଇଜି ଅଫିସ ନିକଟରେ କେତେକ ମହୁମାଛି ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗତ କିଛିଦିନ ହେବ କୋର୍ଟ ପରିସରରେ ମହୁମାଛି ଆକ୍ରମଣରେ ଜଣେ ଓକିଲ ଓ ସ୍ଥାନୀୟ ଲୋକେ ଆହତ ହୋଇଥିଲେ।

## ଏ୧ ଗ୍ରେଡ୍‌ରେ ସୋନାଲି ଟପ୍ପର

ଦାମନଯୋଡ଼ି,୨।୫(ମାନସ ରଞ୍ଜନ କର)

ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପ୍ରକାଶିତ ମ୍ୟାଟ୍ରିକ୍ ପରୀକ୍ଷାରେ ଦାମନଯୋଡ଼ିର ନାଲକୋ ଟାଉନଶିପ ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରୀ ସୋନାଲି ମାହୁନ୍ତ ୫୪୦ ନମ୍ବର ରଖି ଏ୧ ଗ୍ରେଡ୍‌ରେ ଟପ୍ପର ହୋଇଛନ୍ତି। ଦାମନଯୋଡ଼ିର ୫ ସ୍କୁଲର ୪୪୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୩୫ ପିଲା ଉତ୍ତୀର୍ଣ୍ଣ ହୋଇଛନ୍ତି। ଶ୍ରୀମନ୍ତ ମାହୁନ୍ତ ଓ ଝରଣା ମାହୁନ୍ତଙ୍କ ଝିଅ ସୋନାଲି ମାଥାଲପୁଟରେ ଅଜା ଶଙ୍କର ବେହେରାଙ୍କ ଘରେ ରହି ପାଠ ପଢୁଥିଲେ। ଅନ୍ୟ ୪ ଛାତ୍ରୀଛାତ୍ର ଏ୨ ଗ୍ରେଡ ପାଇଛନ୍ତି। ମାଥାଲପୁଟ ମାଲୁ ସାଉନ୍ତା ସରକାରୀ ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫୩୪ ନମ୍ବର ରଖି ଏ୨ ଗ୍ରେଡ ସହ ଓମ ପ୍ରକାଶ ଜେନା ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ଭେଜାପୁଟସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀ ସ୍ୱୟଂପ୍ରଭା ବିଶ୍ୱାଳ ୫୩୦ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ମାଥାଲପୁଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଏ.ସୁସ୍ମିତା ୪୯୯ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ମାଥାଲପୁଟସ୍ଥିତ ଆଲୁମିନା ବାଳିକା ଉଚ୍ଚ ବିଦ୍ୟାଳୟ ଲିଟିଗୁଡ଼ାର ଛାତ୍ରୀ ଅଞ୍ଜଳି ପାଙ୍ଗି ସର୍ବାଧିକ ୪୦୨ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି।

# ହଷ୍ଟେଲରେ ୮ ବର୍ଷୀୟ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ

ନନ୍ଦପୁର/ଲମତାପୁଟ,୨।୫
(ତୁଷାରକାନ୍ତ ମହାନ୍ତି/ଭକ୍ତରାମ ବାଙ୍କିଆ)

- ଘଟଣାର ୧୭ ଦିନ ପରେ ଥାନାରେ ମାମଲା, ଛାତ୍ରୀ ଗୁରୁତର
- କୋରାପୁଟ ଏସ୍‌ପିଙ୍କ ତନାଘନା

କୋରାପୁଟ ଜିଲା ନନ୍ଦପୁର ପୋଲିସ ଉପଖଣ୍ଡ ଅଧୀନ ଲମତାପୁଟ ବ୍ଲକ୍ ଅଞ୍ଚଳର ଏକ ହଷ୍ଟେଲରେ ଜଣେ ୮ ବର୍ଷୀୟ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ହଷ୍ଟେଲ କର୍ତ୍ତୃପକ୍ଷ ଏ ସମ୍ପର୍କରେ କାହାରିକୁ କିଛି ନ ଜଣାଇ ଘଟଣାର ୧୭ ଦିନ ପରେ ଛାତ୍ରୀଙ୍କୁ ଘରକୁ ପଠାଇ ଦେଇଥିଲେ। ପରିବାର ଲୋକେ ଛାତ୍ରୀଙ୍କ ସହ ବଳାତ୍କାର ହୋଇଥିବା ଜାଣି ବୁଧବାର ମାଛକୁଣ୍ଡ ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ଛାତ୍ରୀଙ୍କ ଡାକ୍ତରୀ ମାଇନା ଓ ବିଚାରପତିଙ୍କ ନିକଟରେ ବୟାନ ରେକର୍ଡ କରାଯାଇଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଘଟଣାକୁ ଚପାଇବାକୁ ନେଇ ଜନ ଅସନ୍ତୋଷ ବଢ଼ିଛି।

ସୂଚନା ଅନୁଯାୟୀ, ଏପ୍ରିଲ ୧୩ ରାତିରେ କେହି ଜଣେ ଅପରିଚିତ ଯୁବକ ଛାତ୍ରୀନିବାସରେ ପଶି ଛାତ୍ରୀଙ୍କୁ ବଳାତ୍କାର କରିଥିଲେ। ୩୦ ତାରିଖରେ ହଷ୍ଟେଲ କର୍ତ୍ତୃପକ୍ଷ ଛାତ୍ରୀଙ୍କୁ ଘରକୁ ପଠାଇଦେଇଥିଲେ। ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା


ଲମତାପୁଟ ଫାଣ୍ଡି ଅଧିକାରୀ ଶ୍ରୀକାନ୍ତ ଘୋଷଙ୍କୁ ପରିବାର ଓ ରାଜନୈତିକ ଦଳର କର୍ମୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ଗୁରୁତର ହେବା ଦେଖି ପରିବାର ଲୋକେ ତାଙ୍କୁ ଏ ସମ୍ପର୍କରେ ପଚାରିଥିଲେ। ତାଙ୍କଠାରୁ ଘଟଣା ସମ୍ପର୍କରେ ଜାଣି ମାଛକୁଣ୍ଡ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ କେସ୍ ନଂ. ୩୩/୨୫ରେ ମାମଲା ରୁଜୁ କରିଛି। ଏସ୍‌ଆଇ ଶୁକ୍ରା ମାଡ଼ି ତଦନ୍ତ ଆରମ୍ଭ କରିଛନ୍ତି। ଗୁରୁବାର କୋରାପୁଟ ଏସ୍‌ପି ରୋହିତ ବର୍ମା, ନନ୍ଦପୁର ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ, ପୋଲିସ ବିଭାଗର ବୈଷୟିକ ଟିମ୍ ଛାତ୍ରୀନିବାସରେ ପହଞ୍ଚି ଘଟଣାର ତନାଘନା କରିଥିଲେ। ସ୍ଥାନୀୟ କେତେଜଣ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରିଥିଲା। ଅଭିଯୁକ୍ତଙ୍କୁ ଗିରଫ ଓ ଛାତ୍ରୀନିବାସ ପରିଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ଗୁରୁବାର ସନ୍ଧ୍ୟାରେ ପୀଡ଼ିତାଙ୍କ ପରିବାର ଓ ବିଭିନ୍ନ ରାଜନୈତିକ ଦଳର ନେତା, କର୍ମୀ ବିକ୍ଷୋଭ କରିଥିଲେ। ପ୍ଲାକାର୍ଡ ଧରି ଲମତାପୁଟ ଶିବମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ଲମତାପୁଟ ଫାଣ୍ଡି ଅଧିକାରୀ ଶ୍ରୀକାନ୍ତ ଘୋଷଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଘଟଣା ସମ୍ବେଦନଶୀଳ ହୋଇଥିବାରୁ ପୋଲିସ ତଦନ୍ତ ପ୍ରକ୍ରିୟା ସମ୍ପର୍କରେ କହିବାକୁ ଏସ୍‌ଡିପିଓ ମଲ୍ଲିକ ମନା କରିଛନ୍ତି। ଏସ୍‌ପି ବର୍ମାଙ୍କ ନିର୍ଦ୍ଦେଶରେ ଶୁକ୍ରବାର ନନ୍ଦପୁର, ପାଡୁଆ, ବୈପାରିଗୁଡ଼ା, ଜୟପୁର ଓ କୋରାପୁଟ ଜିଲା ମୁଖ୍ୟାଳୟ ପୋଲିସ ଛାତ୍ରୀନିବାସ ପରିସରରେ ତଦନ୍ତ କରିଛନ୍ତି।

ଏ ସମ୍ପର୍କରେ ଛାତ୍ରୀନିବାସ ପ୍ରଧାନ ଶିକ୍ଷୟିତ୍ରୀଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ଅଭିଯୋଗ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡିଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଉଛି। ଏଡିଡବ୍ଲ୍ୟୁଓ ଅର୍ଜୁନ ନାୟକ ଛାତ୍ରୀନିବାସରେ ସ୍ଥିତି ଯାଞ୍ଚ, ପୀଡ଼ିତାଙ୍କ ପରିବାର ସହ ଆଲୋଚନା କରିଛନ୍ତି। ଛାତ୍ରୀଙ୍କ ଚିକିତ୍ସା ଜାରି ରହିଛି। ଡାକ୍ତରୀ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## କୋରାପୁଟରେ ମାଟ୍ରିକ୍ ପାସ୍‌ହାର ୯୨.୮୩ ପ୍ରତିଶତ

କୋରାପୁଟ,୨।୫(ଅମିତାଭ ବେହେରା)

ରାଜ୍ୟରେ ମ୍ୟାଟ୍ରିକ୍ ପରୀକ୍ଷା ଫଳାଫଳ ଶୁକ୍ରବାର ସନ୍ଧ୍ୟାରେ ପ୍ରକାଶ ପାଇଛି। କୋରାପୁଟ ଜିଲାରେ ଫଳାଫଳ ମାତ୍ର ୯୨.୮୩ ପ୍ରତିଶତ ରହିଛି। ଏହା ରାଜ୍ୟରେ ସର୍ବନିମ୍ନ ବୋଲି ସୂଚନା ରହିଛି। ଜିଲାରେ ଚଳିତ ବର୍ଷ ମୋଟ ୧୪ ହଜାର ୭୩୮ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସେଥିରୁ ୭ ହଜାର ୩୨୨ ଛାତ୍ରୀ ଓ ୭ ହଜାର ୪୧୬ ଛାତ୍ର ସଫଳ ହୋଇଛନ୍ତି। ପରୀକ୍ଷାରେ ଏ ୱାନ ଗ୍ରେଡରେ ୧୨, ଏ ୨ରେ ୬୪, ବି-୧ ରେ ୧୭୮, ବି-୨ରେ ୭୫୧, ସି ଗ୍ରେଡ୍‌ରେ ୨୯୩୭,ଡି ଗ୍ରେଡ୍‌ରେ ୬୩୫୬ ଓ ଇ ଗ୍ରେଡ୍‌ରେ ୪୪୪୦ କୃତକାର୍ଯ୍ୟ ହୋଇଛନ୍ତି। ୧୧୩୬ ପରୀକ୍ଷାର୍ଥୀ ଫେଲ୍ ହୋଇଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ପଟ୍ଟାଙ୍ଗିରେ ଚନ୍ଦନ, କୁନ୍ଦୁରାରେ ସ୍ନେହାସ୍ମିତା ଟପ୍ପର

ପଟ୍ଟାଙ୍ଗି/କୁନ୍ଦୁରା,୨।୫(ଶରତ କୁମାର ଧଳ/ସନ୍ତୋଷ ପ୍ରହରାଜ)


ଚନ୍ଦନ ବୁରୁଡି


ସ୍ନେହାସ୍ମିତା ଚୌଧୁରୀ

ରାଜ୍ୟରେ ମାଟ୍ରିକ୍ ପରୀକ୍ଷା ରେଜଲ୍ଟ ଶୁକ୍ରବାର ସନ୍ଧ୍ୟାରେ ପ୍ରକାଶ ପାଇଥିବା ବେଳେ ପଟ୍ଟାଙ୍ଗି ବ୍ଲକ୍‌ରେ ପୁକାଲି ନୋଡାଲ୍ ହାଇସ୍କୁଲର ଛାତ୍ର ଚନ୍ଦନ ବୁରୁଡି ଟପ୍ପର ହୋଇଛନ୍ତି। ଚନ୍ଦନ ୪୪୨ ମାର୍କ ରଖି ବ୍ଲକ୍ ପାଇଁ ଗୌରବ ଆଣିଛନ୍ତି। ତାଙ୍କ ପାଇଁ ପୁକାଲି ହାଇସ୍କୁଲ ଗର୍ବିତ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ଦୀପଶିଖା ବେହେରା କହିଛନ୍ତି। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସହଯୋଗ ଓ ମା'ବାପାଙ୍କ ଆଶୀର୍ବାଦରେ ସେ ଏହି କୃତିତ୍ୱ ହାସଲ କରିଥିବା ଚନ୍ଦନ କହିଛନ୍ତି। ସୂଚନାଯୋଗ୍ୟ,ଏହି ବିଦ୍ୟାଳୟରେ ମୋଟ ୭୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୮ ଜଣ ଫେଲ୍ ହୋଇଛନ୍ତି। ବି ୧ ଜଣେ, ବି ୨ ଜଣେ, ସି ଗ୍ରେଡ୍‌ରେ ୧୪, ଡିରେ ୪୩, ଇରେ ୧୨ ଜଣ ପାସ୍ ହୋଇଥିବା ଜଣାପଡ଼ିଛି। ବ୍ଲକ୍ ସଦର ମହକୁମା ନୋଡାଲ୍ ହାଇସ୍କୁଲର ୧୪୬ଛାତୀଛାତ୍ରଙ୍କ ମଧ୍ୟରୁ ୧୧୭ଜଣ ପାସ ହୋଇଛନ୍ତି।

କୁନ୍ଦୁରା ବ୍ଲକ୍ ଅନ୍ତର୍ଗତ ଲିମା ପଞ୍ଚାୟତ ସଦର ମହକୁମା ଆବାସିକ ବିଦ୍ୟାଳୟର ଛାତ୍ରୀ ସ୍ନେହାସ୍ମିତା ଚୌଧୁରୀ ମାଟ୍ରିକ୍ ପରୀକ୍ଷାରେ ବ୍ଲକ୍‌ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ୫୩୦ ମାର୍କ ରଖି ୮୯%ରେ ବ୍ଲକ୍ ଟପ୍ପର ହୋଇଛନ୍ତି। କୁନ୍ଦୁରା ବ୍ଲକ୍ ଲିମା ନିକଟସ୍ଥ ଘିଉରିଆଗୁଡ଼ା ଗ୍ରାମର ଖଗେଶ୍ୱର ଚୌଧୁରୀ ଓ ଲକ୍ଷ୍ମୀ ଚୌଧୁରୀଙ୍କ ଏକମାତ୍ର ଝିଅ। ସ୍ନେହା ବିନା ଟିଉଶନ୍‌ରେ ପାଠ ପଢ଼ି ବ୍ଲକ୍‌ରେ ପ୍ରଥମ ହୋଇ ଗୌରବ ଆଣିଛନ୍ତି। ସେ ସୁରଭି କାର୍ଯ୍ୟକ୍ରମରେ ଓ ଜିଲା ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରରେ ପ୍ରଶଂସିତ ହୋଇ ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀଙ୍କଠାରୁ ପୁରସ୍କୃତ ହୋଇଥିଲେ।

## ଉପସମ୍ପ୍ରସାରଣ କର୍ମକର୍ତ୍ତାଙ୍କ ତାଲିମ ଶିବିର


ଶିବିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ନନ୍ଦପୁର,୨।୫(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର, ଲମତାପୁଟ ଓ ପଟ୍ଟାଙ୍ଗି ବ୍ଲକ୍ ଚାଷୀଙ୍କ ହିତରେ କାର୍ଯ୍ୟରତ ନନ୍ଦପୁର କୃଷି ଜିଲା ଅଧିକାରୀ(ଏଡିଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ସୀମାଦ୍ରୀ ମଣ୍ଡପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନ(ସିଡିଏଓ), ନନ୍ଦପୁର କୃଷି ଜିଲା ଅଧିକାରୀ ଏମ୍. ପ୍ରକାଶ ରାଓ(ଏଡିଓ), ସେମିଳିଗୁଡା ଆରଆରଟିଟିଏସ୍ କୃଷି ବିଜ୍ଞାନୀ ପର୍ଶୁରାମ ଶିଆଳ, କୃଷି ପାଣିପାଗ ବିଜ୍ଞାନୀ ଦିବ୍ୟଶକ୍ତି ପ୍ରିୟଦର୍ଶୀ, ମୃତ୍ତିକା ବିଜ୍ଞାନୀ ଶୁଭଶ୍ରୀ ବନ୍ଦିତା, ମିଲେଟ ମ୍ୟାନ ତଥା କୁନ୍ଦୁରା ବ୍ଲକ୍ କୃଷି ଅଧିକାରୀ ତାପସ ଚନ୍ଦ୍ର ରାୟ, ନନ୍ଦପୁର ବ୍ଲକ୍ କୃଷି ଅଧିକାରୀ ଦେବାଶିଷ ଦେଶୀ ନାୟକ, ବିଭାଗୀୟ ଯୋଜନାଧିକାରୀ ଦିବ୍ୟରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୩ ବ୍ଲକର ୫୦ରୁ ଉର୍ଦ୍ଧ୍ୱ ଚାଷୀ ଓ ୫୦ରୁ ଅଧିକ କୃଷି କର୍ମଚାରୀଙ୍କୁ ବିଭିନ୍ନ ପାରମ୍ପାରିକ ଓ ଅର୍ଥକାରୀ ଚାଷ ପ୍ରଣାଳୀ, ବୈଷୟିକ ଜ୍ଞାନ, ଚାଷୀଙ୍କ ପାଇଁ ଥିବା ପ୍ରୋତ୍ସାହନ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି ବିଭାଗର ବିଭିନ୍ନ ଯୋଜନା ଏବଂ ବିଭିନ୍ନ ପୋର୍ଟାଲରେ ପଞ୍ଜୀକରଣ କରିବା ଉପାୟ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। କୃଷି ବିଭାଗ ଏଏଓ ଲେନିନ ଶବର ପ୍ରଶିକ୍ଷଣ ଶିବିର ପରିଚାଳନା କରିଥିଲେ।

## ୧୦ ହଜାର ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଦଶମନ୍ତପୁର ସିଡିପିଓ

ଦଶମନ୍ତପୁର,୨।୫(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ଅଧିକାରୀ(ସିଡିପିଓ) ଶକୁନ୍ତଳା ଦାଶ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଜୟପୁର ଭିଜିଲାନ୍ସ ଟିମ୍ ଶୁକ୍ରବାର ତାଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ସିଡିପିଓ ଦାଶ ଏ.ମାଲକାନଗିରି ପଞ୍ଚାୟତ ଜଗିମାଳୀଗୁଡ଼ା ଗ୍ରାମର ଅଙ୍ଗନୱାଡି ସହାୟିକାଙ୍କୁ କୌଣସି କାର୍ଯ୍ୟ କରାଇଦେବାକୁ କହି ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହି ଟଙ୍କା ଆଡମୁଣ୍ଡା ଗ୍ରାମର ଅଙ୍ଗନୱାଡି କର୍ମୀ ମୀନତି ଖୋସଲାଙ୍କ ମାଧ୍ୟମରେ ଦେବାକୁ କହିଥିଲେ। ଏହାପରେ


ସିଡିପିଓ ଶକୁନ୍ତଳା ଦାଶ।

ସହାୟିକା ଜଣଙ୍କ ଜୟପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ପୂର୍ବ ଯୋଜନା ମୁତାବକ ଏସ୍‌ପିଙ୍କ ନିର୍ଦ୍ଦେଶରେ ଜୟପୁର ଭିଜିଲାନ୍ସର ଏକ ଟିମ୍ ସମ୍ପୃକ୍ତ କାର୍ଯ୍ୟାଳୟରେ ଛପି ରହି ଅଙ୍ଗନୱାଡ଼ି କର୍ମୀଙ୍କ ମାଧ୍ୟମରେ ଏକ ବ୍ୟାଗ୍‌ରେ ୧୦ ହଜାର ଟଙ୍କା ଲାଞ୍ଚ ବେଳେ ଚଢ଼ାଉ କରିଥିବା ଭିଜିଲାନ୍ସ ଡିଏସ୍‌ପି ସଦାନନ୍ଦ ପାଣି କହିଛନ୍ତି। ଉଭୟ ସିଡିପିଓ ଦାଶ ଓ ଅଙ୍ଗନୱାଡ଼ି କର୍ମୀଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ସିଡିପିଓଙ୍କ ଭଡା ଘରୁ ୨୨ହଜାର ୫ଶହ ଟଙ୍କା ଜବତ କରାଯାଇଛି। ଚଢ଼ାଉ ଜାରି ରହିଥିବା ଡିଏସ୍‌ପି ପାଣି ସୂଚନା ଦେଇଛନ୍ତି। ଚଢ଼ାଉରେ ଇନ୍ସପେକ୍ଟର ସୂର୍ଯ୍ୟ ପ୍ରକାଶ ନାୟକ, ସଞ୍ଜୟ ପ୍ରଧାନ, ସାବିତ୍ରୀ ପ୍ରଧାନ ଓ ସନ୍ତୋଷୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## କାଳବୈଶାଖୀରେ ଗଛ ଉପୁଡ଼ି ଭାଙ୍ଗିଲା ଘର

ନନ୍ଦପୁର,୨।୫
(ତୁଷାର କାନ୍ତ ମହାନ୍ତି)

କାଳବୈଶାଖୀର ପ୍ରଭାବରେ ନନ୍ଦପୁର ବ୍ଲକ୍ ସଦର ମହକୁମା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଛକ ନିକଟରେ ଏକ ଗଛ ଉପୁଡ଼ି ସେମିଳିଗୁଡା-ହାଣ୍ଡିପୁଟ ସଂଯୋଗୀ ଗୁରୁବାର ସନ୍ଧ୍ୟାରେ ରାସ୍ତା ଅବରୋଧ ହୋଇଛି। ନନ୍ଦପୁର ଥାନା ଅନ୍ତର୍ଗତ ଲମତାପୁଟ ବ୍ଲକ ଓ ମାଛକୁଣ୍ଡ ତହସିଲ ଅଧୀନ ଟିକରପଡ଼ା ପଞ୍ଚାୟତ ଉର୍ଦ୍ଦୀଗୁଡ଼ା ଗ୍ରାମର ନବୀନା ହନ୍ତାଳଙ୍କ ଘର ଉପରେ ଏକ ଗଛ ଉପୁଡ଼ି ପଡିବା ଘରର ୭୦ ପ୍ରତିଶତ ଭାଙ୍ଗିଯାଇଛି। ଘଟଣାରେ ନନ୍ଦପୁର ଅଗ୍ନିଶମ ବାହିନୀ ଓଆଇସି ଚିତରଞ୍ଜନ ପାଞ୍ଜିଆଙ୍କ ନେତୃତ୍ୱରେ ଗାଡି ଚାଳକ ଦିଲେଶ୍ୱର ସେଠିଆ, ଫାୟାରମ୍ୟାନ ପ୍ରକାଶ କିସାନ, ଦୁଃଖ ନାସନ ଖାଡ଼ିଆ ଓ ରଞ୍ଜନ ମଲ୍ଲିକ ଗୁରୁବାର ରାତିରେ ଗଛ କାଟି ରାସ୍ତା ଅବରୋଧ ହଟାଇ ଥିଲେ। ଶୁକ୍ରବାର ସକାଳୁ ଘର ଉପର ଗଛକୁ କାଟି ସଫା କରିଥିଲେ। ମାଛକୁଣ୍ଡ ତହସିଲଦାର ଦିବାକର ବାଗ ରାଜସ୍ୱ ନିରୀକ୍ଷକଙ୍କୁ ଉର୍ଦ୍ଦୀଗୁଡା ଗ୍ରାମକୁ ଯାଇ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷୟକ୍ଷତିର ଆକଳନ ରିପୋର୍ଟ ମିଳିଲେ ଆବଶ୍ୟକ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ବାଗ ସୂଚନା ଦେଇଛନ୍ତି।


ଗଛ ପଡି ନବୀନା ହନ୍ତାଳଙ୍କ ଘର ଭାଙ୍ଗିଯାଇଛି ।

## ଜିଲାସ୍ତରୀୟ ୧୬ ବର୍ଷରୁ କମ୍ ସ୍କୁଲ କ୍ରିକେଟ, ପଡ଼ିଆ ଚାମ୍ପିୟନ


ଅତିଥିଙ୍କ ସହ ଖେଳାଳିମାନେ ।

ପଡିଆ, ୨।୫(ଭାସ୍କର ରାଓ)

ମାଲକାନଗିରି ଡିଏନ୍‌କେସ୍ଥିତ ଖେଳ ପଡିଆରେ ଗତ ଏକ ସପ୍ତାହ ଧରି ଚାଲିଥିବା ଜିଲାସ୍ତରୀୟ ୧୬ ବର୍ଷରୁ କମ୍ ସ୍କୁଲ କ୍ରିକେଟ ପ୍ରତିଯୋଗିତାରେ ପଡିଆ ବ୍ଲକ୍ ଚାମ୍ପିୟନ ହୋଇଛି। ଶୁକ୍ରବାର ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ମାଲକାନଗିରି ମଡର୍ନ ସ୍କୁଲ ଏବଂ ପଡିଆ ବ୍ଲକ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପଡିଆ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ମୋଟ ୯୩ ରନ୍ କରି ଅଲଆଉଟ ହୋଇଯାଇଥିଲେ। ମଡର୍ନ ସ୍କୁଲ ଦଳ ୮୦ ରନ୍‌ରେ ସମସ୍ତ ଉଇକେଟ ହରାଇ ୧୪ ରନ୍‌ରେ ପରାଜିତ ହୋଇଛି। ବିଜୟୀ ଓ ପରାଜିତ ଦଳକୁ ମାଲକାନଗିରି ଜିଲା କ୍ରିକେଟ ସଂଘର ସଭାପତି ଏମଡି ଫାରୁକ ଓ ଜିଲା କ୍ରିକେଟ ସଂଘର ସମ୍ପାଦକ ହୃଦାନନ୍ଦ ସାହୁ, ଭାରତୀୟ ଦଳର ପୂର୍ବତନ ମ୍ୟାନେଜର ସତବୀର ସିଂ ରିଆର ଟ୍ରଫି ପ୍ରଦାନ କରିଛନ୍ତି । ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ସାହିଲ ସେଠୀ, ଶ୍ରେଷ୍ଠ ବୋଲର ଭାବେ ଡିମା ପଡିଆମି, ଶ୍ରେଷ୍ଠ ବ୍ୟାଟସ୍‌ମ୍ୟାନ ଭାବେ ନବାବ ତୁରୁକୁଙ୍କୁ ପୁରସ୍କୃତ କରାଯାଇଛି। ଜିଲା କ୍ରିକେଟ ସଂଘ ଆନୁକୂଲ୍ୟରେ ବିଭିନ୍ନ ବ୍ଲକର ସ୍କୁଲସ୍ତରୀୟ ଦଳକୁ ନେଇ ଏହି କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରିକେଟ ସଂଘର ସମ୍ପାଦକ ହୃଦାନନ୍ଦ ସାହୁ, ଜଲା କ୍ରିକେଟ ଦଳର ପୂର୍ବତନ ଖେଳାଳି ତୁମ ରାଜେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ତୁଷାରକାନ୍ତ ପଣ୍ଡା ଓ ଟିଙ୍କି ମହାନ୍ତି ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ।

## ବାଇକ୍ ଚୋରି ମାମଲାରେ ୪ ଗିରଫ

ଜୟପୁର,୨।୫(ପବନ ପାଣିଗ୍ରାହୀ)

ଜୟପୁର ଟାଉନ୍ ପୋଲିସ ବାଇକ୍ ଚୋରି ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବୋରିଗୁମ୍ମା ଥାନା ବଡଦୁଲି ଗ୍ରାମର ଅନିଲ ହରିଜନ(୩୩),ସଦର ଥାନା ଅନ୍ତର୍ଗତ ନିଳାଗୁଡା ନରେଶ ଦୁଆରୁ(୧୯), ନବରଙ୍ଗପୁର ଜିଲା ମାଇଦଲପୁରର ଲକ୍ଷ୍ମଣ ହରିଜନ(୫୦)ଓ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଦନାପୁଟ ଗ୍ରାମର ଭିମ ଖିଲ(୩୬)। ଅଭିଯୁକ୍ତଙ୍କଠାରୁ ୩୧ ବାଇକ ଓ ସ୍କୁଟି ଜବତ ହୋଇଛି। ଏନେଇ ଶୁକ୍ରବାର ଜୟପୁର ଟାଉନ ଥାନାରେ କୋରାପୁଟ ଏସ୍‌ପି ରୋହିତ ବର୍ମା ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଜୟପୁର ସୌରା ସାହିର ସନ୍ତୋଷ କୁମାର ମହାପାତ୍ର ୨୭।୪।୨୫ରେ ଟାଉନ ଥାନାରେ ବାଇକ୍ ଚୋରି ନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ପୋଲିସ ପ୍ରଥମେ ନରେଶ୍‌ଙ୍କୁ କାବୁ କରି ପଚରାଉଚରା କରିଥିଲା। ଅନିଲ ସହ ଚୋରି କରି ଲକ୍ଷ୍ମଣ ଓ ଭିମଙ୍କୁ ବିକ୍ରି କରିଥିବା ସେ ମାନିଥିଲେ। ଲକ୍ଷ୍ମଣଙ୍କ ନିକଟରେ ସମସ୍ତ ଚୋରି ବାଇକ୍ ଥିବା ଅନିଲ ସୂଚନା ଦେଇଥିଲେ। ଉକ୍ତ ଚୋରି ବାଇକକୁ ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟରେ ବିନା କାଗଜପତ୍ରରେ ୧୦ରୁ ୧୫ ହଜାର ଟଙ୍କାରେ ଉପାନ୍ତ ଅଞ୍ଚଳରେ ବିକ୍ରି କରୁଥିଲେ। ସମସ୍ତ ବାଇକ୍ ମାଲକାନଗିରି, ବୈପାରିଗୁଡା, ଜୟପୁର, କଳାହାଣ୍ଡି, ବୋରିଗୁମ୍ମା, ରାଇଘର, ନବରଙ୍ଗପୁର, ଖଇରପୁଟ, ସୁନାବେଡାରୁ ଚୋରି ହୋଇଥିବା ଜଣାପଡ଼ିଛି। ଗତ ୪ ମାସରେ ଜୟପୁର ଟାଉନ ଓ ସଦର ଥାନାରେ ୫ ବାଇକ୍ ଚୋରି ମାମଲା ରହିଥିଲା। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ପି ବର୍ମା ସୂଚନା ଦେଇଛନ୍ତି। ସମ୍ମିଳନୀରେ ଏସ୍‌ଡିପିଓ ପାର୍ଥ ଜଗଦୀଶ କଶ୍ୟପ, ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ବୈପାରିଗୁଡା ଥାନା ଅଧିକାରୀ ଅଶ୍ୱିନୀ ପଟ୍ଟନାୟକ,ଏସ୍‌ଆଇ ମନୀସା ସାହୁ ଓ ଏସ୍‌ଆଇ ସିଦ୍ଧାନ୍ତ ବେହେରା ଉପସ୍ଥିତ ଥିଲେ।

## ପ୍ରଫେସର ଏନ୍.ସି. ପଣ୍ଡାଙ୍କ ସିୟୁଓ ଭାରପ୍ରାପ୍ତ କୁଳପତି ଦାୟିତ୍ୱ ଗ୍ରହଣ

କୋରାପୁଟ,୨।୫(ଅମିତାଭ ବେହେରା)

କୋରାପୁଟ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ(ସିୟୁଓ)ର ଭାରପ୍ରାପ୍ତ କୁଳପତି ଭାବେ ଶିକ୍ଷାବିତ୍ ପ୍ରଫେସର ନରସିଂହ ଚରଣ ପଣ୍ଡା ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏପ୍ରିଲ ୩୦ରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଦ୍ୱାରା ଜାରି ହୋଇଥିବା ପତ୍ର କ୍ରମେ ଏବଂ ୨୦୨୫ ମେ ୧ରେ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କ ଦ୍ୱାରା ଜାରି ଏକ ସରକାରୀ ଆଦେଶ ପରେ ସେ ଏହି ଦାୟିତ୍ୱ ନେଇଛନ୍ତି। ନୂତନ କୁଳପତି ଦାୟିତ୍ୱ ଗ୍ରହଣ କରିବା କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବର୍ତ୍ତମାନ ସିୟୁଓର ବରିଷ୍ଠ ପ୍ରଫେସର ତଥା ସମସ୍ତ ସ୍କୁଲର ଡିନ୍ ପ୍ରଫେସର ପଣ୍ଡା ଏହି ପଦବୀରେ କାର୍ଯ୍ୟ କରିବେ। କୁଳପତି ପଦରୁ ପ୍ରଫେସର ଚକ୍ରଧର ତ୍ରିପାଠୀ ଇସ୍ତଫା ଦେବା ପରେ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ତାଙ୍କ ଇସ୍ତଫାକୁ ଭାରତର ରାଷ୍ଟ୍ରପତି ଗ୍ରହଣ କରିଛନ୍ତି। ଏହା ବିଶ୍ୱବିଦ୍ୟାଳୟ


ପ୍ରଫେସର ନରସିଂହ ଚରଣ ପଣ୍ଡା।

ପାଇଁ ଏକ ଆହ୍ୱାନପୂର୍ଣ୍ଣ ସମୟ ଏବଂ ସାମୂହିକ ପ୍ରୟାସ ଦ୍ୱାରା ହିଁ ଆମେ ଆଗକୁ ବଢ଼ିପାରିବା ବୋଲି ପ୍ରଫେସର ପଣ୍ଡା ସମସ୍ତଙ୍କୁ ସମ୍ବୋଧିତ କରି କହିଛନ୍ତି। ସୂଚନା ଯେ ପ୍ରଫେସର ପଣ୍ଡା ୨୩ ଜାନୁଆରୀ ୨୦୨୩ରେ ସଂସ୍କୃତ ବିଭାଗରେ ନିୟମିତ ପ୍ରଫେସର ଭାବେ ସିୟୁଓରେ ଯୋଗ ଦେଇଥିଲେ। ସିୟୁଓରେ ସେ କୁଳପତି ଆଇ/ସି,ରେଜିଷ୍ଟ୍ରାର ଆଇ/ସି,ଫାଇନାନ୍ସ ଅଫିସର ଆଇ/ସି ଏବଂ ଆଇକ୍ୟୁଏସି ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ।

# ଜିଲାରେ ମିଲେଟ୍ ଖାଦ୍ୟର ପ୍ରଚାରପ୍ରସାରକୁ ଗୁରୁତ୍ୱ

**କୋରାପୁଟରେ ଜିଲା ନୋଡାଲ ସେକ୍ରେଟାରିଙ୍କ ସମୀକ୍ଷା**

କୋରାପୁଟ,୨।୫(ଅମିତାଭ ବେହେରା)

ସମବାୟ ବିଭାଗ କମିଶନର ତଥା ଜିଲା ନୋଡାଲ ସେକ୍ରେଟାରି ରାଜେଶ ପ୍ରଭାକର ପାଟିଲ କୋରାପୁଟ ଜିଲାକୁ ଦୁଇଦିନିଆ ଗସ୍ତରେ ଆସି ଶୁକ୍ରବାର ସମୀକ୍ଷା କରିଛନ୍ତି। କୋରାପୁଟ ୬୫୦ ଶଯ୍ୟା ବିଶିଷ୍ଟ ନିର୍ମାଣଧୀନ ଶହୀଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରି ସମୀକ୍ଷା କରିଥିଲେ। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମୟ ସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇ ନୂତନ କୋଠା ବୁଲି ଦେଖିଥିଲେ। ଲାଣ୍ଡିଗୁଡାସ୍ଥିତ କୋଲାବ ଜଳଭଣ୍ଡାରରେ ନିର୍ମାଣଧୀନ ମେଗା ପାନୀୟ ଜଳ ପ୍ରକଳ୍ପ ବୁଲି ଦେଖିଛନ୍ତି। ପ୍ରତ୍ୟେକ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଯୋଜନା ସଫଳ ହେବା ନେଇ ଗ୍ରାମ୍ୟ ଜଳ ପରିମଳ ବିଭାଗୀୟ ଅଧିକାରୀଙ୍କ ଆଲୋଚନା କରିଛନ୍ତି। ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ


କାର୍ଯ୍ୟକ୍ରମରେ ଉପସ୍ଥିତ ନୋଡାଲ ସେକ୍ରେଟାରି ଓ ଅନ୍ୟ ଅଧିକାରୀମାନେ।

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗୀୟ ବିଦ୍ୟାଳୟ ବୁଲି ପିଲାଙ୍କୁ ମିଳୁଥିବା ସରକାରଙ୍କ ବିଭିନ୍ନ ଯୋଜନାର ତଦାରଖ କରିଥିଲେ। ସ୍ମାର୍ଟ୍‌କ୍ଲାସ୍‌ରୁମ ସହ ଲାଇବ୍ରେରୀ ବୁଲି ଦେଖିଥିଲେ। ମହାପୁରୁଷଙ୍କ ଜୀବନୀ ଉପରେ ପିଲାଙ୍କୁ ସାଧାରଣ ଜ୍ଞାନ ଦିଆଯିବା ନେଇ ଗୁରୁତ୍ୱାରୋପ କରିଥିଲେ। ସେମିଳିଗୁଡା ବ୍ଲକ୍‌ସ୍ଥିତ ରାଜୁପୁଟ ପଞ୍ଚାୟତ ମିଲେଟ ପ୍ରକ୍ରିୟାକରଣ ୟୁନିଟ୍ ପରିଦର୍ଶନ କରି ଖାଦ୍ୟ ପ୍ରସ୍ତୁତି ଦେଖିଥିଲେ। ଜିଲାରେ ମିଲେଟ ଖାଦ୍ୟକୁ ପ୍ରଚାର ପ୍ରସାର କରାଯିବା ନେଇ ଆଲୋଚନା କରିଥିଲେ। ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ପେଟ୍ରୁରେ ଓରମାସ ଦ୍ୱାରା ପରିଚାଳିତ ଗ୍ରାମୀଣ ଶିଳ୍ପ ଉଦ୍ୟାନ ପରିଦର୍ଶନ କରିଥିଲେ। ସ୍ଥାନୀୟ ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଅଭିନବ ପଦକ୍ଷେପକୁ ଅଭିନନ୍ଦନ ଜଣାଇବା ସହ ଗୋଟିଏ ସ୍ଥାନରେ ସିଲେଇ, ମକା ଚୁନା,ମାଣ୍ଡିଆ ଚୁନା, ପେପର ପ୍ଲେଟ୍ ଓ ଚପଲ ତିଆରି ସହ ଧୂପକାଠି ୟୁନିଟ୍ ବୁଲି ଦେଖିଥିଲେ। ଆଗାମୀ ଦିନରେ ପେଟ୍ରୁ ଶିଳ୍ପ ୟୁନିଟରେ ପ୍ରସ୍ତୁତି ସାମଗ୍ରୀର ବଜାରିକରଣ କରାଯିବା ନେଇ ଓରମାସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବିଜନେସ କରିଡ଼ର ରାୟପୁରରୁ ବିଶାଖାପାଟଣା ଭାରତ ମାଳା ପରିଯୋଜନାର ସମୀକ୍ଷା କରିଥିଲେ। ଜାତୀୟ ରାଜପଥ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଟନେଲ୍ ବୁଲି ଦେଖିଥିଲେ। ନିର୍ଦ୍ଧାରିତ ସମୟରେ ଭାରତମାଳା ଏକ୍ସପ୍ରେସ ହାଇୱେ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ହେବା ନେଇ ଆଲୋଚନା କରିଥିଲେ। କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀଙ୍କ ସହ ଜିଲାର ଅଗ୍ରଗତି ଓ ଉନ୍ନୟନମୂଳକ ପ୍ରକଳ୍ପକୁ ନେଇ ଆଲୋଚନା କରିଥିଲେ। ଜିଲାରେ ପାନୀୟ ଜଳ ଯୋଗାଣ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ନିଯୁକ୍ତି, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ସହ ଉଦ୍ୟୋଗୀ ବିକାଶ ନେଇ ଆଲୋଚନା କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ଦେବୀ ପ୍ରସାଦ ମହାନ୍ତି, ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପଜିଲାପାଳ ପ୍ରେମଲାଲ ହିଆଲ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବରଦାକାନ୍ତ ମିଶ୍ର, କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ଅଧିକ୍ଷକ ଓ ଡିନ୍ ପ୍ରଫେସର ସୁଶାନ୍ତ କୁମାର ସାହୁ, ଜିଲା ଜଳ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜଗବନ୍ଧୁ ଚୌଧୁରୀ, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ପ୍ରକଳ୍ପ ନିର୍ଦ୍ଦେଶକ ଡୁଡା ପିଡି ତପନ କୁମାର ନାୟକ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସ୍ନେହପ୍ରଭା ମାଝୀ ଓ ଜିଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଏକତରଫା ପ୍ରେମରୁ ନାବାଳିକାଙ୍କୁ ହତ୍ୟା

**ଗୋପାଳପୁର, ୨।୫(ନବୀନ ରାଜ ଆଚାରୀ)**

ଏକତରଫା ପ୍ରେମ କରି ବିଫଳ ହେବା ପରେ ଗୁରୁବାର ଭୋର ସମୟରେ ଗୋପାଳପୁର ଥାନା ଅଞ୍ଚଳରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକ ଓ ତାଙ୍କ ସମ୍ପର୍କୀୟ ନାବାଳକ ଭାଇ ମିଶି ଜଣେ ନାବାଳିକାଙ୍କୁ ହତ୍ୟା କରିଛନ୍ତି। ଏନେଇ ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ନୂଆ କରାପୁଲୀ ଗ୍ରାମର ଅଞ୍ଜଳି ସାହୁ (୧୭)। ପୋଲିସ ଶୁକ୍ରବାର ହତ୍ୟାକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ମୁନା ଖାନ୍ (୨୦)। ତାଙ୍କ ସମ୍ପର୍କୀୟ ଜଣକ ନାବାଳକ ହୋଇଥିବାରୁ ତାଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ (ଜେଜେବି)ରେ ହାଜର କରାଯାଇଛି।

ମୁନା ନୂଆ କରାପୁଲୀ ଗ୍ରାମର ନାବାଳିକା ପ୍ରୀତି ସାହୁ ଓରଫ ଅଞ୍ଜଳିଙ୍କୁ ଏକତରଫା ପ୍ରେମ କରି ତାଙ୍କୁ ପ୍ରେମ ନିବେଦନ କରି ଆସୁଥିଲେ। ମାତ୍ର ଅଞ୍ଜଳି ଏହାକୁ ପ୍ରତ୍ୟାଖାନ କରୁଥିଲେ। ଆଇଟିଆଇ ପ୍ରଥମ ବର୍ଷର ଛାତ୍ରୀ ଥିବା ଅଞ୍ଜଳିଙ୍କର ମୁନାଙ୍କ ଭଉଣୀଙ୍କ ସହ ପରିଚିତ ଥିଲା। ବିଭିନ୍ନ ସମୟରେ ତାଙ୍କୁ ମୁନା ହଇରାଣ କରୁଥିବାରୁ ମାର୍ଚ୍ଚ ୨୭ରେ ଉଭୟ ଗ୍ରାମର

## ହତ୍ୟାକାରୀ ଗିରଫ, ଜେଜେବିରେ ନାବାଳକ

ଭଦ୍ରଲୋକ ଓ ପରିବାର ଲୋକେ ଏକ ବୈଠକରେ ଉପସ୍ଥିତ ରହି ଏହାର ସମାଧାନ କରିଥିଲେ। ଏହା ସତ୍ତ୍ୱେ ମୁନା ଅଞ୍ଜଳିଙ୍କ ପିଛା ଛାଡ଼ି ନ ଥିଲେ। ହୋଟେଲ କରି ପରିବାର ଚଳାଉଥିବା ଅଞ୍ଜଳିଙ୍କ ମା'ବାପା ଓ ଭାଇ ଗୁରୁବାର ଭୋର ସାଢ଼େ ୪ଟାରେ ଦୋକାନ ଖୋଲିବାକୁ ଯାଇଥିଲେ। ଅଞ୍ଜଳି ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ମୁନା ଓ ସମ୍ପର୍କୀୟ ଭାଇ ଘର ପଛପଟୁ ପ୍ରବେଶ କରିଥିଲେ। ଅଞ୍ଜଳିଙ୍କ ସହିତ ମୁନାଙ୍କ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ନାବାଳକ ଜଣକ ଘରେ ଥିବା ଏକ ଶାବଳରେ ଅଞ୍ଜଳିଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ଅଞ୍ଜଳି ତଳେ ପଡ଼ିଯାଇଥିଲେ। ପରେ ମୁନା ଶାବଳରେ ଦୁଇ ଥର ଅଞ୍ଜଳିଙ୍କ ମୁଣ୍ଡକୁ ପିଟିଥିଲେ। ପରେ ସେ ଅଞ୍ଜଳିଙ୍କ ଡାହାଣ ହାତକୁ ବ୍ଲେଡରେ କାଟି ଦେଇଥିଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଅଞ୍ଜଳିଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ଦୁର୍ଘଟଣା ରୂପ ଦେବାକୁ ମୁନା ଓ ନାବାଳକ ଘରେ ଥିବା ଏକ ଚୁଲି ଜଳାଇ ଗ୍ୟାସ ଚୁଲାକୁ ଖୋଲି ଦେଇ ଫେରାର ହୋଇଯାଇଥିଲେ। ସକାଳ ସାଢେ ୭ଟାରେ ଅଞ୍ଜଳିଙ୍କ ଭାଇ ଜଳଖିଆ ଧରି ପହଞ୍ଚି ଘର କବାଟ ପିଟି ଡାକିଥିଲେ। ମାତ୍ର ଅଞ୍ଜଳି କବାଟ ଖୋଲି ନ ଥିଲେ। ଖବର ପାଇ ମା'ବାପା ପହଞ୍ଚିବା ପରେ ସମସ୍ତେ ବାଡ଼ିପଟୁ ଘରେ ପଶି ଝିଅକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ।

ବ୍ରହ୍ମପୁର ଏସ୍‌ପି ଡା ସର୍ବଣା ବିବେକ ଏମ, ବ୍ରହ୍ମପୁର ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା ଓ ଗୋପାଳପୁର ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ମେଡିକାଲକୁ ପଠାଇଥଲେ। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରିଛି। ଅଞ୍ଜଳିଙ୍କ ବାପା ପ୍ରଫୁଲ ସାହୁଙ୍କ ଅଭିଯୋଗ କ୍ରମେ ୧୨୬/୨୫ ନମ୍ବରରେ ହତ୍ୟା ମାମଲା ରୁଜୁ ହୋଇଛି। ମୁନା ଓ ନାବାଳକଙ୍କୁ ବ୍ରହ୍ମପୁର ଲାଞ୍ଜିପଲୀ ଅଞ୍ଚଳରୁ ପୋଲିସ ଧରି ପଚାରା ଉଚରା କରିଥିଲା। ପରେ ଶୁକ୍ରବାର ପୋଲିସ ମୁନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଯୁବତୀଙ୍କୁ ଛୁରିଭୁସି ବନ୍ଧାହେଲେ ପ୍ରେମିକ

## ଗୁରୁତର ଯୁବତୀଙ୍କ ବୟାନ ରେକର୍ଡ

**ବ୍ରହ୍ମପୁର, ୨।୫(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ପୋଲିସ ଜିଲା ଅନ୍ତର୍ଗତ ନିମଖଣ୍ଡି ଥାନା ଅଞ୍ଚଳରେ ଶୁକ୍ରବାର ଜଣେ ଯୁବତୀଙ୍କୁ ଜଣେ ଯୁବକ ଛୁରି ଭୁସିଦେଇଛନ୍ତି। ଯୁବତୀ ଜଣକ ଗୁରୁତର ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ଆକ୍ରମଣକାରୀ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଟାଉନ୍ ଥାନା ଅନ୍ତର୍ଗତ ବିଜିପୁରର କିରଣ ବେହେରା (୨୫)। ତାଙ୍କ ନିକଟରୁ ଛୁରି ଜବତ କରାଯାଇଛି।

ଦିଗପହଣ୍ଡି ଅଞ୍ଚଳର ଯୁବତୀଙ୍କ ପରିବାର କିଛିବର୍ଷ ହେଲା ବ୍ରହ୍ମପୁରରେ ଘରଭଡ଼ା ନେଇ ରହୁଛନ୍ତି। ଯୁବତୀଙ୍କୁ ଗତ ଦୁଇବର୍ଷ ହେଲା କିରଣ ଭଲ ପାଉଥିଲେ। ଉଭୟେ ଫୋନ୍‌ରେ କଥାବାର୍ତ୍ତା ହେଉଥିଲେ। କିଛିଦିନ ତଳେ ଯୁବତୀଙ୍କ ବାପାଙ୍କ ଦେହାନ୍ତ ହୋଇଥିଲା। ତେଣୁ ସେ କିରଣଙ୍କଠାରୁ ଦୂରେଇ ରହିବାକୁ ଚାହୁଁଥିଲେ। ଅନ୍ୟପଟେ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ମା'ଝିଅ ଘର ନିକଟରେ ଏକ ଜଳଖିଆ ଦୋକାନ କରିଥିଲେ। ଗୁରୁବାର ରାତିରେ କିରଣ ଯୁବତୀଙ୍କୁ ଫୋନ କରିଥିଲେ। ହେଲେ ସେ ତାଙ୍କୁ ତାଗିଦ କରି ଆଉ ଫୋନ ନ କରିବାକୁ କହିଥିଲେ। ଫୋନ୍ କଲେ ଥାନାରେ ଅଭିଯୋଗ କରିବେ ବୋଲି କହିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ କିରଣ ଶୁକ୍ରବାର ସକାଳ ପ୍ରାୟ ୮ଟାରେ ଦୋକାନରୁ ଘରକୁ ଆସିଥିବା ଯୁବତୀଙ୍କୁ ବାରମ୍ବାର ଛୁରି ଭୁସି ଚାଲିଥିଲେ। ଫଳରେ ଯୁବତୀ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ପଡ଼ୋଶୀଙ୍କଠାରୁ ଖବରପାଇ ମା' ଦୋକାନରୁ ଘରକୁ ଆସି ଝିଅକୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ।

# ଶ୍ରମିକଙ୍କୁ ପିଟି ହତ୍ୟା

**ଯାଜପୁର/ଧର୍ମଶାଳା, ୨।୫ (ହର୍ଷବର୍ଦ୍ଧନ ବେହେରା/ବଟକୃଷ୍ଣ ପରିଡ଼ା)**

## ଶ୍ରମିକ ଦିବସରେ ଆଖିବୁଜିଲେ

### ୫ ଶ୍ରମିକ ଗୁରୁତର

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ଷ୍ଟୋନ କ୍ରଶର ୟୁନିଟ୍‌ର ମାଲିକ ଓ କର୍ମଚାରୀମାନେ ୬ ଜଣ ଶ୍ରମିକଙ୍କୁ ଗରମ ଲୁହାରଡ଼୍‌ରେ ନିଷ୍ଠୁର ମାଡ଼ ମାରିବା ଅଭିଯୋଗ ହୋଇଛି। ଏହି ଘଟଣା ଏପ୍ରିଲ ୨୭ରେ ଘଟିଥିବାବେଳେ ମେ ୧ ତାରିଖ ଶ୍ରମିକ ଦିବସରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକ ହେଲେ ଜାରକା ଗ୍ରାମର ଅରଜିତ ଜେନା(୨୨)। ଗୁରୁତର ଆହତ ଅନ୍ୟ ଶ୍ରମିକମାନେ ହେଲେ ଜ୍ଞାନରଞ୍ଜନ ବେହେରା, ବିକାଶ ବେହେରା, ବୁବୁ ବେହେରା, ପଦ୍ମଲୋଚନ ପାଳ ଏବଂ ବିକାଶ ମଲ୍ଲିକ। ଏନେଇ ମୃତ ଶ୍ରମିକଙ୍କ ବାପା ଅଜୟ କୁମାର ଜେନା ଯାଜପୁର ଜିଲା ଧର୍ମଶାଳା ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖାହେବା ସୁଦ୍ଧା ପୋଲିସ କାହାରିକୁ ଗିରଫ କରି ନ ଥିଲା।

ଅଭିଯୋଗ ଅନୁଯାୟୀ, ଜେନାପୁର ଥାନା ଅନ୍ତର୍ଗତ ରାହାଡ଼ପୁରଠାରେ ଥିବା ପଦ୍ମାବତୀ କ୍ରଶରରେ ଅରଜିତ ଗତ ୩ ମାସ ହେଲା ଶ୍ରମିକ ଭାବେ କାମ କରୁଥିଲେ। ଗତ ୨୭ ତାରିଖରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଅରଜିତଙ୍କ ମୋବାଇଲ ଫୋନକୁ ଯୋଗାଯୋଗ ହୋଇପାରି ନ ଥିଲା। ଫଳରେ ତାଙ୍କ ମା'ବାପା ଉକ୍ତ କ୍ରଶରରେ ପହଞ୍ଚି କର୍ମଚାରୀମାନଙ୍କୁ ତାଙ୍କ ପୁଅ ବିଷୟରେ ପଚାରି ବୁଝିଥିଲେ। ସେଠାରେ ସେମାନେ ଜାଣିବାକୁ ପାଇଲେ ଯେ, ତାଙ୍କ ପୁଅଙ୍କୁ କ୍ରଶର ମାଲିକଙ୍କ ବାସଭବନରେ ରଖାଯାଇଛି। ସେଠାରେ ପହଞ୍ଚିବା ପରେ ସେମାନେ ଦେଖିବାକୁ ପାଇଥିଲେ ଯେ, ଅରଜିତଙ୍କ ଶରୀରର ବିଭିନ୍ନ ଅଙ୍ଗରେ ଲୁହାରଡ୍ ଚେଙ୍କ ଦିଆଯିବା ସହ ଲୁହା ଶିକୁଳିରେ ବାନ୍ଧି ଏକ ଘରେ ବନ୍ଦୀ କରି ରଖାଯାଇଛି। ପୁଅର ଛାତିକୁ ଆକ୍ରମଣ ହୋଇଥିବାରୁ ସେ ଠିକ୍



ଅରଜିତ ଜେନା

ଭାବେ କଥା ହୋଇପାରୁ ନ ଥିଲେ। ଏପରି କି ଅଣ୍ଡକୋଷକୁ ବାରମ୍ବାର ଆଘାତ କରିବାରୁ ସେଠାରୁ ରକ୍ତ ବାହାରୁଥିଲା। ସେଠାରେ କ୍ରଶର କର୍ମଚାରୀମାନେ ଅନ୍ୟ କେତେଜଣ ଶ୍ରମିକଙ୍କୁ ମଧ୍ୟ ବନ୍ଦୀ କରି ରଖିଥିଲେ। ଅରଜିତଙ୍କୁ ଘରକୁ ନେବାକୁ କହିବାରୁ ତାଙ୍କ ବାପାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ବହୁ କାକୁତିମିନତି କରିବାରୁ ସାଦା କାଗଜରେ ଦସ୍ତଖତ କରି ପୁଅକୁ ନେଇଯାଅ ବୋଲି କ୍ରଶର କର୍ମଚାରୀମାନେ କହିଥିଲେ। ମାଡ଼ ମାରିବା ସଂକ୍ରାନ୍ତରେ ବାହାରେ କହିଲେ ତୁମ ପରିବାରର ସମସ୍ତଙ୍କୁ ହତ୍ୟା କରାଯିବ ବୋଲି କ୍ରଶର କର୍ମଚାରୀମାନେ ଅରଜିତଙ୍କୁ ଧମକ ଦେଇଥିଲେ। ଏପରି କି ସେମାନେ ମୋବାଇଲରେ ଭିଡିଓ ଶୁଟ୍ ମଧ୍ୟ କରିଥିଲେ। ମା'ବାପା ନିରୁପାୟ ହୋଇ ସେମାନଙ୍କ ସର୍ତ୍ତଗୁଡ଼ିକ ମାନି ସାଦାକାଗଜରେ ଦସ୍ତଖତ କରି ଅରଜିତଙ୍କୁ ଘରକୁ ରାତି ୨ଟା ୧୫ ମିନିଟରେ ନେଇଥିଲେ। ଫଳରେ ଡାକ୍ତରଖାନା ନେବାକୁ ସମ୍ଭବ ହୋଇ ପାରି ନ ଥିଲା। ୨୮ ତାରିଖ ସକାଳେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅରଜିତଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଅରଜିତଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ନିଆଯାଇଥିଲା। ସେଠାରେ ଶ୍ରମିକ ଦିବସ ଅର୍ଥାତ ମେ ୧ ତାରିଖ ରାତି ୩ଟା ୩୦ ମିନିଟରେ



ଅରଜିତ ଦେହରେ ଚେଙ୍କ ଓ ମାଡ଼ ଚିହ୍ନ

ଅରଜିତଙ୍କ ମୃତ୍ୟୁ ହୋଇଥିଲା। ହତ୍ୟାକାଣ୍ଡରେ ଯେଉଁମାନଙ୍କ ସମ୍ପୃକ୍ତି ରହିଛି ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଅଜୟ ନିବେଦନ କରିଛନ୍ତି। ଅରଜିତଙ୍କ ମୂଳ ଘର ବ୍ରହ୍ମବରଦା ଥାନା ଅଞ୍ଚଳର କାଳିକାଘୋଡ଼ା ବୋଲି ଜଣାପଡ଼ିଛି। କ୍ରଶରରେ ବହୁ ଟଙ୍କାର ହେର୍‌ଫେର୍ ହେବା ପରେ ପରିଚାଳକ ଓ ଅନ୍ୟ ଜଣେ କର୍ମଚାରୀ ଶ୍ରମିକମାନଙ୍କୁ ସନ୍ଦେହଘେରରେ ରଖି ପଚରାଉଚରା କରିଥିଲେ ବୋଲି ଜଣାପଡ଼ିଛି।

ଅଭିଯୋଗ ହେବା ପରେ ଜେନାପୁର ଥାନାଧିକାରୀ ନିରୁପମା ଜେନା, ବଡ଼ଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା, ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝି ତଦନ୍ତ ଆରମ୍ଭ କରିଛନ୍ତି। ଜେନାପୁର ଥାନା ଅଞ୍ଚଳରେ ଘଟଣା ଘଟିଥିବା ବେଳେ ମୃତକଙ୍କ ଘର ଧର୍ମଶାଳା ଥାନା ଅଧୀନରେ ହୋଇଥିବାରୁ ମାମଲା ସେଠାରେ ପଞ୍ଜୀକୃତ ହୋଇଛି। ଶେଷ ଖବର ମିଳିବା ବେଳକୁ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏନେଇ ଧର୍ମଶାଳା ପୋଲିସ ୨୫୮/୨୫ ନମ୍ବରରେ ଏକ ହତ୍ୟା ମାମଲା ରୁଜୁ କରି ଜଣେ ଅଭିଯୁକ୍ତଙ୍କୁ ଅଟକ ରଖିଥିବା ଜଣାପଡିଛି।

# ଘରୁ ଡାକିନେଇ ଯୁବକଙ୍କୁ ହତ୍ୟା

**କୁଜଙ୍ଗ, ୨।୫(ମନୋଜ ପ୍ରଧାନ)**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମରେ ଗୁରୁବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ଏନେଇ କୁଜଙ୍ଗ ପୋଲିସ ୩ ଜଣଙ୍କୁ ଅଟକ ରଖିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ମୃତ ଯୁବକ ହେଲେ ମଙ୍ଗରାଜପୁରର ରମାକାନ୍ତ ବେହେରା। ସ୍ତ୍ରୀ ନୀଳିମା ବେହେରାଙ୍କ ଅଭିଯୋଗ ଆଧାରରେ ଥାନାରେ ମାମଲା (ନଂ. ୧୬୫/୨୫) ରୁଜୁ ହୋଇଛି।

ନୀଳିମାଙ୍କ ଅଭିଯୋଗ ଅନୁଯାୟୀ, ସ୍ୱାମୀ ରମାକାନ୍ତ ରୋଷେୟା ଭାବେ କାର୍ଯ୍ୟ କରନ୍ତି। ଗୁରୁବାର ରୋଷେଇ କାର୍ଯ୍ୟ ସାରି ରାତି ପ୍ରାୟ ୮ଟାରେ ଘରକୁ ଫେରିଥିଲେ। ନୀଳିମା ପାରାଦୀପ ମାର୍କେଟରେ ପରିବା ବ୍ୟବସାୟ କରନ୍ତି। ସେ ବେପାର କାର୍ଯ୍ୟ ସାରି ରାତି ପ୍ରାୟ ସାଢେ ୧୦ଟାରେ ଘରକୁ ଫେରୁଥିବା ସମୟରେ ଗାଁରେ ଥିବା ଷ୍ଟାଡିୟମ ସମ୍ମୁଖରେ ଅଭିଯୁକ୍ତ ଟିଙ୍କୁ ଜେନା, ବୁଢନ ଜେନା, ପାପୁନି ଜେନା, ପ୍ରଶାନ୍ତ ଜେନା, ତପନ ଜେନା, ବାବାଜୀ ଜେନା ପ୍ରମୁଖ ବଡ଼ପାଟିରେ ତାଙ୍କ ସ୍ୱାମୀଙ୍କୁ ଗାଳିଗୁଲଜ କରୁଥିଲେ। ନୀଳିମା ଘରେ ପହଞ୍ଚିବା



ରମାକାନ୍ତ ବେହେରା

ବେଳେକୁ ସ୍ୱାମୀ ଫୋନରେ କାହା ସହ ଉଚ୍ଚ ସ୍ୱରରେ କଥା ହେଉଥିଲେ। ଏବିଷୟରେ ନୀଳିମା ପଚାରିବାରୁ ସମ୍ପୃକ୍ତ ଯୁବକମାନଙ୍କ ସହ ରମାକାନ୍ତ କଥା ହେଉଥିବା କହିଥିଲେ। ସମ୍ପୃକ୍ତ ଯୁବକମାନେ ତାଙ୍କୁ ଷ୍ଟାଡିୟମ ନିକଟକୁ ଡାକୁଥିବା ଜଣାଇଥିଲେ। ନୀଳିମା ସେଠାକୁ ଯିବାକୁ ସ୍ୱାମୀଙ୍କୁ ବାରଣ କରିଥିଲେ ମଧ୍ୟ ସେ ନ ଶୁଣି ଚାଲିଯାଇଥିଲେ। ଏହାପରେ ନୀଳିମା ଓ ତାଙ୍କ ଦୁଇପୁଅ ଯାଇ ରମାକାନ୍ତଙ୍କୁ ଷ୍ଟାଡିୟମରୁ ଡାକି ଆଣିଥିଲେ। ସମସ୍ତେ ରାତିରେ ଶୋଇବା ପରେ ବାରମ୍ବାର ଫୋନ କଲ୍ ଆସିବାରୁ ରମାକାନ୍ତ କେତେବେଳେ ଉଠି ପଳାଇ ଯାଇଥିଲେ। ହଠାତ ରାତି ପ୍ରାୟ ୩ଟାରେ ଅଭିଯୁକ୍ତ ପ୍ରଶାନ୍ତ ନୀଳିମାଙ୍କ ଘରେ ପହଞ୍ଚି ରମାକାନ୍ତ କ୍ଷତାକ୍ତ ଅବସ୍ଥାରେ ଚଉରାପିଣ୍ଡିରେ ପଡିଛି। ବୋଧହୁଏ ତାଙ୍କୁ କୁକୁର କାମୁଡ଼ି ଦେଇଛି ବୋଲି କହି ଚାଲି ଯାଇଥିଲେ। ନୀଳିମା ରମାକାନ୍ତଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ପୋଲିସ ଓ ଆମ୍ବୁଲାନ୍ସରେ ଖବର ଦେଇଥିଲେ। ଆମ୍ବୁଲାନ୍ସରେ ତାଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ରମାକାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ରମାକାନ୍ତଙ୍କ ସାନ ଭାଇ କାଳିଆ ବେହେରା କିଛି ବର୍ଷ ପୂର୍ବେ ଏହି ଥାନା ଅନ୍ତର୍ଗତ ହରିଜନ ସାହିର ଜଣେ ଝିଅଙ୍କୁ ପ୍ରେମ ବିବାହ କରିଥିଲେ। ସେମାନଙ୍କର ଏକ କନ୍ୟାସନ୍ତାନ ଥିଲାବେଳେ କାଳିଆଙ୍କ ସ୍ତ୍ରୀ ଝିଅକୁ ଛାଡ଼ି ଅନ୍ୟ ଜଣେ ଯୁବକଙ୍କ ସହ ଫେରାର ହୋଇଯାଇଥିଲେ। ଅଭିଯୁକ୍ତମାନେ କାଳିଆଙ୍କ ସ୍ତ୍ରୀଙ୍କ ସମ୍ପର୍କୀୟ ହୋଇଥିବାରୁ ଏନେଇ ରମାକାନ୍ତଙ୍କ ପରିବାର ସହ ସେମାନଙ୍କ ଶତ୍ରୁତା ଲାଗି ରହିଥିଲା। ଏହି ଘଟଣାକୁ କେନ୍ଦ୍ର କରି ରମାକାନ୍ତଙ୍କୁ ହତ୍ୟା କରାଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

## Business

# ସୁନା ଚାହିଦା ବାର୍ଷିକ ଆଧାରରେ ୧୭୦% ବୃଦ୍ଧି

**ଭୁବନେଶ୍ୱର, ୨।୫**

କ୍ରମାଗତ ଭାବେ ସୁନା ଦର ବୃଦ୍ଧି ଏବଂ ଇଟିଏଫରେ ନିବେଶ ବଢିବା ଯୋଗୁ ବିଶ୍ୱବ୍ୟାପୀ ସୁନା ଚାହିଦାରେ ଅହେତୁକ ବୃଦ୍ଧି ଘଟିଥିଲା ବୋଲି ୱାର୍ଲ୍ଡଗୋଲ୍ଡକାଉନ୍ସିଲ (ଡବ୍ଲ୍ୟୁଜିସି) ର ପ୍ରଥମ ତ୍ରୈମାସିକ ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡ୍‌ସ ରିପୋର୍ଟରୁ ଜଣାପଡ଼ିଛି। ସେହିଭଳି ୨୦୨୫ ପ୍ରଥମ ତ୍ରୈମାସିକ ମଧ୍ୟରେ ଅତ୍ୟଧିକ ପରିମାଣର ସୁନା ଚାହିଦା ବୃଦ୍ଧି ଏବଂ ଉଚ୍ଚ ମୂଲ୍ୟରେ ମୋଟ ତ୍ରୈମାସିକ ସୁନା ଚାହିଦା (ଓଟିସି ସମେତ) ୧୨୬୦ ଟନ୍ ରହିଥିଲାବେଳେ ଏହା ବାର୍ଷିକ ଆଧାରରେ ୧% ବୃଦ୍ଧି ହୋଇଛି, ଯେତେବେଳେ ସୁନା ମୂଲ୍ୟ ଆଉନ୍ସ ପିଛା ୩୦୦୦ ଡଲାର ଅତିକ୍ରମ କରିଛି। ସେହିପରି ଗୋଲ୍ଡ ଇଟିଏଫର



ପୁନରୁଦ୍ଧାର ମୋଟ ନିବେଶ ଚାହିଦାକୁ ଦ୍ୱିଗୁଣିତ କରିବା ସହ ୫୫୨ ଟନରେ ପହଞ୍ଚାଇଛି, ଯାହା ବାର୍ଷିକ ଆଧାରରେ ୧୭୦% ବୃଦ୍ଧି ହୋଇଛି। ଏହା ୨୦୨୨ର ପ୍ରଥମ ତ୍ରୈମାସିକ ପରଠାରୁ ସର୍ବାଧିକ ବୋଲି କୁହାଯାଉଛି। ବିଶ୍ୱବ୍ୟାପୀ ଇଟିଏଫରେ ନିବେଶ ବୃଦ୍ଧି ପାଇବା ଫଳରେ ପ୍ରଥମ ତ୍ରୈମାସିକରେ ସୁନା ଚାହିଦା ମୋଟ ୨୨୬ ଟନ ରହିଛି, କାରଣ ମୂଲ୍ୟ ବେଗ ଏବଂ ଟାରିଫ ନୀତି ଅନିଶ୍ଚିତତା ନିବେଶକଙ୍କୁ ଏକ ସୁରକ୍ଷିତ ନିବେଶ ଭାବେ ସୁନା ଆଡକୁ ଆକର୍ଷିତ କରିଥିଲା। ଚାଇନ୍‌ର ଖୁଚୁରା ନିବେଶରେ ବୃଦ୍ଧି ଯୋଗୁଁ ଗୋଲ୍ଡ ବାର ଓ କଏନ ଚାହିଦା ବାର୍ଷିକ ଆଧାରରେ ୩% ବୃଦ୍ଧି ହୋଇ ୧ମ ତ୍ରୈମାସିକରେ ୩୨୫ଟନକୁ ବୃଦ୍ଧି ପାଇଛି, ଯାହାକି ଏହାର ୨ୟ ସର୍ବୋଚ୍ଚ ତ୍ରୈମାସିକ ବୃଦ୍ଧି ହାସଲ କରିଥିଲା। ଆମେରିକାରେ ଚାହିଦା ବାର୍ଷିକ ଆଧାରରେ ୨୨% ହ୍ରାସ ପାଇଥିବାବେଳେ ୟୁରୋପରେ ଏହା ୧୨ ଟନର ଏକ ସାଧାରଣ ରିକଭରି ହାସଲ କରିଛି, କିନ୍ତୁ ଗତ ବର୍ଷର ସମାନ ତ୍ରୈମାସିକରେ ଏକ ଖୁବ୍ ନିମ୍ନ ସ୍ତରରେ ଥିଲା। କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ବର୍ତମାନ ସେମାନଙ୍କର ଶୁଦ୍ଧ କ୍ରୟର କ୍ରମାଗତ ୧୬ ତମ ବର୍ଷରେ ପ୍ରବେଶ କରିଛନ୍ତି, ଯାହା ଅନ୍ତର୍ଜାତୀୟ ଅନିଶ୍ଚିତତା ମଧ୍ୟରେ ୧ମ ତ୍ରୈମାସିକରେ ସୁନା ଭଣ୍ଡାରରେ ୨୪୪ ଟନ ବୃଦ୍ଧି କରିଛି। ଏ ସମ୍ପର୍କରେ ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲର ବରିଷ୍ଠ ବଜାର ବିଶ୍ଳେଷକ ଲୁଇସ ଷ୍ଟ୍ରିଟ କହିଛନ୍ତି, ବିଶ୍ୱ ବଜାରଗୁଡିକ ପାଇଁ ଏହା ଏକ ଜଟିଳ ଆରମ୍ଭ ଥିଲା। କାରଣ ବାଣିଜ୍ୟ ଅସ୍ଥିରତା, ଆମେରିକାର ଅପ୍ରତ୍ୟାଶିତ ନୀତି ଘୋଷଣା, ସ୍ଥାୟୀ ଭୂ-ରାଜନୈତିକ ଉତେଜନା ଏବଂ ମାନ୍ଦାବସ୍ଥା ଫେରିବାର ଭୟ ନିବେଶକଙ୍କ ପାଇଁ ଏକ ଅତ୍ୟଧିକ ଅନିଶ୍ଚିତାପୂର୍ଣ୍ଣ ପରିବେଶ ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ ସୁନା ପାଇଁ ନିବେଶ ଚାହିଦା ୨୦୧୯ ପରଠାରୁ ପ୍ରଥମ ତ୍ରୈମାସିକ ଚାହିଦାର ସର୍ବୋଚ୍ଚ ସ୍ତର ପାଇଁ ବାଟ ଫିଟାଇଛି।

# ଶେୟାର ବଜାରରେ ଉତ୍ସାହ

**ମୁମ୍ବାଇ, ୨।୫**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୬୦ (୨୫୯.୭୫) ପଏଣ୍ଟ ବୃଦ୍ଧି ଘଟି ୮୦,୫୦୨ (୮୦,୫୦୧.୯୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୨(୧୨.୫୦) ପଏଣ୍ଟ ବଢି ୨୪,୩୪୭ (୨୪,୩୪୬.୭୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟିମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଭଗୱତ ସିଂହ ଭାକୁନି ୟୁକୋ ବ୍ୟାଙ୍କର ନୂତନ ଆଞ୍ଚଳିକ ମୁଖ୍ୟ

**ଭୁବନେଶ୍ୱର, ୨।୫**

ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ନୂତନ ଆଞ୍ଚଳିକ ମୁଖ୍ୟ ଭାବେ ଉପ ମହାପ୍ରବନ୍ଧକ ଭଗୱତ ସିଂହ ଭାକୁନି ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଭାକୁନି ବ୍ୟାଙ୍କର ନୂଆଦିଲ୍ଲୀସ୍ଥିତ ଫ୍ଲାଗ୍‌ସିପ୍ କର୍ପୋରେଟ୍ ସେଣ୍ଟରରେ ଶାଖା ମୁଖ୍ୟ ରୂପେ କାର୍ଯ୍ୟରତ ଥିଲେ। ୨୦୦୬ରେ ସେ ୟୁକୋ ବ୍ୟାଙ୍କର ପ୍ରୋବେସନାରି ଅଫିସର ଭାବେ ଯୋଗଦେଇଥିଲେ। ପରବର୍ତ୍ତୀ ସମୟରେ ସେ ଉତ୍ତରାଖଣ୍ଡ, ନୂଆଦିଲ୍ଲୀ, ପଞ୍ଜାବ, ହରିୟାଣା ଏବଂ ଚଣ୍ଡିଗଡ଼ ଭଳି ଅଞ୍ଚଳର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦ ପଦବୀରେ କାର୍ଯ୍ୟ କରି ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ସେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ କ୍ଷୁଦ୍ର ଓ ବୃହତ୍ ଶାଖାରେ ଶାଖା ମୁଖ୍ୟ ରୂପେ କାର୍ଯ୍ୟ କରିଛନ୍ତି। ଜଣେ



ଭଗୱତ ସିଂହ ଭାକୁନ

ଦକ୍ଷ ବ୍ୟାଙ୍କର ଭାବେ ଭାକୁନିଙ୍କର ଋଣ, ବିଦେଶୀ ମୁଦ୍ରା ବିନିମୟ ଓ ଅନ୍ତର୍ଜାତୀୟ ବାଣିଜ୍ୟରେ ବିଶେଷ ଆଗ୍ରହ ରହିଛି। ତାଙ୍କର କାର୍ଯ୍ୟକାଳ ମଧ୍ୟରେ ସେ ବୃହତ୍ ଋଣ, କୃଷି, ରିଟେଲ୍ , ଏମ୍‌ଏସ୍‌ଏମ୍‌ଇ ଋଣ ସହ କାସା କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେବେ ବୋଲି ମତପ୍ରକାଶ କରିଛନ୍ତି।

# କେ. ନରସିଂହା ରେଡ୍ଡୀ ଏନ୍‌ଟିପିସି କଣିହାଁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ



କେ. ନରସିଂହା ରେଡ୍ଡୀ

**ତାଳଚେର, ୨।୫(ମନୋଜ ନନ୍ଦ)**

ଏନ୍‌ଟିପିସି ତାଳଚେର କଣିହାଁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଏବଂ ପ୍ରକଳ୍ପ ମୁଖ୍ୟ (ଏଚ୍‌ଓପି) ଭାବେ କରିବେଦ ନରସିଂହା ରେଡ୍ଡୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ୫ ସେପ୍ଟେମ୍ବର ୧୯୮୯ରେ ସେ ଏନ୍‌ଟିପିସି ଯାନ୍ତ୍ରିକ ରକ୍ଷଣାବେକ୍ଷଣ ବିଭାଗରେ କାର୍ଯ୍ୟନିର୍ବାହୀ ପ୍ରଶିକ୍ଷକ ଭାବରେ ଯୋଗ ଦେଇଥିଲେ। ସେବେଠାରୁ ସେ ବିଭିନ୍ନ ପରିଚାଳନା, ପ୍ରକଳ୍ପ ପରିଚାଳନା, ପ୍ରକଳ୍ପ ଯୋଜନା ଏବଂ ମନିଟରିଂ ଆଦି କ୍ଷେତ୍ରରେ କାର୍ଯ୍ୟକରି ବହୁ ଅଭିଜ୍ଞତା ଅର୍ଜନ କରିଛନ୍ତି। ଆନ୍ଧ୍ରପ୍ରଦେଶର ମୂଳ ବାସିନ୍ଦା ରେଡ୍ଡୀ କହଲଗାଓଁ, ସୀମାଦ୍ରି, ବାରହ ରିହାଣ୍ଡ ଏବଂ ଫରିଦାବାଦ ସମେତ ପ୍ରମୁଖ ଏନ୍‌ଟିପିସି ପାୱାର ଷ୍ଟେଶନଗୁଡ଼ିକର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ସେ ଏନ୍‌ଟିପିସି ନେତୃତ୍ୱଙ୍କ ପ୍ରତି ସେମାନଙ୍କ ବିଶ୍ୱାସ ଏବଂ ସମର୍ଥନ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ସେ ସମାଜର ସାମଗ୍ରିକ ବିକାଶରେ ଯୋଗଦାନ ଦେବା ଏବଂ ସ୍ୱଚ୍ଛ ଓ ସୁଲଭ ଶକ୍ତି ସହିତ ଭାରତର ପ୍ରଗତିକୁ ଶକ୍ତି ପ୍ରଦାନରେ ଏନ୍‌ଟିପିସିର ଦୃଷ୍ଟିକୋଣକୁ ହାସଲ କରିବା ପାଇଁ ନିରନ୍ତର ପ୍ରୟାସ କରିବାରେ ଏନ୍‌ଟିପିସିର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଏନ୍‌ଟିପିସି କଣିହାଁ ପରିବାର କେ. ନରସିଂହା ରେଡ୍ଡୀଙ୍କୁ ସ୍ୱାଗତ କରିବା ସହ ତାଙ୍କର ସଫଳ ଏବଂ ପ୍ରଭାବଶାଳୀ କାର୍ଯ୍ୟକାଳ ପାଇଁ ଶୁଭେଚ୍ଛା ଜଣାଇଛି।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆରେ ବିଶ୍ୱ ଇସ୍ପାତ ଦିବସ ପାଳିତ

**ଭୁବନେଶ୍ୱର, ୨।୫**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆର ସମସ୍ତ କାର୍ଯ୍ୟ ପରିସରରେ ବିଶ୍ୱ ଇସ୍ପାତ ଦିବସ ପାଳିତ ହୋଇଯାଇଛି। ଏପରିକି କମ୍ପାନୀର ଓଡ଼ିଶା ୟୁନିଟ୍‌ରେ ମଧ୍ୟ ବିଶ୍ୱ ଇସ୍ପାତ ଦିବସ ପାଳନ କରାଯାଇଥିଲା। ଏପରିକି କାର୍ଯ୍ୟକ୍ଷେତ୍ରରେ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ପ୍ରୋତ୍ସାହିତ କରୁଥିବା ବିଭିନ୍ନ କାର୍ଯ୍ୟକ୍ରମ କମ୍ପାନୀର ପାରାଦୀପ ପେଲେଟ ପ୍ଲାଣ୍ଟ ଏବଂ ଡାବୁନା ସ୍ଥିତ ବେନିଫିସିଏସନ ପ୍ଲାଣ୍ଟରେ ଅନୁଷ୍ଠିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, କମ୍ପାନୀ ପକ୍ଷରୁ ୨ ଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲାବେଳେ ପ୍ରଥମ ଦିନରେ 'ଏକ ନିରାପତ୍ତା ସଂସ୍କୃତି' ଉପରେ ଧ୍ୟାନକେନ୍ଦ୍ରିତ କରି ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଉପରେ ଏକାଧିକ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହାର ଉଦ୍ଦେଶ୍ୟ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସମସ୍ତ କାର୍ଯ୍ୟକ୍ଷମ ସ୍ଥାନରେ ଏକ ସମାନ ନିରାପତ୍ତା ସଂସ୍କୃତି ସୃଷ୍ଟି କରିବା ଏବଂ ଆପଦ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବା। ଏପରିକି ସୁରକ୍ଷା ଟିମ୍ ଏକ ସାମୂହିକ ରକ୍ଷଣାବେକ୍ଷଣ କାର୍ଯ୍ୟକ୍ରମର




ଇସ୍ପାତ ଦିବସ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ବିତରଣ କରାଯାଉଛି।

ନେତୃତ୍ୱ ନେଇଥିଲେ। ଉଭୟ ପ୍ଲାଣ୍ଟରେ କର୍ମଚାରୀ ଏବଂ ସହଯୋଗୀଙ୍କ ପାଇଁ କୁଇଜ ପ୍ରତିଯୋଗିତା ଆୟୋଜନ କରିଥିଲେ। କର୍ମଚାରୀମାନେ ମଧ୍ୟ ନିରାପତ୍ତା ସମ୍ବନ୍ଧୀୟ ଶପଥ ନେବା ସହ ନିରାପତ୍ତାକୁ ସବୁଠାରୁ ଗୁରୁତ୍ୱ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ଶେଷ ଦିନ ଉଭୟ ପ୍ଲାଣ୍ଟରେ ବିପଦ ସନ୍ଧାନ, ପୋଷ୍ଟର ଓ ସ୍ଲୋଗାନ ପ୍ରତିଯୋଗିତା, କବିତା ଓ ପ୍ରବନ୍ଧ ଲେଖା ପ୍ରତିଯୋଗିତା, ଉଦ୍ଧାର କାର୍ଯ୍ୟ ଉପରେ ନାଟକ ଭଳି ଦଳଗତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯାହା କାର୍ଯ୍ୟକ୍ଷେତ୍ରରେ ନିରାପତ୍ତା ଏବଂ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ଜନ ସଚେତନତା ସୃଷ୍ଟି କରିଥିଲା। ଏଥିରେ ବରିଷ୍ଠ ନେତୃବୃନ୍ଦ, କର୍ମଚାରୀ, ସହଯୋଗୀ ଓ ଅଂଶୀଦାରମାନଙ୍କୁ ସମ୍ବୋଧିତ କରିବା ସହ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସେହିପରି ଏହି ସମାରୋହରେ କର୍ମଚାରୀମାନେ ଆଲୋଚନା କରିବା ସହ ମଞ୍ଚରେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଅତ୍ୟାଧୁନିକ ଜଳ କିଓସ୍କର ଶୁଭାରମ୍ଭ

**ଭୁବନେଶ୍ୱର, ୨।୫**

ବେଦାନ୍ତ ଆଲୁମିନିୟମ ପକ୍ଷରୁ ଅତ୍ୟାଧୁନିକ ଜଳ କିଓସ୍କର ଶୁଭାରମ୍ଭ କରାଯାଇଛି। ଏପରିକି ସ୍ଥାନୀୟ ସମ୍ପ୍ରଦାୟ ପାଇଁ ସହଜ ପାନୀୟ ଜଳ ଯୋଗାଣ ସହ କମ୍ପାନୀର ଝାରସୁଗୁଡ଼ା କାର୍ଯ୍ୟ ପରିସରରେ କର୍ମଚାରୀଙ୍କ ସୁସ୍ଥତାକୁ ସୁରକ୍ଷିତ ରଖିବା ପାଇଁ ଅନେକ ପଦକ୍ଷେପ କାର୍ଯ୍ୟକାରୀ କରାଯାଇଛି। ଚଳିତ ଗ୍ରୀଷ୍ମଋତୁରେ ଏହି ଅଞ୍ଚଳରେ ଅତ୍ୟଧିକ ତାପମାତ୍ରାର ପ୍ରତିକ୍ରିୟାରେ ଆସିଛି। ଅଧିକ ଗରମ ଏବଂ ଆର୍ଦ୍ରତାର ଦୀର୍ଘ ସମୟ ପର୍ଯ୍ୟନ୍ତ ସଂସ୍ପର୍ଶରେ ରହିବା ଦ୍ୱାରା ମାନବ ଶରୀର ଉପରେ ପ୍ରତିକୂଳ ପ୍ରଭାବ ପଡ଼ିପାରେ ବୋଲି କୁହାଯାଉଛି। ଫଳରେ ଗୁରୁତର କ୍ଲାନ୍ତି ଏବଂ ଶରୀର କ୍ଲାନ୍ତି ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ ଏବଂ ଗରମ ପ୍ରବାହ ପରିସ୍ଥିତି ସମୟରେ ପର୍ଯ୍ୟାପ୍ତ ଜଳ ଯୋଗାଣର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିବା ପାଇଁ କମ୍ପାନୀ ନିକଟବର୍ତ୍ତୀ ଗ୍ରାମଗୁଡ଼ିକ ମଧ୍ୟରେ ଉଚ୍ଚ-ପଦାର୍ଥ ସାର୍ବଜନୀନ ଅଞ୍ଚଳରେ ଏକାଧିକ ଜଳ କିଓସ୍କ ସ୍ଥାପନ କରାଯାଇଛି। ଏହି କିଓସ୍କଗୁଡ଼ିକ ସଫା, ନିରାପଦ ପାନୀୟ ଜଳ ପାଇଁ ନିରବଚ୍ଛିନ୍ନ ପ୍ରବେଶ ସୁନିଶ୍ଚିତ କରିବାରେ ସାହାଯ୍ୟ କରିବ, ପ୍ରଚଣ୍ଡ ଗ୍ରୀଷ୍ମ ପରିସ୍ଥିତି ସହ ଲଢ଼ିବା ପାଇଁ ବାସିନ୍ଦାଙ୍କୁ ଅତ୍ୟନ୍ତ ଆବଶ୍ୟକ ଆଶ୍ୱସ୍ତି ପ୍ରଦାନ କରିବ। ଏହାର ପ୍ଲାଣ୍ଟ କାର୍ଯ୍ୟ ମଧ୍ୟରେ ବେଦାନ୍ତ ଉଚ୍ଚ-ତାପମାନ ପରିବେଶରେ କାର୍ଯ୍ୟ କରୁଥିବା କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କୁ ସମର୍ଥନ କରିବା ପାଇଁ ଏକ ବ୍ୟାପକ 'ଗ୍ରୀଷ୍ମକାଳୀନ କଲ୍ୟାଣ କାର୍ଯ୍ୟକ୍ରମ' ମଧ୍ୟ ଆରମ୍ଭ କରିଛି। ଏହି ପଦକ୍ଷେପରେ ଓଆର୍‌ଏସ୍ (ମୌଖିକ ପୁନଃ ହାସଲ ସମାଧାନ) ଷ୍ଟେଶନ ସ୍ଥାପନ ଅନ୍ତର୍ଭୁକ୍ତ, ଯାହା ଶରୀରର ଇଲେକ୍ଟ୍ରୋଲାଇଟ୍ସ ଏବଂ ଥଣ୍ଡା ଜଳ ବିତରକକୁ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷେତ୍ରରେ ରିଚାର୍ଜ କରିବାରେ ସାହାଯ୍ୟ କରିଥାଏ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମ ଚାରିପାଖରେ ଥିବା ସମ୍ପ୍ରଦାୟ ଏବଂ ଆମର ଦଳର ସଦସ୍ୟଙ୍କ ମଙ୍ଗଳ ପାଇଁ ଗଭୀର ଭାବେ ପ୍ରତିବଦ୍ଧ ରହିଛୁ। ଏପରିକି ସେମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ନିରନ୍ତର ନୂତନ ଉପାୟ ଖୋଜୁଛୁ।

# ଜାମସେଦପୁର-ଗୋଆ ଫାଇନାଲ ଆଜି



ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଗୋଆ ଏବଂ ଜାମ୍‌ସେଦପୁର ଦଳର ଅଧିନାୟକ ଓ କୋଚ୍।

**ଭୁବନେଶ୍ୱର, ୨।୫ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସମ୍ମାନଜନକ କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ଶନିବାର ଅନୁଷ୍ଠିତ ହେବ। ଫାଇନାଲରେ ପରସ୍ପରର ସମ୍ମୁଖୀନ ହେବେ ଜାମସେଦପୁର ଏଫ୍‌ସି ଓ ଏଫ୍‌ସି ଗୋଆ। ପ୍ରତିଯୋଗିତାର ଶେଷ ରୋମାଞ୍ଚ ପୂର୍ବରୁ ଶୁକ୍ରବାର ଟ୍ରଫି ଉନ୍ମୋଚନ ଉତ୍ସବ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଓ ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ, ଏଫ୍‌ସି ଗୋଆ ମୁଖ୍ୟ କୋଚ୍ ମାନୋଲୋ ମର୍କ୍ୱେଜ ଓ ଅଧିନାୟକଓଡେଇ ଓନାଇଣ୍ଡିଆ ଏବଂ ଜାମସେଦପୁର ଏଫ୍‌ସି ମୁଖ୍ୟ କୋଚ୍ ଖଲିଦ ଜମିଲ ଓ ଖେଳାଳି ନିଖିଲ ବାର୍ଲା ଉପସ୍ଥିତ ରହି ଟ୍ରଫି ଉନ୍ମୋଚନ କରିଛନ୍ତି।

ଦୀର୍ଘ ୧୩ଦିନର ଲଢ଼େଇ ପରେ କଳିଙ୍ଗ ସୁପର କପ୍‌ର ଟାଇଟଲ ଟକ୍କର ଅନୁଷ୍ଠିତ ହେବାକୁ ଯାଉଛି। ୧୫ ଦଳକୁ ନେଇ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଏବେ ଗୋଆ ଓ ଜାମସେଦପୁର ଟାଇଟଲ ପାଇଁ ଲଢ଼ିବେ। ଜାମସେଦପୁର ପ୍ରଥମଥରପାଇଁ ଫାଇନାଲରେ ପ୍ରବେଶ କରିଥିବାବେଳେ ଗୋଆ ଦଳ ୨୦୧୯ରେ ଚାମ୍ପିୟନ ହୋଇ ସାରିଛି। ତେଣୁ ସୁପର କପ୍‌ର ଇତିହାସରେ ଗୋଆ ପ୍ରଥମ ଦଳଭାବେ ଦ୍ୱିତୀୟ ଥର ଚାମ୍ପିୟନ ହେବାକୁ ଲକ୍ଷ୍ୟ ରଖିଛି। ଗୋଆ ଦଳ ୨୦୨୧ରେ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ଟାଇଟଲ ଜିତିଥିଲା। ତେଣୁ ୪ ବର୍ଷ ବ୍ୟବଧାନରେ ଏହି ଦଳ ମହାଦେଶୀୟ ଫୁଟବଲରେ ପୁଣି ନିଜର ଉପସ୍ଥିତି ଜାହିର କରିବାକୁ ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ ପୂର୍ବରୁ ୨ ଥର ସୁପର କପ୍‌ର ସେମିଫାଇନାଲରେ ପରାଜିତ ହୋଇଥିବାବେଳେ ଏଥର ଚମତ୍କାର ପ୍ରଦର୍ଶନ ଜାରି ରଖି ପ୍ରଥମଥର ଫାଇନାଲରେ ପାଦ ରଖିଛି। ୨୦୨୩ରେ ଏହି ଦଳ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ର ପ୍ଲେ-ଅଫ୍‌ରେ ପରାଜିତ ହୋଇଥିଲା। ତେଣୁ ଏଥର ସୁପର କପ୍‌ରେ ଚାମ୍ପିୟନ ହୋଇ ଏସୀୟ ପ୍ରତିଯୋଗିତା ପାଇଁ ଟିକେଟ ହାସଲ ଲକ୍ଷ୍ୟରେ ରହିଛି ଏହି ଦଳ। "ଶନିବାରର ଫାଇନାଲ ଆମପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ପ୍ରଥମଥରପାଇଁ ଆମେ ଏସୀୟ ପ୍ରତିଯୋଗିତାକୁ ଯୋଗ୍ୟତା ପାଇବା ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ଆମେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବୁ" ବୋଲି ଶୁକ୍ରବାର ଅନୁଷ୍ଠିତ ପ୍ରି-ମ୍ୟାଚ ଖବରଦାତା ସମ୍ମିଳନୀରେ ଜାମସେଦପୁର ଏଫ୍‌ସି ମୁଖ୍ୟ କୋଚ୍ ଖଲିଦ ଜମିଲ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏଫ୍‌ସି ଗୋଆ ମୁଖ୍ୟ କୋଚ୍ ମାନୋଲୋ ମାର୍କ୍ୱେଜ କହିଛନ୍ତି ଯେ, "ଏସୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ ସୁଯୋଗ ଥିବାରୁ ଯେ କୌଣସି ଦଳ ନିଶ୍ଚିତ ମୋଟିଭେଟ ହେବ। ୪ ବର୍ଷ ପୂର୍ବରୁ ଏଫ୍‌ସି ଗୋଆ ଚାମ୍ପିୟନ୍ସ ଲିଗ୍ ଖେଳି ସାରିଛି। ଜାମସେଦପୁର ଏଫ୍‌ସି କେବେହେଲେ ସୁଯୋଗ ପାଇନାହିଁ। ମାତ୍ର ଏବେ ଉଭୟ ଦଳର ଲକ୍ଷ୍ୟ ଏକ ରହିବ"।

### କଳିଙ୍ଗ ସୁପର କପ୍ ଟ୍ରଫି ଉନ୍ମୋଚିତ

ସୁପର କପ୍‌ରେ ଏଫ୍‌ସି ଗୋଆ ଓ ଜାମସେଦପୁର ଏଫ୍‌ସି ମଧ୍ୟରେ ଏହା ଚତୁର୍ଥ ମୁକାବିଲା ହେବ। ଫଳରେ ଟୁର୍ନାମେଣ୍ଟ ଇତିହାସରେ ଉଭୟ ଦଳ ପରସ୍ପରକୁ ସର୍ବାଧିକ ଥର ଭେଟିବାର ରେକର୍ଡ କରିବେ। ପୂର୍ବ ୩ ମ୍ୟାଚରେ ୨୧ ଗୋଲ ସ୍କୋର ହୋଇ ସାରିଛି। ତେଣୁ ଶନିବାର ମ୍ୟାଚ ମଧ୍ୟ ତୀବ୍ର ସଂଘର୍ଷପୂର୍ଣ୍ଣ ହେବା ଆଶା ରହିଛି। ୨୦୧୮ ଓ ୨୦୧୯ରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଗୋଆ ଦଳ ଯଥାକ୍ରମେ ୫-୧ ଓ ୪-୩ ଗୋଲରେ ବିଜୟୀ ହୋଇଥିଲା। ମାତ୍ର ୨୦୨୩ ଗ୍ରୁପ୍ ପର୍ଯ୍ୟାୟରେ ଜାମସେଦପୁର ଦଳ ୫-୩ ଗୋଲ ବ୍ୟବଧାନରେ ବିଜୟ ହାସଲ କରିଥିଲା। ଏଥର ସୁପର କପ୍‌ରେ କିନ୍ତୁ ଗୋଆ ବିପକ୍ଷରେ ଜାମସେଦପୁର ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଫତୋର୍ଦାରେ ଅନୁଷ୍ଠିତ ମ୍ୟାଚରେ ୨-୧ ଓ ପୁର୍ନାସେରେ ଅନୁଷ୍ଠିତ ମୁକାବିଲାରେ ୩-୧ରେ ଗୋଆକୁ ପରାସ୍ତ କରିଥିଲା। ତେଣୁ ଆଗାମୀ ମ୍ୟାଚରେ ପରାଜୟର ପ୍ରତିଶୋଧ ନେବାକୁ ଗୋଆ ନିଶ୍ଚିତ ଚେଷ୍ଟା କରିବ। "ପ୍ରତି ଗେମ୍ ଭିନ୍ନ। ଚଳିତ ସିଜନର ଆଇଏସ୍ଏଲ୍‌ରେ ଆମେ ଯଦିଓ ୨ଟି ଯାକ ମ୍ୟାଚରେ ଜାମସେଦପୁର ଏଫ୍‌ସି ନିକଟରୁ ପରାଜିତ ହୋଇଛୁ ତେବେ ଓଭରଅଲ୍ ଷ୍ଟାଣ୍ଡିଂରେ ଦ୍ୱିତୀୟ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଛୁ। ଏପରିକି ଜାମସେଦପୁର ଏଫ୍‌ସିଠାରୁ ୧୦ ପଏଣ୍ଟ ଅଧିକ ପାଇଛୁ। ତେଣୁ ଅତୀତରେ କ'ଣ ହୋଇଥିଲା ତା'ର କିଛି ମାନେନାହିଁ। ଆଗାମୀ ମ୍ୟାଚରେ କେଉଁ ଦଳ କିପରି ପ୍ରଦର୍ଶନ କରୁଛି ତା' ଉପରେ ଅନେକ କିଛି ନିର୍ଭର କରିବ" ବୋଲି ମର୍କ୍ୱେଜ ପ୍ରକାଶ କରିଛନ୍ତି। ଜମିଲ ମଧ୍ୟ ମର୍କ୍ୱେଜଙ୍କୁ ସମର୍ଥନ କରିଛନ୍ତି।

ଆଇଏସଏଲ୍‌ରେ ୪୬ଟି ଗୋଲ ବରଣ କରିଥିବା ଜାମସେଦପୁର ଏଫ୍‌ସି ଆଶ୍ଚର୍ଯ୍ୟଜନକ ଭାବେ ଚଳିତ ସୁପର କପ୍‌ରେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ଗୋଲ ବରଣ କରିନାହିଁ। ହାଇଦ୍ରାବାଦ ଏଫ୍‌ସିକୁ ୨-୦ରେ ହରାଇବାପରେ ଏହି ଦଳ ନର୍ଥଇଷ୍ଟ ବିପକ୍ଷ ଗୋଲଶୂନ୍ୟ ଡ୍ର ମ୍ୟାଚରେ ପେନାଲ୍ଟି ଶୁଟ୍ ଆଉଟରେ ବିଜୟୀ ହୋଇଥିଲା। ଏହାପରେ ମୁମ୍ବାଇ ସିଟି ଏଫ୍‌ସିକୁ ସେମିଫାଇନାଲରେ ୧-୦ରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଗୋଆ ୩-୦ରେ ଗୋକୁଲମ୍ କେରଳ ଓ ୨-୧ରେ ପଞ୍ଜାବ ଏଫ୍‌ସିକୁ ହରାଇବାପରେ ସେମିଫାଇନାଲରେ ମୋହନ ବାଗାନ ସୁପର ଜାଏଣ୍ଟକୁ ୩-୧ରେ ହରାଇ ଟାଇଟଲ ପର୍ଯ୍ୟାୟରେ ପ୍ରବେଶ କରିଛି। ତେଣୁ ଟ୍ରଫି ପାଇଁ ଏଥର ଲଢ଼େଇ ଜୋରଦାର ହେବା ଏକପ୍ରକାର ନିଶ୍ଚିତ ହୋଇଛି।

**କଳିଙ୍ଗ ସୁପର କପ୍**
(ଆଜିର ମ୍ୟାଚ)
ଏଫ୍‌ସି ଗୋଆ
ବନାମ
ଜାମସେଦପୁର
ସମୟ: ରାତି ୭.୩୦
ସ୍ଥାନ: କଳିଙ୍ଗ ଷ୍ଟାଡିୟମ
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ୩

# ଗୁଜରାଟର ପ୍ରଭାବୀ ବ୍ୟାଟିଂ

**ଅହମଦାବାଦ, ୨।୫ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସିଜନ ୨୦୨୫ରେ ଶୁକ୍ରବାର ଖେଳାଯାଇଥିବା ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆରଏଚ୍) ବିପକ୍ଷ ମ୍ୟାଚରେ ପ୍ରଭାବୀ ବ୍ୟାଟିଂ କରି ଗୁଜରାଟ ଟାଇଟାନ୍ସ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୨୨୪ ରନ କରିଛି। ସାଇ ସୁଦର୍ଶନ (୪୮ରନ, ୨୩ ବଲ୍, ୯ ଚୌକା) ଓ ଅଧିନାୟକ ଶୁବମନ ଗିଲ୍ (୭୬ରନ, ୩୮ ବଲ୍, ୧୦ ଚୌକା ଓ ୨ ଛକା) ଦଳକୁ ଭଲ ଆରମ୍ଭ ଦେଇଥିଲେ। ସୁଦର୍ଶନ ଖେଳର ୬.୫ ଓଭର ପର୍ଯ୍ୟନ୍ତ ତିଷ୍ଠି ପାରିଥିଲେ। ସେ ଜିଶାନ ଆନ୍‌ସାରୀଙ୍କ ବଲ୍‌ରେ ହେନ୍‌ରୀ କ୍ଲାସେନଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ସେତେବେଳେ ଦୁଇ ବ୍ୟାଟର ଦ୍ୱିତୀୟ ଉଇକେଟରେ ୮୭ରନ ଯୋଗ କରିସାରିଥିଲେ। ପରେ ଗିଲ୍‌ଙ୍କ ସହ ଉଇକେଟକିପର ଜୋସ୍ ବଟଲର ଯୋଗ ଦେଇଥିଲେ। ତେବେ ୧୩ତମ ଓଭରରେ ହର୍ସେଲ ପଟେଲ/କ୍ଲାସେନ ରନ ଆଉଟ କରି ଗିଲ୍‌ଙ୍କ ଇନିଂସର ଅବସାନ ଘଟାଇଥିଲେ। ସେତେବେଳେ ଦଳ ଦ୍ୱିତୀୟ ଉଇକେଟରେ ୬୨ରନ ଯୋଗକରି ସାରିଥିଲା। ପରେ ବଟଲ (୬୪ରନ, ୩୭ ବଲ୍, ୩ଚୌକା ଓ ୪ଛକା) ଓ ୱାଶିଂଟନ ସୁନ୍ଦର (୨୧ରନ)ଙ୍କ ମଧ୍ୟରେ ତୃତୀୟ ଉଇକେଟରେ ୫୭ରନର ଅନ୍ୟ ଏକ ଭଲ ପାର୍ଟନରଶିପ୍ ହୋଇଥିଲା। ଶେଷ ଭାଗରେ ଜୟଦେ ଉନାଡକଟ ଚମତ୍କାର ବୋଲିଂ କରି ୩୫ ରନ ବିନିମୟରେ ଗୁଜରାଟର ୩ଟି ଉଇକେଟ ଖସାଇ ଦେଇଥିଲେ।

ଚଳିତ ସିଜନରେ ଏପର୍ଯ୍ୟନ୍ତ ପ୍ରତ୍ୟେକ ଗେମ୍‌ରେ ଗୁଜରାଟର ଟପ୍ ୩ ବ୍ୟାଟରଙ୍କ ମଧ୍ୟରୁ ଅତି କମ୍‌ରେ ଜଣେ ନା ଜଣେ କେହି ଅର୍ଦ୍ଧଶତକ ହାସଲ କରିଛନ୍ତି। ହାଇଦ୍ରାବାଦ ଗତ ମ୍ୟାଚର ସେମାନଙ୍କ ଦଳରେ ଏକମାତ୍ର ପରିବର୍ତ୍ତନ କରିଥିଲା। କରିମ ଜନତଙ୍କ ସ୍ଥାନରେ ଜେରାଲ୍ଡ କୋଜିଙ୍କୁ ଖେଳାଇଥିଲା। ଉଭୟ ଦଳର ଏହା ହେଉଛି ସେମାନଙ୍କ ୧୦ମ ମ୍ୟାଚ। ମ୍ୟାଚ ପୂର୍ବରୁ ଗୁଜରାଟ ୯ଟି ମ୍ୟାଚରୁ ୬ ବିଜୟ ଓ ୩ ପରାଜୟ ସହ ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରେ ରହିଥିବା ବେଳେ ହାଇଦ୍ରାବାଦ ସମାନ ସଂଖ୍ୟକ ମ୍ୟାଚରୁ ୩ ବିଜୟ ୬ ପରାଜୟ ସହ ୯ ପଏଣ୍ଟ ଅର୍ଜନ କରି ୯ମ ସ୍ଥାନରେ ରହିଛି।



ଶଟ୍ ଖେଳିବା ଅବସରରେ ଶୁବମନ ଗିଲ୍।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ: ୨୦ ଓଭରରେ ୨୨୪/୬ (ଶୁବମନ ଗିଲ୍-୭୬, ଜୋସ ବଟଲର-୬୪,ସାଇ ସୁଦର୍ଶନ-୪୮, ; ଜୟଦେବ ଉନାଡକଟ-୩/୩୫, ଜିଶାନ ଅଲି-୧/୪୨, ପ୍ୟାଟ କୁମିନ୍ସ-୧/୪୦ ।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୭ | ୪ | ୦ | ୧୪ | +୧.୨୭୪ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୦ | ୭ | ୩ | ୦ | ୧୪ | +୦.୫୨୧ |
| ପଞ୍ଜାବ କିଙ୍ଗ୍ସ | ୧୦ | ୬ | ୩ | ୧ | ୧୩ | +୦.୧୯୯ |
| ଗୁଜରାଟ ଟାଇଟନ୍ସ | ୯ | ୬ | ୩ | ୦ | ୧୨ | +୦.୭୪୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୬ | ୪ | ୦ | ୧୨ | +୦.୩୬୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୫ | ୦ | ୧୦ | -୦.୩୨୫ |
| କୋଲକାତା ନାଇଟ ରାଇଡର୍ସ | ୧୦ | ୪ | ୫ | ୧ | ୯ | +୦.୦୮୦ |
| ରାଜସ୍ଥାନ ରୟାଲ୍ସ | ୧୧ | ୩ | ୮ | ୦ | ୬ | -୦.୭୮୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୩ | ୬ | ୦ | ୬ | -୧.୧୦୩ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୦ | ୨ | ୮ | ୦ | ୪ | -୧.୨୧୧ |

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
ବେଙ୍ଗାଲୁରୁ
ବନାମ ଚେନ୍ନାଇ
ସ୍ଥାନ: ବେଙ୍ଗାଲୁରୁ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଶ୍ରୀସନ୍ଥ ୩ବର୍ଷ ସସ୍‌ପେଣ୍ଡ

**ଥିରୁଭାନନ୍ତପୁରମ,୨।୫ (ପି.ଟି.)**

ଚାମ୍ପିୟନ୍ସ ଟ୍ରଫି ପାଇଁ ସଞ୍ଜୁ ସାମ୍‌ସନଙ୍କୁ ଭାରତୀୟ କ୍ରିକେଟ ଦଳରୁ ବାଦ୍ ଦିଆଯିବା ବିବାଦୀୟ ପ୍ରସଙ୍ଗରେ ମିଥ୍ୟା ଓ ଅପମାନଜନକ ବୟାନ ଦେଇଥିବାରୁ କେରଳ କ୍ରିକେଟ ଆସୋସିଏଶନ (କେସିଏ) ପୂର୍ବତନ ଭାରତ ପେସ୍ ବୋଲର ଏସ୍. ଶ୍ରୀସନ୍ଥଙ୍କୁ ୩ ବର୍ଷ ସସ୍‌ପେଣ୍ଡ କରିଛି। ଏପ୍ରିଲ ୩୦ରେ କୋଚିରେ କେସିଏର ସ୍ୱତନ୍ତ୍ର ସାଧାରଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଶ୍ରୀସନ୍ଥ ବର୍ତ୍ତମାନ କେରଳ କ୍ରିକେଟ ଲିଗ୍‌ରେ କୋଲାମ ଏରିଜ ନାମକ ଏକ ଫ୍ରାଞ୍ଚାଇଜ୍‌ର ସହ-ମାଲିକ ଅଛନ୍ତି। ପୂର୍ବରୁ ତାଙ୍କ ବିବାଦୀୟ ଟିପ୍ପଣୀକୁ ନେଇ ଶ୍ରୀସନ୍ଥଙ୍କ ସହିତ କୋଲାମ ଏରିଜ, ଅଲାପୁଝା ଟିମ୍ ଲିଡ୍ ଓ ଅଲ୍ଲାପୁଝା ରିପ୍ଲେସ ଫ୍ରାଞ୍ଚାଇଜ୍ ଦଳକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଫ୍ରାଞ୍ଚାଇଜ ଟିମ୍‌ଗୁଡ଼ିକ ସନ୍ତୋଷଜନକ ଉତ୍ତର ଦେଇଥିବାରୁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ତେବେ ଟିମ୍ ମ୍ୟାନେଜମେଣ୍ଟର ସଦସ୍ୟ ନିଯୁକ୍ତି ବେଳେ ଅଧିକ ସାବଧାନତା ଅବଲମ୍ବନ କରିବା ଲାଗି ପରାମର୍ଶ ଦେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସୂଚନାଯୋଗ୍ୟ, ଶ୍ରୀସନ୍ଥ ଦୁଇଟି ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଥିଲେ। ଏକ ମାଲାୟାଲମ ଟେଲିଭିଜନ ଚ୍ୟାନେଲରେ ଏକ ପ୍ୟାନେଲ ସହିତ ଆଲୋଚନା ବେଳେ ସେ ରାଜ୍ୟ କ୍ରିକେଟ ଆସୋସିଏଶନ ଓ ସାମସନଙ୍କୁ ନେଇ ତାଙ୍କର ମନ୍ତବ୍ୟ ଦେଇଥିଲେ। ଏଥିରେ ସେ ସାମସନଙ୍କ ପ୍ରତି ତାଙ୍କର ସମର୍ଥନ ଜ୍ଞାପନ କରିବା ସହ କେରଳର ଅନ୍ୟ ଖେଳାଳିଙ୍କୁ ସୁରକ୍ଷା ପ୍ରଦାନ କରିବା ଦିଗରେ କାର୍ଯ୍ୟକରିବେ ବୋଲି ପ୍ରତିଜ୍ଞାବଦ୍ଧ ହୋଇଥିଲେ। ବିଜୟ ହଜାରେ ଟ୍ରଫି ପାଇଁ କେରଳ ଦଳରୁ ସାମ୍‌ସନଙ୍କୁ ବାଦ୍ ଦିଆଯିବାରୁ ଭାରତର ଚାମ୍ପିୟନ୍ସ ଟ୍ରଫି ଦଳ ପାଇଁ ଏହି ଖେଳାଳିଙ୍କ ସମ୍ଭାବନାକୁ ପ୍ରଭାବିତ କରିଥିଲା ବୋଲି ଦର୍ଶାଇ ସେ କେସିଏକୁ ସମାଲୋଚନା କରିଥିଲେ।

# ନୀରଜ ଚୋପ୍ରା କ୍ଲାସିକ୍‌ରେ କିଶୋର

**ନୂଆଦିଲ୍ଲୀ, ୨।୫ (ପି.ଟି.)**

ଏସିଆନ ଗେମ୍ସ ରୌପ୍ୟ ବିଜେତା ଓଡ଼ିଶାର କିଶୋର ଜେନା ନୀରଜ ଚୋପ୍ରା କ୍ଲାସିକ୍ ଜାଭେଲିନ୍ ଥ୍ରୋରେ ଭାଗ ନେବେ। ଫଳରେ ଇଭେଣ୍ଟରେ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ୧୨ରେ ପହଞ୍ଚିଛି। ନୀରଜ ଚୋପ୍ରା କ୍ଲାସିକ ମେ ୨୪ରେ ବେଙ୍ଗାଲୁରୁସ୍ଥିତ ଶ୍ରୀକାନ୍ତିରାଭା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ୨୯ ବର୍ଷୀୟ କିଶୋରଙ୍କ ବ୍ୟତୀତ ଭାରତର ଉଦୀୟମାନ ଜାଭେଲିନ୍ ଥ୍ରୋୟର ସଚିନ ଯାଦବ, ରୋହିତ ଯାଦବ ଓ ସାହିଲ ସିଲ୍‌ୱାଲ ପ୍ରମୁଖ ଏଥିରେ ଭାଗ ନେବେ। ସେମାନେ ଡବଲ ଅଲିମ୍ପିକ ପଦକ ବିଜେତା ନୀରଜଙ୍କ ସମେତ ବିଶ୍ୱର ଶ୍ରେଷ୍ଠ ଆଥ୍‌ଲେଟଙ୍କ ସହ ଅବତୀର୍ଣ୍ଣ ହେବାର ସୁଯୋଗ ପାଇବେ। ଏହି ନୂଆ ଜାଭେଲିନ୍ ଇଭେଣ୍ଟ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଦ୍ୱାରା 'ଏ' କାଟେଗୋରୀ ମାନ୍ୟତା ଲାଭ କରିଛି।

# ରାଜସ୍ଥାନର ପ୍ଲେ-ଅଫ୍ ଆଶା ଶେଷ

**ଜୟପୁର, ୨।୫ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଗୁରୁବାର ଖେଳାଯାଇଥିବା ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ୧୦୦ ରନରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ଏହି ପରାଜୟ ଦ୍ୱାରା ରାଜସ୍ଥାନ ଦଳର ପ୍ଲେ-ଅଫ୍ ଆଶା ଶେଷ ହୋଇଯାଇଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୨ଉଇକେଟ ବିନିମୟରେ ୨୧୭ରନ କରିଥିଲା। ଜବାବରେ ରାଜସ୍ଥାନ ୧୬.୧ ଓଭରରେ ୧୧୭ ରନ କରି ଅଲଆଉଟ ହୋଇଯାଇଥିଲା। ଅନ୍ୟପକ୍ଷରେ ମୁମ୍ବାଇ ଏହି ବିଜୟ ଦ୍ୱାରା ପ୍ଲେ-ଅଫ୍‌ର ନିକଟତର ହୋଇଛି। ମ୍ୟାଚରେ ରୋହିତ ଶର୍ମା (୩୬ ବଲ୍‌ରୁ ୫୩ରନ) ଓ ର୍‌ୟାନ ରିକେଲଟନ (୩୮ ବଲ୍‌ରୁ ୬୧ରନ) ଚମତ୍କାର ଅର୍ଦ୍ଧଶତକ ସହ ଦଳକୁ ଭଲ ଆରମ୍ଭ ଦେଇଥିଲେ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା (୨୩ ବଲ୍‌ରୁ ୪୮) ଓ ସୂର୍ଯ୍ୟକୁମାର ଯାଦବ (୨୩ ବଲ୍‌ରୁ ୪୮) ଚିତ୍ତାକର୍ଷକ ବ୍ୟାଟିଂ କରି ମୁମ୍ବାଇ ଇନିଂସର ଫିନିଶିଂ ଟଚ୍ ଦେଇଥିଲେ। ଯଶପ୍ରୀତ ବୁମ୍‌ରା (୨/୧୫) ଓ ଟ୍ରେଣ୍ଟ ବୋଲ୍ଟ (୩/୨୮) ଓ ଲେଗ୍ ସ୍ପିନର କର୍ନ ଶର୍ମା (୩/୨୩) ପ୍ରଭାବୀ ବୋଲିଂ କରି ରାଜସ୍ଥାନ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇ ଦଳ ପାଇଁ ବୃହତ୍ ବିଜୟ ଆଣି ଦେଇଥିଲେ। ରାଜସ୍ଥାନ ଦଳର ରହସ୍ୟମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ମାତ୍ର ୨ଟି ବଲ୍ ସାମ୍ନା କରି ବିନା କୌଣସି ରନ୍‌ରେ ପ୍ୟାଭିଲିୟନ ଫେରିଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୨୧୭/୨ (ର୍‌ୟାନ ରିକେଲ୍‌ଟନ-୬୧, ରୋହିତ ଶର୍ମା-୫୩; ର୍‌ୟାନ ପରାଗ-୧/୧୨)। ରାଜସ୍ଥାନ ରୟାଲ୍ସ: ୧୬.୧ ଓଭରରେ ୧୧୭/ଅଲଆଉଟ (ଜୋଫ୍ରା ଆର୍ଚର-୩୦ ; କର୍ନ ଶର୍ମା-୩/୨୩, ଯଶପ୍ରୀତ୍ ବୁମ୍‌ରା-୨/୧୫, ଟ୍ରେଣ୍ଟ ବ୍ରିଜ୍-୩/୨୮)।

**Government of Odisha**
E-mail.ID-sectcrb_2006@yahoo.co.in, Tel/Fax-0671-2301751/2302751
**Corrigendum to Bid Identification No.CCE.Ctc(R&B) 17/2024-25**
Tender Reference No. CCE.Ctc. (R&B) 17/2024-25
**No.B-74:** The Bid availability period and Date of opening of the tenders have been modified due to unavoidable circumstances.
The modified dates are as follows:-

| Sl. No. | Bid Identification No. | Bid Availability period as per Tender Notice | Revised Bid Availability period | Bid Opening Date as per Tender Notice | Revised opening Date |
|---|---|---|---|---|---|
| 1 | CCE.Ctc. (R&B) 17/2024-25 | 03.04.2025 to 5.30 hours of 17.04.2025 | 03.05.2025 to 5.30 Hours of 17.05.2025 | 19.04.2025 at 11.00 Hours | 19.05.2025 at 11.00 Hours |

All other terms and conditions remain unchanged. Further details can be seen from the website htpp://tendersodisha.gov.in.
OIPR-34012/11/0033/2526 Sd./- Chief Construction Engineer, Cuttack (R&B) Circle

**OFFICE OF THE EXECUTIVE ENGINEER**
**MAYURBHANJ LIFT IRRIGATION DIVISION BARIPADA**
E-mail : olicbpd@ymail.com
**SHORT TENDER CALL NOTICE No. 4431 Dt. 25.04.2025**
**No.CAD-260** : Sealed Tenders are invited from interested reputed Travel Agencies / Tour operators or private individuals for providing 1 (One) No. of Non A.C Diesel driven Bollero having sitting capacity not more than ten including driver for official use by the officers under M.L.I Division, Baripada (details are given below) on monthly rent basis for 1 year from **01.06.2025 to 31.05.2026**. The Terms & conditions along with general information for hiring vehicle can be obtained from the office of the Executive Engineer, Mayurbhanj Lift Irrigation Division, Baripada on all working days between **9.00 AM to 1 P.M.** from **05.05.2025 to 09.05.2025** on payment of Rs. 118/- (Rupees One hundred Eighteen) only including 18% GST in shape of Demand Draft to be drawn in favour of the Executive Engineer, M.L.I. Division, Baripada payable at Baripada. The Tender completed in all respect should reach the undersigned on or before **13.05.2025 by 11.00 A.M.** and shall be opened on **14.05.2025** at **9.00 A.M.** in presence of the Bidders or their authorized representatives.
The authority reserves the right to accept or reject any or all the Tenders without assigning any reason thereof.
1. Vehicle used by the Executive Engineer, MLI Division, Baripada
Sd./- (Er. Amruta Kumar Bagh)
OIPR-32215/11/0004/2526 EXECUTIVE ENGINEER

**Government of Odisha, e-Procurement Notice**
**INVITATION FOR BIDS (IFB)**
**Bid Identification No. C.C.E.Dkl. (R&B) 01/2025-26**
**Email Id - sedklpwd@gmail.com**
**Letter No. 892/Dt. 25.04.2025**
**No.B-63** : The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Building works as detailed below :
1 Name of the work : Building works
2 No. of works : 02 (Two) Nos.
3 Estimated cost : **Rs. 3.96 Crore to 5.05 Crore (as given in column No. 03 of table)**
4 Cost of tender paper : Rs. 10,000.00
5 Class of contractor : 'A' Class **(as given in column No. 07 of table)**
6 Period of completion of work : 07 (Seven) to 09 (Nine) Calendar months **(as given in column No. 08 of table)**
7 Date and time of availability of bid document in the website : From Dt. 03.05.2025 to 05.00 P.M. of Dt. 17.05.2025
8 Date of opening of bid : Dt. 19.05.2025 at 11.00 A.M.
The bidders have to participate in ONLINE bidding only, further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.
Sd./- Chief Construction Engineer
OIPR-34132/11/0028/2526 Dhenkanal (R&B) Circle, Dhenkanal

**GOVERNMENT OF ODISHA** No.C-190
**OFFICE OF THE SUPERINTENDING ENGINEER**
**P.H. DIVISION, BALANGIR**
Email Id:eephbgr@yahoo.co.in Ph.No.(06652-234647)
**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. SE PH BGR 01 /2025-26 Dt.24.04.2025**
01. Name of the Work : 01 No.
02. Estimated Cost : Rs.947.19 Lakhs
03. Period of Completion : 18 Months
04. Date & Time of availability of bid document in the portal : From 11.00 AM of dt.06.05.2025 to 5.00 PM of dt.22.05.2025
05. Last date/time of receipt of bids in the portal : 5 PM of dt.22.05.2025
06. Date & Time of opening of bids : At 11.00 AM of dt.23.05.2025
07. Name and Address of the Officer Inviting Bid : Superintending Engineer P.H.Division, Balangir At- Tulsinagar Dist- Balangir- 767001
**Further details can be seen from the website https://tenders.ori.nic.in or www.tendersodisha.gov.in**
Sd./-Superintending Engineer
OIPR-13005/11/0031/2526 P.H.Division, Balangir

**OFFICE OF THE SUPERINTENDING ENGINEER**
**KANTABANJI (R&B) DIVISION**
Government of Odisha
E-mail ID : eerbkbj@rediffmail.com
**Bid Identification No. 04 / KBJ / 2025-26**
**No.B-66** : The **Superintending Engineer, Kantabanji (R&B) Division** on behalf of Governor of Odisha invites **Percentage Rate bid for Building works** detailed in the table below in **Single Cover (Composite Tender) ONLINE MODE** from the Class of Contractors mentioned in **Column-7** registered with the State Government and contractors of equivalent Grade / Class registered with Central Government / MES / Railways for execution of Civil works. The proof of registration from the appropriate authority shall be enclosed along with the bid.
1) No. of work : 03 Nos. (Single Cover)
2) Nature of work : Building work
3) Class of contractor : "D" & "C" Class
4) Approximate value of work : Rs. 15.00 Lakhs
5) Tender Cost : Rs. 6,000/-
6) Date and time of valiability of Bid documents in online : From Dt.02.05.2025, 8:00 A.M. to Dt.08.05.2025 up to 05:00 P.M.
7) Date of Opening : Dt.09.05.2025 at 11:30 A.M.
8) Other details can be seen in the bidding documents from the e-procurement portal "www.tendersodisha.gov.in"
9) The bidders have to participate in ONLINE bidding only. Further details can be seen from the website: www.tendersodisha.gov.in. All future corrigendum will be available on ONLINE MODE only.
**Sd./- Superintending Engineer**
OIPR-34099/11/0018/2526 **Kantabanji (R&B) Division**

**OFFICE OF THE ROURKELA MUNICIPAL CORPORATION**
**UDITNAGAR, ROURKELA, ODISHA-769012**
E-mail ID : rourkelamunicipality@gmail.com
**No.5597** **Date. 28.04.2025**
**Tender Call Notice for Supply of Commercial Water Purifier for Aahaar Centres**
**No.C-191** : Sealed Tenders are invited from the intending reputed Manufacturers/ Authorized Dealer having PAN and valid GST certificate for Supply of Commercial Water Purifier under Rourkela Municipal Corporation.
The sealed Tender should reach to the Commissioner, Rourkela Municipal Corporation, Uditnagar, Rourkela, Sundargarh-769012 on or before 07.05.2025 by 1.00 P.M. through postal/ courier/ speed post/ registered post or by hand. The Tender will be opened on 08.05.2025 at 11.30 A.M. in presence of the bidders who wish to attend.
Details terms and conditions of the tender process can be downloaded from the official website of Rourkela Municipal Corporation (www.rmc.nic.in).
The undersigned reserves the right to negotiate or reject / cancel any or all the ' tenders at any time without assigning any reason thereof.
**Sd./- Commissioner**
**OIPR-13131/11/0126/2526 Rourkela Municipal Corporation**

Annexure-1
**DISTRICT MINERAL FOUNDATION, JAJPUR**
**Request for Proposal (RFP)**
**No.CAD-257:** District Mineral Foundation (DMF), Jajpur invites Request for Proposal (RFP) in prescribed format from reputed organisations for "Selection of Bidder for providing Communicative Skills Training for Employability of college students in mining affected areas of Jajpur District under District Mineral Foundation, Jajpur".
The detail of the RFP is available in the district web portal i.e. **www.jajpur.odisha.gov.in**
**Sd./-**
**Collector & Managing Trustee,**
OIPR-30025/11/0010/2526 **DMF, Jajpur**

No.A-102
**ଓଡ଼ିଶା ସରକାର**
**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଆଖୁଆପଦା ଜଳସେଚନ ବିଭାଜନ**
ଇମେଲ-akp.irrigationdivision@gmail.com
**'e'- Procurement Notice No.01/2025-26**
1. କାର୍ଯ୍ୟର ନାମ : ନଦୀ ବନ୍ଧ ମରାମତି କାର୍ଯ୍ୟ
2. ମୋଟ କାର୍ଯ୍ୟ ସଂଖ୍ୟା : ୦୬ ଗୋଟି କାର୍ଯ୍ୟ
3. ଅଟକଳ ମୂଲ୍ୟ : ୭.୦୦ ଲକ୍ଷରୁ ୭୫.୬୫ ଲକ୍ଷ
4. ଇ.ଏମ.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN.
5. କାର୍ଯ୍ୟ ସମାପ୍ତି ସମୟ : ୬ ମାସ
6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ :
I. Procurement Officer : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ,ଆଖୁଆପଦା
II. ଅନଲାଇନ Biddingର ସମୟସୀମା: ତା.୦୧.୦୫.୨୦୨୫ ଦିବା ୧୦ ଘଟିକାରୁ ତା.୦୮.୦୫.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ
III. Technical ଏବଂ Financial bid: ଖୋଲାଯିବାର ତାରିଖ ଓ ସମୟ ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୦୯.୦୫.୨୦୨୫ ଦିବା ୧୧.୩୦
IV. Transparent Lotteryର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୧୯.୦୫.୨୦୨୫ ଦିବା ୧୧.୦୦ ଘଟିକା ସମୟରେ ।
ଅନ୍ୟାନ୍ୟ ତଥ୍ୟ ଏହି ୱେବସାଇଟରେ ପ୍ରଦାନ କରାଯାଇଛି www.tendersorissa.gov.in
ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ,
OIPR-32548/11/0001/2526 ଆଖୁଆପଦା

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାଜା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଜାଙ୍କୁ ରିମାଣ୍ଡରେ ନେବାକୁ ଆବେଦନ

**କେନ୍ଦୁଝର,୨।୫**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଓ ପରିବହନ କୋଅପରେଟିଭ ସୋସାଇଟିରେ ଆର୍ଥିକ ଘୋଟାଲାର ତଦନ୍ତ କ୍ରାଇମବ୍ରାଞ୍ଚ (ଅର୍ଥନୈତିକ ଶାଖା) ପକ୍ଷରୁ ଚାଲିଛି। ଘଟଣାରେ କ୍ରାଇମବ୍ରାଞ୍ଚ ବିଜେଡି ନେତା ରାଜା ଚକ୍ରଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ତଦନ୍ତକାରୀ ସଂସ୍ଥା ରାଜା ଚକ୍ରଙ୍କୁ ଅଧିକ ପଚରାଉଚରା କରିବାକୁ ଶୁକ୍ରବାର କେନ୍ଦୁଝର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୭ ଦିନ ପାଇଁ ରିମାଣ୍ଡରେ ନେବାକୁ ଆବେଦନ କରିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ନେଇ ସଂସ୍ଥାର ସେ ସମୟର ସଭାପତି ଓ ସମ୍ପାଦକଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ତଦନ୍ତ ବେଳେ ସଂସ୍ଥାରୁ ବହୁ ଅର୍ଥ ଦେଣନେଣ ଅଭିଯୋଗରେ ରାଜା ଚକ୍ରଙ୍କୁ ଗିରଫ କରି ବାଲେଶ୍ୱର ଜେଲରେ ରଖାଯାଇଛି। ବିଚାର ବାଲେଶ୍ୱର ସ୍ୱତନ୍ତ୍ର କୋର୍ଟରେ ଚାଲିଥିବା ବେଳେ ପୂର୍ବରୁ ରାଜାଙ୍କୁ ରିମାଣ୍ଡରେ ନେଇ ତଦନ୍ତକାରୀ ସଂସ୍ଥା ପଚରାଉଚରା କରିଥିଲା। ଅନ୍ୟପକ୍ଷରେ ଉକ୍ତ ଘଟଣାରେ ଗିରଫ ହୋଇଥିବା ରାଜାଙ୍କ ଜାମିନ ଶୁଣାଣି ଅଗ୍ରାହ୍ୟ ହୋଇଥିବା ବେଳେ ଏବେ ଉଚ୍ଚ ନ୍ୟାୟାଳୟରେ ଜାମିନ ଆବେଦନ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଏଜେନ୍ସିରେ ହୋଇଥିବା ଘୋଟାଲାକୁ ନେଇ ସ୍ୱତନ୍ତ୍ର ଅଡିଟ୍‌କୁ ରିପୋର୍ଟକୁ କାର୍ଯ୍ୟକାରୀ କରି, ମାମଲା ରୁଜୁ କରାଯାଇଥିଲେ ଏଭଳି ପରିସ୍ଥିତି ଉପୁଜି ନ ଥାନ୍ତା ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି।


ବିଶେଷଜ୍ଞ
ଅର୍ଶ
ଭଗନ୍ଦର
ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ବିଜେତାଙ୍କୁ ମିଳିବ ୫ ଲକ୍ଷ ଟଙ୍କା ପୁରସ୍କାର

## ଭାରତୀୟ ରେଳପଥ ଡିଜିଟାଲ ଘଣ୍ଟା ଡିଜାଇନ ପ୍ରତିଯୋଗିତା

**ଭୁବନେଶ୍ୱର,୨।୫(ଅନୁରାଧା ମହାରଣା)**

ଭାରତୀୟ ରେଳପଥ ନୂତନ ଡିଜିଟାଲ ଘଣ୍ଟା ଡିଜାଇନ କରିବା ପାଇଁ ଏକ ଦେଶବ୍ୟାପୀ ପ୍ରତିଯୋଗିତା ଘୋଷଣା କରିଛି। ଏହି ପ୍ରତିଯୋଗିତାର ତିନୋଟି ବର୍ଗରେ ବୃତ୍ତିଗତ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିପାରିବେ। ଶ୍ରେଷ୍ଠ ପ୍ରତିଯୋଗୀଙ୍କ ଡିଜାଇନ ଭାରତୀୟ ରେଳପଥରେ ବ୍ୟବହାର ହେବା ସହ ତାଙ୍କୁ ୫ ଲକ୍ଷର ଟଙ୍କାର ପ୍ରଥମ ପୁରସ୍କାର ରାଶି ପ୍ରଦାନ କରାଯିବ। ଏହାସହ ତିନୋଟି ବର୍ଗର ପ୍ରତ୍ୟେକଙ୍କ ପାଇଁ ୫୦ହଜାର ଟଙ୍କାର ପାଞ୍ଚଟି ସାନ୍ତ୍ୱନା ପୁରସ୍କାର ରହିବ। ଅଂଶଗ୍ରହଣକାରୀମାନେ ମେ ୩୧ ତାରିଖ ମଧ୍ୟରେ ଅନଲାଇନରେ ସେମାନଙ୍କ ଡିଜାଇନ ଦାଖଲ କରିବାକୁ ପଡିବ। ଭାରତୀୟ ରେଳ ବୋର୍ଡ (ସୂଚନା ଏବଂ ପ୍ରସାର) ନିର୍ଦ୍ଦେଶକ ଦିଲୀପ କୁମାର କହିଛନ୍ତି, ଅଂଶଗ୍ରହଣକାରୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସେମାନଙ୍କର ମୌଳିକତାର ପ୍ରମାଣପତ୍ର ସହିତ ୱାଟରମାର୍କ କିମ୍ବା ଲୋଗୋ ବିନା ଉଚ୍ଚ ରିଜୋଲ୍ୟୁଶନରେ contest.pr@rb.railnet.gov.inରେ ଦାଖଲ କରିବାକୁ ପଡିବ। ଅଂଶଗ୍ରହଣକାରୀ ଏକାଧିକ ଡିଜାଇନ ଦାଖଲ କରିପାରିବେ। ଏଥିରେ ଏକ ସଂକ୍ଷିପ୍ତ ଧାରଣା ନୋଟ ରହିବ। କୌଣସି ବୌଦ୍ଧିକ ସମ୍ପତ୍ତି ଅଧିକାର କିମ୍ବା କପିରାଇଟ ଉଲ୍ଲଂଘନ ନ କରିବା ଆବଶ୍ୟକ। ସ୍କୁଲ ବର୍ଗରେ, ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଯୋଗ୍ୟ ଏବଂ ସେମାନଙ୍କୁ ଏକ ବୈଧ ସ୍କୁଲ ପରିଚୟପତ୍ର ଅପଲୋଡ୍ କରିବାକୁ ପଡିବ। କଲେଜ ବର୍ଗରେ ବର୍ତ୍ତମାନ ଯେକୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ କିମ୍ବା କଲେଜରେ ନାମ ଲେଖାଇଥିବା ବ୍ୟକ୍ତିମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଅନ୍ୟ ସମସ୍ତେ ବୃତ୍ତିଗତ ବର୍ଗ ଅଧୀନରେ ରହିବେ।

# ନୂଆ ଭୁବନେଶ୍ୱର ଷ୍ଟେଶନରୁ ଗଡ଼ିବ ୩ ଟ୍ରେନ୍

**ଭୁବନେଶ୍ୱର,୨।୫**
**(ଅନୁରାଧା ମହାରଣା)**

ଭୁବନେଶ୍ୱରରୁ ଚଳାଚଳ କରୁଥିବା ୩ଟି ଟ୍ରେନ ପାଇଁ ଟର୍ମିନାଲ ପଏଣ୍ଟ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଟ୍ରେନ୍‌ଗୁଡିକ ଭୁବନେଶ୍ୱର ମୁଖ୍ୟ ଷ୍ଟେଶନ ପରିବର୍ତ୍ତେ ନୂଆ ଭୁବନେଶ୍ୱର ଷ୍ଟଶନରୁ ଯାତ୍ରା ଆରମ୍ଭ କରିବେ। ଏହି ଟ୍ରେନଗୁଡ଼ିକ ମଧ୍ୟରେ ୧୧୦୨୦/୧୧୦୧୯ ଭୁବନେଶ୍ୱର-ସିଏସ୍‌ଏମ୍‌ଟି ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ, ୧୭୦୧୫/୧୭୦୧୬ ଭୁବନେଶ୍ୱର-ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଏବଂ ୨୨୮୧୯/୨୨୮୨୦ ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ରହିଛି। ଏହାଦ୍ୱାରା କଟକ, ଆଠଗଡ଼ ଓ ଉତ୍ତର ଭୁବନେଶ୍ୱର ଅଞ୍ଚଳବାସୀ ବିଶେଷଭାବରେ ଉପକୃତ ହେବେ।

ମେ ୧୧ରୁ ମୁମ୍ବାଇରୁ ଛାଡୁଥିବା ୧୧୦୧୯ ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ ଭୁବନେଶ୍ୱର ନୂତନ ଷ୍ଟେଶନରେ ଏହାର ଯାତ୍ରା ଶେଷ କରିବ। ପୂର୍ବ ନିର୍ଦ୍ଧାରିତ ସମୟରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ପହଞ୍ଚିବା ପରେ, ଏହି ଟ୍ରେନ ରାତ୍ରି ୧୧ଟା ୫୫ରେ ଭୁବନେଶ୍ୱର ନୂତନ ଅଭିମୁଖେ ଯାତ୍ରା କରିବ। ଏହି ଟ୍ରେନ୍ ରାତ୍ରି ୧୨ଟା ୦୨ରେ ମଞ୍ଚେଶ୍ୱର ଷ୍ଟେଶନରେ ପହଞ୍ଚିବ ଏବଂ ୧୨ଟା ୦୪ରେ ଛାଡ଼ି ରାତ୍ରି ୧୨ଟା ୨୦ରେ ଭୁବନେଶ୍ୱର ନୂତନ ଷ୍ଟେଶନରେ ପହଞ୍ଚିବ। ୧୧୦୨୦ ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ ମେ ୧୨ରୁ ଭୁବନେଶ୍ୱର ମୁଖ୍ୟ ଷ୍ଟେଶନ ପରିବର୍ତ୍ତେ ଅପରାହ୍ନ ୨ଟା ୪୦ରେ ଭୁବନେଶ୍ୱର ନୂତନ ଷ୍ଟେଶନରୁ ଛାଡ଼ିବ। ଏହି ଟ୍ରେନ ଅପରାହ୍ନ ୨ଟା ୪୮ରେ ମଞ୍ଚେଶ୍ୱରରେ ପହଞ୍ଚି ଅପରାହ୍ନ ୨ଟା ୫୦ରେ ଭୁବନେଶ୍ୱର ମୁଖ୍ୟ ଷ୍ଟେଶନ ଅଭିମୁଖେ ଛାଡ଼ିବ ଓ ପରେ ଏହି ଟ୍ରେନ ପୂର୍ବ ନିର୍ଦ୍ଧାରିତ ସମୟରେ ମୁମ୍ବାଇ ଅଭିମୁଖେ ଯାତ୍ରା କରିବ। ସେହିପରି ମେ ୧୧ରୁ ସିକନ୍ଦରାବାଦରୁ ଛାଡୁଥିବା ୧୭୦୧୬ ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଭୁବନେଶ୍ୱର ନୂତନ ଷ୍ଟେଶନରେ ଯାତ୍ରା ଶେଷ କରିବ। ନିର୍ଦ୍ଧାରିତ ସମୟରେ ଭୁବନେଶ୍ୱର ମୁଖ୍ୟ ଷ୍ଟେଶନରେ ପହଞ୍ଚିବା ପରେ ଭୁବନେଶ୍ୱର ନୂତନ ଷ୍ଟେଶନ ଅଭିମୁଖେ ଯାତ୍ରା କରିବ। ଏହି ଟ୍ରେନ ଅପରାହ୍ନ ୪ଟା ୦୪ରେ ମଞ୍ଚେଶ୍ୱରରେ ପହଞ୍ଚି ଅପରାହ୍ନ ୪ଟା ୬ରେ ଛାଡ଼ିବ ଏବଂ ତା'ପରେ ଅପରାହ୍ନ ୪ଟା ୨୫ରେ ଭୁବନେଶ୍ୱର ନୂତନ ଷ୍ଟେଶନରେ ପହଞ୍ଚିବ। ୧୭୦୧୫ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ ଓ ୨୨୮୧୯ ଭୁବନେଶ୍ୱର-ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ ମେ' ୧୨ରୁ ଭୁବନେଶ୍ୱର ମୁଖ୍ୟ ଷ୍ଟେଶନ ପରିବର୍ତ୍ତେ ଭୁବନେଶ୍ୱର ନୂତନ ଷ୍ଟେଶନରୁ ବାହାରି ମଞ୍ଚେଶ୍ୱରରେ ପହଞ୍ଚିବ। ସେଠାରେ ରହଣି କରିବାପରେ ଭୁବନେଶ୍ୱର ମୁଖ୍ୟ ଷ୍ଟେଶନ ଅଭିମୁଖେ ଯାତ୍ରା କରିବ।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰କୈଳାସ ଚନ୍ଦ୍ର ତ୍ରିପାଠୀ**
ଅବିଧିଆନନ୍ଦପୁର, ଓଡ଼ିଶୋ, ଜଗତ୍‌ସିଂହପୁର
ଆବିର୍ଭାବ: ୦୫।୦୧।୧୯୫୦
ତିରୋଧାନ: ୧୪।୦୫।୨୦୨୪
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର: କପୁ, ଲିପୁ, ବୋହୂ: ଗେହ୍ଲି, ଟିଙ୍କି, ଝିଅ: ସିଲୁ, ଜ୍ୱାଇଁ: ସିଲୁ, ନାତୁଣୀ: ଗୁଡ଼ିଆ, ଲାଡ୍‌ଲି, ଅର୍ପିତା
ଧ-୩୬୮

**ଦ୍ୱାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ**



**୰ଅମୂଲ୍ୟ ମୋହନ ଦାସ**
ଆବିର୍ଭାବ : ତା.୧୧.୧୧.୧୯୪୨ରିଖ
ତିରୋଧାନ : ତା.୨୨.୦୪.୨୦୨୫ରିଖ
ଜଣେ ବାଗ୍ମୀ, ଶୃଙ୍ଖଳିତ, ସମୟାନୁବର୍ତ୍ତୀ, ସତ୍ୟନିଷ୍ଠ, କର୍ତ୍ତବ୍ୟପରାୟଣ, ନିଷ୍ଠାବାନ, ଛାତ୍ରବତ୍ସଳ ଏବଂ ସର୍ବୋପରି ଉଚ୍ଚ ଆଦର୍ଶବାଦୀ ଶିକ୍ଷକ ହିସାବରେ ଆପଣ ଚିର ସ୍ମରଣୀୟ ହୋଇ ରହିବେ। ଆପଣଙ୍କର ପବିତ୍ର ଆତ୍ମାର ସଦ୍ ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ
ପୁଅ, ଝିଅ, ବୋହୂ, ଭଉଣୀ, ପୁତୁରା, ଝିଆରୀ, ଭଣଜା, ଭାଣିଜୀ, ନାତି, ନାତୁଣୀ ଓ ଛାତ୍ର ଛାତ୍ରୀ ବୃନ୍ଦ।
ଧ-୩୬୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ନାରାୟଣ ପଟ୍ଟନାୟକ**
ଜଗନ୍ନାଥ ନଗର, ଭୁବନେଶ୍ୱର
ଆପଣ ଚାଲିଯିବାର ଚାହୁଁ ଚାହୁଁ ବର୍ଷେ ହୋଇଗଲାଣି। ଆପଣଙ୍କ ଅନୁପସ୍ଥିତିକୁ ଆମେ ସବୁବେଳେ ଅନୁଭବ କରୁଛୁ। ଆପଣଙ୍କ ଭଲପାଇବା, ସ୍ନେହ, ଶ୍ରଦ୍ଧା ଆମ ପାଇଁ ଆଦର୍ଶ ହୋଇ ରହିବ। ଅମରାତ୍ମାର ସଦ୍‌ଗତି ହେଉ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତୁଣୀ, ନାତି, ନାତୁଣୀଜ୍ୱାଇଁ, ନାତୁଣୀବୋହୂ ଓ ପଟ୍ଟନାୟକ ପରିବାରବର୍ଗ।
ଧ-୭୫୩୮୩



# Classified Everyday
**0674-2580101, 9692975378**


**REAL ESTATE**
**SALE**

**Duplex sale with gated society AIIMS Hospital, Bhubaneswar. 8455909543, 7735579312.** D-76262

National and International Project @ 3lakhs to 30lakhs Contact- 8917622925. D-367

**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200

**ଭୁବନେଶ୍ୱର- ପିପିଲି Toll Gate Puri road ନିକଟରେ Gharabari Plot ଏବଂ ନଖରାରେ 3/4 BHK Duplex ବିକ୍ରିହେବ। 8327785834.** D-76261

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

**Bhubaneswar ତ୍ରିନାଥବଜାର, ଫୁଲନଖରା, ସମ୍ ହସ୍ପିଟାଲ-୨ ନିକଟରେ ଘରବାରୀ ପ୍ଲଟ୍ 1250/Sqft.ରେ ବିକ୍ରୟ କରାଯାଉଛି। Whatsapp: 9437011506, 6371462496.** D-356

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


**CONSTRUCTION**

Do you want to construct a building on your own plot please contact K.K. Construction. 7008268129, 9439143273. D-71397




Plot for warehouse 10,000- 15,000sqft. on rent at Khurda NH-16 (near Collector Office Chhak). Call: 7008649641, 8018822307, 7978560206 for location and details. D-303

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377




**Relax, Refresh your body, mind at Saikrupa SPA with best therapies. 7848011468.** D-363

Newly open Jyoti SPA positively health benefits (Expert therapist). 8458067955. D-76912

**LOST**

ଆମ୍ଭେ ଶ୍ରୀମତୀ ଶ୍ରୀମୟୀ ଦାଶ, ବୟସ- ୩୩ବର୍ଷ, ସ୍ୱାମୀ- ତାରିଣୀ ପ୍ରସାଦ ଦାଶ, ସା- ସ୍ୱସ୍ତି କଲୋନୀ, ଜଗନ୍ନାଥପୁର, ପୋଷ୍ଟ- କେନ୍ଦୁଝରଗଡ଼, ଥାନା- ଟାଉନ, ଜିଲ୍ଲା- କେନ୍ଦୁଝର। ଆମ୍ଭେ ମୌଜା- ରାଙ୍କି, ଖାତା ନଂ.-447/2342, ପ୍ଲଟ୍ ନମ୍ବର- 190/4638ର ମାଲିକ ଅଟୁ। ଯାହାର ବିକ୍ରୟ କବଲା ID No.- 1002202080 ଏବଂ document (Regd. No.-11002202031 ତା 31.12.2022 କେଉଁଆଡ଼େ ହଜିଯାଇଅଛି। ଯାହାକୁ ବନ୍ଧକ ଦେଇ ଆମ୍ଭେ ଋଣ କରିବାକୁ ଇଚ୍ଛୁକ। ଯଦି କୌଣସି ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି ତେବେ 15 ଦିନ ମଧ୍ୟରେ secretary, Keonjhar Central cooperative Bank କେନ୍ଦୁଝରଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୩୬୨

**AFFIDAVIT**

By virtue of an affidavit sworn before Executive Magistrate, Bahanaga, Balasore, date- 21.04.2025, I, Nalita Naik, Address: At- Athilabaj, P.O.- Avana, P.S.- Soro, Dist.- Balasore, Odisha, PIN-756051, declare that I have changed my name from Namita Naik to Nalita Naik. Henceforth, I shall be known as Nalita Naik for all purpose.
Sd./- Nalita Naik
D-347

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit No.-2883, dtd10.03.2025 before the Executive Magistrate, Sambalpur, I, Anita Pujari, W/o- Keshav Tripathy, residing at Chandrasekharpur, Bhubaneswar, Dist.- Khordha, PIN-751024, declare that I have changed my name to Anita Tripathy. I shall be known as Anita Tripathy. Henceforth, for all purposes. D-359

I, Shrashti Gupta, W/o- Pankaj Gupta, R/o- Sohela, Dist.- Bargarh- 768033 declare by this affidavit No.- 869 dated 10th April, 2025 that now onwards, I shall be known as Shrishti Jainarayan Gupta for all future purposes.
Shrishti Jainarayan Gupta
D-364

I, Dulal Meher, R/o. Village- Mankaman, P.O.- Anlapali, P.S.- Baunsuni, Dist.- Boudh, PIN- 762015 declare by this affidavit No.- 764, dated 01.05.25 sworn before the Executive Magistrate, Boudh that I have changed my minor son's name from Sanket Swaraj Meher to Sanket Raj Meher for all future purposes. D-365

I, Jadumani Sahu, R/o. Village- Tutusinga, P.O.- Murusundhi, P.S./Dist.- Boudh, PIN- 762014 declare by this affidavit No.- 765, dated 01.05.25 sworn before the Executive Magistrate, Boudh that I have changed my minor son's name from Sudhir Kumar Sahu to Sudhip Sahu for all future purposes. D-366

By virtue of an affidavit sworn before the Executive Magistrate, Padmapur, Dist.- Rayagada, dated 01.05.2025, I, Jayamini Palaka, D/o- Late Niranjan Palaka, resident of At-Godiabandha, P.O.-Godiabandha, P.S.-Padmapur, Dist.- Rayagada in the State of Odisha, PIN-765025 declare that I have changed my name from Jaymini Sabara (Old Name) to Jayamini Palaka (New Name). Henceforth, I shall be known as Jayamini Palaka for all purpose.
Sd./-Jayamini Palaka.
D-358

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
0199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


**LEGAL NOTICE**

IN THE COURT OF JUDGE, FAMILY COURT, BHUBANESWAR
C.P. No.-166/2024

Sri Kamal Kumar Behera ...Petitioner
Versus
Smt. Diptimayee Sahoo .....Respondent

Smt. Diptimayee Sahoo, aged about 21 years, Wife of Kamal Kumar Behera & Daughter of Dilip Kumar Sahoo, resident of Village-Raibari, P.O.-Palli, Dist.-Jagatsinghpur, Odisha.

Whereas the above named petitioner has made application this Court that U/s-13(i)(a) Hindu Marriage Act, 1955.

You are hereby summoned to appear in this Court in person or by a pleader duly instructed and able to answer all material questions relating to the suit or who shall accompanied by same person able to answer all such questions on the day of 09.05.2025 at 10.30 AM to answer claim and you are direct to produce on that day all documents upon which you intend to rely support of your defence.

Take notice that in default of your appearance on the day before mentioned the suit will be heard and determined in your absence.

Given under my hand and the seal of the Court this 11th day of April, 2025.

Sd./- Hon'ble Judge, Family Court, Bhubaneswar
D-76447

IN THE COURT OF JUDGE FAMILY COURT, BHUBANESWAR
CP-120/2024

Sri Kali Prasad Rath ....Petitioner
Versus
Smt. Elisa Swapna Sahoo .... Respondent

Elisa Swapna Sahoo, Aged about 35years, D/o- Srikanta Sahoo, W/o- Kali Prasad Rath, Resident of At- Type 4/13, Tank No.- 12 3rd Sector, Salt Lake Bidhan Nagar IB Market , North 24 Parganas, West Bengal presently residing At- Plot No.- 514, 2nd Floor Sailashree Vihar, P.S.- Chandrasekharpur, Bhubaneswar, Dist.- Khordha.

Whereas the above named petitioner has made application this Court that U/s-13 (I-a) (i-b) Hindu marriage Act 1955.

You are hereby summoned to appear in this Court in person or by a pleader duly instructed and able to answer all material questions relating to the suit or who shall accompained by the same person able to answer all such questions on the day of 26.06.25 at 10.30 AM to answer claim and you are direct to produce on that day all documents upon which you intend to rely support of your defence.

Take notice that in default of your apperance on the day before mentioned the suit will be heard and determined in your absence. Given under my hand and the seal of the court this 24th day April 2025.

Sd./- Hon'ble Judge, Family Court, Bhubaneswar.
D-76448

# କାଠଘୋଡ଼ା



## ଅନୁବାଦ ଗଳ୍ପ

ମୂଳ ଇଂରାଜୀ : ଡେଭିଡ ହର୍ବର୍ଟ ଲରେନ୍ସ
ଅନୁସୃଜନ : ଲଳିତ ମୋହନ ମିଶ୍ର

ଜଣେ ମହିଳାଙ୍କର କାହାଣୀ ଏମିତି ଯେ, ସେ ଅପାର ସୁନ୍ଦରୀ ଏବଂ ସାମର୍ଥ୍ୟବତୀ ; କିନ୍ତୁ ତାଙ୍କୁ ଭାଗ୍ୟ ସାଥ୍ ଦେଉ ନଥିଲା। ପ୍ରେମ ପାଇଁ ସେ ବିବାହ କରିଥିଲେ, କିନ୍ତୁ ସେ ପ୍ରେମ ଅସଲି ବଦଳରେ ନକଲି ହେଲା। ସେ ସୁସ୍ଥ ଏବଂ ସୁନ୍ଦର ସନ୍ତାନର ଜନନୀ ହେଲେ, କିନ୍ତୁ ସେ ଅନୁଭବ କରୁଥିଲେ ସନ୍ତାନ ତାଙ୍କ ପାଇଁ ଏକ ବୋଝ। ସେ ସନ୍ତାନ ପ୍ରତି ହୃଦୟରୁ ମମତା ଦେଇପାରିବେ ନାହିଁ। ଏପରିକି ପିଲାମାନଙ୍କ ପ୍ରତି ଦୃଷ୍ଟିଭଙ୍ଗୀ ଥିଲା ଭିନ୍ନ।

ପିଲାମାନେ ନିଜ ମା'ଠାରୁ ସ୍ନେହ ଶ୍ରଦ୍ଧା ଭଲପାଇବାର ଅଭାବ ଅନୁଭବ କରି ପାରୁଥିଲେ। ଏଭଳି ପରିସ୍ଥିତିରେ ମହିଳା ଜଣକ ପିଲାମାନଙ୍କର ଅଭାବକୁ ଦୂର କରିବାକୁ ଚେଷ୍ଟା କରୁଥିଲେ, କିନ୍ତୁ ସେ ଜାଣି ପାରୁ ନଥିଲେ ଅଭାବର ବାସ୍ତବତା।

ସେ ପିଲାମାନଙ୍କ ପାଖରେ ରହି ଅନୁଭବ କରନ୍ତି, ତାଙ୍କ ହୃଦୟରେ କୌଣସି ଭାବନା ନାହିଁ। ଏହି କଥାଟି ତାଙ୍କୁ ବ୍ୟଥିତ କରେ। ପିଲାମାନଙ୍କର ଅସହଜତା ଅପେକ୍ଷା ତାଙ୍କୁ କେମିତି ସ୍ନେହରେ ବାନ୍ଧି ରଖିବେ ସେଥିପ୍ରତି ଦୃଷ୍ଟି ଦେଉଥିଲେ। ତାଙ୍କ ହୃଦୟରେ ଏକ ନିରନ୍ତର ଭାବନା ଆସୁଥିଲା, ତାଙ୍କର କଠିନ ହୃଦୟରେ ପିଲାଙ୍କ ପ୍ରତି କୌଣସି ଆକର୍ଷଣର ସ୍ଥାନ ନାହିଁ। ଏକଥା ସବୁ ମହିଳାଙ୍କର କି, ଏ ଅଜବ ଆଚରଣ ସମସ୍ତଙ୍କର କି, ସର୍ବଦା ମନକୁ ଆନ୍ଦୋଳିତ କରୁଥାଏ। ବାହାରେ ଦେଖୁଥିବା ଲୋକମାନେ କୁହନ୍ତି – ବାଃ! ବହୁତ ବଢ଼ିଆ ମାଆ। ପ୍ରକୃତ ବାସ୍ତବତା କ'ଣ... ତାହା କେବଳ ସେ ମା' ଓ ତାଙ୍କର ପିଲାମାନେ ଜାଣିଥିଲେ। ସତ କଥା ଏହା ଯେ, ମା' ଓ ପିଲାମାନେ ପରସ୍ପରର ଆଖିରେ ଏସବୁ ପଢ଼ିପାରୁଥିଲେ।

ମହିଳାଙ୍କର ଗୋଟିଏ ପୁଅ ଓ ଦୁଇଟି ଝିଅ। ସେମାନେ ଏକ ସୁନ୍ଦର ଘରେ ରହୁଥିଲେ। ସେଠି ଏକ ବଗିଚା ଥିଲା। ସେଥିରେ ଅନେକ ଚାକରବାକର। ପିଲାମାନେ ନିଜକୁ ପଡ଼ୋଶୀଙ୍କ ତୁଳନାରେ ଶ୍ରେଷ୍ଠ ମଣୁଥିଲେ। ସେମାନେ ଲୋକଦେଖାଣିଆ ଖୁସିରେ ଛାଣ୍ଟକାଣ୍ଟରେ ରହୁଥିଲେ, କିନ୍ତୁ ଘର ଭିତରର ବାତାବରଣ ଭାରି ଓଜନିଆ ଓଜନିଆ ଥିଲା। ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ନଥିଲା। ସେମାନଙ୍କର ଆୟ ଅଧିକ ନଥିଲା, ଯାହା ଫଳରେ ସେମାନଙ୍କର ସାମାଜିକ ସ୍ଥିତି କଷ୍ଟକର। ବାପା ସହରର ଏକ ଅଫିସରେ କାମ କରୁଥିଲେ। ଅଫିସରେ ପ୍ରଗତି ପାଇଁ ଅନେକ ସୁଯୋଗ ଥିଲେ ମଧ୍ୟ ସେ ଏହାର ସୁଫଳ ପାଇ ପାରୁ ନଥିଲେ। ଅର୍ଥକୁ ନେଇ ପରିବାରରେ ସଦାସର୍ବଦା ଅସନ୍ତୋଷ ଲାଗି ରହୁଥିଲା।

ଥରେ ସେ ମହିଳା ଜଣକ କହିଲେ– ହେଉ, ଏଥର ମୁଁ କିଛି କାମଧନ୍ଦା ଆରମ୍ଭ କରିବି। କିନ୍ତୁ ତାଙ୍କର କୌଣସି ଅଭିଜ୍ଞତା ଥିଲା ନା ଯୋଜନା। ବହୁତ ବୁଝି ବିଚାରି ଚିନ୍ତା କଲା ପରେ ସେ କାମରେ ହାତ ଦେଲେ, କିନ୍ତୁ ସେ ସେଥିରେ ଅସଫଳ ହେଲେ। ଅପରପକ୍ଷେ ବିଫଳତା ତାଙ୍କୁ ଅନେକ ଦୁଶ୍ଚିନ୍ତାରେ ପକାଇଦେଲା। ପିଲାମାନେ ବଡ଼ ହୋଇ ହୋଇ ଯାଉଥିଲେ। ପାଠପଢ଼ାରେ ବହୁତ ଅର୍ଥ ବ୍ୟୟ ହେଉଥିଲା। ଅର୍ଥର ଆବଶ୍ୟକତା ହେତୁ ଘରେ ପ୍ରାୟ ଅସନ୍ତୋଷ ବଢୁଥିଲା। ଏପରି ଭାବରେ ପରିବାର ପାଇଁ ସେହି ଘରଟି ଏକ ଅଭିଶପ୍ତ ଘର ପାଲଟିଗଲା। ଯେଉଁ ଘରୁ ସର୍ବଦା ଏକ ଅକଥନୀୟ ଶବ୍ଦ ପ୍ରତିଧ୍ୱନିତ ହେଉଥିଲା– ଟଙ୍କା ଦରକାର, ଟଙ୍କା... ଘରର ପିଲାମାନଙ୍କ ମନରେ ଏହି ଶବ୍ଦଟି ନିରନ୍ତର ଗୁଞ୍ଜରିତ ହେଉଥିଲା। ଯଦିଓ ଏ ବିଷୟରେ କିଏ କାହାକୁ କିଛି କହିବାର ନଥିଲା। ହୃଦୟକୁ ଅନୁରଣିତ କରୁଥିବା ଏହି ଶବ୍ଦ ଖ୍ରୀଷ୍ଟମାସ ସମୟରେ ମଧ୍ୟ ସେମାନେ ଶୁଣିବାକୁ ପାଇଲେ।

ଅନ୍ୟ ଘରେ ସେମାନଙ୍କର ମା'ବାପା ନାମୀଦାମୀ ଆକର୍ଷଣୀୟ ଖେଳନା ଆଣି ତାଙ୍କ ପିଲାମାନଙ୍କୁ ଦେଉଥିଲେ। ସେମାନଙ୍କ ଘର ଖେଳନାରେ ଭର୍ତ୍ତି ହୋଇ ଯାଉଥିଲା। ଅତି ସୁନ୍ଦର ଚମତ୍କାର ନୂଆ କରି ଝୁଲୁଥିଲା କଣ୍ଢେଇ 'କାଠର ଘୋଡ଼ା'। ଭଲ ଭାବରେ ସଜ୍ଜିତ ହୋଇଥିବା ସୁନ୍ଦର କଣ୍ଢେଇଘର, କ'ଣ ନଥିଲା ସେଠାରେ ଏବଂ ତା' ମଧ୍ୟରେ ଗୁଞ୍ଜରିତ ହେଉଥିଲା, ସମସ୍ତ ଆନନ୍ଦ ଉଲ୍ଲାସ କିନ୍ତୁ ହୃଦୟର କୋଣରେ ଅନୁରଣିତ ହେଉଥିଲା– ଟଙ୍କା ଦରକାର, ଟଙ୍କା...। ହୃଦୟର ଏହି ନୀରବ ଶବ୍ଦ ପିଲାମାନଙ୍କ ହସିବା ଖେଳିବା ହଠାତ୍ ବନ୍ଦ କରି ଦେଉଥିଲା। ସେମାନେ ନୀରବରେ ପରସ୍ପର ଆଖିର ଭାବ ଓ ଭାଷା ବୁଝି ପାରୁଥିଲେ। ସେମାନେ ଅନୁମାନ କରୁଥିଲେ ଆମରି ଭଳି ପ୍ରତ୍ୟେକ ପିଲା କ'ଣ ଏମିତି ଦଶା ଭୋଗୁଛନ୍ତି? 'ଆମକୁ ଟଙ୍କା ଦରକାର'ର କାନ୍ଦ ସେମାନେ ଶୁଣିଛନ୍ତି କି ନାହିଁ। ପ୍ରତ୍ୟେକ ପିଲାଙ୍କ ମୁହଁକୁ ଦେଖି ଜାଣିଯାଆନ୍ତି ଯେ, ଏହି ଶବ୍ଦଟି ସମସ୍ତଙ୍କ ପାଖରେ ପହଞ୍ଚିଛି?

ଟଙ୍କାର ଆବଶ୍ୟକତା ବୋଲି ନିରନ୍ତର ଜପମାନ ଅବସ୍ଥାରେ ଝୁଲୁଥିବା କାଠ ଘୋଡ଼ାଟି ବି ଶୁଣିଲା। ତା' ମନର ବେଗ ଭାଙ୍ଗି ଯାଉଥିଲେ ମଧ୍ୟ ଯିବାକୁ ହଁ କଲା। ହାତ ତିଆରି ସୁନ୍ଦର ହସୁଥିବା ଗୋଲାପୀ କଣ୍ଢେଇଟି ମଧ୍ୟ ସେହି ଶବ୍ଦକୁ ଶୁଣିଲା ଏବଂ ତା'ର ହସ ଗଭୀର ଏବଂ ଗମ୍ଭୀର ହେବାକୁ ଲାଗିଲା। ଏହା ସତ୍ତ୍ୱେ କେହି କାହାକୁ ଏ ବିଷୟରେ ଜଣାଇଲେ ନାହିଁ। ଏହି ଶବ୍ଦଟି ସର୍ବତ୍ର ଗୁଞ୍ଜରିତ ହେଉଥିଲା। ଯେମିତି ଆମେ ସମସ୍ତେ ନିରନ୍ତର ନିଃଶ୍ୱାସପ୍ରଶ୍ୱାସ ନେଉଛେ, କେହି କାହାକୁ ନିଃଶ୍ୱାସପ୍ରଶ୍ୱାସ ବିଷୟରେ କହିବାର ଆବଶ୍ୟକତା ପଡ଼େନାହିଁ। ଠିକ୍ ସେହିପରି 'ମୋତେ ଟଙ୍କା ଦରକାର' ଏ ବିଷୟରେ କାହାକୁ କହିବାର ଆବଶ୍ୟକତା ନଥିଲା।

ଗୋଟିଏ ଦିନ ପୁଅ ପଲ୍ ମା'ଙ୍କୁ କହିଲା, ''ଆମ ପାଖରେ ନିଜସ୍ୱ କାର୍ କାହିଁକି ନାହିଁ? ଆମେ ସବୁବେଳେ ଆଇ ମା'ଙ୍କ କାର୍ ନେଉଛେ, ନଚେତ୍ ଟ୍ୟାକ୍ସି ଡାକୁଛେ କାହିଁକି?'' କାରଣ ଆମ ପାଖରେ ଟଙ୍କା ନାହିଁ, ମା' ଉତ୍ତର ଦେଲେ। କିନ୍ତୁ କାହିଁକି? କାରଣ ତୁମ ବାପାଙ୍କ ଭାଗ୍ୟରେ ସେସବୁ ଲେଖା ନାହିଁ। ପଲ୍ ଗୋଟିଏ ମିନିଟ୍ ପାଇଁ ନୀରବ ରହିଲା, ତା'ପରେ ପୁଣି ପଚାରିଲା, ମା' ଭାଗ୍ୟର ଅର୍ଥ କ'ଣ ଟଙ୍କା କି?

ନାହିଁରେ ପୁଅ ସେମିତି ନୁହେଁ କିନ୍ତୁ ଅର୍ଥରୁ ଭାଗ୍ୟର ଉଦୟ, ଓଃ! ମା' ତେବେ ଭାଗ୍ୟ କ'ଣ? ପଲ୍‌ର ପରବର୍ତ୍ତୀ ପ୍ରଶ୍ନ– ଯଦି ତୁମ କପାଳର ରେଖା ଅଙ୍କିତ କରୁଅଛି, ଅବା ତୁମ କର୍ମରେ ଲେଖାଅଛି, ତେବେ ତୁମ ପାଖକୁ ଆପେ ଆପେ ଅର୍ଥ ଆସିଯିବ। ଏଥିପାଇଁ ତ କୁହାଯାଏ ଧନବାନ୍ ହୋଇ ଜନ୍ମ ନେବା ଅପେକ୍ଷା ଭାଗ୍ୟବାନ୍ ହୋଇ ଜନ୍ମ ନେବା ଶ୍ରେୟସ୍କର। ମା' ପୁଅକୁ ବୁଝାଇଲେ। ପଲ୍ ଆହୁରି ଜିଜ୍ଞାସୁ ହୋଇଗଲା। ତା'ହେଲେ ତୁମର ଏବଂ ବାପାଙ୍କର ଦୁହିଁଙ୍କର ଭାଗ୍ୟ ଖରାପ?

ହଁ, ମହିଳା ଜଣକ ରାଗିକରି କହିଲେ, କିନ୍ତୁ ପଲ୍ ପାଖରେ ଏବେ ବି ଆହୁରି ପ୍ରଶ୍ନ– କାହିଁକି?

ମୁଁ ଜାଣେ ନାହିଁ କି କେହି ବି ଜାଣନ୍ତି ନାହିଁ ମନୁଷ୍ୟ ହତଭାଗା କାହିଁକି? ପ୍ରକୃତରେ, କେହି ଭାଗ୍ୟବାନ୍ ନୁହନ୍ତି? ଆଶ୍ଚର୍ଯ୍ୟ ହୋଇଗଲା ପଲ୍। ପଲ୍ ମା'ଙ୍କ ମୁଖମଣ୍ଡଳରୁ ତାତ୍ତ୍ୱିକ ପାଠ ବୁଝିବାକୁ ଚେଷ୍ଟା କଲା। ଯାହା କହିଲେ ସେଥିରେ ସତ୍ୟ କେତେ? ଆଚ୍ଛା ସେ କଥାକୁ ଛାଡ଼ିଦିଅ। ପଲ୍ ଦୃଢ଼ ସ୍ୱରରେ କହିଲା, ମୁଁ ଜଣେ କର୍ମବାନ ଭାଗ୍ୟବାନ ମନୁଷ୍ୟ। ମା' ହସି ହସି କହିଲେ, କେମିତି? ପଲ୍ କେବଳ ମା'ଙ୍କ ମୁହଁକୁ ଚାହିଁ ରହିଲା। ସେ ନିଜେ ଜାଣି ନଥିଲେ କିପରି ସେ ଏହା କହିଲେ। ତଥାପି ସେ ଟିକିଏ କ୍ଷୁବ୍ଧ ହୋଇ କହିଲେ, ଭଗବାନ ମୋତେ ଜନ୍ମ ଦେଇଛନ୍ତି।

ଆପଣ ନିଶ୍ଚୟ ମୋତେ କହିଥିଲେ। ମହିଳା ଜଣକ ହସି ହସି କହିଲେ, କିନ୍ତୁ ସେ ଯଥାର୍ଥ କଥା କହୁଥିବା ବେଳେ ତାଙ୍କ ସ୍ୱରରେ ସାମାନ୍ୟ କଟୁତା ଆସିଯାଇଥିଲା।

ମୁଁ ତୁମକୁ ସତ କହୁଛି ମା'। ପଲ୍ ଅନୁଭବ କଲା ମା' ତା' କଥାକୁ ବିଶ୍ୱାସ କରୁନାହାନ୍ତି। ସେ ନିଶ୍ଚିତ କଲା ମା' ଯେପରି ତା' କଥା ପ୍ରତି ଦୃଷ୍ଟି ଦେବେ। ସେ ମଧ୍ୟ ସେଠାରୁ ଚାଲିଗଲେ ଏବଂ ନିଜ ଭାଗ୍ୟର ପ୍ରମାଣ ଦେବା ପାଇଁ ସଂକଳ୍ପିତ ହେଲେ। ପଲ୍ ତାଙ୍କ ଭାଗ୍ୟର ସଙ୍କେତ ଖୋଜିବାକୁ ଲାଗିଲା। ଏବେ ସେ ସର୍ବଦା ଚାହୁଁଥିଲା ଭାଗ୍ୟ ଦରକାର... ଭାଗ୍ୟ...।

ମୋ: ୯୪୩୭୦୯୮୫୮୬୬

## ପୁସ୍ତକ ପରିଚୟ

### ପବନର ଦେହ



**କବି:** ସେନାପତି ପ୍ରଦ୍ୟୁମ୍ନ କେଶରୀ
**ପ୍ରକାଶକ:** ଟାଇମ୍‌ପାସ୍, ବରମୁଣ୍ଡା, ଭୁବନେଶ୍ୱର–୩
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୯୫/–

ଆଲୋଚ୍ୟ କବିତା ସଂକଳନରେ ମୋଟ ୪୫ଟି କବିତା ପତ୍ରସ୍ଥ। ପ୍ରତ୍ୟେକଟି କବିତାରେ କବିଙ୍କର ଏକ ନିଜସ୍ୱ ବିନ୍ଧାଣିପଣ ବାରିହୁଏ। ସାଧାରଣରୁ ସାଧାରଣ ଅନୁଭୂତିଠୁଁ ଆରମ୍ଭ କରି ଅସାଧାରଣ ଅନୁଭବଯାଏଁ– ସବୁକୁ ସେ କବିତା କରିଦିଅନ୍ତି। ଏକ ଅବିଚ୍ଛିନ୍ନ ପ୍ରବହମାନତା ରହିଥାଏ ତାଙ୍କର ପ୍ରାୟ କବିତାରେ। କେତୋଟି ଦୃଷ୍ଟାନ୍ତ ଆମେ ନେଇପାରିବା– ୧. ''ବର୍ଷାରାତିରେ ଥରିଥରି କୁକୁରଟିଏ ଆସି/ ଦୁଆରେ ବହୁତ ବେଳଯାଏ ବସେ,/ ବସିବସି ପୁଣି ଫେରିଯାଏ।/ କେଜାଣି କାହିଁକି ନିଶାଡ଼ି ପରି/ ପବନ ଅଭଦ୍ରାମି କରେ ବର୍ଷାରାତିରେ/ ଦେହର ଥାନ ଅଥାନରେ ମୁହଁ ପୂରାଏ! x x ବାହାର ଅନ୍ଧାରଠାରୁ/ ଭିତର ଅନ୍ଧାର ଆହୁରି ବେଶୀ ଭୟଙ୍କର ଦିଶେ!/ ଥରେ ଥରେ ବର୍ଷାରାତିରେ/ ଝରକା, କାନ୍ଥ, କବାଟ କେହି ନ ଥାନ୍ତି/ ନିଜ ନିଜ ଜାଗାରେ।'' (ବର୍ଷାରାତିରେ, ପୃ:୧), ୨. ''ଧାନବିଲରେ/ ଟହଲୁଥିବା ପବନ/ ବିଲହିଡ଼ରେ ବସି/ ଢୁଳୋଉଥିବା ଜହ୍ନରାତି/ ଭଲପାଇବା ବଦଳରେ/ କେବେ ବନ୍ଧକ ରଖେନା/ କାହା ମନର ଖୁସି।/ ଖରାତରାଙ୍କୁ ବୋଧ ଦେଉଦେଉ/ ବୁଢ଼ା ହେଲାଣି ପାହାଡ଼/ ତଥାପି ତା' ପଥର ଚଟାଣରେ/ କେତେ ସ୍ୱପ୍ନ ବିଛାଡ଼ି ହୋଇ ପଡ଼ିଛି/ ବେଳେବେଳେ ଇଚ୍ଛା ହେଉଛି/ ଏ ନଈବାଲିରେ/ ଜାଣିଜାଣି ହଜେଇ ଦେବାକୁ/ ହାତମୁଦି।'' (ହାତମୁଦି, ପୃ:୬୫)। ପ୍ରଥମ ଉଦ୍ଧୃତିର ପ୍ରଥମାଂଶ 'ବର୍ଷାରାତିରେ... ମୁହଁପୂରାଏ'ରେ ସ୍ଥୂଳ ଜାଗତିକତା, ଯାହା ସମସ୍ତଙ୍କ ଆଖିକୁ ଦିଶେ। ମାତ୍ର ଏହାର ଦ୍ୱିତୀୟାଂଶ 'ବାହାର ଅନ୍ଧାରଠାରୁ... ନିଜନିଜ ଜାଗାରେ' ନିହିତ ସୂକ୍ଷ୍ମତା ଯାହା କେବଳ କବି–ଆଖିକୁ ଦିଶେ। ସେହିପରି ଦ୍ୱିତୀୟ ଉଦ୍ଧୃତିର ପ୍ରଥମାଂଶ 'ଧାନବିଲରେ... ବୁଢ଼ା ହେଲାଣି ପାହାଡ଼' ହେଉଛି ଅଲଗା ବାଗରେ ପ୍ରକୃତିର ଚିତ୍ର, ମାତ୍ର ଦ୍ୱିତୀୟାଂଶ 'ବେଳେବେଳେ... ହାତମୁଦି' ହେଉଛି ଅସଲ କବିତା, ଯାହାକୁ ଶବ୍ଦଙ୍କର ଘଟାଟୋପ ଭିତରୁ ଅତି ଯତ୍ନରେ ଆବିଷ୍କାର କରନ୍ତି କବି। ପ୍ରଦ୍ୟୁମ୍ନଙ୍କର ଏହି କବିତାଗ୍ରନ୍ଥ ଏହିପରି ଅନେକ ଉଚ୍ଚାଙ୍ଗ କବିତାରେ ନିଟୋଳ। ଆଶା, ପୁସ୍ତକଟି ଓଡ଼ିଆ ପାଠିକାପାଠକଙ୍କୁ ନାନାଭାବେ ପ୍ରବୋଧିତ କରିବ।

### ଚିତ୍ରମୟ ପିଲାଦିନ



**ଲେଖିକା:** ମନୋରମା ବିଶ୍ୱାଳ ମହାପାତ୍ର
**ପ୍ରକାଶକ:** ବନଫୁଲ, ଭିଏସ୍ଏସ୍ ନଗର, ଭୁବନେଶ୍ୱର–୧୦
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୧୦/–

ଆଲୋଚ୍ୟ ଗ୍ରନ୍ଥଟି ଏକ ଆତ୍ମଜୀବନୀ ଗ୍ରନ୍ଥ, ଯଦିଓ କେବଳ ପିଲାଦିନକୁ ନେଇ। ବହିଟିର ଆରମ୍ଭ–ମଲାଟର କାନିସୀରେ ଡ. ପ୍ରସନ୍ନ ମିଶ୍ର ଲେଖିଛନ୍ତି: ''ସମସାମୟିକ କଳାକ୍ଷେତ୍ରରେ ପୁରୁଣା ସମ୍ପର୍କର ସେତୁ ଭାଙ୍ଗିପଡ଼ିବାର ଶବ୍ଦ ଶୁଣାଯାଉଥିବାବେଳେ ମନୋରମାଙ୍କ କବିତାରେ ସେସବୁ ମଙ୍ଗଳସୂତ୍ର ବା ଗଣ୍ଠିଆଳ ଭଳି ସୁରକ୍ଷିତ। ବାପ, ମାଆ, ପୁଅଝିଅ ଆଦି ସମ୍ପର୍କଗୁଡ଼ିକୁ ମନୋରମା ନୂଆକରି ଜୀବନ୍ୟାସ ଦେଇଛନ୍ତି। ଧରିରଖିବାର ସୂତ୍ର ହେଉଛି ଆବେଗ, ଯାହା ମନୋରମାଙ୍କ ହୃଦୟରେ ଏତେ ବେଶୀ ଗଚ୍ଛିତ ଅଛି ଯେ ଆଜୀବନ ଶେଷ ହେବନି।'' ବହିଟି ପୁଣି ସମର୍ପିତ ପ୍ରିୟ ଗାଁ 'ଜଗାଇ'କୁ। ମୋଟ ୨୦ଟି ପରିଚ୍ଛେଦ ବହିରେ। ଏଥିରେ ତୃତୀୟ ଶ୍ରେଣୀର ସହପାଠୀ ସାବିତ୍ରୀ ରଣା, ହିରାମଣିଠୁଁ ଆରମ୍ଭ କରି ପୋଖରୀଆଡ଼ିର ଗଇଣ ଫୁଲ, ବାପାଙ୍କ ହାରମୋନିୟମ, କ୍ଷୀରପା, ମାମୁଘର ଗାଁ, ଭୂତଗପର ସଞ୍ଜ, ପ୍ରଥମ ଗୀତ ଶିଖିବା, ମୀନାବଜାରରେ ପ୍ରଥମ କବିତା ପ୍ରକାଶ, ଭଦ୍ରକର ଗୋପୀନାଥ ପ୍ରେସ୍, ସାନଭାଇ, କବି ବିଦ୍ୟୁତ୍‌ପ୍ରଭା, ପ୍ରଥମ ଅଭିନୟ ଓ ଦୂର ପାହାଡ଼ ନାଟକ ଏବଂ ପ୍ରିୟ ବାନ୍ଧବୀ ସାଳନ୍ଦୀ ଆଦି ପାଇଁ ସୁରକ୍ଷିତ ଥାଏ ଲୋଟିପଡ଼ିବାର ଜାଗା। ଭଦ୍ରକରେ ଦିଅର ଅଧ୍ୟାପକ ସନାତନ ମହାନ୍ତିଙ୍କ ଘରେ ବିଦ୍ୟୁତ୍‌ପ୍ରଭାଙ୍କ ସହ ସାକ୍ଷାତ୍‌ର କଥା ଉଲ୍ଲେଖ କରି ମନୋରମା କହନ୍ତି– ଏଡ଼େ ବଡ଼ କବି ହୋଇ ବି କିପରି ସେ ସରଳ ଏବଂ ମତ ରଖନ୍ତି ଯେ, 'ବର୍ତ୍ତମାନ ସମୟରେ ଏପରି ଭଲ ମଣିଷ କଥା କଳ୍ପନା କରାଯାଇପାରେନା।' ସାଳନ୍ଦୀ ନଈ ସମ୍ପର୍କରେ ନିଜର ଅନୁଭୂତି ବଖାଣିବାକୁ ଯାଇ ଲେଖିକା କହନ୍ତି: ''ସାଳନ୍ଦୀ କ'ଣ ମାତୃସତ୍ତା/ ଯାହା ପାଖରେ ଘଡ଼ିଏ ବସିଲେ ସବୁ ଦୁଃଖ ଅପସରିଯାଏ। ଶୀତଳ ପବନର ପଣତ କାନିରେ ବିଷାଦର ସ୍ୱେଦବିନ୍ଦୁ ପୋଛି ହୋଇଯାଏ। x x ସାଳନ୍ଦୀ ତ ମାଆ ପରି।'' (ପ୍ରିୟ ବାନ୍ଧବୀ ସାଳନ୍ଦୀ: ପୃ:୭୭)। ସମଗ୍ର ବହିଟି କୁଳୁକୁଳୁ ହୋଇ ବହିଯାଉଥିବା ଏକ ଝରଣା ପରି ମୂଳରୁ ଶେଷଯାଏ ଗୀତିମୟ। ଦୂରଦୂର ସ୍ମୃତିର ରୋମନ୍ଥନ ବହିଟିର ପ୍ରତି ପୃଷ୍ଠାକୁ କରିଛି ଏକ ଏକ ଅସରା ଉତ୍ସବ।

## କବିତା

### ଜୀବନ

ଅଖିଳ କୁମାର ମିଶ୍ର

ସାଙ୍ଗଟିଏ ସମୟେ ସମୟେ ପ୍ରଶ୍ନଟିଏ ପଚାରେ–
ଜୀବନରେ ଶେଷ କ'ଣ? ମୃତ୍ୟୁ ତ ଜଣା ଭଲକି/
ଆଉ କ'ଣ ଏମିତି ଅଛି ଯାହା ସୂଚାଇଦିଏ
ଜୀବନଟା ସରିଗଲା ବୋଲି।

ନିରବ ଆତତାୟୀ ପରି ବିତୁଥିବା
ଦିବାରାତ୍ରର ଭେଳିକି– ଚାରିଦିନର ଏ ଯାତ୍ରା
ବାସ୍ ଦେଖୁ ଦେଖୁ ସରିଯିବ।

ବନ୍ଧୁ ମତେ ନୈରାଶ୍ୟବାଦୀ କହନ୍ତି–
ମନ ମଉଜକୁ ନେଇ ବଞ୍ଚିବାର ଚଳାପାତ୍ରରେ ଢାଳନ୍ତି
କହନ୍ତି ସେ, ଡରାଅନି ପରିଣତିକୁ ବର୍ଣ୍ଣନା କରି,
ହଜାର ଭୁଲ୍‌କୁ କହିଦେଇ ହଇରାଣ କରନାହିଁ।

ଏତେ ବଡ଼ ବି ନୁହ ଜୀବନ,
ଯେ ଚାଲୁଥିବ ଚାଲୁଥିବ ସରୁ ନ ଥିବ କେବେ–
ଏତେ ସହଜ ବି ନୁହ ସେ, ଦେଖୁ ଦେଖୁ
ଚିହ୍ନା ପରିଚୟ ହେଇଯିବ।

ଏ ଜୀବନ କଟେନା,
ଖାଲି ଅଭିମାନରେ, ସତମିଛରେ,
ଲାଳସା କି ଈର୍ଷାରେ।

ଅବସର ସମୟ ନେଇ ଥରେ ବାହାରି ଆସ,
ମନଖୋଲା ଗପିବା। ଜୀବନରେ,
ଖୋଲା ଆକାଶ ତଳେ।

ମୋ: ୭୯୭୮୩୬୬୭୬୦

### ବାଟହୁଡ଼ା ଋତୁର କବିତା ଲେଖା

ସୁରେଖା ମହାପାତ୍ର

ଚନ୍ଦ୍ରିକା ବଣରେ
ଆଜି ହାତୀ ପ୍ରଜାପତିର
ପ୍ରେମରେ ପାଗଳ ସାଜିଛି!
ଅମାବାସ୍ୟା ରାତିରେ
ଜହ୍ନ ଖୋଜି ଖୋଜି
ଗଛ, ଲତା, ବିଲ, ବଣ, ମଣିଷ ସବୁକୁ
ପାଦ ତଳେ ମକଚି ଦେଇଛି।

ପ୍ରଜାପତି ତା'ପ୍ରେମର ଦର୍ପକୁ,
ହାତୀର ସଂହାରରେ ତଉଲୁଛି
ନିଜକୁ ସତୀ ଆଉ ହାତୀକୁ ଶିବ ଭାବୁଛି।
ଏ ଜନ୍ମରେ ସେମାନେ ରୂପ ବଦଳେଇ
ପୃଥିବୀକୁ ଆସିଛନ୍ତି।

ଧେତ୍ ପ୍ରେମକୁ କ'ଣ ମନ ଆଉ ଅନ୍ତରରେ
ସବୁଦିନ ବାନ୍ଧି ହେବ!
ମନର କିଛି ଅବାସ୍ତବ କଳ୍ପନାକୁ ବି
କଳେବଳେ କଉଶଳେ
ରୂପରେଖ ଦେବାକୁ ହିଁ ହେବ।

ପ୍ରଜାପତି ଜାଣେ ଏ ପୃଥିବୀରେ
ପ୍ରେମ ଖାଲି ଗୋଟେ ବାଜି!
ଜୀବନର ଏକ ଇଚ୍ଛାକୃତ ଚିଠା!

ମୋ: ୯୯୩୭୦୧୧୦୬୬

### ନୂଆ ଆକାଶର ସନ୍ଧାନେ

ଚିନ୍ମୟୀ ପଣ୍ଡା

ସବୁ ନୂଆନୂଆ ଲାଗେ, ଯେବେ ତୁ ହସୁ
ସବୁକିଛି ଅଲଗା ଲାଗେ ଯେବେ ତୁ ହସୁ।

ଭାରି ଲାଗୁଥିବା ମନକୁ
ଆ' ଲଦି ଦେ ମୋ' କାନ୍ଧରେ।
ଅଟକି ରହିଛି ଛାତିଏ କୋହ,
ଖାଲି କରିଦେ ମୋ' କାନିରେ।
ମୋ' ପଣତରେ କୁହୁକ
ମହମହ ସ୍ୱପ୍ନର ମହକ
ଭାସିଯା' ଏଇ ରଙ୍ଗରେ,
ବୁଡ଼ିଯା' ଏଇ ରୂପରେ,
ଦୁନିଆ ବୁଡ଼ିଥାଉ ତା'ର ଅନ୍ଧାରରେ।

ଆ... ଆ... ମୋ' ଧନ ଆ...
ଲୁଚିଯା ଲୁଚିଯା ମୋ' କାନିରେ,
ଯେମିତି ପ୍ରଖର ଝରଣାର ସ୍ୱର ଲୁଚିଯାଏ,
ନଦୀ, ପାହାଡ଼, ଜଙ୍ଗଲ ହଜିଯାଏ
ତୁ ବି ହଜି ଯା' ସେମିତି ସେହି ଜଙ୍ଗଲରେ।

ନା... ନା... ନା... ତୁ ଦେଖିନା
ନେସି ହୋଇଯାଉଥିବା ଧୂସର ଆକାଶକୁ
ପିଇ ଯାଉଥିବା ଲୁହକୁ
ବେଘର ହେଉଥିବା ହାତୀର କାନ୍ଦକୁ
ତେଲିଆ ପାଣିରେ ଆକ୍ତାମାକ୍ତା ତିମିକୁ
ବନ୍ଦ... ବନ୍ଦ... ବନ୍ଦ କରିଦେ କାନ
ଶୁଣିବାକୁ ଚେଷ୍ଟା କରନା,
ବଂଶ ବୁଡ଼ିବା ବେଳେ ଅଭିଶାପ
ଦେଉଥିବା ସେ ପକ୍ଷୀକୁ
ଲୋପ ପାଇ ଆସୁଥିବା
ଶେଷ ଗଛର ବିକଳ ରାଗିଣୀକୁ।

ଯାଉ... ଯାଉ... ଯାଉ
ସବୁ ମରିହଜି ଯାଉ ନିଆଁଗିଳା ଚୁଲିକୁ ଯାଉ
ତୁ ହଜି ଯା', ଭିଜି ଯା', ଶୋଇ ଯା'
ମୋ' କୋଳରେ, ମୋ' କାନ୍ଧରେ,
ମୋ' ରଙ୍ଗରେ, ମୋ' ରୂପରେ।

ମୋ' ରଙ୍ଗବୋଳା ଓଠରେ,
ମୋ' ମିଛିମିଛିକା ପ୍ରେମରେ।
ଆ... ଧନ ଆ...

ମୋ: ୯୮୬୧୧୯୧୯୬୯

### ଦୁଇଟି ଏକପଦୀ

ଜଗଦୀଶ ସାହୁ

**ଭୋକ**

ପେଟ ନୁହେଁ ମନର
ବାର ବାର ଖାଇବା ପରେ ବି
ଭୋକ ମରେନା
ବଢୁଥାଏ ନଈବଢ଼ି ପରି
ସମୟ ସୁଅରେ ଚରିତ୍ରକୁ
ମାରୁଥାଏ ବୁଡ଼ାଇ ବୁଡ଼ାଇ!

**ନିଆଁ**

ଚୁଲି, ଗ୍ୟାସ୍, ଆଞ୍ଚ ନିଆଁଠାରୁ
ଭୟଙ୍କର ଏ ନିଆଁ
ଥରେ ଜଳିଲେ ସହଜରେ ଲିଭେନା
ଯାହାର ଅନ୍ୟ ନାମ କାମନା!

ମୋ: ୯୦୭୮୧୮୫୬୧୬

## କାଳକାଳକୁ



''ନୀରୋ ଇତିହାସର ଏକ ସମ୍ରାଟ୍ ନୁହନ୍ତି,
ଆଜିର ଗଣତନ୍ତ୍ରରେ ବି ବହୁଲୋକ ଅଛନ୍ତି
ଯେଉଁମାନେ 'ନୀରୋ' ଆପାଦମସ୍ତକା''
– ଚନ୍ଦ୍ରନାଥ ମିଶ୍ର 'ଅମର'

**ଚନ୍ଦ୍ରନାଥ ମିଶ୍ର 'ଅମର'**ଙ୍କ ଜନ୍ମ ମିଥିଳାରେ ୨ ମାର୍ଚ୍ଚ ୧୯୨୫ରେ ଓ ପରଲୋକ ୧ ଏପ୍ରିଲ ୨୦୨୧ରେ, ୯୬ ବର୍ଷ ବୟସରେ। ସେ ଏକାଧାରରେ କବି, ଔପନ୍ୟାସିକ, କଥାକାର ଓ ଅଭିନେତା। ତାଙ୍କର ବହୁପଠିତ କବିତାଗ୍ରନ୍ଥ ମଧ୍ୟରୁ କେତୋଟି ହେଉଛି– 'ଯୁଗଚକ୍ର' (୧୯୫୨), 'ଋତୁପ୍ରିୟା' (୧୯୬୩) ଓ 'ଆଶା–ଦିଶା' (୧୯୭୫)। ମୈଥିଳୀ ସାହିତ୍ୟକୁ ସ୍ମରଣୀୟ ଅବଦାନ ପାଇଁ ବହୁ ପୁରସ୍କାର ଓ ସମ୍ମାନ ସହିତ ତାଙ୍କୁ ମିଳିଛି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର (୧୯୮୩) ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ଫେଲୋଶିପ୍ (୨୦୧୦)। ୧୯୬୪ରେ ମୁକ୍ତିଲାଭ କରିଥିବା ପ୍ରଥମ ମୈଥିଳୀ ଚଳଚ୍ଚିତ୍ର 'କନ୍ୟାଦାନ'ର ସେ ଥିଲେ ସଂଳାପ–ଲେଖକ ଓ ଅଭିନେତା। ୧୯୪୩ରେ ଦରଭଙ୍ଗାରେ ପ୍ରତିଷ୍ଠିତ 'ନବରତ୍ନ ଗୋଷ୍ଠୀ'ର ସେ ଥିଲେ ପ୍ରତିଷ୍ଠାତା ସମ୍ପାଦକ।

# କାଳିଜାଇରେ

## ଆଭାସ ଗଳ୍ପ

ଜ୍ୟୋତ୍ସ୍ନାରାଣୀ ପଣ୍ଡା



ଖଲ୍ଲିକୋଟ ପାଖରେ ଅନେକ ସମୟ ରହିଲି, କିନ୍ତୁ କାଳିଜାଇ ଯିବା ସୁଯୋଗ ପାଇ ନ ଥିଲି। ଥରେ ଜଣେ ସାହିତ୍ୟିକା ପ୍ରୋଗ୍ରାମ କଲେ। କେତେଜଣ ମିଶିକି ଗଲୁ। ବାଲୁଗାଁଠୁ କାଳିଜାଇ ପର୍ଯ୍ୟନ୍ତ ନାଆରେ ଗଲୁ। ଗଲାବେଳେ ଚିଲିକାର ଅପରୂପ ସୌନ୍ଦର୍ଯ୍ୟ ଭାରି ଭଲ ଲାଗୁଥାଏ। ରବିବାର ହୋଇଥିବାରୁ ଅନେକ ଛାତ୍ରୀଛାତ୍ର ଓ ପରିବାର ପିକ୍‌ନିକ୍ ପାଇଁ ଆସିଥାନ୍ତି। ନାନା ପ୍ରକାର ଦୋକାନ ବଜାର ବସିଥାଏ। ପାହାଡ଼ ଉପରେ ଠିଆହୋଇ ମୁଁ ଏକଲୟରେ ଚିଲିକାକୁ ଚାହିଁ ରହିଥାଏ। ସୁନୀଳ ଜଳରାଶି ମଝିରେ ପାହାଡ଼, କେଉଟ ମାଛଧରା ଡଙ୍ଗା ନେଇ ଯାଉଥିବା ଦୃଶ୍ୟ, ଯାତ୍ରୀ ଯିବାଆସିବା ପାଲଟଣା ନୌକାର ଦୃଶ୍ୟ ଅତ୍ୟନ୍ତ ସୁନ୍ଦର ଦିଶୁଥାଏ। କିନ୍ତୁ କାହିଁକି କେଜାଣି ମୋ' ମନଟା ଉଦାସ ଉଦାସ ଲାଗୁଥାଏ। ସତେ ଯେମିତି କ'ଣ ହଜିଯାଇଛି। ଏମିତି ଭାରାକ୍ରାନ୍ତ ମନନେଇ ବ୍ରହ୍ମପୁର ଫେରିଲି।

ତା'ପରଦିନ ଜଣେ ସ୍ୱେଚ୍ଛାସେବୀ ଭଉଣୀ ଆସି ନିମନ୍ତ୍ରଣ କଲେ। ଆମ ସଂସ୍ଥା ତରଫରୁ ନାଟକଟିଏ ମଞ୍ଚସ୍ଥ କରୁଛୁ, ଆପଣ ନିଶ୍ଚୟ ଆସିବେ। ମୁଁ ପହଞ୍ଚିଲା ବେଳକୁ ନାଟକ ଆରମ୍ଭ ହୋଇଯାଇଥିଲା। କାଳିଜାଇର ମାଆ ଭୂମିକାରେ ଯେଉଁ ଭଉଣୀ ଜଣକ ଅଭିନୟ କରୁଥାନ୍ତି ଅତି ଚମତ୍କାର ହୃଦୟସ୍ପର୍ଶୀ ଅଭିନୟ। କାନ୍ଦି କାନ୍ଦି ଭୂଇଁରେ ଲୋଟୁ ଥାଆନ୍ତି। ଚେତା ହରେଇ ପଡୁ ଥାଆନ୍ତି। ପାଖରେ ଠିଆ ହୋଇଥାନ୍ତି ଜାଈର ବାପା। ମା' କହୁଥାନ୍ତି, ଜାଈ! ମୋ' ଧନ ଲୋ... କୁଆଡ଼େ ହଜିଗଲୁ ଲୋ ମୋ' ମାଆ! ମୁଁ ତୋ' ପାଇଁ ସବୁ ରାନ୍ଧି ଦେଇଛି। ସଜ ପଖାଳ, ବାରି ଶାଗ ଖରଡ଼ା, ଆଳୁ ପୋଡ଼ା, ବଡ଼ିଚୂରା, ବସାଦହି, ସବୁ ରଖିଛି। ତୋ' ବାପା ତୋ' ପାଇଁ ନାଲି ଛିଟ କସ୍ତାଟା ବାଲୁଗାଁ ହାଟରୁ ପରା ଆଣିଛନ୍ତି। ଗାଧୋଇ ଆସିଛୁ। ବାଳରୁ ପାଣି ନିଗିଡ଼ି ପଡୁଛି। ଆଲୋ ପାଗଳୀ! ଥଣ୍ଡା କାଶ ଧରିବ। ଆ' ତୋ ମୁଣ୍ଡଟା ପୋଛିଦେବି। ପାଣି ବୋହି ପଡୁଛି। ଏମିତି କେତେ କ'ଣ କହୁଥାଆନ୍ତି।

ତା'ପରେ ଚେତା ହରେଇଲେ। ଚେତା ପାଇ ପୁଣି କହୁଥାନ୍ତି– ତୋ' ବାପାଙ୍କୁ କେତେ ନେହୁରା ହେଲି ସେ ଚିଲିକା ମଝିରେ ସାତ ତାଳ ପାଣିରେ ମୋ' ପିଲାକୁ ଦିଅନି ବୋଲି, ହେଲେ ସିଏ କ'ଣ ମୋ' କଥା ଶୁଣିଲେ! ପିଠି କରି ଗଲୁ ଯେ, ଆଉ ଲେଉଟିଲୁନି। ଲୋକ କହୁଛନ୍ତି ତୁ କାଳେ ଦେବୀ ହେଇଯାଇଛୁ। (ଜୋର୍‌ରେ ହସିଲେ) ତା'ପରେ ପୁଣି କାନ୍ଦି କାନ୍ଦି କହିଲେ– ତୁ ତ ମୋ' ବାୟାଣିଟା। ତୁ କି ଦେବୀ ହେଇଚୁ ବା! ଆ ଆ ତୋ' ମୁଣ୍ଡ କୁଣ୍ଡେଇ ଦେବି। ତିଅଣ ଶାଗ ସବୁ ଥଣ୍ଡା ହେଇଗଲାଣି। ଆଲୋ ଜାଈ... ଜାଈ ଲୋ, କହି କହି ମୂର୍ଚ୍ଛା ହୋଇଗଲେ ସେ। ଯବନିକା ପଡ଼ିଲା।

ମୁଁ ଘରକୁ ଫେରିଲି। ମୋ' ଉଦାସୀନତାର କାରଣଟା ମୁଁ ବୁଝିଗଲି।

ମୋ: ୯୩୩୭୬୨୨୦୯୮



ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିଙ୍କ ସହ ଏଆଇଏଫ୍ଏଫ୍ ପୁରସ୍କାରପ୍ରାପ୍ତ କ୍ରୀଡ଼ାବିତ୍। (ଫଟୋ: ବିକାଶ ନାୟକ)

# ସୌମ୍ୟା, ଶୁଭାଶିଷ ଶ୍ରେଷ୍ଠ ଖେଳାଳି

**ଭୁବନେଶ୍ୱର, ୨।୫ (ତପନ ସ୍ୱାଇଁ)**

ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏ ଆଇ ଏଫ୍ ଏଫ୍)ର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରଥମଥର ପାଇଁ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଲୋକସେବା କନ୍‌ଭେନଶନ ହଲ୍‌ରେ ଆୟୋଜିତ ଉତ୍ସବରେ ସୌମ୍ୟା ଗୁଗୁଲୋଥ ଓ ଶୁଭାଶିଷ ବୋଷ ଯଥାକ୍ରମେ ବର୍ଷର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ସେହିପରି ବ୍ରିସନ ଫର୍ନାଣ୍ଡିଜ୍ ଓ ତୋଇଜାମ ଥୋଇବିସାନା ଚାନୁ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ଶ୍ରେଷ୍ଠ ଇମର୍ଜିଂ ପ୍ଲେୟର ପୁରସ୍କାର ପାଇଛନ୍ତି। ସୁଜାତା କର ଶ୍ରେଷ୍ଠ ମହିଳା କୋଚ୍, ଖଲିଦ ଅହମଦ ଜମିଲ ଶ୍ରେଷ୍ଠ ପୁରୁଷ କୋଚ୍, ଫ୍ଲାଙ୍ଗ୍‌ବାମ୍ ପାଣ୍ଟୋଇ ଚାନୁ ଶ୍ରେଷ୍ଠ ମହିଳା ଓ ବିଶାଲ କେଥ ଶ୍ରେଷ୍ଠ ପୁରୁଷ ଗୋଲକିପର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ଜୟନାରାୟଣ ମିଶ୍ର, ବିଧାୟକ ତଥା ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା, ସର୍ବଭାରତୀୟ ଫୁଟବଲ ଫେଡେରେଶନ ସଭାପତି କଲ୍ୟାଣ ଚୌବେ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ କ୍ରୀଡ଼ା ବିଭାଗର ଅନ୍ୟ କର୍ମକର୍ତ୍ତା, କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। ଓଡ଼ିଶା ସରକାର କଳିଙ୍ଗ ସୁପର କପ୍‌କୁ ଅତି ଚମତ୍କାର ଭାବେ ଆୟୋଜନ କରୁଛନ୍ତି। ଭୁବନେଶ୍ୱରର କ୍ରୀଡ଼ା ଭିତ୍ତିଭୂମି ବିଶ୍ୱସ୍ତରୀୟ। ଫିଫା ୭୫ଟି ଦେଶରେ ଏହାର ଏକାଡେମୀ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛି। ଏହି କ୍ରମରେ ଭୁବନେଶ୍ୱରରେ ମଧ୍ୟ ଏକ ଏକାଡେମୀ ରହିଛି। ଏଠାରେ ଫୁଟବଲ ପାଇଁ ଅନେକ ସୁଯୋଗ ରହିଛି ବୋଲି ଏଆଇଏଫ୍ଏଫ୍ ସଭାପତି କଲ୍ୟାଣ ଚୌବେ ପ୍ରକାଶ କରିଛନ୍ତି। ଏଆଇଏଫ୍ଏଫ୍‌ର ପୁରସ୍କାର ବିତରଣ ଉତ୍ସବ ଗତବର୍ଷ ଦିଲ୍ଲୀରେ ହୋଇଥିଲା। ଏବର୍ଷ ଏହା ଭୁବନେଶ୍ୱରରେ ଆୟୋଜନ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି।

ସୌମ୍ୟା ଭାରତ ପାଇଁ ୩୩ଟି ମ୍ୟାଚ ଖେଳି ୫ ଗୋଲ ଦେଇଛନ୍ତି। ସେ ୨୦୨୪-୨୫ ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଇଷ୍ଟ ବେଙ୍ଗଲ ପକ୍ଷରୁ ପ୍ରତିନିଧିତ୍ୱ କରି ୧୪ ମ୍ୟାଚରୁ ୯ଟି ଗୋଲ ଦେଇଥିଲେ। ସେହିପରି ଡିଫେଣ୍ଡର ଶୁଭାଶିଷ ଭାରତ ପକ୍ଷରୁ ୪୪ଟି ମ୍ୟାଚରେ ପ୍ରତିନିଧିତ୍ୱ କରିଛନ୍ତି। ୨୦୨୪-୨୫ରେ ସେ ମୋହନ ବାଗାନ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବା ସହ ୬ଟି ଗୋଲ ଦେଇଥିଲେ। କ୍ୟାରିୟରରେ ସେ ଆଇଏସ୍ଏଲ୍ ସିଲ୍ଡ ଓ ଆଇଏସ୍ଏଲ୍ କପ୍ ହାସଲ ମଧ୍ୟ କରିଛନ୍ତି। ଶ୍ରେଷ୍ଠ ପୁରୁଷ କୋଚ୍ ଖାଲିଦ ଜମିଲ ୨୦୨୪-୨୫ ଆଇଏସ୍ଏଲ୍‌ରେ ଜାମସେଦପୁର ଏଫ୍‌ସିକୁ ସେମିଫାଇନାଲରେ ପ୍ରବେଶ କରାଇଥିଲେ। ଏହା ବ୍ୟତୀତ ତାଙ୍କ ପ୍ରଶିକ୍ଷଣରେ ଜାମସେଦପୁର କଳିଙ୍ଗ ସୁପର କପ୍‌ର ଫାଇନାଲରେ ପ୍ରବେଶ କରିଛି। ଶ୍ରେଷ୍ଠ ମହିଳା କୋଚ୍ ସୁଜାତା କରଙ୍କ ପ୍ରଶିକ୍ଷଣରେ ଶ୍ରୀଭୂମି ଏଫ୍‌ସି ୨୦୨୪-୨୫ ଆଇଡବ୍ଲ୍ୟୁଏଲ୍‌ରେ ତୃତୀୟ ସ୍ଥାନ ହାସଲ କରିଛି।

**ଏଆଇଏଫଏଫ ପୁରସ୍କାର ବିତରଣୀ ଉତ୍ସବ**

- ଶ୍ରେଷ୍ଠ ମହିଳା ଖେଳାଳି: ସୌମ୍ୟା ଗୁଗୁଲୋଥ
- ଶ୍ରେଷ୍ଠ ପୁରୁଷ ଖେଳାଳି: ଶୁଭାଶିଷ ବୋଷ
- ଶ୍ରେଷ୍ଠ ମହିଳା ଉଦୀୟମାନ ଖେଳାଳି: ତୋଇଜାମ ଥୋଇବିସାନା ଚାନୁ
- ଶ୍ରେଷ୍ଠ ପୁରୁଷ ଉଦୀୟମାନ ଖେଳାଳି: ବ୍ରିସନ ଫର୍ନାଣ୍ଡିଜ୍
- ଶ୍ରେଷ୍ଠ ମହିଳା ଗୋଲକିପର: ପାଣ୍ଟୋଇ ଚାନୁ
- ଶ୍ରେଷ୍ଠ ପୁରୁଷ ଗୋଲକିପର: ବିଶାଲ କେଥ
- ଶ୍ରେଷ୍ଠ ମହିଳା କୋଚ୍: ସୁଜାତା କର
- ଶ୍ରେଷ୍ଠ ପୁରୁଷ କୋଚ୍: ଖାଲିଦ ଜମିଲ




# ସୌନ୍ଦର୍ଯ୍ୟଙ୍କୁ ସ୍ୱର୍ଣ୍ଣ ପଦକ


କପିଳ ଦେବଙ୍କଠାରୁ ସୌନ୍ଦର୍ଯ୍ୟ କୁମାର ପ୍ରଧାନ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୨।୫ (ତପନ ସ୍ୱାଇଁ)**

**ଇଣ୍ଡିଆନ ଚେସ୍ ମାଷ୍ଟର୍ସ ଫର ବ୍ଲାଇଣ୍ଡ**

ସ୍କିଲ ହବ ଅନ୍ ଲାଇନ ଗେମ୍ସ ଫେଡେରେଶନ ଦ୍ୱାରା ଆୟୋଜିତ ଗ୍ରାଣ୍ଡମାଷ୍ଟର୍ସ ସିରିଜ ଅନ୍ତର୍ଗତ ଇଣ୍ଡିଆନ ଚେସ ମାଷ୍ଟର୍ସ ଫର ବ୍ଲାଇଣ୍ଡ ପୂର୍ବାଞ୍ଚଳ ପ୍ରତିଯୋଗିତାରେ ଓଡ଼ିଶାର ସୌନ୍ଦର୍ଯ୍ୟ କୁମାର ପ୍ରଧାନ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ହରିୟାଣାର ଗୁରୁଗ୍ରାମଠାରେ ଏପ୍ରିଲ ୨୯ ଓ ୩୦ ତାରିଖରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପୂର୍ବ ଭାରତର ୧୬ ଜଣ ମନୋନୀତ ଖେଳାଳିଙ୍କୁ ଅଂଶ ଗ୍ରହଣର ସୁଯୋଗ ମିଳିଥିଲା। ଏଥିରେ ସୌନ୍ଦର୍ଯ୍ୟ ଅପରାଜିତ ରହି ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୪.୫ ପଏଣ୍ଟ ହାସଲ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। କ୍ରିକେଟ କିମ୍ବଦନ୍ତୀ କପିଳ ଦେବ ସୌନ୍ଦର୍ଯ୍ୟଙ୍କୁ ସ୍ୱର୍ଣ୍ଣ ପଦକ ଓ ଟ୍ରଫି ଏବଂ ୬୦ ହଜାର ଟଙ୍କାର ମେଜର ଧ୍ୟାନଚାନ୍ଦ ସମ୍ମାନ ରାଶି ହରିୟଣା କ୍ରୀଡ଼ାମନ୍ତ୍ରୀ ପ୍ରଦାନ କରିଥିଲେ। ଏହା ବ୍ୟତୀତ ସେ ଦେଢ଼ ଲକ୍ଷ ଟଙ୍କାର ଅର୍ଥ ରାଶି ପୁରସ୍କାର ସ୍ୱରୂପ ପ୍ରାପ୍ତ ହୋଇଥିଲେ। ପଶ୍ଚିମବଙ୍ଗର ସୌଗତ ଚୌଧୁରୀ ୩.୫ ପଏଣ୍ଟ ସହ ରୌପ୍ୟ ପଦକ ଏବଂ ଓଡ଼ିଶାର ଶୁଭେନ୍ଦୁ କୁମାର ପାତ୍ର ୩.୫ ପଏଣ୍ଟ ସହିତ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସୌନ୍ଦର୍ଯ୍ୟଙ୍କ ଭାଇ ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ଚତୁର୍ଥ ସ୍ଥାନରେ ରହିଥିବାବେଳେ ଓଡ଼ିଶାର ସୁଧୀର କୁମାର ନାୟକ ସପ୍ତମ ଏବଂ ଦୀପକ କୁମାର ଭୋଇ ଚତୁର୍ଦ୍ଦଶ ସ୍ଥାନରେ ରହିଥିଲେ।

**ମହିଳା ଟି୨୦ ବିଶ୍ୱକପ ୨୦୨୬**

# ଲର୍ଡ୍ସରେ ଫାଇନାଲ

**ଦୁବାଇ, ୨।୫ (ପି.ଟି.):** ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ବର୍ଦ୍ଧିତ ମହିଳା ଟି୨୦ ବିଶ୍ୱକପ୍ ୨୦୨୬ର ଫାଇନାଲ ଆସନ୍ତାବର୍ଷ ଜୁଲାଇ ୫ରେ ଖେଳାଯିବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଘୋଷଣା କରାଯାଇଛି। ୧୨ଟି ଦଳକୁ ନେଇ ହେବାକୁଥିବା ଏହି ଟୁର୍ନାମେଣ୍ଟ ଜୁନ୍ ୧୨ରୁ ଲର୍ଡ୍ସରେ ଆରମ୍ଭ ହେବ, ଯେଉଁଠାରେ କି ପୂର୍ବରୁ ୨୦୧୭ରେ ମହିଳା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଫାଇନାଲ ଖେଳାଯାଇଥିଲା। ଲର୍ଡ୍ସ ବ୍ୟତୀତ ଅନ୍ୟ ୬ଟି ଭେନ୍ୟୁ ଯଥା ଓଲ୍ଡ ଟ୍ରାଫୋର୍ଡ, ହେଡିଙ୍ଗଲେ, ଏଜ୍‌ବୋଷ୍ଟନ, ଦୁଇ ଓଭାଲ, ହାମ୍ପଶାୟାର ବାଓଲ ଓ ବ୍ରିଷ୍ଟଲ କାଉଣ୍ଟି ଗ୍ରାଉଣ୍ଡରେ ମ୍ୟାଚଗୁଡ଼ିକ ଖେଳାଯିବ। ଟୁର୍ନାମେଣ୍ଟରେ ଭାଗ ନେଉଥିବା ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ପରେ ନକ୍‌ଆଉଟ ପର୍ଯ୍ୟାୟ ଖେଳାଯିବ। ଟୁର୍ନାମେଣ୍ଟରେ ଭାଗନେଉଥିବା ୧୨ଟି ଦଳ ମଧ୍ୟରୁ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ସମେତ ୮ଟି ଦଳ ଇତିମଧ୍ୟରେ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।

# ରାଜ୍ୟ ଲନ୍‌ବଲ୍ ପ୍ରଶିକ୍ଷଣ ଶିବିର ଆରମ୍ଭ

**ଭୁବନେଶ୍ୱର, ୨।୫ (ତପନ ସ୍ୱାଇଁ)**

ଜାତୀୟ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ଗୁରୁବାର ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସରେ ଓଡ଼ିଶା ୨୧ ବର୍ଷରୁ କମ୍ (ବାଳିକା ବାଳକ) ଲନବଲ୍ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି ଶିବିର ୬ଦିନ ଧରି ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୬୦ରୁ ଉର୍ଦ୍ଧ୍ୱ ଖେଳାଳି ଏଥିରେ ଭାଗ ନେଇଛନ୍ତି। ରାଜ୍ୟ ବୋଲିଂ ସଂଘ (ଲନବଲ)ପକ୍ଷରୁ ଯୋଉ ଖେଳାଳିମାନେ ଭଲ ଖେଳ ପ୍ରଦର୍ଶନ କରିବେ ସେହି ଖେଳାଳିଙ୍କୁ ଆଗାମୀ ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯିବ ବୋଲି ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବରେ ଜିଲା କ୍ରୀଡ଼ା ଅଧିକାରୀ ସତ୍ୟପ୍ରକାଶ ମିଞ୍ଜ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କୈଳାସ ମାଝୀ, ନରସିଂ ରାଣା, ଲଳିତ ଶର୍ମା, ବିଷ୍ଣୁପ୍ରିୟା ବଇଦାର, ପଦ୍ମଶିନୀ ପୁଟେଲ, ତାରିଣୀ ନାଏକ, ବୁଧିରାଜ ବିଶ୍ୱାଳ, ଖିତେଶ୍ୱର ବିଶ୍ୱାଳ, ବୀରେନ୍ଦ୍ର ସୁନା, ପୁରେନ୍ଦ୍ରର ସେଠ, ସସ୍ମିତା ଗଡତୀୟା, ସ୍ୱପ୍ନା ସେଠୀ, ସଙ୍କେତ ଯୋଶୀ, ଜିତେନ୍ଦ୍ର ନାଏକ, ଅରୁଣ ସାହୁ, ପୟୋସ୍ୱିନୀ ପୁରୋହିତ, ବିଭୂତି ସ୍ୱାଇଁ ପ୍ରମୁଖ ଶିବିର ପରିଚାଳନା ଦାୟିତ୍ୱରେ ରହିଛନ୍ତି।


ଲନ୍‌ବଲ୍ ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିବା ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ